ପୃଷ୍ଠା-୮+୮

ଧରିତ୍ରୀ
DHARITRI

ସମ୍ବଲପୁର, ଶନିବାର, ନଭେମ୍ବର ୬/୨୦୨୧ (୮+୮=୧୬ ପୃଷ୍ଠା) Sambalpur, Saturday, November 6/2021 ★★

୧୭ଶ ଭାଗ ୩୧୮ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୭/-

ନିଶାମ ପ୍ଲେୟର ଅଫ୍ ଦି ମ୍ୟାଚ୍

ନାମିଆ ବିପକ୍ଷ ଟି୨୦ କ୍ରିକେଟ ବିଶ୍ୱକପ୍ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡର ଜେମ୍ସ ନିଶାମ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି।

୦୮ ୦୭

ଅନୁଷ୍କାଙ୍କ ବିବାହ ପ୍ରଭାସ ଚାହାଁନ୍ତିନି

ଅନୁଷ୍କା ସେଟ୍ଟୀ ଓ ପ୍ରଭାସ ପ୍ରେମ ସମ୍ପର୍କକୁ ନେଇ ଚର୍ଚ୍ଚା ହୋଇଥାଏ। ବାହୁବଲୀ ଶୁଟିଂ ବେଳେ ପ୍ରଭାସ ଅନୁଷ୍କାଙ୍କ ବିବାହକୁ ରୋକିବାକୁ ଚେଷ୍ଟା କରିଥିଲେ।

୩ ଟଙ୍କା ଭାଟ୍ କମାଇଲେ ରାଜ୍ୟ ସରକାର

ବାଧୁଛି କିରୋସିନ ଦର

ଭୁବନେଶ୍ୱର, ୫।୧୧(ବ୍ୟୁରୋ)

କେନ୍ଦ୍ର ସରକାର ବୁଧବାର ପେଟ୍ରୋଲ ଓ ଡିଜେଲ ଉପରେ ଏକ୍ସାଇଜ ଟିକସ ହ୍ରାସ କରିବା ପରେ ରାଜ୍ୟ ସରକାର ଏହା ଉପରୁ ମୂଲ୍ୟଯୁକ୍ତ ଟିକସ (ଭାଟ୍) ହ୍ରାସ କରିଛନ୍ତି। ହୁ ହୁ ହୋଇ ବଢୁଥିବା ଇନ୍ଧନ ମୂଲ୍ୟରୁ ସାଧାରଣ ଲୋକଙ୍କୁ ଆଶ୍ୱସ୍ତି ଦେବା ଲାଗି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ପେଟ୍ରୋଲ ଏବଂ ଡିଜେଲ ଉପରୁ ୩ ଟଙ୍କା ଲେଖାଏ ଭାଟ୍ ହ୍ରାସ ପାଇଁ ଘୋଷଣା କରିଛନ୍ତି। କେନ୍ଦ୍ର ସରକାର ଘୋଷଣା କରିଥିବା ଏକ୍ସାଇଜ୍ ଟିକସ ହ୍ରାସ ଉପରେ ଏହା ଲାଗୁ ହୋଇଛି। ଶୁକ୍ରବାର ମଧ୍ୟରାତ୍ରରୁ ଏହା ଲାଗୁ ହୋଇଛି।

କେନ୍ଦ୍ର ସରକାର ପେଟ୍ରୋଲ ଏବଂ ଡିଜେଲ ଉପରେ ଏକ୍ସାଇଜ୍ ଟିକସ ଲିଟର ପିଛା ଯଥାକ୍ରମେ ୫ ଓ ୧୦ ଟଙ୍କା ହ୍ରାସ କରିଛନ୍ତି। ଏଥିସହିତ ପେଟ୍ରୋଲ ଏବଂ ଡିଜେଲ ଉପରେ ଭାଟ୍ ହ୍ରାସ କରିବାକୁ ରାଜ୍ୟଗୁଡ଼ିକୁ ଅନୁରୋଧ କରାଯାଇଛି। ତଦନୁଯାୟୀ ଓଡ଼ିଶା ସରକାର ଏଭଳି ନିଷ୍ପତ୍ତି ନେଇଛନ୍ତି। ତୈଳ ଦର ହ୍ରାସ ଯୋଗୁ ରାଜ୍ୟ ବାର୍ଷିକ ୧୪୦୦ କୋଟି ଟଙ୍କାର ଭାଟ୍ ରାଜସ୍ୱ କ୍ଷତି ସହିବ ବୋଲି ଆକଳନ କରାଯାଇଛି। ଏଥିସହିତ କେନ୍ଦ୍ର ସରକାରଙ୍କ ଦ୍ୱାରା ଏକ୍ସାଇଜ୍ ଟିକସ ହ୍ରାସକୁ ଦୃଷ୍ଟିରେ ରଖି ରାଜ୍ୟର ଭାଟ୍ ସଂଗ୍ରହରେ ପେଟ୍ରୋଲ ଉପରେ ଲିଟର ପିଛା ଅତିରିକ୍ତ ୧.୬ ଟଙ୍କା ଏବଂ ଡିଜେଲ ଉପରେ ଲିଟର ପିଛା ଅତିରିକ୍ତ ୨.୮ ଟଙ୍କାକୁ ମିଶାଇ ମୋଟ ୭୦୦ କୋଟି ଟଙ୍କା କ୍ଷତି ହେବାର ସମ୍ଭାବନା ରହିଛି। ଭାଟ୍ ହ୍ରାସ ହେତୁ ରାଜ୍ୟ ରାଜକୋଷ ପାଇଁ ମୋଟ କ୍ଷତି ୨୦୦୦ରୁ ଊର୍ଦ୍ଧ୍ୱ କୋଟି ଟଙ୍କା ହେବ। ଏହି ହ୍ରାସ ସହିତ ରାଜ୍ୟରେ ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟ ଦେଶରେ ସର୍ବନିମ୍ନତମ ହେବାର ସମ୍ଭାବନା ରହିଛି।

ଶୁଭାଶିଷ ପାଢ଼ୀ
ସମ୍ବଲପୁର,୫।୧୧(ବ୍ୟୁରୋ)

ପେଟ୍ରୋଲ, ଡିଜେଲ, ରନ୍ଧନ ଗ୍ୟାସ୍ ସହ ଅତ୍ୟାବଶ୍ୟକ ସାମଗ୍ରୀ ଦର ବୃଦ୍ଧି ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାରଙ୍କୁ ଅଡୁଆରେ ପକାଇଛି। ବିଭିନ୍ନ ରାଜନୈତିକ ଦଳ ଏହା ବିରୋଧରେ ଆନ୍ଦୋଳନକୁ ଓହ୍ଲାଇଥିବା ବେଳେ ସାଧାରଣ ଖାଉଟିଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଏପରିସ୍ଥଳେ କେନ୍ଦ୍ର ପେଟ୍ରୋଲରୁ ୫ ଓ ଡିଜେଲରୁ ୧୦ଟଙ୍କା ଟିକସ ହ୍ରାସ କରିଛି। ରାଜ୍ୟ ସରକାର ମଧ୍ୟ ୩ ଟଙ୍କାର ଭାଟ୍ ହ୍ରାସ କରିଛନ୍ତି। ହେଲେ ପିଡିଏସ୍ ମାଧ୍ୟମରେ ବଣ୍ଟନ ହେଉଥିବା କିରୋସିନ ଦର ୭ ଟଙ୍କା ୪୨ ପଇସା ବୃଦ୍ଧି କରାଯାଇଛି। ନଭେମ୍ବର ପହିଲାରୁ ଏହି ଦର ଲାଗୁ ହୋଇଛି। ଖାଦ୍ୟ ସୁରକ୍ଷା ଆଇନରେ ଅନ୍ତର୍ଭୁକ୍ତ ହିତାଧିକାରୀ ନଭେମ୍ବର ଓ ଡିସେମ୍ବର ମାସର କିରୋସିନ ଏହି ଦରରେ କିଣିବେ। ଏହା ଦ୍ୱାରା ସମଗ୍ର ରାଜ୍ୟରେ ପ୍ରାୟ ୮୦ ଲକ୍ଷ ଓ ସମ୍ବଲପୁର ଜିଲାରେ ୨ ଲକ୍ଷ ୨୪ ହଜାର ୨୩୬ ଜଣ ହିତାଧିକାରୀ ପ୍ରଭାବିତ ହେବେ। ଏହା ସିଧାସଳଖ ଗରିବ ପରିବାର ଉପରେ ଆର୍ଥିକ ବୋଝ ବୋଲି ଆଲୋଚନା ହେଉଛି। ଦର ବୃଦ୍ଧି ସାଙ୍ଗକୁ ସରକାର ହିତାଧିକାରୀଙ୍କ କିରୋସିନ କୋଟାରେ ମଧ୍ୟ ହ୍ରାସ କରିଛନ୍ତି। ଜଣେ ହିତାଧିକାରୀଙ୍କୁ ଗୋଟିଏ ମାସରେ ୧ ଲିଟରରୁ ଦେଢ ଲିଟର ପର୍ଯ୍ୟନ୍ତ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି, ଯାହା ପୂର୍ବରୁ ୪ରୁ ୫ ଲିଟର ପର୍ଯ୍ୟନ୍ତ ରହିଥିଲା।

ଏହି ଦରବୃଦ୍ଧି ଯୋଗୁ ହିତାଧିକାରୀମାନେ ଅସନ୍ତୋଷ

ନଭେମ୍ବରରେ ବଢିଛି ଲିଟର ପିଛା ୭ଟଙ୍କା

ପ୍ରକାଶ କରିଛନ୍ତି। ଯୁଯୁମୁରାର ହିତାଧିକାରୀ ସୁମି ଭୋଇ କହିଛନ୍ତି, ପୂର୍ବରୁ କିରୋସିନ ପରିମାଣ ଅଧିକ ଓ ଦର କମ୍ ଥିବାବେଳେ ଏବେ ପରିମାଣ କମ୍ ଓ ଦର ଅଧିକ କରାଯାଇଛି। ଆର୍ଥିକ ଅନଟନରେ ଚଳୁଥିବା ପରିବାର କମ୍ ପରିମାଣର କିରୋସିନ ନେବାକୁ ଅମଙ୍ଗ ହେବେ। ଫଳରେ କିରୋସିନ କଳାବଜାର ବଢିବ। ଗରିବଙ୍କ ପାଇଁ ଆସୁଥିବା ସାମଗ୍ରୀ ଏଲ୍-୨ କଣ୍ଟ୍ରାକ୍ଟର ଓ ଡିଲରଙ୍କ ମଧ୍ୟଚନ୍ଦ୍ରିକାରେ ହରିଲୁଟ୍ ହେବ। ଏ ସମ୍ପର୍କରେ ଜିଲା ଯୋଗାଣ ଅଧିକାରୀ ରାମଚନ୍ଦ୍ର ଟୁଡୁ କହିଛନ୍ତି, କିରୋସିନ ୭ ଟଙ୍କା ୪୨ ପଇସା ବୃଦ୍ଧି ପାଇଛି। ସରକାର ସବ୍‌ସିଡି ଦେଲା ପରେ ଏହି ଦର ନିର୍ଦ୍ଧାରଣ କରାଯାଇଛି। ହିତାଧିକାରୀଙ୍କୁ ସମସ୍ୟା ହୋଇପାରେ। ହେଲେ ଏବେ ୨ମାସ ପାଇଁ ଦର ବୃଦ୍ଧି କରାଯାଉଛି। ଏଥିରେ କିରୋସିନ ଦର ସହିତ ଭଡ଼ା ବାବଦକୁ ୪୩ ପଇସା ରହିଛି। ଆଗକୁ ଦର କମିପାରେ ବୋଲି ସେ କହିଥିଲେ। ସୂଚନାଯୋଗ୍ୟ, ଜିଲାରେ ଏନ୍‌ଏଫ୍‌ଏସ୍‌ଏ ଓ ଏସ୍‌ଏଫ୍‌ଏସ୍‌ଏରେ ମୋଟ ୨ ଲକ୍ଷ ୨୪ ହଜାର ୨୩୬ ହିତାଧିକାରୀ ରହିଛନ୍ତି। ପ୍ରତି ମାସରେ ହିତାଧିକାରୀଙ୍କ ପାଇଁ ୩ ଲକ୍ଷ ୯ ହଜାର ଲିଟର କିରୋସିନ କୋଟା ରହିଛି। ୮ ଜଣ ଏଲ-୨ କଣ୍ଟ୍ରାକ୍ଟର ଜରିଆରେ କିରୋସିନ ଡିଲର ଓ ପଞ୍ଚାୟତ ସ୍ତରରେ ଥିବା ବିକ୍ରୟ କେନ୍ଦ୍ରରେ ପହଞ୍ଚାଯାଇଥାଏ। ମୋଟ ୨୧୮ ଜଣ ଡିଲର ରହିଛନ୍ତି। ଯୋଗାଣ ବିଭାଗ ପକ୍ଷରୁ ମିଳିଥିବା ରିପୋର୍ଟ ଅନୁସାରେ ୨୦୧୯ ଜୁନ ୨୬ରେ କିରୋସିନ ଦର ଲିଟର ପିଛା ୩୪ ଟଙ୍କା ରହିଥିଲା। କୋଭିଡ୍ ସମୟରେ ମଧ୍ୟ ଦର ବୃଦ୍ଧି ପାଇଥିଲା। ଗତ କିଛିମାସ ହେଲା ଲିଟର ପିଛା ୩୦ରୁ ୫୦ ପଇସା ବୃଦ୍ଧି ହେଉଥିଲା। ହେଲେ ଏବେ ସିଧାସଳଖ ୭ ଟଙ୍କା ୪୨ ପଇସା ବୃଦ୍ଧି ପାଇଛି।

ଜିଲା ପରିଷଦ ଅଧ୍ୟକ୍ଷ ପାଇଁ ଚୂଡ଼ାନ୍ତ ବିଜ୍ଞପ୍ତି

ପଞ୍ଚାୟତିରାଜ ନିର୍ବାଚନ ଆସନ ସଂରକ୍ଷଣ

ଭୁବନେଶ୍ୱର,୫।୧୧(ବ୍ୟୁରୋ)

ଆସନ୍ତା ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ସକାଶେ ଜିଲା ପରିଷଦ ଅଧ୍ୟକ୍ଷ ଏବଂ ସଦସ୍ୟଙ୍କ ପାଇଁ ସ୍ଥାନ ସଂରକ୍ଷଣ ଚୂଡ଼ାନ୍ତ ହୋଇଛି। ଏ ନେଇ ଶୁକ୍ରବାର ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି ବିଜ୍ଞପ୍ତିରେ ପଛୁଆବର୍ଗଙ୍କ ପାଇଁ ୪ ଜିଲା ସଂରକ୍ଷିତ ରଖାଯାଇଥିବା ବେଳେ ଏସ୍‌ସି,ଏସ୍‌ଟିଙ୍କ ପାଇଁ ୧୪ ଏବଂ ୬ ଜିଲା ଅଣସଂରକ୍ଷିତ ମହିଳାଙ୍କ ପାଇଁ ରଖାଯାଇଛି। ଅଣସଂରକ୍ଷିତ ରହିଥିବା ଜିଲାଗୁଡ଼ିକ ହେଲା କେନ୍ଦ୍ରାପଡ଼ା, ପୁରୀ, ଦେବଗଡ଼, ବଲାଙ୍ଗୀର, ☞ପୃଷ୍ଠା-୪

ଶପଥ ନେଲେ ହାଇକୋର୍ଟ ବିଚାରପତି ଆଦିତ୍ୟ ମହାପାତ୍ର
..... ୩ .....

ଆଜିର ସମ୍ପାଦକୀୟ

ପଦବୀ ବିବାଦ

ଆଜିର ମନ୍ତବ୍ୟ

"ବିଶ୍ୱରେ ଯୁଦ୍ଧର ପରିବର୍ତ୍ତିତ ଆବଶ୍ୟକତା ସହ ତାଳଦେଇ ଭାରତର ସାମରିକ ଦକ୍ଷତାକୁ ତ୍ୱରାନ୍ୱିତ କରିବାକୁ ପଡ଼ିବ।
–ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

ଖାଇବାତେଲରୁ ଟିକସ କମାଇଲା କେନ୍ଦ୍ର

ନୂଆଦିଲ୍ଲୀ, ୫।୧୧

ଖାଇବାତେଲ ସମେତ ବିଭିନ୍ନ ଖାଉଟି ସାମଗ୍ରୀର ଅହେତୁକ ଦରବୃଦ୍ଧିକୁ ନେଇ ଜନସାଧାରଣ ଅତିଷ୍ଠ। ସେମାନଙ୍କ ଅସନ୍ତୋଷ ନିକଟରେ କେତେକ ରାଜ୍ୟରେ ଅନୁଷ୍ଠିତ ଉପନିର୍ବାଚନରେ ପ୍ରତିଫଳିତ ହୋଇଛି। ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାର ଲୋକଙ୍କ ପ୍ରତିକ୍ରିୟାକୁ ବୁଝି ଏବଂ ଆଗାମୀ କେତେକ ରାଜ୍ୟର ନିର୍ବାଚନକୁ ଦୃଷ୍ଟିରେ ରଖି ଟିକସ କମାଇବା ଆରମ୍ଭ କରିଛନ୍ତି। ଏହି କ୍ରମରେ ପେଟ୍ରୋଲ ଏବଂ ଡିଜେଲ ପରେ ଖାଇବା ତେଲ ଉପରୁ ଟିକିସ ବୋଝ ହ୍ରାସ କରିଛନ୍ତି। ହେଲେ ଲୋକେ ଖାଇବା ତେଲ ଦର ହ୍ରାସର ସୁଫଳ ପାଇବେ କି ନାହିଁ ସେନେଇ ସନ୍ଦେହ କରାଯାଉଛି। କାରଣ ପାର୍ବଣ ପୂର୍ବରୁ ଟିକସ ହ୍ରାସ କରାଯାଇଥିଲେ ହେଁ ତାହା ଖାଉଟିଙ୍କୁ ଆଶ୍ୱସ୍ତି ଦେଇ ନ ଥିଲା। ଉଚ୍ଚା ଦରରେ କିଣିଛନ୍ତି କହି ବ୍ୟବସାୟୀମାନେ ପୂର୍ବଭଳି ଚଢ଼ା ଖାଇବା ତେଲ ବିକ୍ରି କରିଥିଲେ।

ଖାଇବା ତେଲର ଖୁଚୁରା ଦରକୁ ନିୟନ୍ତ୍ରଣ କରିବା ଲାଗି କେନ୍ଦ୍ର ସରକାର ଅଶୋଧିତ ପାମ୍, ସୋୟାବିନ ଏବଂ ସୂର୍ଯ୍ୟମୁଖୀ ତେଲ କ୍ଷେତ୍ରରେ ଲାଗୁ ହେଉଥିବା ୨.୫% ବେସିକ ଡ୍ୟୁଟିକୁ ବାଦ୍ ଦେଇଛନ୍ତି। ସେହିପରି ଏହି ତେଲଗୁଡ଼ିକରେ ପୂର୍ବରୁ କୃଷି ସେସ୍ ୨୦% ଲାଗୁ କରାଯାଇଥିଲା। ଏବେ ତାହାକୁ ୧୨.୫%ରୁ ୧୫% ଯାଏ ହ୍ରାସ କରାଯାଇଛି। ତଦନୁଯାୟୀ ଏବେ ଅଶୋଧିତ ପାମ୍ ତେଲରେ କୃଷି ସେସ୍ ୭.୫% ଏବଂ ଅଶୋଧିତ ସୋୟାବିନ ଓ ସୂର୍ଯ୍ୟମୁଖୀ ତେଲରେ ୫% ଲାଗୁ ହେବ ବୋଲି ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ମିଳିଛି। ଅନ୍ୟପକ୍ଷରେ ରିଫାଇନ୍‌ଡ, ବ୍ଲିଚ୍‌ଡ ଏବଂ ଡିଓଡୋରାଇଜଡ(ଆର୍‌ବିଡି) ଷ୍ଟାଣ୍ଡାର୍ଡର ପାମ୍ ତେଲ, ରିଫାଇନ ସୋୟାବିନ ତେଲ ଏବଂ ସୂର୍ଯ୍ୟମୁଖୀ ☞ପୃଷ୍ଠା-୪

ବିବେକଙ୍କଠାରୁ ଟାୟାର ଆଣିଥିଲେ ଗୋବିନ୍ଦ

ଭବାନୀପାଟଣା,୫।୧୧(ସ୍ୱ.ପ୍ର.)

ମମିତା ମେହେର ହତ୍ୟା ଘଟଣାକୁ ନେଇ ଏବେ ରାଜ୍ୟ ରାଜନୀତି ସରଗରମ ରହିଛି। ଏପରିସ୍ଥଳେ ଦିନକୁ ଦିନ ପୋଲିସ ତଦନ୍ତରୁ ସାମାନାକୁ ଆସୁଛି ଚାଞ୍ଚଲ୍ୟକର ନୂଆ ତଥ୍ୟ। କିଛି ଦିନ ତଳେ ହତ୍ୟାକାଣ୍ଡରେ ବ୍ୟବହୃତ ସ୍କୁଟି ଓ ଜେସିବି ଜବତ ହୋଇଥିବା ବେଳେ ଶୁକ୍ରବାର ପୁଣି ଏକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ସାମ୍ନାକୁ ଆସିଛି। ମମିତାଙ୍କ ମୃତଦେହ ପୋଡ଼ିବାକୁ ବ୍ୟବହୃତ ହୋଇଥିବା ଟାୟାର ମହାଲିଙ୍ଗର ବିବେକ ଅଗ୍ରୱାଲ ନାମକ ଜଣେ ବ୍ୟକ୍ତି ଦେଇଥିବା ଜଣାପଡ଼ିଛି, ଯାହା ସମ୍ପୃକ୍ତ ବ୍ୟକ୍ତିଙ୍କ ୧୬୧ ବୟାନରୁ ଏହି ତଥ୍ୟ ମିଳିଛି। ବୟାନ ଅନୁସାରେ, ମମିତାଙ୍କୁ ହତ୍ୟା ପରେ ବିବେକଙ୍କୁ ମୁଖ୍ୟ ଅଭିଯୁକ୍ତ ଗୋବିନ୍ଦ ୮ ତାରିଖ ମଧ୍ୟାହ୍ନ ପ୍ରାୟ ୧୨ଟା ୩୦ରେ ଫୋନ କରିଥିଲେ। ଡ୍ରାଇଭର ରାଧେଶ୍ୟାମ ଚଣ୍ଡୀଙ୍କୁ ୨ଟି ପୁରୁଣା ଟାୟାର ଦେବ ବୋଲି ସେ ବିବେକଙ୍କୁ କହିଥିଲେ। ଅପରାହ୍ନ

ମମିତା ହତ୍ୟା ଘଟଣା

ସାଢ଼େ ୩ଟାରେ ବିବେକଙ୍କଠାରୁ ରାଧେ ୨ଟି ପୁରୁଣା ଟାୟାର ନେଇ ଆସିଥିଲେ। ପରେ ସେ ୨ଟି ଟାୟାରାରେ ମମିତାଙ୍କୁ ପୋଡ଼ିଦେଇଥିବା କଥା ପରେ ଜାଣିଲେ ବୋଲି ବିବେକ ବୟାନରେ କହିଛନ୍ତି। ଅନ୍ୟପକ୍ଷରେ ମମିତା ହତ୍ୟା ଘଟଣାରେ ୭୦ଟି ସିଜର ସାମଗ୍ରୀ ଫୋରେନସିକ୍ ଲାବକୁ ପଠାଯାଇଛି। ମୁଖ୍ୟ ଅଭିଯୁକ୍ତ ଗୋବିନ୍ଦଙ୍କ ନଖ, ଚୁଟି, ରକ୍ତ ନମୁନା ଫୋରେନସିକ୍‌ଲାବକୁ ପଠାଯାଇଛି। ଏହାସହ ମମିତାଙ୍କ ଅସ୍ଥି, ମାଂସ ଓ ବ୍ୟାଗ ମଧ୍ୟ ଫୋରେନସିକ ଲାବକୁ ପଠାଯାଇଛି। ମମିତା ହତ୍ୟା ଘଟଣାକୁ ନେଇ ପଲ୍ଲୀରୁ ଦିଲ୍ଲୀ ଉଠୁଥିବା ପଡୁଥିବା ବେଳେ ମୁଖ୍ୟ ଅଭିଯୁକ୍ତ ଗୋବିନ୍ଦ ସାହୁ ଓ ତାଙ୍କ ସହଯୋଗୀ ରାଧେଙ୍କୁ ପୋଲିସ ଗିରଫ କରିଛି। ଏପଟେ ପୋଲିସର ତଦନ୍ତ ପ୍ରକ୍ରିୟାକୁ ନେଇ ବିଭିନ୍ନ ରାଜନୈତିକ ଦଳ ସନ୍ଦେହ ପ୍ରକାଶ କରୁଛନ୍ତି।

ସଂକ୍ଷେପରେ

ଇସ୍‌ଲାମିକ ଆତଙ୍କବାଦୀଙ୍କ ଆକ୍ରମଣରେ ୬୯ ମୃତ

ନିଆମି (ନାଇଜର), ୫।୧୧: ମାଲି ସୀମାନ୍ତବର୍ତ୍ତୀ ପଶ୍ଚିମ ନାଇଜରର ଏକ ଆତ୍ମସୁରକ୍ଷା ବ୍ରିଗେଡ୍ ଉପରେ ଇସ୍‌ଲାମିକ ଆତଙ୍କବାଦୀମାନେ ଆକ୍ରମଣ କରିବାରୁ ୬୯ ଜଣଙ୍କ ମୃତ୍ୟୁ ଘଟିଛି ଓ ୧୫ ଜଣ ଆହତ ହୋଇଛନ୍ତି। ମଙ୍ଗଳବାର ବାନିବାଙ୍ଗୋଉରେ ଘଟିଥିବା ଏହି ହିଂସାକାଣ୍ଡରେ ରାଜଧାନୀ ନିଆମି ସହରର ମେୟର ମଧ୍ୟ ପ୍ରାଣ ହରାଇଛନ୍ତି। ଆତଙ୍କବାଦୀ ନିରୋଧୀ ଲଢ଼େଇରେ ସ୍ଥାନୀୟ ଆତ୍ମସୁରକ୍ଷା ବାହିନୀ ନାଇଜର ସୈନ୍ୟବାହିନୀକୁ ସହାୟତା କରୁଥିଲା। ଗତ ଜାନୁୟାରୀରେ ଆତଙ୍କବାଦୀଙ୍କ ଆକ୍ରମଣରେ ଶତାଧିକ ପ୍ରାଣ ହରାଇଥିଲେ। ଏହା ପରବର୍ତ୍ତୀ ମାସରେ ଏକାଧିକ ଆକ୍ରମଣରେ ୨୩୭ ଜଣଙ୍କ ମୃତ୍ୟୁ ଘଟିଥିଲା।

ବାଣଭର୍ତ୍ତି ସ୍କୁଟରରେ ବିସ୍ଫୋରଣ: ବାପପୁଅ ମୃତ

ଚେନ୍ନାଇ, ୫।୧୧: ତାମିଲନାଡୁର ଭିଲ୍ଲୁପୁରମ ଜିଲାରେ ଗୁରୁବାର ବାଣ ନେଇଯାଉଥିବା ଏକ ସ୍କୁଟରରେ ବିସ୍ଫୋରଣ ହେବାରୁ ବାପପୁଅଙ୍କ ମୃତ୍ୟୁ ଘଟିଛି। ଏହି ବିସ୍ଫୋରଣ ଦୃଶ୍ୟ ସିସିଟିଭି କ୍ୟାମେରାରେ କଏଦ ହେବା ସହ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ପୋଲିସ ବ୍ୟାରିକେଡ୍ ଅତିକ୍ରମ କରିବା ପରେ ସ୍କୁଟରଟି ବିସ୍ଫୋରଣରେ ଜଳିଯାଉଥିବା ଦେଖାଯାଇଛି। ସ୍କୁଟର ଆଗରେ ଦୁଇ ବଣ୍ଡଲ୍ ବାଣକୁ ଖୁବ୍‌ଜୋରରେ ବନ୍ଧାଯାଇଥିବାରୁ ଘର୍ଷଣ ଓ ଚାପ ଯୋଗୁ ଏହା ବିସ୍ଫୋରଣ ହୋଇଥିବା କୁହାଯାଉଛି। ପୋଲିସ ଘଟଣାର ଅନୁଧ୍ୟାନ କରୁଛି। ମୃତକ କଲାଇନେସାନ(୩୫) ଏକ ଅଟୋମୋବାଇଲ ପାର୍ଟ୍‌ସ କମ୍ପାନୀରେ କାର୍ଯ୍ୟ କରୁଥିଲେ। ସେ ଓ ତାଙ୍କ ୭ ବର୍ଷର ପୁଅ ପ୍ରଦେଶ ପୁଡୁଚେରୀରୁ ସ୍କୁଟରରେ ବାଣ ଆଣି ଆସୁଥିବାବେଳେ ବିସ୍ଫୋରଣ ହୋଇଥିଲା। ଏହି ସମୟରେ ଭୁଲ୍ ପାର୍ଶ୍ୱରେ ଆସୁଥିବା ଏକ ବାଇକର ଚାଳକ ନିୟନ୍ତ୍ରଣ ହରାଇବାରୁ ଖସିପଡ଼ି ଆହତ ହୋଇଥିଲେ।

ଶ୍ରୀନଗର ହସ୍ପିଟାଲରେ ଆତଙ୍କବାଦୀଙ୍କ ଗୁଳିମାଡ଼

ଶ୍ରୀନଗର, ୫।୧୧: ଶ୍ରୀନଗରର ଏକ ହସ୍ପିଟାଲରେ ଶୁକ୍ରବାର ଆତଙ୍କବାଦୀ ଓ ସୁରକ୍ଷା ବଳ ମଧ୍ୟରେ ଗୁଳିମାଡ଼ ହୋଇଛି। ବେମିନାସ୍ଥିତ ଏସ୍‌କେଆଇଏମ୍‌ଏସ୍ ହସ୍ପିଟାଲ ଓ ହଷ୍ଟେଲ୍‌କୁ ସୁରକ୍ଷା ବଳ ଘେରି ରହିଛନ୍ତି। ଅନ୍ୟପକ୍ଷରେ ସାଧାରଣ ଲୋକଙ୍କ ଉପସ୍ଥିତିର ସୁଯୋଗ ନେଇ ଆତଙ୍କବାଦୀମାନେ ସେଠାରୁ ଖସି ପଳାଇବାରେ ସକ୍ଷମ ହେଲେ ବୋଲି ଶ୍ରୀନଗର ପୋଲିସ କହିଛି। କିଛିଦିନ ହେଲା ଆତଙ୍କବାଦୀ ଏଠାରେ ସଂଖ୍ୟାଲଘୁ ଏବଂ ପ୍ରବାସୀ ଶ୍ରମିକମାନଙ୍କୁ ଟାର୍ଗେଟ କରି ଆକ୍ରମଣ କରୁଛନ୍ତି। ଏଭଳି ଆକ୍ରମଣକୁ ପ୍ରତିହତ କରିବା ଲାଗି ଶ୍ରୀନଗରରେ ଅତିରିକ୍ତ ୫୦ କମ୍ପାନୀ ସୁରକ୍ଷା ବଳ ନିୟୋଜିତ କରାଯାଇଛି।

ବିହାରରେ ବିଷାକ୍ତ ମଦ ପିଇ ୩୫ ମୃତ

ପାଟନା, ୫।୧୧

ମଦ ସମ୍ପୂର୍ଣ୍ଣ ନିଷେଧ ହୋଇଥିବା ବିହାରରେ ବିଷାକ୍ତ ମଦ ପିଇ ୩୫ ଜଣଙ୍କ ଜୀବନ ଯାଇଛି। ଗୋପାଳଗଞ୍ଜ ଏବଂ ପଶ୍ଚିମ ଚମ୍ପାରନ୍ ଜିଲାରେ ଦୁଇଦିନରେ ୩୫ ଜଣଙ୍କ ମୃତ୍ୟୁ ହେବା ସହ ଅନେକ ଲୋକ ବିଷାକ୍ତ ମଦ ପିଇ ଅସୁସ୍ଥ ହୋଇପଡ଼ିଛନ୍ତି। ମଦମୃତ୍ୟୁ ପାଇଁ ଆର୍‌ଜେଡି ନେତା ତେଜସ୍ୱୀ ଯାଦବ ରାଜ୍ୟର ନୀତୀଶ ଯାଦବ ସରକାରଙ୍କୁ ସମ୍ପୂର୍ଣ୍ଣ ଦୋଷ ଦେଇଛନ୍ତି। ଦୀପାବଳିରେ ସରକାର ୩୫ ଜଣଙ୍କୁ ମାରିଦେଲେ ବୋଲି ସେ ଅଭିଯୋଗ କରିଛନ୍ତି। କେବଳ ଗୋପାଳଗଞ୍ଜ ଜିଲାରେ ୨୦ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ବେଟିଆହରେ ୧୧ ଜଣଙ୍କ ଜୀବନ ଯାଇଛି। ବିଷାକ୍ତ ମଦ ପଇ ଅନେକ ଦୃଷ୍ଟିଶକ୍ତି ହରାଇଛନ୍ତି। ଗତ ସପ୍ତାହରେ ମୁଜରାଫରପୁରରେ ଏଭଳି

ମଦ ପିଇ ୬ ଜଣଙ୍କ ମୃତ୍ୟୁ ଘଟିଥିଲା। ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀ ନୀତୀଶ କୁମାର କହିଛନ୍ତି, ପୁଣିଥରେ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବାକୁ ହେବ। ବିହାରରେ ମଦ ନିଷିଦ୍ଧ ଥିବାବେଳେ ପଡୋଶୀ ଦେଶରୁ ଚୋରାରେ ଆସୁଥିବା ବିଷାକ୍ତ ମଦ ପିଇ ଲୋକେ ମରୁଛନ୍ତି। ଏଭଳି ମଦ ପ୍ରସ୍ତୁତ ଓ ବିକ୍ରି କରୁଥିବା ଲୋକଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଭୁଲ୍ ପାନୀୟ ପିଇଲେ ଏଭଳି ସ୍ଥିତି ଉପୁଜିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ନୀତୀଶ ମୃତକଙ୍କ ପରିବାରକୁ ସମବେଦନା ଜଣାଇବା ସହ ମଦମୃତ୍ୟୁ ଘଟଣାର ତଦନ୍ତ ଜାରି ରହିଥିବା କହିଛନ୍ତି। ଛଟ୍ ପୂଜା ପରେ ରାଜ୍ୟରେ ମଦ ନିଷେଧ କଟକଣାକୁ ପୁଣିଥରେ କଡ଼ାକଡ଼ି କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି।

- ୪ ପୋଲିସ ଅଧିକାରୀ ନିଲମ୍ବିତ
- ମଦମୃତ୍ୟୁ ପାଇଁ ରାଜ୍ୟ ସରକାରଙ୍କୁ ଦୋଷ ଦେଲା ଆର୍‌ଜେଡି
- ଭୁଲ୍ ପାନୀୟ ପିଇଲେ ଏପରି ହେବ: ନୀତୀଶ କୁମାର

ମଦମୃତ୍ୟୁ ଘଟଣାରେ ବିହାର ପୋଲିସ ୨୪ ଜଣଙ୍କୁ ଗିରଫ କରିବା ସହ ଅନ୍ୟ ୫ ଜଣଙ୍କୁ ଅଟକ ରଖି ଜେରା କରୁଛି। ଏଥିସହିତ ଉଭୟ ଜିଲାରୁ ୪ ଜଣ ପୋଲିସ ଅଧିକାରୀଙ୍କୁ ନିଲମ୍ବନ କରାଯାଇଛି। ମଦ ମୃତ୍ୟୁର କାରଣ ସମ୍ପର୍କରେ ଜିଲା ପ୍ରଶାସନ ପାଖରେ ଉତ୍ତର ନାହିଁ। ୧୦ ଦିନ ମଧ୍ୟରେ ଏହା ତୃତୀୟ ମଦମୃତ୍ୟୁ ଘଟଣା ବୋଲି କୁହାଯାଉଛି। ଅନ୍ୟପକ୍ଷରେ ଗୋପାଳଗଞ୍ଜରେ ମୃତକଙ୍କ ପରିବାର ଲୋକଙ୍କୁ ଭେଟିଥିବା ରାଜ୍ୟ ମନ୍ତ୍ରୀ ଜନକ ରାମ କହିଛନ୍ତି, ଏନ୍‌ଡିଏ ସରକାରଙ୍କୁ ବଦନାମ କରିବା ଲାଗି ଏହା ଏକ ଷଡ଼ଯନ୍ତ୍ର। ତିନୋଟି ଟିମ୍ ମଦମୃତ୍ୟୁର ତଦନ୍ତ କରୁଛନ୍ତି। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସି ନ ଥିବାରୁ ମୃତ୍ୟୁର କାରଣ ସମ୍ପର୍କରେ ସ୍ପଷ୍ଟ କରାଯାଇପାରିବ ନାହିଁ ବୋଲି ଗୋପାଳଗଞ୍ଜ ଏସ୍‌ପି କହିଛନ୍ତି।

ଏନ୍‌ସିବି ଅଫିସରେ ଆର୍ୟନ

- ଦିଲ୍ଲୀ ଟିମ୍‌କୁ ତଦନ୍ତ ଭାର
- ମାମଲାରୁ ହଟିବା ଖବରକୁ ୱାଙ୍ଖଡେଙ୍କ ଖଣ୍ଡନ

ମୁମ୍ବାଇ,୫।୧୧

ବଲିଉଡ୍ ଷ୍ଟାର ଶାହରୁଖ ଖାନ୍‌ଙ୍କ ପୁଅ ଆର୍ୟନ ଖାନ୍‌ଙ୍କ ମାମଲାର ତଦନ୍ତ ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ (ଏନ୍‌ସିବି)ର ଦିଲ୍ଲୀ ଟିମ୍ କରିବ। ଡ୍ରଗ୍ସ ନିରୋଧୀ ଏଜେନ୍ସିର ଦକ୍ଷିଣ-ପଶ୍ଚିମ କ୍ଷେତ୍ର ଉପମହାନିର୍ଦ୍ଦେଶକ ମୁଥା ଅଶୋକ ଜୈନ ଏନେଇ ଶୁକ୍ରବାର ସୂଚନା ଦେଇଛନ୍ତି। ଗଣମାଧ୍ୟମକୁ ସମ୍ବୋଧିତ କରି ଅଶୋକ କହିଛନ୍ତି, ଏହା ଏକ ପ୍ରଶାସନିକ ନିଷ୍ପତ୍ତି। ଶନିବାର ଦିଲ୍ଲୀରୁ ଏନ୍‌ସିବି ଟିମ୍ ମୁମ୍ବାଇରେ ପହଞ୍ଚିବ। ଆର୍ୟନଙ୍କ ଡ୍ରଗ୍ସ ମାମଲା ସମେତ ମୋଟ ୬ଟି ମାମଲାର ତଦନ୍ତ ଏହି ଟିମ୍ କରିବ। ଇତିମଧ୍ୟରେ ଏନ୍‌ସିବିର ଜୋନାଲ ଡାଇରେକ୍ଟର ସମୀର ୱାଙ୍ଖଡ଼େଙ୍କୁ କ୍ରୁଜ୍ ପାର୍ଟି ମାମଲରୁ ହଟାଇଦିଆଯାଇଥିବା ମହାରାଷ୍ଟ୍ର ମନ୍ତ୍ରୀ ନୱାବ ମଲିକ ଟୁଇଟ୍ କରିଥିବାବେଳେ ୱାଙ୍ଖଡ଼େ ଏହାକୁ ଖଣ୍ଡନ କରିଛନ୍ତି। ମୁମ୍ବାଇ ଓ ଦିଲ୍ଲୀ ଏନ୍‌ସିବି ଟିମ୍ ମଧ୍ୟରେ ସମନ୍ୱୟ ରକ୍ଷା କରାଯିବ ବୋଲି ୱାଙ୍ଖଡ଼େ କହିଛନ୍ତି। ସେପଟେ ଜାମିନ ପ୍ରଦାନ ବେଳେ ବମ୍ବେ ହାଇକୋର୍ଟଙ୍କ ସର୍ତ୍ତ ଅନୁସାରେ ୨୩ ବର୍ଷୀୟ ଆର୍ୟନ ଦକ୍ଷିଣ ମୁମ୍ବାଇସ୍ଥିତ ବଲ୍ଲାର୍ଡ ଏଷ୍ଟେଟ୍‌ର ଏନ୍‌ସିବି ଅଫିସରେ ଶୁକ୍ରବାର ହାଜର ହୋଇଛନ୍ତି। କଡ଼ା ସୁରକ୍ଷା ବଳୟ ଭିତରେ ଆର୍ୟନ ଅପରାହ୍ନ ୧୨ଟା ୧୫ରେ ସେଠାରେ ପହଞ୍ଚିଥିଲେ। ଉପସ୍ଥିତ ଅଧିକାରୀମାନେ ତାଙ୍କୁ ଅଫିସ ଭିତରକୁ ନେଇଥିଲେ।

ଆଦି ଶଙ୍କରାଚାର୍ଯ୍ୟଙ୍କ ସମାଧି ଉଦ୍‌ଘାଟିତ

ଆଦି ଶଙ୍କରାଚାର୍ଯ୍ୟଙ୍କ ସମାଧି ପୀଠରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରାର୍ଥନା କରୁଛନ୍ତି।

ଡେରାଡୁନ୍, ୫।୧୧

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର ଉତ୍ତରାଖଣ୍ଡର କେଦାରନାଥ ପୀଠରେ ଆଦି ଶଙ୍କରାଚାର୍ଯ୍ୟଙ୍କ ପୁନଃ ନିର୍ମିତ ସମାଧି ଉଦ୍‌ଘାଟନ କରିବା ସହ ଦଶନ୍ଧି ଧରି ରାଜ୍ୟର ବିକାଶ କାମନା କରିଛନ୍ତି। ପୂଜକ ଓ ଶ୍ରଦ୍ଧାଳୁମାନଙ୍କୁ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ କହିଥିଲେ, ଭାରତରେ ଧର୍ମସ୍ଥାନଗୁଡ଼ିକ ପୁନଃ ବିକଶିତ ହେଉଥିବାରୁ ଆଦିଗୁରୁ ଶଙ୍କାରାଚାର୍ଯ୍ୟ ଓ ସ୍ୱାମୀ ବିବେକାନନ୍ଦଙ୍କ ଭଳି ପୁରାତନ ସନ୍ଥ ଓ ଦାର୍ଶନିକମାନଙ୍କ ପ୍ରତି ଦେଶବାସୀଙ୍କ ମନରେ ଗର୍ବ ବଢୁଥିବା ସୂଚନା ଦେଉଛି। ଅଯୋଧ୍ୟାରେ ଭବ୍ୟ ରାମ ମନ୍ଦିର ନିର୍ମାଣ ହେଉଥିବାବେଳେ କାଶୀର ବିଶ୍ୱନାଥ ଧାମ ପ୍ରୋଜେକ୍ଟ କାର୍ଯ୍ୟ ସମ୍ପୂର୍ଣ୍ଣ ହେବାକୁ ଯାଉଛି। ମୋଦି କେଦାରନାଥରେ ୪୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବିଭିନ୍ନ ପ୍ରକଳ୍ପର ପୁନଃ ନିର୍ମାଣ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ।

ଦୀପାବଳି ପରେ ଦିଲ୍ଲୀ ଧୂମାଚ୍ଛନ୍ନ

ନୂଆଦିଲ୍ଲୀ, ୫।୧୧

କଟକଣା ସତ୍ତ୍ୱେ ଦିଲ୍ଲୀରେ ଦୀପାବଳି ପାଳନ ବେଳେ ପ୍ରବଳ ମାତ୍ରାରେ ବାଣ ଫୁଟିବା ଫଳରେ ରାଜଧାନୀ ଧୂମାଚ୍ଛନ୍ନ ହୋଇଯାଇଛି। ଶୁକ୍ରବାର ସକାଳେ ରାଜଧାନୀକୁ ଧୂମମଣ୍ଡଳର ଆସ୍ତରଣ ଘୋଡ଼ାଇ ରଖିଥିଲା। ଦୀପାବଳି ପରେ ଦିଲ୍ଲୀର କେତେକ ଅଞ୍ଚଳରେ ବାୟୁର ମାନ ବିପଜ୍ଜନକ ସ୍ଥିତିରେ। ସେଠାରେ ବାୟୁ ମାନ ସୂଚକାଙ୍କ (ଏକ୍ୟୁଆଇ) ୪୫୧ ଛୁଇଁଛି, ଯାହାକି ଅତ୍ୟନ୍ତ ବିପଜ୍ଜନକ ସ୍ତର। ଜନପଥରେ ଏହା ୬୫୫.୦୭ରେ ପହଞ୍ଚିଥିବା ଜଣାପଡ଼ିଛି। ଏଭଳି ବିଷାକ୍ତ ବାୟୁ ଯୋଗୁ ଆଖିରେ ପାଣି ଆସିବା ସହ ଗଳା କୁଣ୍ଡାଇ ହେଉଥିବା ରାଜଧାନୀର କେତେଜଣ ଲୋକ ଅଭିଯୋଗ କରିଛନ୍ତି। ପଡୋଶୀ ଫରିଦାବାଦରେ ବାୟୁ ମାନ ୪୨୪ ଥିବାବେଳେ ଗାଜିଆବାଦରେ ୪୪୨, ଗୁରୁଗ୍ରାମରେ ୪୨୩ ଏବଂ ନୋଏଡାରେ ୪୩୧ ରେକର୍ଡ କରାଯାଇଛି।

ରାଜଧାନୀ ଧୂମାଚ୍ଛନ୍ନ ରହିବାରୁ ଶୁକ୍ରବାର ସକାଳ ୫ଟା ୩୦ ମିନିଟ ସମୟରେ ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନ ବନ୍ଦର ଏବଂ ସଫଦରଜଙ୍ଗ ବିମାନ ବନ୍ଦରରେ ୨୦୦ରୁ ୫୦୦ ମିଟର ପର୍ଯ୍ୟନ୍ତ ଦୃଶ୍ୟ ହେଉଥିବାବେଳେ ସହରର କେତେକ ଅଞ୍ଚଳରେ ମାତ୍ର ୨୦୦ ମିଟର ପର୍ଯ୍ୟନ୍ତ ଦୃଶ୍ୟ ହୋଇଥିଲା। ବାୟୁରେ ପିଏମ୍୨.୫ ଅତ୍ୟଧିକ ବଢ଼ିଯିବାରୁ ଏଭଳି ସ୍ଥିତି ଦେଖାଦେଇଥିବା ବାୟୁମାନ ପୂର୍ବାନୁମାନକାରୀ ସଂସ୍ଥା ସଫର ପକ୍ଷରୁ କୁହାଯାଇଛି।

- ଅଧିକାଂଶ ଅଞ୍ଚଳରେ ବାୟୁ ମାନ ବିପଜ୍ଜନକ
- କ୍ଷୋଭ ପ୍ରକାଶ କଲେ ସୁପ୍ରିମକୋର୍ଟ ବିଚାରପତି

ବାୟୁ ପ୍ରଦୂଷଣ ବଢୁଥିବାରୁ ଏଥର ଦୀପାବଳିରେ ବାଣ ଫୁଟାଇବା ଉପରେ ଦିଲ୍ଲୀ ସରକାର ନିଷେଧାଦେଶ ଜାରି କରିଥିଲେ। ହେଲେ ଲୋକେ ଏହାକୁ ଅବଜ୍ଞା କରି ବାଣ ଫୁଟାଇବାରୁ ରାଜଧାନୀରେ ବିପଜ୍ଜନକ ସ୍ଥିତି ଦେଖାଦେଇଛି। ଏହା ସାଙ୍ଗକୁ ପଡୋଶୀ ରାଜ୍ୟଗୁଡ଼ିକରେ ନଡ଼ା ପୋଡ଼ି ବଢୁଥିବାରୁ ଦିଲ୍ଲୀରେ ବାୟୁ ପ୍ରଦୂଷଣ ଗୁରୁତର ଅବସ୍ଥାରେ ପହଞ୍ଚିଥିବା କୁହାଯାଉଛି।

ଦୀପାବଳି ପରେ ଦିଲ୍ଲୀର ବାୟୁ ପ୍ରଦୂଷଣ ସ୍ତରକୁ ନେଇ ସୁପ୍ରିମକୋର୍ଟ ବିଚାରପତି ଏସ୍. ରବୀନ୍ଦ୍ର ଭଟ୍ଟ ଶୁକ୍ରବାର କ୍ଷୋଭ ପ୍ରକାଶ କରିଛନ୍ତି। ଅନ୍ୟମାନଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରି ଉତ୍ସବ ମନାଇବାକୁ ଅନୁମତି ଦିଆଯାଇପାରିବ ନାହିଁ ବୋଲି ନିକଟରେ ସୁପ୍ରିମକୋର୍ଟ କହିଥିଲେ।

ଫାଇଜରର ଆଣ୍ଟିଭାଇରାଲ ବଟିକା ୮୯% ଫଳପ୍ରଦ

ୱାଶିଂଟନ, ୫।୧୧

କୋଭିଡ୍ ଚିକିତ୍ସା ପାଇଁ ଆମେରିକାର ଫାଇଜର କମ୍ପାନୀ ପ୍ରସ୍ତୁତ କରିଥିବା ଆଣ୍ଟିଭାଇରାଲ ବଟିକାର କ୍ଲିନିକାଲ ପରୀକ୍ଷା କରାଯାଇଛି। ଏହି ବଟିକା ଗୁରୁତର କରୋନା ରୋଗୀଙ୍କ ହସ୍ପିଟାଲରେ ଭର୍ତ୍ତି ହେବା କିମ୍ବା ମୃତ୍ୟୁ ଆଶଙ୍କାକୁ ୮୯ ପ୍ରତିଶତ ହ୍ରାସ କରିପାରୁଥିବା ପରୀକ୍ଷାରୁ ଜଣାପଡ଼ିଛି ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ମର୍କ ଆଣ୍ଡ କୋ କମ୍ପାନୀ ପ୍ରସ୍ତୁତ ମୋଲନୁପିରାଭିର ବଟିକା ତୁଳନାରେ ଫାଇଜର ବଟିକା ଅଧିକ ଫଳପ୍ରଦ ସାବ୍ୟସ୍ତ ହୋଇଛି। ମୋଲନୁପିରାଭିର କୋଭିଡ୍ ରୋଗୀଙ୍କ ହସ୍ପିଟାଲରେ ଭର୍ତ୍ତି ଓ ମୃତ୍ୟୁ ଆଶଙ୍କାକୁ ୫୦ ପ୍ରତିଶତ କମାଇପାରିବ ବୋଲି ଗତମାସରେ ହୋଇଥିବା ପରୀକ୍ଷାରୁ ଜଣାପଡ଼ିଥିଲା।

ଜେଲରେ ଅନଶନରତ ଚାଇନା ଖବରଦାତାଙ୍କ ଅବସ୍ଥା ଗୁରୁତର

ବେଜିଂ, ୫।୧୧

ଚାଇନାର ଉହାନ ସହରରେ କରୋନା ସଂକ୍ରମଣର ଭୟାବହତା ସମ୍ପର୍କରେ ଖବର ପ୍ରକାଶ କରିଥିବା ଖବରଦାତା ଝାଙ୍ଗ୍ ଝାନ୍ (୩୮)ଙ୍କୁ ୪ ବର୍ଷ ଜେଲଦଣ୍ଡାଦେଶ ହୋଇଥିଲା। ଅନଶନ ଚଳାଇଥିବା ଝାଙ୍ଗ୍‌ଙ୍କ ମୁମୂର୍ଷୁ ଅବସ୍ଥାରେ ଥିବାବେଳେ ତୁରନ୍ତ ତାଙ୍କୁ ଜେଲରୁ ମୁକ୍ତ କରିଦେବା ଲାଗି ଅଧିକାର ସଂଗଠନଗୁଡ଼ିକ ଦାବିକୁ ଜୋର୍‌ଦାର କରିଛନ୍ତି।

- ଉହାନ କୋଭିଡ୍ ଖବର ପ୍ରକାଶ କରିଥିଲେ

କରୋନା ମହାମାରୀର କେନ୍ଦ୍ରସ୍ଥଳ ଉହାନର ସ୍ଥିତି ସମ୍ପର୍କରେ ରିପୋର୍ଟ ପ୍ରକାଶ କରିବାକୁ ପୂର୍ବତନ ଆଇନଜୀବୀ ଝାଙ୍ଗ୍ ୨୦୨୦ ଫେବୃୟାରୀରେ ଯାଇଥିଲେ। ସେ କୋଭିଡ୍ ନିୟନ୍ତ୍ରଣରେ ପ୍ରଶାସନର ଭୂମିକାକୁ ନେଇ ପ୍ରଶ୍ନ ଉଠାଇଥିଲେ। ଉତ୍ତେଜନା ସୃଷ୍ଟି କରିବା ଓ ସମସ୍ୟା ବଢ଼ାଇବା ଅଭିଯୋଗରେ ତାଙ୍କୁ ଜେଲ ଦଣ୍ଡାଦେଶ ଦିଆଯାଇଥିଲା। ଅନଶନ ଯୋଗୁ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପୂର୍ଣ୍ଣ ବିଗିଡ଼ି ଯାଇଥିବାବେଳେ ସେ ଆଉ ଅଧିକ ଦିନ ବଞ୍ଚି ନ ପାରନ୍ତି ବୋଲି ତାଙ୍କ ଭାଇ ଝାଙ୍ଗ୍ ଜୁ ଟୁଇଟ୍ କରି ଜଣାଇଛନ୍ତି।

ଗୋଇନ୍ଦା ଓ ତଦନ୍ତକାରୀ ସଂସ୍ଥାର ବୈଧତା କେତେ

ଇସ୍ରାଏଲର ଏନ୍‌ଏସ୍‌ଓ ଗ୍ରୁପ୍ ପକ୍ଷରୁ ବିକଶିତ ପେଗାସସ୍ ସ୍ପାଏୱେର ଜରିଆରେ ଭାରତର ଅନେକ ଖବରଦାତାଙ୍କ ଉପରେ ଗୁପ୍ତଚରଗିରି କରାଯାଇଥିବା ନେଇ ଗତ ଜୁନ୍ ୧୮ରେ ଏକାଧିକ ରିପୋର୍ଟ ପ୍ରକାଶ ପାଇଥିଲା। ଏହାକୁ ନେଇ ଝଡ଼ ସୃଷ୍ଟି ହେବା ପରେ ବିଭିନ୍ନ ଦେଶର ସରକାରଙ୍କୁ ହିଁ ସ୍ପାଏୱେର ବିକ୍ରି କରାଯାଇଥିବା ଏନ୍‌ଏସ୍‌ଓ କହିଥିଲା। ଏହି ପ୍ରସଙ୍ଗରେ ସୁପ୍ରିମକୋର୍ଟରେ ଖୁବ୍‌ଶୀଘ୍ର ପୁନଃ ଶୁଣାଣି ହେବାକୁ ଥିବାବେଳେ ଭାରତରେ ଥିବା ଗୋଇନ୍ଦା ଓ ତଦନ୍ତକାରୀ ସଂସ୍ଥାଗୁଡ଼ିକର ବୈଧତା ଭଳି ଗୁରୁତ୍ୱପୂର୍ଣ୍ଣ ଦିଗକୁ ନେଇ ଆଲୋଚନା କରାଯାଇପାରେ।

ନୂଆଦିଲ୍ଲୀ,୫।୧୧

ଦେଶରେ ବର୍ତ୍ତମାନ ପ୍ରାୟ ୧୫ଟି ଗୋଇନ୍ଦା ସଂସ୍ଥା ରହିଛି। ସେଗୁଡ଼ିକ ମଧ୍ୟରୁ ଇଣ୍ଟେଲିଜେନ୍ସ ବ୍ୟୁରୋ (ଆଇବି) ଏବଂ ରିସର୍ଚ୍ଚ ଆଣ୍ଡ ଆନାଲିସିସ୍ ୱିଙ୍ଗ୍ (ର) ଭଳି ଅଧିକାଂଶ ସଂସ୍ଥା କାର୍ଯ୍ୟକାରୀ ଆଦେଶ ବା ଏକ୍‌ଜିକ୍ୟୁଟିଭ୍ ଅର୍ଡର ବଳରେ ପ୍ରତିଷ୍ଠିତ। ଏହା ସତ ଯେ, ଦେଶର ନିରାପତ୍ତା କଥା ଉଠିଲେ ଗୋପନୀୟତାକୁ ସର୍ବାଧିକ ପ୍ରାଥମିକତା ଦିଆଯାଇଥାଏ। ତେବେ ଉକ୍ତ ସଂସ୍ଥାଗୁଡ଼ିକର କାର୍ଯ୍ୟ ପରିସରଗତ ଆବଶ୍ୟକତା ବାହାରେ ଗୋପନୀୟତା ରକ୍ଷା ହେଉ ନ ଥିବା ଦୃଷ୍ଟାନ୍ତ ମଧ୍ୟ ଦେଖିବାକୁ ମିଳିଥାଏ। ଏଥିଲାଗି ଏହି ଏଜେନ୍ସିଗୁଡ଼ିକର ବୈଧତାକୁ ନେଇ ପ୍ରଶ୍ନ ଉଠିଥାଏ। ଆଇବି ଏବଂ ର'ର ଆଇନଗତ ବୈଧତାକୁ ନେଇ ୨୦୦୯ରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ମନୀଷ ତିୱାରୀ ଉଠାଇଥିବା ପ୍ରଶ୍ନର ଉତ୍ତରରେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଥିଲା, କେନ୍ଦ୍ରୀୟ ତାଲିକାର ଏଣ୍ଟ୍ରି ୮ରେ ଗୋଇନ୍ଦା ବ୍ୟୁରୋର ଉତ୍ପତ୍ତି ସମ୍ପର୍କରେ ଉଲ୍ଲେଖ ରହିଛି। ତେବେ ର' କିଭଳି କାର୍ଯ୍ୟ କରିବ ସେନେଇ ନିର୍ଦ୍ଦିଷ୍ଟ ଭାବେ କୌଣସି ଢାଞ୍ଚାଗତ ବିଧି ନାହିଁ ବୋଲି ମନ୍ତ୍ରଣାଳୟ ସ୍ୱୀକାର କରିଥିଲା। ସେ ଯାହା ହେଉନା କାହିଁକି କେନ୍ଦ୍ରୀୟ ତାଲିକାରେ କୌଣସି ବିଷୟ ଉଲ୍ଲେଖ ରହିଥିଲେ ସୁଦ୍ଧା ତାହା ସ୍ୱତଃ ଏକ ଅନୁଷ୍ଠାନକୁ ବୈଧତା ପ୍ରଦାନ କରି ନ ଥାଏ। ଏହା କେବଳ କେନ୍ଦ୍ର ସରକାରଙ୍କୁ ସମ୍ପୃକ୍ତ ପ୍ରସଙ୍ଗରେ ଆଇନ ପ୍ରଣୟନ ନେଇ କ୍ଷମତା ଦେଇଥାଏ। ଅଧିକରୁ ଅଧିକ ଏହାଦ୍ୱାରା କାର୍ଯ୍ୟପାଳିକା ଆଇବିକୁ ପ୍ରଶାସନିକ ବ୍ୟବସ୍ଥା ପାଇଁ ଏକ ଅସ୍ଥାୟୀ ଷ୍ଟାଟସ୍ ଦେଇଥାଏ।

୧୯୬୮ରେ ବିଶେଷକରି ଚାଇନା ଓ ପାକିସ୍ତାନ ସହ ଭାରତର ସମ୍ପର୍କକୁ ଫୋକସ୍ କରି ର' ଗଠନ କରାଯାଇଥିଲା। ତେବେ ପରବର୍ତ୍ତୀ ସମୟରେ ଏହାର ପରିସର ଓ ପ୍ରଭାବ ବୃଦ୍

କରୋନା ସଂକ୍ରମଣ ସ୍ଥିତି

	ଆକ୍ରାନ୍ତ	ମୃତ୍ୟୁ	ଆରୋଗ୍ୟ
ବିଶ୍ୱ	୨୪,୯୬,୧୮,୨୬୭	୫୦,୪୯,୨୭୯	୨୨,୬୦,୧୬,୭୧୨
ଭାରତ	୩,୪୩,୩୩,୧୯୯	୪,୫୯,୮୮୦	୩,୩୭,୧୬,୬୩୨
ଓଡ଼ିଶା	୧୦,୪୨,୯୪୩	୮୩୫୦(+୫୩)	୧୦,୩୧,୪୨୫

ଶୁକ୍ରବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର

ସଂକ୍ଷେପରେ

ପୋଖରୀରେ ବୁଡ଼ି ୨ ଶିଶୁଙ୍କ ମୃତ୍ୟୁ

ବୈପାରିଗୁଡ଼ା,୫।୧୧ (ଡି.ଏନ୍.ଏ.): କୋରାପୁଟ ଜିଲା ବୈପାରିଗୁଡା ଥାନା ରାମଗିରି ଫାଣ୍ଡି ମାଠପଡା ପଞ୍ଚାୟତର ଗଇପଦର ଗ୍ରାମରେ ଶୁକ୍ରବାର ପୋଖରୀରେ ବୁଡ଼ି ୨ ଶିଶୁଙ୍କ ମୃତ୍ୟୁ ଘଟିଛି। ଅପରାହ୍ନ ୨ଟାରେ ଗ୍ରାମର ଲକ୍ଷ୍ମଣ ଗୋଲରିଙ୍କ ଝିଅ ମଙ୍ଗଳଦେଈ ଗୋଲରି (୬) ଏବଂ କେଶବ ଖିଲଙ୍କ ଝିଅ ନନ୍ଦିନୀ (୫) ସାଙ୍ଗମାନଙ୍କ ସହ ଗ୍ରାମ ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ସେଠାରେ ଉଭୟେ ଗାଧୋଉଥିବା ବେଳେ ପାଣିରେ ବୁଡ଼ି ଯାଇଥିଲେ। ସେମାନଙ୍କ ସହ ଯାଇଥିବା ସାଥୀମାନେ ପରିବାର ଲୋକଙ୍କୁ ଜଣାଇଥିଲେ। ଅନେକ ଖୋଜାଖୋଜି ପରେ ପୋଖରୀରୁ ୨ ଶିଶୁଙ୍କ ମୃତଦେହ ମିଳିଥିଲା। ଲକ୍ଷ୍ମଣ ବୈପାରିଗୁଡା ଥାନାରେ ଏତଲା ଦେଇଛନ୍ତି।

ଲାଞ୍ଚ ନେବା ବେଳେ ଏଏସ୍‌ଆଇଙ୍କୁ ଧରିଲା ଭିଜିଲାନ୍ସ

ପଦ୍ମପୁର, ୫।୧୧ (ଡି.ଏନ.ଏ.): ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ନାୟକାଣିଡିହା ଥାନା ଏଏସ୍‌ଆଇ କୈଳାସ ଚନ୍ଦ୍ର ଖୁଣ୍ଟିଆ ଶୁକ୍ରବାର ରାତିରେ ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ି ଗିରଫ ହୋଇଛନ୍ତି। ସୂଚନା ଅନୁଯାୟୀ, ଆନ୍ଦୋଳା ଅଞ୍ଚଳର ଏକ ନାବାଳିକା ଅପହରଣ ମାମଲାରେ ଅଭିଯୁକ୍ତଙ୍କୁ ଗିରଫ ପାଇଁ ଏଏସ୍‌ଆଇ ଖୁଣ୍ଟିଆ ଅଭିଯୋଗକାରୀଙ୍କୁ ୧୦ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଉକ୍ତ ବ୍ୟକ୍ତି ୮ ହଜାର ଟଙ୍କା ଦେଇସାରିଥିବା ବେଳେ ଏନେଇ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ଯୋଜନା ମୁତାବକ ଶୁକ୍ରବାର ରାତି ପ୍ରାୟ ସାଢ଼େ ୭ଟା ବେଳେ ଏଏସ୍‌ଆଇ ଖୁଣ୍ଟିଆ ତାଙ୍କଠାରୁ ଅବଶିଷ୍ଟ ୨ହଜାର ଟଙ୍କା ନେଉଥିବା ବେଳେ ଛକିଥିବା ଭିଜିଲାନ୍ସ ଟିମ୍ ଧରିଥିଲା।

ଦୀପାବଳିରେ ଲିଭିଗଲା ୪ ଜୀବନଦୀପ

ରେଙ୍ଗାଲି,୫।୧୧(ଡି.ଏନ.ଏ.): ଦୀପାବଳି ଦିନ ସମ୍ବଲପୁର ଜିଲାର ରେଙ୍ଗାଲି ଥାନା ଓ କତରବଗା ଥାନା ଅଞ୍ଚଳରେ ପୃଥକ୍ ଦୁର୍ଘଟଣାରେ ୪ଜଣଙ୍କ ଜୀବନ ଦୀପ ଲିଭିଯାଇଛି। ସୂଚନା ଅନୁସାରେ ଗୁରୁବାର ସନ୍ଧ୍ୟାରେ ଶ୍ୟାମ ମେଟାଲିକ୍‌ସରେ କାମ କରୁଥିବା ସୁନ୍ଦରଗଡ଼ ଜିଲାର ମୁକେଶ ମାଝି, ଝାଡ଼ଖଣ୍ଡ ରାଜ୍ୟର ଶ୍ୟାମ ସୁନ୍ଦର ସିଂ ଓ ବସନ୍ତ ବେଦିଆ ଏକ ବାଇକ୍ (ଓଡି୧୫ଇଜ୍ଜ୩୯୩)ରେ ଯାଉଥିଲେ। ବାଇକ୍‌ଟି ଭାରସାମ୍ୟ ହରାଇ ରେଙ୍ଗାଲି ଥାନା ଗଣେଶ ନଗରସ୍ଥିତ ପେଟ୍ରୋଲ ପମ୍ପ ସମ୍ମୁଖରେ ଛିଡା ହୋଇଥିବା ଏକ ହାଇୱା (ଓଡ଼ି୧୫ଏଫ୍୭୦୦୯)କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ଦୁଇଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଗୁରୁତର ଥିବା ଅନ୍ୟ ଜଣଙ୍କୁ ବୁର୍ଲା ଡାକ୍ତରଖାନା ନିଆଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ରେଙ୍ଗାଲି ପୋଲିସ ଏକ ଦୁର୍ଘଟଣା ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ସେହିପରି କତରବଗା ଥାନା ପୁରୁଣାରାଞ୍ଚ ରାସ୍ତା ଗୁମୁଲୋଇ ନିକଟରେ ଅଜଣା ଗାଡ଼ି ଧକ୍କାରେ ସମ୍ବଲପୁର ଝାଙ୍କରପଡ଼ାର ରମେଶ ଦୋରାଙ୍କ ମୃତ୍ୟୁ ହୋଇଛି। ପୋଲିସ ଏକ ଦୁର୍ଘଟଣା ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

ଶପଥ ନେଲେ ହାଇକୋର୍ଟ ବିଚାରପତି ଆଦିତ୍ୟ ମହାପାତ୍ର

ହାଇକୋର୍ଟ ମୁଖ୍ୟ ବିଚାରପତି ଏସ୍.ମୁରଲୀଧର ନୂତନ ବିଚାରପତି ଆଦିତ୍ୟ ମହାପାତ୍ରଙ୍କୁ ଶପଥ ପାଠ କରାଉଛନ୍ତି।

କଟକ ଅଫିସ,୫।୧୧

ଓଡ଼ିଶା ହାଇକୋର୍ଟର ବିଚାରପତି ଭାବେ ଆଦିତ୍ୟ କୁମାର ମହାପାତ୍ର ଶୁକ୍ରବାର ଶପଥ ଗ୍ରହଣ କରିଛନ୍ତି। ହାଇକୋର୍ଟର ନୂତନ ସଭାଗୃହରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଯୋଗଦେଇ ମହାପାତ୍ରଙ୍କୁ ଶପଥପାଠ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ହାଇକୋର୍ଟର ସମସ୍ତ ବିଚାରପତି, ପୂର୍ବତନ ବିଚାରପତି, ହାଇକୋର୍ଟ ବାର୍ ଆସୋସିଏଶନ ସଦସ୍ୟମାନେ ଉପସ୍ଥିତ ଥିଲେ। କୋଭିଡ୍ ଗାଇଡ୍‌ଲାଇନ ଅନୁସାରେ ଆୟୋଜିତ ଏହି କାର୍ଯ୍ୟକ୍ରମର ସିଧା ପ୍ରସାରଣ କୋର୍ଟର ୟୁଟ୍ୟୁବ୍ ଚ୍ୟାନେଲରେ କରାଯାଇଥିଲା।

ସୂଚନାଯୋଗ୍ୟ, ଗତ ୧୯ ତାରିଖରେ ହାଇକୋର୍ଟର ନୂଆ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ୩ ନୂତନ ବିଚାରପତି ଭାବେ ମୃଗାଙ୍କ ଶେଖର ସାହୁ, ରାଧାକୃଷ୍ଣ ପଟ୍ଟନାୟକ ଓ ଶଶିକାନ୍ତ ମିଶ୍ର ଶପଥ ଗ୍ରହଣ କରିଥିଲେ। ଏବେ ନୂତନ ବିଚାରପତି ମହାପାତ୍ରଙ୍କ ଯୋଗଦାନ ପରେ ଓଡ଼ିଶା ହାଇକୋର୍ଟରେ ବିଚାରପତିଙ୍କ ସଂଖ୍ୟା ୧୮ରେ ପହଞ୍ଚିଛି।

ପ୍ରଥମ ମିଲେଟ୍ ଶକ୍ତି ବିକ୍ରୟ କେନ୍ଦ୍ର ଉଦ୍‌ଘାଟିତ

ଭୁବନେଶ୍ୱର,୫।୧୧(ବ୍ୟୁରୋ)

ମା' ଶକ୍ତିମୟୀ ମହିଳା ମହାସଂଘ ଦ୍ୱାରା ପରିଚାଳିତ ଓଡ଼ିଶାର ପ୍ରଥମ ମିଲେଟ୍ ଶକ୍ତି ବିକ୍ରୟ କେନ୍ଦ୍ର କୃଷି ମନ୍ତ୍ରୀ ଅରୁଣ କୁମାର ସାହୁଙ୍କ ଦ୍ୱାରା କୃଷି ଭବନଠାରେ ଶୁକ୍ରବାର ଶୁଭ ଉଦ୍‌ଘାଟନ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସୁରେଶ କୁମାର ବଶିଷ୍ଠ, କୃଷି ଏବଂ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ଏମ୍. ମୁଥୁକୁମାର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ମନ୍ତ୍ରୀ, ମହାସଂଘର ସମସ୍ତ ସଭ୍ୟାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଏତଦ୍‌ବ୍ୟତୀତ ସେମାନଙ୍କ ଉଜ୍ଜ୍ୱଳମୟ ବ୍ୟବସାୟିକ ଭବିଷ୍ୟତ କାମନା କରିବା ସହ ଏଭଳି ଏକ ପ୍ରୟାସ ପାଇଁ ଓଡ଼ିଶା ମିଲେଟ୍ସ ମିଶନ ଏବଂ ମିଶନ ଶକ୍ତି ବିଭାଗର ଅଧିକାରୀଙ୍କୁ ସାଧୁବାଦ ଜଣାଇଛନ୍ତି।

ଏହି ବିକ୍ରୟ କେନ୍ଦ୍ର ଓଡ଼ିଶା ମିଲେଟ୍ସ ମିଶନ ଏବଂ ମିଶନ ଶକ୍ତି ବିଭାଗର ମିଳିତ ପ୍ରୟାସରେ ଆରମ୍ଭ ହୋଇଛି। ଏହାର ମୂଳ ଉଦ୍ଦେଶ୍ୟ କୃଷିଭବନରେ କାର୍ଯ୍ୟରତ ଅଧିକାରୀ ଏବଂ କର୍ମଚାରୀ ସମୂହ ତଥା ଆଗନ୍ତୁକଙ୍କୁ ପୁଷ୍ଟିଶସ୍ୟରେ ପ୍ରସ୍ତୁତ ନାନାଦି ଖାଦ୍ୟଦ୍ରବ୍ୟ ବିକ୍ରିକରିବା ସହ ପୁଷ୍ଟିଶସ୍ୟର ଉପକାରିତା ବିଷୟରେ ଅବଗତ କରାଇବା। ଏହି ବିକ୍ରୟ କେନ୍ଦ୍ର ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟାସଭ୍ୟଙ୍କୁ ସ୍ୱାବଲମ୍ବୀ କରିବା ସହ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାରେ ସହାୟକ ହେବ। କାର୍ଯ୍ୟକ୍ରମରେ ଯୁଗ୍ମ ନିର୍ଦ୍ଦେଶକ (ଓଡ଼ିଶା ମିଲେଟ୍ସ ମିଶନ), ହୀରଞ୍ଜନ ମହନ୍ତ, ଓଡ଼ିଶା ମିଲେଟ୍ସ ମିଶନର ଯୋଜନା ଅଧିକାରୀ କଳ୍ପନା ପ୍ରଧାନ, ରାଜ୍ୟ ସଂଯୋଜକ ସୁଶ୍ରୀ ଅସୀମା ଚୌଧୁରୀ, ଜିଲା ସଂଯୋଜକ ମିଶନ ଶକ୍ତି ଏବଂ ଅନ୍ୟ କର୍ମକର୍ତ୍ତାବୃନ୍ଦ ଉପସ୍ଥିତ ଥିଲେ। କୃଷି ଭବନଠାରେ ମନ୍ତ୍ରୀ ସାହୁ ଏକ କାଫେଟାରିଆର ମଧ୍ୟ ଶୁଭ ଉଦ୍‌ଘାଟନ କରିଛନ୍ତି। ବାର୍ଷିକ ଟେଣ୍ଡର ମାଧ୍ୟମରେ ଜୟକମଳ କ୍ୟାଟେରିଂ ସର୍ଭିସ୍ ଦ୍ୱାରା ପରିଚାଳିତ ହେବାକୁ ଥିବା ଏହି କାଫେଟାରିଆ କୃଷି ଭବନ କର୍ମଚାରୀ ତଥା ଏଠାରେ ଅନୁଷ୍ଠିତ ଅନେକ ସଭାସମିତି ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମର ଖାଦ୍ୟ ଆବଶ୍ୟକତାକୁ ପୂରଣ କରିବ। ସ୍ୱାସ୍ଥ୍ୟକର ପରିବେଶରେ ସୁଲଭ ଦରରେ ଏହିକାଫେଟାରିଆ ଖାଦ୍ୟ ଯୋଗାଇଦେବ ବୋଲି ମନ୍ତ୍ରୀ ସାହୁ ଆଶା ପ୍ରକାଶ କରିଛନ୍ତି।

କୃଷି ଭବନଠାରେ ଶୁକ୍ରବାର ଓଡ଼ିଶାର ପ୍ରଥମ ମିଲେଟ୍ ଶକ୍ତି ବିକ୍ରୟ କେନ୍ଦ୍ରକୁ ମନ୍ତ୍ରୀ ଅରୁଣ କୁମାର ସାହୁ ଉଦ୍‌ଘାଟନ କରୁଛନ୍ତି।

ସ୍ୱାଧୀନତାର ୭୫ବର୍ଷ ପୂର୍ତ୍ତି ପାଳନ ନିମନ୍ତେ ଏଆଇସିସି ଉପକମିଟି

ଭୁବନେଶ୍ୱର,୫।୧୧(ବ୍ୟୁରୋ)

ଅଖିଳ ଭାରତ କଂଗ୍ରେସ କମିଟି ପକ୍ଷରୁ ସ୍ୱାଧୀନତାର ୭୫ବର୍ଷ ପୂର୍ତ୍ତି ପାଳନ ପରିପେକ୍ଷୀରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ ଓ ସହଯୋଗ ନିମନ୍ତେ ଏକ ଉପକମିଟି ଗଠିତ ହୋଇଛି। ଏହି କମିଟିକୁ ଏଆଇସିସି ସଭାନେତ୍ରୀ ସୋନିଆ ଗାନ୍ଧୀ ଅନୁମୋଦନ କରିଛନ୍ତି। ଗଠିତ ଉପକମିଟିର ପ୍ରକାଶନ ବିଭାଗରେ ସଂଯୋଜକ ଭାବେ ରାଜୀବ ଗୌଡାଙ୍କ ସମେତ ୫ଜଣ ସଦସ୍ୟ ରହିଛନ୍ତି। ସେହିପରି ସ୍ମରଣୀୟ ଘଟଣା ବିଭାଗରେ ସଂଯୋଜକ ଭାବେ ଡିପି ରାୟଙ୍କ ସମେତ ୭ ଜଣ ସଦସ୍ୟ, ସେମିନାର,କୁଇଜ ଓ ଭାଷଣ ସମ୍ବନ୍ଧୀୟ ବିଭାଗରେ ଦୀପା ଦାସମୁନ୍‌ସୀ ସଂଯୋଜକ ଭାବେ ଥିବାବେଳେ ପ୍ରସାଦ ହରିଚନ୍ଦନଙ୍କ ସମେତ ୫ଜଣ ସଦସ୍ୟ, ମାରାଥନ ଓ ପଦଯାତ୍ରା ବିଭାଗରେ ସଂଯୋଜକ ଶ୍ରୀନିବାସ ବିଭି ରହିଥିବାବେଳେ ୬ ଜଣ ସଦସ୍ୟ ଓ ଚଳଚ୍ଚିତ୍ର ବିଭାଗରେ ଅର୍ଜୁନ ମଧୱାଡିଆ ସଂଯୋଜକ ଭାବେ ରହିଥିବାବେଳେ ଅନ୍ୟ ୫ଜଣ ସଦସ୍ୟ ରହିଛନ୍ତି। ଏନେଇ ଏଆଇସିସି ସାଧାରଣ ସମ୍ପାଦକ କେ. ସି. ବେନଗୋପାଲ ଏକ ପ୍ରେସ ବିଜ୍ଞପ୍ତିରେ ଜଣାଇଛନ୍ତି।

ବାଣ ବିସ୍ଫୋରଣ: ୨ ମୃତ

ଢେଙ୍କାନାଳ ଅଫିସ/ କେନ୍ଦ୍ରାପଡ଼ା ଅଫିସ, ୫।୧୧

ଆଲୋକର ପର୍ବ ଦୀପାବଳିରେ ରାଜ୍ୟର ପୃଥକ୍ ସ୍ଥାନରେ ବାଣ ବିସ୍ଫୋରଣ ଘଟି ୨ ଜୀବନ ଯାଇଛି। ବାଇକ୍‌ରେ ବାଣ ନେଉଥିବାବେଳେ ବିସ୍ଫୋରଣ ହେବାରୁ ଢେଙ୍କାନାଳ ସଦର ଥାନା ବାରଦା ଗ୍ରାମର ମହେଶ୍ୱର ମହାରଣା (୨୫)ଙ୍କ ମୃତ୍ୟୁ ଘଟିଛି। ଏଥିରେ ବୀରେନ ନାୟକ (୨୪), ପ୍ରସନ୍ନ କୁମାର ବ୍ରହ୍ମ (୪୦) ଗୁରୁତର ହୋଇଛନ୍ତି। ସମ୍ପୃକ୍ତ ୩ ଜଣ ଏକ ବାଇକ୍‌ରେ ବାଣ ନେଇ ଯାଉଥିବାବେଳେ ଏହି ଅଘଟଣ ଘଟିଥିଲା। ସମସ୍ତଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ମହେଶ୍ୱରଙ୍କ ମୃତ୍ୟୁ ହୋଇଯାଇଛି। ଏ ନେଇ ନଂ.୪୫/୨୧ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପୋଲିସ ତନାଘନା କରୁଛି। ସେହିପରି ବାଣ ଭିଡୁଥିବାବେଳେ ବିସ୍ଫୋରଣ ହେବାରୁ କେନ୍ଦ୍ରାପଡ଼ା ସଦର ଥାନା ଜୁଇଦାସପୁର ଗ୍ରାମର କୃଷ୍ଣଚନ୍ଦ୍ର ନାୟକଙ୍କ ମୃତ୍ୟୁ ଘଟିଛି। ଏଥିରେ ବାଣ କିଣିବା ପାଇଁ ଆସିଥିବା ଲିତା ବରାଳ ଗୁରୁତର ହୋଇଛନ୍ତି। ତାଙ୍କୁ କଟକ ବଡ ମେଡିକାଲରେ ଭର୍ତ୍ତି କରାଯାଇଛି। ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

ପୂର୍ବତନ ସରପଞ୍ଚଙ୍କୁ ହତ୍ୟା

ବ୍ରହ୍ମପୁର ଅଫିସ,୫।୧୧

ପୂର୍ବ ଶତ୍ରୁତା ସନ୍ଦେହ, ପୋଲିସର ତଦନ୍ତ

ଗଞ୍ଜାମ ଜିଲା କୁକୁଡ଼ାଖଣ୍ଡି ବ୍ଲକ ଅନନ୍ତେଇ ଗ୍ରାମର ପୂର୍ବତନ ସରପଞ୍ଚ ପ୍ରଦୀପ କୁମାର ବିଷୋୟୀଙ୍କୁ ଶୁକ୍ରବାର ସକାଳେ ଦୁର୍ବୃତ୍ତମାନେ ଅତି ନିର୍ମମ ଭାବେ ହତ୍ୟା କରିଛନ୍ତି। ବ୍ରହ୍ମପୁର ବଡ଼ବଜାର ଥାନା ଅନ୍ତର୍ଗତ ସୁକୁଣ୍ଡା ରାସ୍ତାରେ ଖଣ୍ଡା, କାତିରେ ପ୍ରଦୀପଙ୍କ ମୁଣ୍ଡକୁ ଆକ୍ରମଣ କରାଯାଇଥିବାରୁ ତାଙ୍କର ମୃତ୍ୟୁ ଘଟିଛି। ରକ୍ତ ଜୁଡୁବୁଡୁ ମୃତଦେହ ପଡ଼ିଥିବା ଦେଖି ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁର ସହାୟତାରେ ତଦନ୍ତ କରିଛି। ସେଠାରୁ ପ୍ରଦୀପଙ୍କ ସ୍ମୁଟି ଜବତ କରାଯାଇଛି। ସ୍ମୁଟି ଚାବି ଡିକିରେ ଲାଗିଥିବା ଦେଖିବାକୁ ମିଳିଛି। ସେଠାରେ ପଡ଼ିଥିବା କିଛି କାଗଜପତ୍ରକୁ ପୋଲିସ ଜବତ କରିଛି। ବ୍ରହ୍ମପୁର ଟାଉନ୍ ଏସ୍‌ଡିପିଓ ବିଷ୍ଣୁପ୍ରସାଦ ପତି, ବଡ଼ବଜାର ଥାନା ଅଧିକାରୀ ପ୍ରଶାନ୍ତ ଭୂପତି ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଏହି ହତ୍ୟାକାଣ୍ଡ ଘଟିଥିବା ସନ୍ଦେହ କରାଯାଉଛି।

ପ୍ରଦୀପ ବ୍ରହ୍ମପୁର ଗେଟବଜାରରେ ପରିବାର ସହ ରହୁଥିଲେ। ସେ ଅନନ୍ତେଇ ଗ୍ରାମ ପଞ୍ଚାୟତର ପୂର୍ବତନ ସରପଞ୍ଚ ଓ କୁକୁଡ଼ାଖଣ୍ଡି ବ୍ଲକର ପୂର୍ବତନ କଂଗ୍ରେସ ସଭାପତି ମଧ୍ୟ ଥିଲେ। ଶୁକ୍ରବାର ସକାଳେ ପ୍ରଦୀପ ସ୍ମୁଟିରେ ଅନନ୍ତେଇ ଗ୍ରାମକୁ ତାଙ୍କ ଫାର୍ମକୁ ଯାଉଥିଲେ। ଦୁର୍ବୃତ୍ତ ତାଙ୍କୁ ଅଟକାଇବା ପରେ ସେ ସ୍ମୁଟି ଡିକି ଖୋଲି କିଛି କାଗଜପତ୍ର ବାହାର କରିବା ସମୟରେ ଆକ୍ରମଣ କରିଥିବା ପୋଲିସ ଅନୁମାନ କରୁଛି। ପ୍ରଦୀପଙ୍କ ସ୍ତ୍ରୀ ଗୀତାଞ୍ଜଳିଙ୍କ ଅଭିଯୋଗକ୍ରମେ ନଂ.୨୨୭/୨୧ରେ ଏକ ହତ୍ୟା ମାମଲା ରୁଜୁ କରାଯାଇଛି। ସୂଚନାଯୋଗ୍ୟ, ପୂର୍ବରୁ ବଛପଲ୍ଲୀରେ ହୋଇଥିବା ଏକ ହତ୍ୟା ମାମଲାରେ ପ୍ରଦୀପ ଗିରଫ ହୋଇ ଜେଲ୍ ଯାଇଥିଲେ। କିଛିଦିନ ହେଲା ସେ ଜାମିନରେ ଆସିଥିଲେ।

କାନ୍ଥ ପଡ଼ି ଶିଶୁ ମୃତ

କେନ୍ଦୁଝର, ୫।୧୧ (ସ୍ୱ.ପ୍ର.)

କେନ୍ଦୁଝର ଜିଲା ତେଲକୋଇ ଥାନା ଗୋଳାବନ୍ଧ ଗ୍ରାମରେ ଶୁକ୍ରବାର ମାଟି କାନ୍ଥ ପଡ଼ି ଜଣେ ୨ ବର୍ଷର ଶିଶୁପୁତ୍ରଙ୍କ ମୃତ୍ୟୁ ଘଟିଛି। ଘରର କାନ୍ଥ ଭଙ୍ଗା ଯାଉଥିବା ବେଳେ ଚାପି ହୋଇ ଶିଶୁର ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ଗୋଳାବନ୍ଧ ମହାକୁଡ଼ ସାହିର ଛଲୁ ମହାକୁଡ଼ଙ୍କ ପୁରୁଣା ଘର କାନ୍ଥକୁ ଭଙ୍ଗା ଯାଉଥିଲା। ଏହି ସମୟରେ ତାଙ୍କ ପୁଅ ସୌରଭ ଉକ୍ତ କାନ୍ଥ ନିକଟରେ ଖେଳୁଥିଲେ। କାନ୍ଥ ଖସି ପଡ଼ିବାରୁ ସେ ମାଟି ତଳେ ଚାପି ହୋଇଯାଇଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ଜଗମୋହନପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ତେଲକୋଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ସୌରଭଙ୍କୁ ମୃତ ଘୋଷଣା କରିଥିଲେ।

ପୁରସ୍କାର ନାଁ 'ଜୟଦେବ ସମ୍ମାନ' ବଦଳରେ 'ମୋହନ ସୁନ୍ଦର ଦେବ ଗୋସ୍ୱାମୀ' ରଖାଯାଉ

ଭୁବନେଶ୍ୱର, ୫।୧୧(ବ୍ୟୁରୋ)

ରାଜ୍ୟ ସରକାରଙ୍କୁ ୫ ପ୍ରସ୍ତାବ

ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ଘୋଷଣା ସମୟରେ ଜୁରି ଅଧ୍ୟକ୍ଷ ଥିବା ସୁରେନ୍ଦ୍ର ସାହୁ ସରକାରଙ୍କ ନିକଟରେ ୫ଟି ପ୍ରସ୍ତାବ ରଖିଛନ୍ତି। ସେ କହିଛନ୍ତି, ଚଳଚ୍ଚିତ୍ର ଜଗତରେ ଜୀବନବ୍ୟାପୀ ସାଧନା ପାଇଁ 'ଶ୍ରୀ ଜୟଦେବ ସମ୍ମାନ' ପ୍ରଦାନ କରାଯାଉଛି। ତେବେ ଜୟଦେବଙ୍କର ସିନେମା ସହ କୌଣସି ସମ୍ପର୍କ ନାହିଁ। ତେଣୁ ଭାରତୀୟ ସିନେମାର ଜନକ ଦାଦା ସାହେବ ଫାଲ୍‌କେଙ୍କ ପରି ଓଡ଼ିଆ ଚଳଚ୍ଚିତ୍ର ଜନକ 'ମୋହନ ସୁନ୍ଦର ଦେବ ଗୋସ୍ୱାମୀ'ଙ୍କ ନାମରେ ଜୟଦେବ ପୁରସ୍କାର ନାମିତ କରାଯାଉ। ସେହିପରି ଶ୍ରେଷ୍ଠ ଚଳଚ୍ଚିତ୍ରକୁ 'ମୋହନ ସୁନ୍ଦର ଦେବ ଗୋସ୍ୱାମୀ ପୁରସ୍କାର' ବଦଳରେ 'କବିଚନ୍ଦ୍ର କାଳିଚରଣ ପଟ୍ଟନାୟକ ପୁରସ୍କାର' କରାଯାଉ। ଏହାବ୍ୟତୀତ ପୁରସ୍କାର ଚୟନ ପାଇଁ ଏକ ସ୍ୱତନ୍ତ୍ର ମନୋନୟନ କମିଟି ଗଠନ କରି ସେଥିରେ ଏହି ପୁରସ୍କାରପ୍ରାପ୍ତ ଜଣେ ଚଳଚ୍ଚିତ୍ର ବ୍ୟକ୍ତିତ୍ୱଙ୍କୁ ଅଧ୍ୟକ୍ଷ ଏବଂ ଓଡ଼ିଆ ଚଳଚ୍ଚିତ୍ରରେ ସମ୍ପୃକ୍ତ ଆଉ ୨ଜଣ ବରିଷ୍ଠ ବ୍ୟକ୍ତିଙ୍କୁ ସଦସ୍ୟ ରଖାଯାଉ। ପଦ୍ମଶ୍ରୀ ପରି ଏହି ପୁରସ୍କାର ପାଇଁ ମଧ୍ୟ ବିଜ୍ଞାପନ ମାଧ୍ୟମରେ ଆବେଦନ ବ୍ୟବସ୍ଥା ରହୁ। ଏଥିସହ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ପାଇଁ ଆସୁଥିବା ଚଳଚ୍ଚିତ୍ରଗୁଡିକୁ ଓଡ଼ିଆ ଚଳଚ୍ଚିତ୍ର ଅଭିଲେଖାଗାରରେ ରଖିବା ପାଇଁ ପ୍ରଯୋଜକଙ୍କ ପାଖରୁ ଆବେଦନବେଳେ ଏକ ଘୋଷଣାନାମା ରଖାଯାଉ, ଯାହାକୁ ଆଗାମୀ ଦିନରେ ଗବେଷଣା ପାଇଁ ସାହାଯ୍ୟ କରିବ।

ଘନଶ୍ୟାମ ମହାପାତ୍ରଙ୍କୁ 'ଶ୍ରୀ ଜୟଦେବ ସମ୍ମାନ'

ଭୁବନେଶ୍ୱର, ୫।୧୧(ବ୍ୟୁରୋ)

ରାଜ୍ୟ ଚଳଚ୍ଚିତ୍ର ଓ ଟେଲି ପୁରସ୍କାର ଘୋଷଣା

ଘନଶ୍ୟାମ ମହାପାତ୍ର

- ଶ୍ରେଷ୍ଠ ଚଳଚ୍ଚିତ୍ର 'କାଲ

ଜନ୍ମଦିନର ଶୁଭେଚ୍ଛା

ରୁଦ୍ର
ପରିବାରବର୍ଗ

ନାମ: .....
ବୟସ:.....
ଜନ୍ମ ତାରିଖ: .....

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

ଏଥର ବିନ୍ଦୁସାଗରରେ ହେବନି ବୋଇତ ବନ୍ଦାଣ

ପୁରୁଣା ଭୁବନେଶ୍ୱର,୫।୧୧(ଡି.ଏନ୍.ଏ.)

ଓଡ଼ିଶାର ଗୌରବମୟ ନୌ-ବାଣିଜ୍ୟ ଇତିହାସକୁ ଉଜ୍ଜୀବିତ କରି ରଖିବା ପାଇଁ ପ୍ରତିବର୍ଷ ଏକାମ୍ର ସାଂସ୍କୃତିକ ପରିଷଦ ପକ୍ଷରୁ ବିନ୍ଦୁ ସାଗରରେ ବୋଇତ ବନ୍ଦାଣ ଉତ୍ସବ ଅନୁଷ୍ଠିତ ହୋଇଥାଏ। ଏଥିସହ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ବ୍ୟକ୍ତିଙ୍କୁ ଏକାମ୍ର ସାଂସ୍କୃତିକ ସମ୍ମାନରେ ସମ୍ମାନିତ କରାଯାଏ। କୋଭିଡ୍ କଟକଣା ଯୋଗୁ ଚଳିତ ବର୍ଷ ଏଠାରେ ବୋଇତ ବନ୍ଦାଣ କାର୍ଯ୍ୟକ୍ରମ ହେବ ନାହିଁ ବୋଲି ପରିଷଦ ସଭାପତି ତଥା ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା କହିଛନ୍ତି। ସେହିପରି ଦୟା ନଦୀ ଘାଟରେ ହେବାକୁ ଥିବା ବୋଇତ ବନ୍ଦାଣ ଉତ୍ସବ ମଧ୍ୟ ହେବ ନାହିଁ। କୋଭିଡ୍ କଟକଣାକୁ ସ୍ୱାଗତ ଜଣାଇ ଆୟୋଜକ କଳିଙ୍ଗ ସଂସ୍କୃତି ଓ ଐତିହ୍ୟ ସୁରକ୍ଷା ମଞ୍ଚ ଅଧ୍ୟକ୍ଷ ସଂଗ୍ରାମ କେଶରୀ ପାଇକରାୟ କହିଛନ୍ତି। ଉକ୍ତ ଦିନ ପୋଷ୍ଟର ଲଗାଯାଇ ନଦୀ ପ୍ରଦୂଷଣ ରୋକିବା ଏବଂ କୋଭିଡ୍ ସଚେତନତା କାର୍ଯ୍ୟକ୍ରମ ହେବ ବୋଲି ପାଇକରାୟ କହିଛନ୍ତି।

ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

ମେଷ
ବନ୍ଧୁଙ୍କ ଅନୁରୋଧରେ ଯାତ୍ରା କରିବାକୁ ବାଧ ହେବେ। ସହକର୍ମୀଙ୍କ ସହାୟତାରେ ଦୀର୍ଘଦିନରୁ ଚିନ୍ତା କରିଥିବା କାମଟି ହଠାତ୍ ହୋଇଯିବ। ଆପୋସ ମିଳାମିଶାରୁ ପାରିବାରିକ ସମସ୍ୟାର ସମାଧାନ ଘଟିବାରେ କୌଣସି ଅସୁବିଧା ରହିବନାହିଁ। ସାମାଜିକ ସ୍ତରରେ କାର୍ଯ୍ୟ ସମ୍ପନ୍ନ କରାଇ ଟେନ୍‌ସନ୍ କମେଇବା ସକାଶେ ଚେଷ୍ଟା କରିବେ।

ବୃଷ
ଅସମ୍ପୂର୍ଣ୍ଣ କାମକୁ ପୂର୍ଣ୍ଣାଙ୍ଗ କରିବାରେ ଜଣେ ବିଜାତୀୟ ବ୍ୟକ୍ତି ସାହାଯ୍ୟ କରିବେ। ତରବରିଆ କାମଜନିତ ଅସାବଧାନତା ବଶତଃ ଦ୍ରବ୍ୟ ନଷ୍ଟ ହୋଇପାରେ। ପରିବାରର ଆବଶ୍ୟକତାନୁସାରେ ଅଳଙ୍କାର, ଔଷଧ ପତ୍ର ଓ ସୌଖୀନ ଦ୍ରବ୍ୟ କ୍ରୟ କରିପାରନ୍ତି। ସାଧାରଣ କଥାକୁ କେନ୍ଦ୍ରକରି ବନ୍ଧୁଙ୍କ ସହ ମନୋମାଳିନ୍ୟ ଯୋଗୁ ମନ ଉଦାସ ରହିବ।

ମିଥୁନ
ପରିବାରର ଆବଶ୍ୟକତା ପୂରଣ କରିବାକୁ ଯାଇ ଆର୍ଥିକ ଅନଟନର ସମ୍ମୁଖୀନ ହେବେ। ପଦସ୍ଥବ୍ୟକ୍ତିଙ୍କ ସହାୟତାରେ ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବ। କିନ୍ତୁ ପୁନର୍ବସୁ ନକ୍ଷତ୍ରର ଆଳସ୍ୟ ଓ ଅବହେଳା ଯୋଗୁ ସୁଯୋଗ ହାତଛଡ଼ା ହୋଇପାରେ। କେତେକ କ୍ଷେତ୍ରରେ ଅସୁବିଧା ନ ହେଲେ ମଧ୍ୟ ଆଶଙ୍କା କରି ମନ ଅସ୍ଥିର ରହିବ।

କର୍କଟ
କର୍ମକ୍ଷେତ୍ରରେ ଥିବା ସମୟରେ ମନ ଖୁସୀ ହେଲା ଭଳି କୌଣସି ଖବର ଅସମର୍ଥିତ ସୂତ୍ରରୁ ପାଇବେ। ଆର୍ଥିକ ସ୍ଥିତିରେ କ୍ରମୋନ୍ନତି ପରିସ୍ଥିତିକୁ ଅସ୍ଥିରତା କରିଦେବାର ଆଶଙ୍କା ରହିଛି। ସଭାସମିତିର ଆଲୋଚନା ଅବସରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ। ପାରିବାରିକ ପରିସ୍ଥିତି କେତେକାଂଶରେ ବଦଳିଯିବା ସମ୍ଭାବନା ରହିଛି।

ସିଂହ
ବାଧବାଧକତା ମଧ୍ୟରେ କୌଣସି କାମ କରି ଅନୁତାପ କରିବାକୁ ପଡ଼ିପାରେ। ନିଜର ଫାଇଦା ହାସଲ ପାଇଁ ଫନ୍ଦିଫିକର କରିବା ଲାଗି ମନ ବଳାଇପାରନ୍ତି। ଶିକ୍ଷା କ୍ଷେତ୍ରରେ କିମ୍ବା ସାହିତ୍ୟ,ସଙ୍ଗୀତର ଅଧ୍ୟୟନ ଓ ଅଧ୍ୟାପନାରେ ଉନ୍ନତି କରିବେ। ଅସଂଯତ କାର୍ଯ୍ୟକଳାପ ପାଇଁ ଉଚ୍ଚବର୍ଗଙ୍କଠାରୁ ସମାଲୋଚିତ ହୋଇପାରନ୍ତି।

କନ୍ୟା
ଅତୀତରେ ଘଟିଯାଇଥିବା ଘଟଣାରେ ସେମିତି କିଛି ଅସୁବିଧା ନ ହୋଇପାରେ। କର୍ମକ୍ଷେତ୍ରରେ ଉଚ୍ଚବର୍ଗଙ୍କ ସାହାଯ୍ୟ ଓ ବନ୍ଧୁ ମିଳନରୁ ଉତ୍ସାହିତ ହେବେ। ନିଜ ପରିସରରେ ଅନ୍ୟମାନଙ୍କ କାର୍ଯ୍ୟକଳାପ ନିଜ ପାଇଁ ଅସନ୍ତୋଷ ସୃଷ୍ଟି କରିବ। କଠୋର ପରିଶ୍ରମ କିମ୍ବା ଅନିଦ୍ରା ହେତୁକ ଜ୍ୱର ଓ ବମନ ଦେଖାଦେଇପାରେ।

ତୁଳା
ଦୀର୍ଘଦିନର ଆଶା ପୂରଣ ହେବା ଦିଗରେ ଅନୁକୂଳ ପରିସ୍ଥିତି ସୃଷ୍ଟି ହେବ। ପରିବାରରେ ପିଲାଙ୍କ ବିଶୃଙ୍ଖଳିତ ଆଚରଣରେ କ୍ଷୁବଧ୍ ହେବେ। ବନ୍ଧୁମାନଙ୍କ ପରୋକ୍ଷଶତ୍ରୁତା କାରଣରୁ ସୁବିଧା ଥାଇ ମଧ୍ୟ ଭୋଗବିଳାସରେ ବାଧାବିଘ୍ନ ଘଟିପାରେ। ଗତକାଲି ଯେଉଁଥିପାଇଁ ଚିନ୍ତା କରୁଥିଲେ ଆଜି ତାହା ଟିକିଏ ବିଳମ୍ବରେ ପାଇବେ।

ବିଛା
ପ୍ରତ୍ୟେକ କ୍ଷେତ୍ରରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇପଡିବେ। ସ୍ୱାସ୍ଥ୍ୟର ଯତ୍ନ ନ ନେବା ହେତୁ ପୁରାତନ ରୋଗର ପୀଡ଼ା ଅନୁଭବ ହୋଇପାରେ।ସଂଘର୍ଷମୟ ସ୍ଥିତିରେ ନିଜର ସ୍ଥିତିକୁ ସୁଦୃଢ଼ କରିବା ସଙ୍ଗକୁ ଧୈର୍ଯ୍ୟଶୀଳ ହୋଇପାରନ୍ତି। ପଡ଼ୋଶୀ ଈର୍ଷାନ୍ୱିତ ହୋଇ ଭିନ୍ନ ପ୍ରକାରର ମନ୍ତବ୍ୟ ଦେଇପାରନ୍ତି।

ଧନୁ
କର୍ମକ୍ଷେତ୍ରରେ ଫାଇଲ୍ କାମ ବୃଦ୍ଧି କାରଣରୁ ଘରକଥା ବୁଝିବା ପାଇଁ ସମୟ ପାଇବେ ନାହିଁ। ପାରିବାରିକ କ୍ଷେତ୍ର ବୁଝାମଣା ମାଧ୍ୟମରେ ଶୃଙ୍ଖଳିତ ହେବ। ଅଭାବ ଥିଲେ କ'ଣ ହେଲା ବନ୍ଧୁଙ୍କ ସଦ୍‌ଭାବ ଓ ସହକର୍ମୀମାନଙ୍କ ସହଯୋଗ ମାନସିକ ଚିନ୍ତାକୁ ଲାଘବ କରିବ। ବାଣିଜ୍ୟ, ବ୍ୟବସାୟ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ।

ମକର
ଆକସ୍ମିକଭାବରେ କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରିପାରନ୍ତି। ପାଖ,ପଡ଼ୋଶୀଙ୍କ ସହ ସୁସମ୍ପର୍କ ରକ୍ଷା କରିବାରେ ସମର୍ଥ ହେବେ। ନିଜର ବଳିଷ୍ଠ ବ୍ୟକ୍ତିତ୍ୱ ପ୍ରଭାବରୁ ଉଚ୍ଚ ଆଶା କରାଯାଇପାରେ। ଧନିଷ୍ଠାର ପାରିବାରିକ ପ୍ରତିକୂଳ ପରିସ୍ଥିତି ଯୋଗୁ ଯୋଜନାଗୁଡ଼ିକ ଠିକ୍‌ଭାବେ ସମ୍ପୂର୍ଣ୍ଣ ହେବ ନାହିଁ।

କୁମ୍ଭ
ଆଜିର କର୍ମକ୍ଷେତ୍ରରେ ପାରିପାର୍ଶ୍ୱିକ ପରିସ୍ଥିତି କେତେକାଂଶରେ ଭଲ ରହିବ। ନୂତନ ଯୋଜନା ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ। ବିରକ୍ତିକର ଭାବରେ ରୁକ୍ଷ ବ୍ୟବହାର ସହକର୍ମୀଙ୍କ ମନରେ ଆଘାତ ଦେଇପାରେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବାରୁ ସାମୟିକ ମାନସିକ ଆଶ୍ୱସ୍ତି ଲାଭ କରିପାରନ୍ତି।

ମୀନ
ଯେତେ ସୁବିଧା ଥାଉନା କାହିଁକି କର୍ମକ୍ଷେତ୍ର ସକାଶେ ପାରିବାରିକ ପ୍ରତିରୋଧ କାମକୁ ବିଶୃଙ୍ଖଳିତ କରିବ। ଯାନ୍ତ୍ରିକ ତ୍ରୁଟି ଯୋଗୁ ଲକ୍ଷ୍ୟସ୍ଥଳକୁ ଯିବାରେ ବିଳମ୍ବ ଘଟିବାର ଆଶଙ୍କା ଉପୁଜିପାରେ। ଯେତେ ଭଲ କାମ କଲେ ମଧ୍ୟ ଅନ୍ୟମାନେ ଦୋଷ ଖୋଜି ବୁଲିବେ। ହଠାତ୍ କୌଣସି ଘଟଣା ମନକୁ ବିବ୍ରତ କରିପାରେ।

ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

ଛୋଟୀ ବିରାଡ଼ି
କୁଜି ଅସରପା ଉପରକୁ ଟାଣ।

ଛୋଟୀ ବିଲେଇ ଶୀଘ୍ର ଦୌଡ଼ି ପାରି ନ ଥାଏ। ଫଳରେ ନିଜ ଶିକାରକୁ ଧରିବାରେ ସେତେ ସଫଳ ହୋଇପାରି ନ ଥାଏ। କେବଳ କୁଜି ଅସରପାଟି ଧୀରେ ଧୀରେ ଗଲାବେଳେ ଛୋଟି ବିଲେଇ ହାବୁଡ଼େ ପଡ଼ିଯାଏ। ପରୋକ୍ଷରେ ସବଳକୁ ଆକ୍ରମଣ ବା ଜବତ କରିପାରୁ ନ ଥିବା ବ୍ୟକ୍ତି ନିର୍ବଳ ଉପରେ ଅତ୍ୟାଚାର କରି ନିଜର ବଡ଼ିମା ଦେଖାଇଥାନ୍ତି। ଦୁର୍ବଳର ଆହୁରି ଦୁର୍ବଳ ଉପରେ ଅତ୍ୟାଚାର କରିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଛୋଟ ମୁହେଁ
ବଡ଼ କଥା।

ବଡ଼ଙ୍କୁ ଯଥୋଚିତ ସମ୍ମାନ ନ ଦେଖାଇଲେ ସାନ ସମସ୍ତଙ୍କ ଆଖିରେ ଆହୁରି ଛୋଟ ହୋଇଯାଏ। ଛୋଟ ମୁହଁରେ ବଡ଼ ବଡ଼ କଥା ଶୋଭା ପାଇ ନ ଥାଏ। ବୟସର ସ୍ତରକୁ ଭୁଲି ବେଖାତିର କରି ବସିଲେ ଶୁଣିବା ଲୋକ ମନରେ ଆଘାତ ସୃଷ୍ଟି ହେବା ସ୍ୱାଭାବିକ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ

ଜିଲା ପରିଷଦ ଅଧ୍ୟକ୍ଷ ସଂରକ୍ଷଣ ତାଲିକା

ଜିଲା	ବର୍ଗ
ଅନୁଗୋଳ	ପଛୁଆ ବର୍ଗ ମହିଳା
କଟକ	ଅନୁସୂଚିତ ଜାତି ମହିଳା
କନ୍ଧମାଳ	ଅନୁସୂଚିତ ଜନଜାତି
କଳାହାଣ୍ଡି	ମହିଳା
କେନ୍ଦୁଝର	ଅନୁସୂଚିତ ଜନଜାତି ମହିଳା
କେନ୍ଦ୍ରାପଡ଼ା	ଅଣ ସଂରକ୍ଷିତ
କୋରାପୁଟ	ଅନୁସୂଚିତ ଜନଜାତି ମହିଳା
ଖୋର୍ଦ୍ଧା	ପଛୁଆବର୍ଗ ମହିଳା
ଗଜପତି	ଅନୁସୂଚିତ ଜନଜାତି ମହିଳା
ଗଞ୍ଜାମ	ମହିଳା
ଜଗତ୍‌ସିଂହପୁର	ଅନୁସୂଚିତ ଜାତି
ଝାରସୁଗୁଡ଼ା	ଅଣସଂରକ୍ଷିତ
ଢେଙ୍କାନାଳ	ମହିଳା
ଦେବଗଡ଼	ଅଣସଂରକ୍ଷିତ
ନବରଙ୍ଗପୁର	ଅନୁସୂଚିତ ଜନଜାତି
ନୟାଗଡ଼	ପଛୁଆ ବର୍ଗ
ନୂଆପଡ଼ା	ମହିଳା
ପୁରୀ	ଅଣସଂରକ୍ଷିତ
ବରଗଡ଼	ମହିଳା
ବଲାଙ୍ଗୀର	ଅଣସଂରକ୍ଷିତ
ବାଲେଶ୍ୱର	ଅନୁସୂଚିତ ଜନଜାତି
ବୌଦ୍ଧ	ମହିଳା
ଭଦ୍ରକ	ଅନୁସୂଚିତ ଜାତି ମହିଳା
ମୟୂରଭଞ୍ଜ	ଅନୁସୂଚିତ ଜନଜାତି
ମାଲକାନଗିରି	ଅନୁସୂଚିତ ଜନଜାତି ମହିଳା
ଯାଜପୁର	ଅନୁସୂଚିତ ଜାତି
ରାୟଗଡ଼ା	ଅନୁସୂଚିତ ଜନଜାତି ମହିଳା
ସମ୍ବଲପୁର	ଅଣ ସଂରକ୍ଷିତ
ସୁନ୍ଦରଗଡ଼	ଅନୁସୂଚିତ ଜନଜାତି
ସୋନପୁର	ପଛୁଆବର୍ଗ

ପ୍ରଥମ ପୃଷ୍ଠାରୁ...

ଜିଲା ପରିଷଦ ଅଧ୍ୟକ୍ଷ ...

ଝାରସୁଗୁଡ଼ା ଏବଂ ସମ୍ବଲପୁର। ଏଥିସହିତ ୩୦ ଜିଲାର ୮୫୩ ଜିଲା ପରିଷଦ ସଭ୍ୟଙ୍କ ଲାଗି ଆସନ ସଂରକ୍ଷଣ ବିଜ୍ଞପ୍ତି ପ୍ରକାଶ ପାଇଛି। ବୃତ୍ତାନ୍ତ ତାଲିକାରେ ୪ ଜିଲାର ସଂରକ୍ଷଣକୁ ପରିବର୍ତ୍ତନ କରାଯାଇଛି। ଅକ୍ଟୋବର ୧୬ ତାରିଖରେ ବିଭାଗ ପକ୍ଷରୁ ପ୍ରକାଶ ପାଇଥିବା ଚିଠା ବିଜ୍ଞପ୍ତି ଅନୁଯାୟୀ ଗଜପତି, କେନ୍ଦୁଝର ଜିଲା ପଛୁଆ ବର୍ଗଙ୍କ ଲାଗି ସଂରକ୍ଷଣ ଥିବା ବେଳେ ନୟାଗଡ଼ ଓ ସୋନପୁର ଜିଲାକୁ ଅନୁସୂଚିତ ଜାତି ମହିଳା ବର୍ଗଙ୍କ ଲାଗି ସଂରକ୍ଷଣ ରଖାଯାଇଥିଲା। ତେବେ ବୃତ୍ତାନ୍ତ ତାଲିକାରେ ଗଜପତି ଓ କେନ୍ଦୁଝର ଜିଲା ଅନୁସୂଚିତ ଜନଜାତି ମହିଳାଙ୍କ ଲାଗି ସଂରକ୍ଷଣ ରଖାଯାଇଥିବା ବେଳେ ନୟାଗଡ ଓ ସୋନପୁର ଜିଲାଗୁଡ଼ିକୁ ପଛୁଆ ବର୍ଗଙ୍କ ପାଇଁ ସଂରକ୍ଷିତ ରଖାଯାଇଛି। ସମୁଦାୟ ଅଧ୍ୟକ୍ଷ ଆସନରୁ ମହିଳାଙ୍କ ଲାଗି ୫୦ ପ୍ରତିଶତ ସଂରକ୍ଷିତ ରଖାଯାଇଛି।

ଖାଇବାତେଲରୁ ଟିକସ ...

ତେଲ ଉପରେ ବେସିକ ଡ୍ୟୁଟି ୩୨.୫%ରୁ ୧୭.୫%କୁ ହ୍ରାସ କରାଯାଇଛି। ଏହି ତେଲଗୁଡ଼ିକ କ୍ଷେତ୍ରରେ ପୂର୍ବରୁ ୨୦% କୃଷି ଭିତ୍ତିଭୂମି ସେସ୍ ଲାଗୁ ହେଉଥିଲା। ବର୍ତ୍ତମାନ ଟିକସ ହ୍ରାସ ପରେ ଅଶୋଧିତ ପାମ୍ ତେଲ କ୍ଷେତ୍ରରେ ୮.୨୫%, ଅଶୋଧିତ ସୋୟା ଏବଂ ସୋୟାବିନ ତେଲରେ ଟିକସ ୫.୫% ଲେଖାଏ କୃଷି ଭିତ୍ତିଭୂମି ସେସ୍ ଲାଗୁ ହେବ। ଟିକସ ହ୍ରାସ ହେବା ଯୋଗୁ ଖାଇବା ତେଲ ଦର ଆହୁରି କମିବ ବୋଲି କୁହାଯାଉଛି। କିନ୍ତୁ ଅନିୟନ୍ତ୍ରିତ ବଜାରରେ ଖାଇବା ତେଲ ମୂଲ୍ୟ ହ୍ରାସ ନେଇ ସନ୍ଦେହ ରହିଛି।

ଦେଶର ବିଭିନ୍ନ ପ୍ରାନ୍ତରେ ଖାଇବାତେଲ ଦର ପ୍ରାୟ ୨୦ ଟଙ୍କା ହ୍ରାସ ହୋଇଥିବା କେନ୍ଦ୍ର ଖାଦ୍ୟ ଏବଂ ସାଧାରଣ ବଣ୍ଟନ ବିଭାଗ ସଚିବ ସୁଧାଂଶୁ ପାଣ୍ଡେ ଶୁକ୍ରବାର ସୂଚନା ଦେଇଛନ୍ତି। ଏକ ଖବରଦାତା କାର୍ଯ୍ୟକ୍ରମରେ ପାଣ୍ଡେ କହିଛନ୍ତି, ଲିଟର ପିଛା ପାମୋଲିନ ୨୦ ଟଙ୍କା, ବାଦାମ ତେଲ ୧୮ଟଙ୍କା, ସୋୟାବିନ ତେଲ ୧୦ ଟଙ୍କା ଏବଂ ସୂର୍ଯ୍ୟମୁଖ୍ୟ ତେଲ ୭ ଟଙ୍କା ପୂର୍ବାପେକ୍ଷା ହ୍ରାସ ହୋଇଛି। ଖାଇବାତେଲ କ୍ଷେତ୍ରରେ ଏହି ୪ ତେଲର ଅଂଶ ପ୍ରାୟ ୮୯% ରହିଛି। ତେବେ ପାଣ୍ଡେଙ୍କ ଦାବି ମୁତାବକ ମୂଲ୍ୟ ଭୁବନେଶ୍ୱର ପ୍ରତିଫଳିତ ହୋଇ ନ ଥିବା ଜଣାପଡ଼ିଛି। କାରଣ ଶୁକ୍ରବାର ଭୁବନେଶ୍ୱରରେ ପାମୋଲିନର ବଜାର ଦର ୧୨୫ରୁ ୧୩୦ ଟଙ୍କା ରହିଛି। ସେହିଭଳି ସୋୟାବିନ ୧୪୫ରୁ ୧୫୦ ଟଙ୍କା, ସୂର୍ଯ୍ୟମୁଖୀର ୧୪୫ରୁ ୧୫୦ ଟଙ୍କା, ରାଇସ୍ ବ୍ରାନ୍ ୧୫୦ରୁ ୧୬୦ ଟଙ୍କା ଏବଂ ସୋରିଷ ତେଲ ୧୯୦ ଟଙ୍କାରୁ ୨୦୦ ଟଙ୍କାରେ ବିକ୍ରି ହେଉଛି। ଏହି ମୂଲ୍ୟ ଗତ ୧୫ ଦିନ ହେଲା ରହିଛି। ଭୁବନେଶ୍ୱର ୟୁନିଟ୍-୧ ବ୍ୟବସାୟୀ ଦିନେଶ ପାତ୍ରଙ୍କ କହିବାନୁଯାୟୀ ସରକାରଙ୍କ ଟିକସ ହ୍ରାସର ପ୍ରଭାବ ପ୍ରାୟ ୮ ଦିନ ପରେ ବଜାରରେ ଦେଖିବାକୁ ମିଳିବ। କାରଣ ବ୍ୟବସାୟୀ ପୂର୍ବରୁ କିଣିଥିବା ତେଲ ମୂଲ୍ୟ ଅନୁଯାୟୀ ହିଁ ବିକିବେ ବୋଲି ପାତ୍ର କହିଛନ୍ତି।

ପାଣ୍ଡେ କହିଛନ୍ତି, ଡାଲି ଏବଂ ଖାଇବା ତେଲ ବୃଦ୍ଧି ଯୋଗୁ ଖାଉଟି ଚିନ୍ତାରେ ରହିଛନ୍ତି। ଏହି ଚାପକୁ କମାଇବା ଦିଗରେ ମଧ୍ୟ ସରକାର ଉଦ୍ୟମ କରୁଛନ୍ତି। ସାମଗ୍ରୀ ମହଜୁଦକାରୀଙ୍କ ଉପରେ ମଧ୍ୟ ଶୀଘ୍ର ରାଜ୍ୟଗୁଡ଼ିକ କଟକଣା ଲଗାଇବେ। ଆସନ୍ତା ସପ୍ତାହଠାରୁ ମହଜୁଦ ସୀମା ମଧ୍ୟ ରାଜ୍ୟ ସ୍ତରରେ ଲାଗୁହେବ। ବ୍ୟବସାୟୀ ଏବଂ ଅଂଶୀଦାରଙ୍କ ସହ ଆଲୋଚନା ପରେ ରାଜ୍ୟଗୁଡ଼ିକ ଏଭଳି ପଦକ୍ଷେପ ଗ୍ରହଣ କରିବେ ବୋଲି ପାଣ୍ଡେ କହିଛନ୍ତି।

ଖାଉଟିଙ୍କୁ ଆଶ୍ୱସ୍ତି ଦେବା ଲାଗି ଆଦାନୀ ୱିଲ୍‌ମର ଏବଂ ରୁଚି ସୋୟା ଭଳି ପ୍ରମୁଖ ଖାଇବାତେଲ ଉତ୍ପାଦନକାରୀ କମ୍ପାନୀଗୁଡ଼ିକ ତେଲର ପାଇକାରୀ ମୂଲ୍ୟ ଉପରେ ଲିଟର ପିଛା ୪ରୁ ୭ ଟଙ୍କା ହ୍ରାସ କରିଛନ୍ତି। ଅନ୍ୟ କମ୍ପାନୀଗୁଡିକ ମଧ୍ୟ ଏହି ଧାରାକୁ ଆପଣାଇବେ ବୋଲି ସଲ୍‌ଭେଣ୍ଟ ଏକ୍ସଟ୍ରାକ୍ଟର୍ସ ଆସୋସିଏଶନ (ଏସ୍‌ଇଏ) ପକ୍ଷରୁ ସ୍ପଷ୍ଟୀକରଣରେ ନିକଟରେ କୁହାଯାଇଛି। ଗତ ଏକ ବର୍ଷ ହେବ ଖାଇବାତେଲ ଦର ଉଚ୍ଚରେ ରହି ଆସିଛି। ଖାଇବା ତେଲ ଆମଦାନୀ ଚାପ କମାଇବା ଲାଗି କେନ୍ଦ୍ର ସରକାର ରାଇସ୍ ବ୍ରାନ୍ ଅଏଲ ଭଳି ତେଲ ଉତ୍ପାଦନ ଉପରେ ନିର୍ଭର କରୁଥିବା କହିଛନ୍ତି।

classifieds Everyday
0674-2580101, 2549302

real estate

SALE

1500 sqft. converted land available backside of Utkalheight for sale. Contact: 9337413323. D-71510

୫୫ନଂ. ଜାତୀୟ ରାଜପଥଠାରୁ ୪୨୦ ମିଟର ଦୂରରେ ବିରିବାଟି କଟକ ସଦର ବ୍ଲକ୍‌ରେ ଘର କରିବା ପାଇଁ ଉପଯୋଗୀ ଜମି ଉପଲବ୍ଧ ଅଛି। ଯୋଗାଯୋଗ- 9861033990. D-22171

ଭୁବନେଶ୍ୱର ଗଙ୍ଗପଡ଼ା tollgateରୁ 900mtr ଦୂରତାରେ ଘର ଉପଯୋଗୀ ପ୍ଲଟ୍ ମିଳୁଛି। 8908122121. D-71729

Demarcated ପ୍ଲଟ୍ KEC, ଗୁଡ଼ିଆପୋଖରୀ ପାଖରେ immediate registration & possession, ଅଗ୍ରିମ boundarywall, electricity with 30ft. road, sqft.- 700/-ରେ ମିଳୁଛି। 7008045582, 9692003948. D-22146

Bhubaneswar Puri Bypass NHକୁ ଲାଗି ମେହେରପଲ୍ଲୀ ମୌଜାରେ ସଙ୍ଗେ ସଙ୍ଗେ ଘରକଲାଭଳି Commercial / Residential Plot ମିଳୁଛି । 9337028135. D-71733

6BHK duplex finishing Hanspal (Bank finance available), plot Atala- 8018001810. D-70965

7500-Sqft. land with LPG-GAS godown At Andharua, Bhubaneswar 49 Lakhs, which rent coming Rs. 20,000/- Monthly. Also a LPG-GAS DISTIBUTOR having Domestic and Commercial costumer in all area of Bhubaneswar, BDA and nearby village upto 15-K.M. radios from Bhubaneswar-GPO want to sale 49% of his Business (by adding partner) 99 Lakhs, Contact-9090235210 Broker are allowed (COMMISSION SELLER SIDE). D-22172

Ready to move commercial shops for sale at DHPL Sahoo Residency, Near Mancheswar Railway Station. Contact 9937059891. D-22126

Duplex for sale At-Pokhariput, land area: 2400sqft., construction area: 3600sqft. Contact: 7653927969. D-22078

Plot for Sale, 2000sqft (15nos) per sqft-2000/- Gharabari Plot Main Road side infront of Tata ariana, Vipul Garden Backside Ghatikia Mouza-Sankarpur, BBSR. Water & Electricity available 30'Road NH-5 to 1km. Contact:- 7381564227, 8114744495. D-22136

1/2/3 BHK ready to move apartment for sale at DHPL Enclave 2 Kalarahanga and DHPL Platinum Rudrapur. Contact 9937059891. D-22041

ଭୁବନେଶ୍ୱର ଜଟଣୀଗେଟ୍‌ରୁ ଅଳ୍ପଦୂରତାରେ 1200sqft., 2,80,000/-, ନଖରା ତ୍ରିନାଥ ବଜାର sqft.-150/- (outright). 9439660381. D-22104

Bhubaneswar infocity-2 200' road side near NH-5 gharabari plot sqft. 1450/- Bank finance ଥାଇ ମିଳୁଛି। 7978230118, 9237480561, 8260722312. D-71717

to-let

Semifurnished Airconditioned 2BHK Marble / Car Parking / 8500/- Oldtown ,Bhubaneswar :9437388990. D-70755

House at Nayapalli near DAV/ Stewart School for family. 9438490107. D-71811

Single room for Office/Residence attached Toilet and Kitchen, 5000/month, 5,Kharvelnagar near Keshari Talkies, Bhubaneswar. 9238647661. D-71008

2200sqft., 1200sqft. space for Official purpose and 150sqft. for Parlour/Saloon purpose available at P.C. Plaza, Cuttack road, Bhubaneswar. Contact: 9437048080, 9437048283. D-21912

Single rooms attached Toilet near Sisupalgada College, Bhubaneswar. 9437764734, 9556856822. D-70754

healthcare

Ashirvaad Saloon and SPA get good massage for your health tha best therapy. 7077181074. D-71808

Refreshing your mind and body with the best therapy. 7873794731. D-71197

Newly open SPA positively health benefits by expert therapist. 7846814019. D-71433

DIWALI OFFER Saikrupa Spa @899/- health benefits with Expert. 8984068077. D-22060

Lotus SPA get refreshment, full body massage by smart/ expert therapist. Contact: 8018891951. D-71193

Newly open SPA Center, Diwali Offer 599/-, smart therapist. 8455987557. D-71431

Newly open SPA positively health benefit with expert. Contact: 7749976301. D-71194

LOST

I, Puspalata Nath would like to inform the general public that I have misplaced my original sale deed document bearing No-3195/2003 registered at (SRO), If anyone finds kindly contact-9051185601/ 9178006407 within 15 days of issue of this Ad. At/PO. Mahapada, Mahimagadi, Dist-Dhenkanal. D-70367

AFFIDAVIT

I, Purnima Mishra, W/o Mukesh Mishra, R/o address Hig-43, 7 acres, Chandrasekharpur, Bhubaneswar, Odisha-751016 Change my name Purnima Rani Dash to Purnima Mishra for all purpose affidavit No. 51AA775976 dated 01 Nov, 2021. D-22159

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

LEGAL NOTICE

BEFORE THE NOTARY PUBLIC, BERHAMPUR, GANJAM

AFFIDAVIT

I, Dr. Payal Maharana, aged about 31 years W/o Dr. Abhinash Maharana, D/o Sarat Chandra Maharana, residing of At-Sasibhusan Nagar,

କେନ୍ଦୁଝର ଜଙ୍ଗଲରେ ଲାଗିବ ଟ୍ରାପ୍ କ୍ୟାମେରା

କେନ୍ଦୁଝର,୫।୧୧(ସ୍ୱ.ପ୍ର.)

କେନ୍ଦୁଝର ବନଖଣ୍ଡର ବିଭିନ୍ନ ଜଙ୍ଗଲରେ ଲାଗିବ ଟ୍ରାପ୍ କ୍ୟାମେରା। ଡିଏଫ୍‌ଓ ଡି.ଡି. ଧନରାଜଙ୍କ ଉଦ୍ୟମରେ ପ୍ରଥମ ଥର ପାଇଁ ଡିଭିଜନର ସାତଟି ରେଞ୍ଜରେ ଏଭଳି ୨୪ଟି ସ୍ୱତନ୍ତ୍ର କ୍ୟାମେରା ଲାଗିବ ବୋଲି ଜଣାପଡ଼ିଛି। ଏହି ଉଚ୍ଚଶକ୍ତି ସମ୍ପନ୍ନ କ୍ୟାମେରା ଯେଉଁଥିରେ ରାତିରେ ମଧ୍ୟ ଭଲ ଭାବରେ ଭିଡିଓ ରେକର୍ଡ ହୋଇ ପାରିବ। ଏହା ଦ୍ୱାରା ଜଙ୍ଗଲରୁ କାଠ, ପଥର ଚୋରି ସାଙ୍ଗକୁ ଅବାଧ ପ୍ରବେଶ, ପଶୁ ଶିକାର ଆଦି ରୋକାଯାଇ ପାରିବ। ଏନେଇ ଶୁକ୍ରବାର ବନ ବିଭାଗର ରେଞ୍ଜ ଅଧିକାରୀ ତଥା ଫରେଷ୍ଟରମାନଙ୍କୁ ତାଲିମ ଦିଆଯାଇଛି। ଏହି କ୍ୟାମେରା ସମ୍ବେଦନଶୀଳ ଜଙ୍ଗଲମାନଙ୍କରେ ଲଗାଯିବ। ଏଥିପାଇଁ ରେଞ୍ଜ ଅଧିକାରୀମାନେ ନିଷ୍ପତ୍ତି ନେବେ। ସପ୍ତାହରେ ଥରେ କ୍ୟାମେରାର ଚିପ୍‌କୁ ଯାଞ୍ଚ କରି ସମୀକ୍ଷା କରାଯିବ। ଏହା ଦ୍ୱାରା ବିଶେଷ କରି ହାତୀ ଓ ଅନ୍ୟ ବନ୍ୟ ପ୍ରାଣୀମାନଙ୍କ ଚଳ ପ୍ରଚଳ ନିରୀକ୍ଷଣ ସହ ସେମାନଙ୍କ ସୁରକ୍ଷା କରାଯାଇପାରିବ।

ଭାରତ ସରକାର
ବିକାଶ ଆୟୁକ୍ତ (ଏମ୍‌ଏସ୍‌ଏମ୍‌ଇ)
ସୂକ୍ଷ୍ମ, ଲଘୁ ଏବଂ ମଧ୍ୟମ ଉଦ୍ୟୋଗ ମନ୍ତ୍ରଣାଳୟ
ଏମ୍‌ଏସ୍‌ଏମ୍‌ଇଗୁଡ଼ିକ ପାଇଁ ନିଃଶୁଳ୍କ ଉଦ୍ୟମ ପଞ୍ଜୀକରଣ ଶିବିର
ଆୟୋଜକ
ଏମ୍‌ଏସ୍‌ଏମ୍‌ଇ - ବିକାଶ ସଂସ୍ଥାନ, କଟକ

କ୍ର. ସଂ.	ସ୍ଥାନ	ତାରିଖ ଓ ସମୟ	ଯୋଗାଯୋଗ ବ୍ୟକ୍ତି
୧.	ଏମ୍‌ଏସ୍‌ଏମ୍‌ଇ-ବିକାଶ ସଂସ୍ଥାନ, ବିକାଶ ସଦନ, କଲେଜ ଛକ, କଟକ, ୭୫୩୦୦୩	୧୧।୧୧।୨୦୨୧, ପୂର୍ବାହ୍ନ ୧୧.୦୦ ରୁ ଅପରାହ୍ନ ୦୪.୦୦ ଘ.	ସନ୍ତୋଷ କୁମାର ସାହୁ ସହକାରୀ ନିର୍ଦ୍ଦେଶକ ମୋ.: ୯୦୪୦୨୧୬୯୭୩
୨.	ଶାଖା ଏମ୍‌ଏସ୍‌ଏମ୍‌ଇ-ଡିଆଇ, ସି/୯, ଶିଳ୍ପାଞ୍ଚଳ, ରାଉରକେଲା, ୭୬୯୦୦୪	୦୯।୧୧।୨୦୨୧, ପୂର୍ବାହ୍ନ ୧୧.୦୦ ରୁ ଅପରାହ୍ନ ୦୪.୦୦ ଘ.	ଏସ୍.କେ. ପତି, ସହକାରୀ ନିର୍ଦ୍ଦେଶକ ମୋ.: ୮୨୮୧୮୫୪୫୬୪
୩.	ଶାଖା ଏମ୍‌ଏସ୍‌ଏମ୍‌ଇ-ଡିଆଇ, ଆର୍.କେ. ନଗର, ରାୟଗଡ଼ା, ୭୬୫୦୦୧	୧୧।୧୧।୨୦୨୧, ପୂର୍ବାହ୍ନ ୧୧.୦୦ ରୁ ଅପରାହ୍ନ ୪.୦୦ ଘଟିକା	ଏନ୍. କୋଟିରତ୍ନମ୍, ସହକାରୀ ନିର୍ଦ୍ଦେଶକ, ମୋ.: ୯୪୩୭୨୬୮୪୪୮

ସୂକ୍ଷ୍ମ, ଲଘୁ ଔର ମଧ୍ୟମ ଉଦ୍ୟମ ମଂତ୍ରାଲୟ
Ministry of Micro, Small Medium Enterprises
UDYAM REGISTRATION
MICRO SMALL MEDIUM CHAMPIONS
MAKE IN INDIA
Our Small Hands to Make you LARGE
© GOURAV SINGAL
ଦୟାକରି ଯୋଗାଯୋଗ କରନ୍ତୁ:
ନିର୍ଦ୍ଦେଶକ, ଏମ୍‌ଏସ୍‌ଏମ୍‌ଇ ବିକାଶ ସଂସ୍ଥାନ, କଲେଜ ଛକ, କଟକ, ଓଡ଼ିଶା-୭୫୩୦୦୩
ଶ୍ରୀ ଏସ୍.କେ. ସାହୁ, ସହକାରୀ ନିର୍ଦ୍ଦେଶକ, ମୋ.: ୯୦୪୦୨୧୬୯୭୩ (କଟକ)
ଶ୍ରୀ ଏନ୍. କୋଟିରତ୍ନମ୍, ସହକାରୀ ନିର୍ଦ୍ଦେଶକ, ମୋ.: ୯୪୩୭୨୬୮୪୪୮ (ରାୟଗଡ଼ା)
ଶ୍ରୀ ଏସ୍.କେ. ପତି, ସହକାରୀ ନିର୍ଦ୍ଦେଶକ, ମୋ.: ୮୨୮୧୮୫୪୫୬୪ (ରାଉରକେଲା)
www.msmedicuttack.gov.in
DAVP 25113/11/0037/2122

ପୂର୍ବ ତଟ ରେଳପଥ
ଟେଣ୍ଡର ବିଜ୍ଞପ୍ତି ସଂ. 24/ET/SBP/ENGG/2021-22
ତା. 02.11.2021 ରିଖ
ଇ-ଟେଣ୍ଡର ସଂ. 24-eT-DENC-SBP-21
କାର୍ଯ୍ୟର ନାମ : 03 ମାସ ସମୟାବଧି ନିମନ୍ତେ ମଣ୍ଡଳ ସମ୍ପତ୍ତି / କେନ୍ଦ୍ରୀୟ / ସମ୍ବଲପୁର ପରିସୀମା ଅଧୀନସ୍ଥ ସମ୍ବଲପୁର ମଣ୍ଡଳର ସରଲା - ଦେଓଗାଁ ରୋଡ୍ ସେକ୍ସନରେ ଶୀତଋତୁ ଅବସରରେ ଟ୍ରେନ୍‌ଗୁଡ଼ିକର ସୁରକ୍ଷିତ ଏବଂ ସନ୍ତୋଷଜନକ ଚଳାଚଳ ପାଇଁ ଟ୍ରାକ୍‌ର ଦୈନିକ ନିରୀକ୍ଷଣ ଏବଂ ପହରା (Patrolling)।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : 39,57,851/-, କାର୍ଯ୍ୟ ଶେଷ ହେବା ଅବଧି : 03 ମାସ।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.24.11.2021 ରିଖ 1500 ଘଟିକାରେ।
ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦିଯଦି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।
ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଂ), ସମ୍ବଲପୁର
PR-520/M/21-22

ଛତିଶଗଡ଼, ଓଡ଼ିଶା ବିରୋଧରେ ଅଭିଯୋଗ

ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଉଛି।

ହୀରାକୁଦ ବିସ୍ଥାପିତଙ୍କ ସମସ୍ୟା
ଏନ୍‌ଏଚ୍‌ଆର୍‌ସିରେ ଭୁଲ୍ ସତ୍ୟପାଠ ଦାଖଲ

ସମ୍ବଲପୁର,୫।୧୧(ବ୍ୟୁରୋ)

ସମ୍ବଲପୁର ଜିଲା ହୀରାକୁଦ ବିସ୍ଥାପିତଙ୍କ ଥଇଥାନ ଓ ପୁନର୍ବାସ ସମସ୍ୟା ଉପରେ ଏନ୍‌ଏଚ୍‌ଆର୍‌ସିରେ ଦାଖଲ ହୋଇଥିବା ସତ୍ୟପାଠରେ ଭୁଲ ତଥ୍ୟ ରହିଛି। ଓଡ଼ିଶା ଓ ଛତିଶଗଡ଼ ରାଜ୍ୟର ସଚିବମାନେ ଦେଇଥିବା ତଥ୍ୟରେ ସତ୍ୟତା ନାହିଁ। ଏହାକୁ ହୀରାକୁଦ ବୁଡ଼ି ଅଞ୍ଚଳ ସଂଗ୍ରାମ ସମିତି ପକ୍ଷରୁ ନିନ୍ଦା କରାଯାଉଛି ବୋଲି ଗୁରୁବାର ସାଂସ୍କୃତିକ ସମାଜ ଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସମିତି ସମ୍ପାଦକ ଗୋପୀନାଥ ମାଝି କହିଥିଲେ।

ସେ ଆହୁରି କହିଥିଲେ, ହୀରାକୁଦ ବିସ୍ଥାପିତଙ୍କ ସମସ୍ୟା ନେଇ ସୁପ୍ରିମକୋର୍ଟ ଓକିଲ ରାଧାକାନ୍ତ ତ୍ରିପାଠୀ ଜାତୀୟ ମାନବାଧିକାର କମିଶନଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହାକୁ ନେଇ ଏକ ମାମଲା ରୁଜୁ ହୋଇ ଛତିଶଗଡ଼, ଓଡ଼ିଶାକୁ ରିପୋର୍ଟ ତଲବ କରାଯାଇଥିଲା। ଉଭୟ ରାଜ୍ୟ ସତ୍ୟପାଠରେ ବିସ୍ଥାପିତ ଓ ଥଇଥାନକୁ ନେଇ କୌଣସି ସମସ୍ୟା ନାହିଁ, ସମସ୍ତଙ୍କୁ ସୁବିଧା କରାଯାଇଥିବା ଉଲ୍ଲେଖ କରିଛନ୍ତି। ହେଲେ ବାସ୍ତବରେ ହୀରାକୁଦ ଜଳଭଣ୍ଡାର ପାଇଁ ୧୯୫୫-୫୬ ମସିହାରେ ୨୬,୫୦୧ ବିସ୍ଥାପିତ ପରିବାର ଚିହ୍ନଟ କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୧୩,୪୭୦ ପରିବାରକୁ ଥଇଥାନ ଓ କ୍ଷତିପୂରଣ ପ୍ରଦାନ କରାଯାଇ ନାହିଁ। ସେମାନଙ୍କ ମଧ୍ୟରେ ୩୨୦ ଝାଙ୍କର, ଚୌକିଦାର, ନାରିହା, ଧୋବା ପରିବାର ରହିଛନ୍ତି। ମାତ୍ର ୫୦ ପ୍ରତିଶତ କ୍ଷତିପୂରଣ ରାଶି ପ୍ରଦାନ କରାଯାଇ ବାକି ୫୦ ପ୍ରତିଶତ ଦିଆଗଲା ନାହିଁ। ୯,୯୧୩ ଜଣଙ୍କୁ କ୍ଷତିପୂରଣ ଦିଆଯାଇ ନ ଥିବା ଓଡ଼ିଶା ବିଧାନସଭାରେ ୧୯୮୭ ମସିହାରେ ତତ୍‌କାଳୀନ ମନ୍ତ୍ରୀ ଯୁଗଳ କିଶୋର ପଟ୍ଟନାୟକ ପ୍ରଶ୍ନୋତ୍ତରରେ ପ୍ରକାଶ କରିଥିଲେ। ବାରମ୍ବାର ଦାବି ଓ ଆଇନର ଆଶ୍ରୟ ନେବା ପରେ ସେଥିମଧ୍ୟରୁ ୩୫୪୦ ଜଣଙ୍କୁ ଏକର ପିଛା ୧୦ ହଜାର ଟଙ୍କା ହିସାବରେ ଅନୁକମ୍ପା ରାଶି ଦିଆଯାଇଥିଲା। ୫୨୦୪ ପରବାରକୁ କୂଅ, ଗଛ, ମନ୍ଦିର, ଗୌନ୍ତିଆ ଭାଗ ବାବଦକୁ କ୍ଷତିପୂରଣ ଦିଆଯାଇ ନାହିଁ। ଏହାଛଡା ୨୦୦୨ରେ ବିସ୍ଥାପିତମାନଙ୍କୁ ୧୦ ଡେସିମିଲ ଲେଖାଏ ଜମି ଯୋଗାଇଦେବାକୁ ସରକାର ନିଷ୍ପତ୍ତି ନେଇଥିଲେ। ହେଲେ ଆଜିପର୍ଯ୍ୟନ୍ତ ଜମି ଦେଲେ ନାହିଁ। ସମ୍ବଲପୁର ଜିଲାର ରେଙ୍ଗାଲି ତହସିଲରେ ୨୨୧ ଜଣ, ଜମନକିରା ତହସିଲରେ ୨୦୧, କୁଚିଣ୍ଡା ତହସିଲରେ ୨୫ ଜଣଙ୍କୁ ୧୦ ଡେସିମିଲ ଲେଖାଏ ଜମି ଦେଇ ସମସ୍ତଙ୍କୁ ଦିଆଯାଇଥିବା ଉଲ୍ଲେଖ କରାଯାଇଛି। ସୁନ୍ଦରଗଡ଼ ଜିଲାରେ ୧ ହଜାରରୁ ଅଧିକ ପରିବାର ଜମି ପାଇଁ କରିଥିବା ଆବେଦନ ଉପରେ ପଦକ୍ଷେପ ଗ୍ରହଣ କରାଯାଉ ନାହିଁ। ଜଳଭଣ୍ଡାର ସୀମାରେ ଥିବା ୩୪ ଗୋଟି ଅଣରାଜସ୍ୱ ଗ୍ରାମକୁ ଜଳସମ୍ପଦ ବିଭାଗ ରାଜସ୍ୱ ବିଭାଗକୁ ହସ୍ତାନ୍ତର କରିଛି। ହେଲେ ଏପର୍ଯ୍ୟନ୍ତ ସର୍ଭେ କାର୍ଯ୍ୟ ଆରମ୍ଭ ହୋଇପାରି ନାହିଁ। ଏଭଳି ବିଭ୍ରାନ୍ତିକର ତଥ୍ୟ ପ୍ରଦାନ ନ କରି ବିସ୍ଥାପିତମାନଙ୍କ ସମସ୍ୟା ସମାଧାନ ଦିଗରେ ପଦକ୍ଷେପ ଗ୍ରହଣ କରାଯାଉ। ନଚେତ୍ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ସମିତି ଚେତାବନୀ ଦେଇଛି। ଅନ୍ୟମାନଙ୍କ ମଧ୍ୟରେ ମିତ୍ରଭାନୁ ପୋଢ଼, ନନ୍ଦଲାଲ ସାହୁ, ଏକାମ୍ର ଭୋଇ, ଦ୍ୱାରିକା ପ୍ରସାଦ ସା ପ୍ରମୁଖ ଉପସ୍ଥିତ ଥିଲେ।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

REQUIRED
1)Mechanical Fitter-cum-Welder
2)Electrical Shift incharge
3)Washery Oppreter (HM BATH), Minimum 5years experience in Washery. Interested candidates may send their resume to
Mail id- hrjhars@gmail.com
Mob- + 91 81200 04222

WANTED
We urgenty required Telecaller & Marketing Executive for our office with Salary- 5000/- + Incentive 5%. SATYANJANA PROPERTIES PVT. LTD. (Real Estate Company), N1/200, IRC Village, Nayapalli, Bhubaneswar.
9937605788 (M)

See Career Appointment on every Wednesday & Saturday

LADY PEON - 1
LADY OFFICE EXECUTIVE - 1
ଆବଶ୍ୟକ। Phulnakhara, Cuttack. Rahiba, Khaiba within 7500/- & 10,000/-.
7809525452

OFFICE OF THE PRINCIPAL
JANATA COLLEGE, SATMILE, HINDOL, DHENKANAL
No. 491/21 Date: 30.10.21
WALK-IN-INTERVIEW
Walk-in-Interview for the Post of Lecturer in Physics, Chemistry, Zoology and Demonstrator in Botany, Chemistry on Contractual Basis will be held on 12.11.2021 at 11.30 A.M. Eligible candidates may attend the interview with Original Certificate in the College premises. No TA/DA is allowed.
Sd./- Principal, Janata College, Satmile, Hindol

ତହସିଲଦାରଙ୍କ କାର୍ଯ୍ୟାଳୟ, ସାରସକଣା, ମୟୂରଭଞ୍ଜ
ନୋଟିସ ସଂଖ୍ୟା ୨୯୯୧/ ସଇରାତ ତା ୨୫।୧୦।୨୦୨୧ରିଖ
ଦୀର୍ଘ ମିଆଦୀ ଲିଜ୍ ନିମନ୍ତେ ନିଲାମ ଇସ୍ତାହାର
No.F-209:- ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଓଡ଼ିଶା ଲଘୁ ଖଣିଜ ରିହାତି ଆଇନ (OMMC rules 2016) ଓ ଓଡ଼ିଶା ଲଘୁ ଖଣିଜ ରିହାତି ପରବର୍ତ୍ତୀ ଶେଷତମ ସଂଶୋଧନ ଆଇନ ଅନୁଯାୟୀ, ଓଡ଼ିଶା ସରକାରଙ୍କ ରାଜସ୍ୱ ବିଭାଗ ଅଧୀନସ୍ଥ ମୟୂରଭଞ୍ଜ ଜିଲା ସାରସକଣା ତହସିଲ ଅନ୍ତର୍ଗତ ୨ ଗୋଟି ସଇରାତ ଉତ୍ସ (ବାଲୁକା ଶଯ୍ୟା)ଗୁଡିକର ଆସନ୍ତା ୫(ପାଞ୍ଚ) ବର୍ଷ ନିମନ୍ତେ ଦୀର୍ଘ ମିଆଦୀ ଲିଜ୍ ପାଇଁ ଇଚ୍ଛୁକ ଥିବା ବ୍ୟକ୍ତିମାନଙ୍କଠାରୁ ଦରଖାସ୍ତ ଆହ୍ୱାନ କରାଯାଉଅଛି । ତେଣୁ ଆବେଦନକାରୀ OMMC Rules 2016ରେ Form-M (3 copies) ପୂରଣ କରି ଆବଶ୍ୟକୀୟ କାଗଜାତ/ ଦସ୍ତାବିଜ ସହ ଏହି ତହସିଲ ପତ୍ର ସଂଖ୍ୟା ୨୯୯୧ / ସଇରାତ ତା ୨୫।୧୦।୨୦୨୧ରିଖରେ ଦିଆଯାଇଥିବା ସର୍ତ୍ତାବଳୀ ମୁତାବକ ତା୧୭।୧୧।୨୦୨୧ରିଖ ଅପରାହ୍ନ ୫ ଘଟିକା ସୁଦ୍ଧା ଆବେଦନ କରିପାରିବେ । ଏ ସଂକ୍ରାନ୍ତୀୟ ସମ୍ପୂର୍ଣ୍ଣ ସର୍ତ୍ତାବଳୀ ମୟୂରଭଞ୍ଜ website: www.mayurbhanj.nic.inରୁ ଓ ତହସିଲ କାର୍ଯ୍ୟାଳୟ ନୋଟିସ ବୋର୍ଡରୁ ଜାଣିପାରିବେ।

କ୍ର. ନଂ.	ମୌଜାର ନାମ	ସଇରାତ ଉତ୍ସର ନାମ	ଖାତା ନଂ.	ପ୍ଲଟ୍ ନଂ.	କିସମ	ରକବା	ବାର୍ଷିକ ବାଲି ଉଠାଇବାର ପରିମାଣ (In cu.m)
୧	୨	୩	୪	୫	୬	୭	୮
୧	ଶୀର୍ଷା	ରୁଗୁଡ଼ିସାହି ବାଲି ଉତ୍ସ	୪୫୦	୨୩୦୧/ ୨୩୨୭	ନଦୀ	୧୨.୩୫ acres / ୫ hect.	୫୦,୫୦୦
୨	ଯମୁନାପାଳ କୁମ୍ଭୀରମୁଣ୍ଡି	ଯମୁନାପାଳ କୁମ୍ଭୀରମୁଣ୍ଡି ବାଲି ଉତ୍ସ	୪୪ ୧୫	୧/୧ ୧/୧	ନଦୀ	୮.୫୨ acres ୩.୮୩ acres ୧୨.୩୫ acres / ୫ hect.	୪୨,୦୦୦

ସ୍ୱା./- ତହସିଲଦାର, ସାରସକଣା
OIPR-24101/11/0002/2122

ଭୁଲ୍ ଇଞ୍ଜେକ୍ସନରୁ ରୋଗୀ ମୃତ୍ୟୁ ଅଭିଯୋଗ

ବାଲିଗୁଡ଼ା(ଡି.ଏନ.ଏ.)/ ଫୁଲବାଣୀ ଅଫିସ୍, ୫।୧୧

ଉତ୍ତ୍ୟକ୍ତ ଲୋକେ ରାସ୍ତା ଅବରୋଧ କରିଛନ୍ତି।

କନ୍ଧମାଳ ଜିଲା ବାଲିଗୁଡ଼ା ଉପଖଣ୍ଡ ଚିକିତ୍ସାଳୟରେ ଭୁଲ ଇଞ୍ଜେକ୍ସନ ଦିଆଯିବାରୁ ଗତ ଗୁରୁବାର ରାତିରେ ଜଣେ ରୋଗୀଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ମୃତକ ହେଲେ ବାଲିଗୁଡ଼ା ବ୍ଲକ ସଲାଗୁଡା ପଞ୍ଚାୟତର ତେଲେପଙ୍ଗା ଗ୍ରାମର ରବିଚନ୍ଦ୍ର ଦିଗାଲ। ଶୁକ୍ରବାର ମୃତକଙ୍କ ପରିବାର ଲୋକେ କ୍ଷତିପୂରଣ ଦାବିରେ ୫୯ ନଂ.ଜାତୀୟ ରାଜପଥ ଅବରୋଧ କରିଥିଲେ। ପ୍ରାୟ ୭ ଘଣ୍ଟା ପରେ ଉପଜିଲାପାଳ ପହଞ୍ଚି ଘଟଣାର ତଦନ୍ତ ପ୍ରତିଶ୍ରୁତି ଦେବାପରେ ରାସ୍ତାରୋକା ହଟିଛି।

ପ୍ରକାଶ ଯେ, ରବିଚନ୍ଦ୍ରଙ୍କ ଗୋଡ଼ବ୍ୟଥା ସହ ଜ୍ୱର ହେଉଥିଲା। ସମ୍ପର୍କୀୟ ଲୋକେ ତାଙ୍କୁ ଗୁରୁବାର ବାଲିଗୁଡ଼ା ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ରବିଚନ୍ଦ୍ରଙ୍କୁ ଡାକ୍ତର କୌଣସି ଏକ ଇଞ୍ଜେକଶନ ଦେଇଥିଲେ। ଏହାର କିଛି ସମୟ ପରେ ତାଙ୍କର ମୃତ୍ୟୁ ଘଟିଥିଲା। ଭୁଲ ଇଞ୍ଜେକସନରୁ ତାଙ୍କର ମୃତ୍ୟୁ ଘଟିଲା ବୋଲି ପରିବାର ଓ ସ୍ଥାନୀୟ ଲୋକେ ଅଭିଯୋଗ କରି ସମ୍ପୃକ୍ତ ଡାକ୍ତରଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ସହ କ୍ଷତିପୂରଣ ଦାବିରେ ଆନ୍ଦୋଳନ କରିଥିଲେ। ବାଲିଗୁଡ଼ା ତହସିଲଦାର ଶଶାଙ୍କ ଶେଖର ପାତ୍ର, ଏସ୍‌ଡିପିଓ ମନୋଜ ପୂଜାରୀ, ଥାନାଧିକାରୀ ବାବାଶଙ୍କର ସରାଫଙ୍କ ସମେତ ଅନ୍ୟ ପୋଲିସ କର୍ମଚାରୀ ପହଞ୍ଚି ସେମାନଙ୍କୁ ବୁଝାଶୁଝା କରିଥିଲେ। ଦାବି ପୂରଣ ନ ହେଲେ ରାସ୍ତାରୋକୋରୁ ହଟିବୁନି ବୋଲି ଆନ୍ଦୋଳନକାରୀ ଜିଦ୍ ଧରିଥିଲେ। ପରେ ବାଲିଗୁଡ଼ା ଉପଜିଲାପାଳ ଡ. ଶୁଭଙ୍କର ମହାପାତ୍ର ପହଞ୍ଚି ଚିକିତ୍ସାରେ ଅବହେଳାର ତଦନ୍ତ ଲାଗି ଏକ ଟିମ ଗଠନ ସହ ମୃତକ ପରିବାରକୁ ରେଡକ୍ରସ ତରଫରୁ ୩୦ହଜାର ଟଙ୍କା, ପରିବାରର ଜଣକୁ ଚାକିରି ସହ ଡାକ୍ତର ପଦବୀ ଖୁବଶୀଘ୍ର ପୂରଣ କରାଯିବ ବୋଲି ଉପଜିଲାପାଳ ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ହଟିଛି।

କ୍ଷତିପୂରଣ ଦାବିରେ ରାସ୍ତାରୋକୋ, ପ୍ରତିଶ୍ରୁତି ପରେ ହଟିଲା

ଇନ୍‌ଷ୍ଟିଟ୍ୟୁଟ ଅଫ ବ୍ୟାଙ୍କିଂ ପର୍ସୋନେଲ ସିଲେକ୍ସନ
(ଭାରତୀୟ ରିଜର୍ଭ ବ୍ୟାଙ୍କ, କେନ୍ଦ୍ରୀୟ ବିତ୍ତୀୟ ସଂସ୍ଥାଓଁ ଓ ସାର୍ବଜନିକ କ୍ଷେତ୍ର ବ୍ୟାଙ୍କୋଁ ଦ୍ୱାରା ସ୍ଥାପିତ (ଏକ ସ୍ୱାୟତ ସଂସ୍ଥା)
INSTITUTE OF BANKING PERSONNEL SELECTION
(An autonomous body set up by Reserve Bank of India, Central Financial Institutions and Public Sector Banks)
IBPS ପ୍ରତାଭିଭାଯନ୍ମ
ଅସେସମେଂଟ ମେଂ, ହମ ପର ଭରୋସା ରଖତା ହୈ ଭାରତ
In assessment, India trusts us
ୱେବସାଇଟ ଦେଖିବା ହେତୁ ସ୍କାନ କରନ୍ତୁ
Scan to visit Website
ପ୍ରାଧିକୃତ ୱେବ୍‌ସାଇଟ୍: www.ibps.in
ପ୍ରଶ୍ନ/ଅଭିଯୋଗ କ୍ଷେତ୍ରରେ ଦୟାକରି ଲଗ୍‌ଇନ୍ କରନ୍ତୁ https://cgrs.ibps.in/
ଅଂଶଗ୍ରହଣକାରୀ ବ୍ୟାଙ୍କଗୁଡ଼ିକରେ ସ୍ପେଶାଲିଷ୍ଟ ଅଫିସର୍ସ ନିଯୁକ୍ତି ନିମନ୍ତେ ସାଧାରଣ ନିଯୁକ୍ତି ପ୍ରକ୍ରିୟା
(୨୦୨୨-୨୩ର ଖାଲିପଦବୀଗୁଡ଼ିକ ନିମନ୍ତେ ସିଆର୍‌ପି ଏସ୍‌ପିଏଲ୍-XI)
ଅଂଶଗ୍ରହଣକାରୀ ବ୍ୟାଙ୍କଗୁଡ଼ିକରେ ନିମ୍ନ ତାଲିକା ଅନୁଯାୟୀ ସ୍ପେଶାଲିଷ୍ଟ ଅଫିସର୍ସ କ୍ୟାଡର୍ ପଦବୀରେ କର୍ମଚାରୀ ଚୟନ ପାଇଁ ପରବର୍ତ୍ତୀ ସାଧାରଣ ନିଯୁକ୍ତି ପ୍ରକ୍ରିୟା (ସିଆର୍‌ପି) ଲାଗି ଅନ୍‌ଲାଇନ୍ ପରୀକ୍ଷା (ପ୍ରିଲିମିନାରି ଏବଂ ମେନ୍) ଡିସେମ୍ବର ୨୦୨୧/ଜାନୁୟାରୀ ୨୦୨୨ରେ ଅନୁଷ୍ଠିତ ହେବା ସମ୍ଭାବନା ଅଛି।

କ୍ର.ସଂ.	ପଦବୀ	ସମ୍ଭାବ୍ୟ ଖାଲିପଦବୀ
୦୧	ଆଇ.ଟି. ଅଫିସର୍ (ସ୍କେଲ୍-I)	୨୨୦
୦୨	ଏଗ୍ରିକଲ୍‌ଚରାଲ୍ ଫିଲ୍ଡ ଅଫିସର୍ (ସ୍କେଲ୍ I)	୮୮୪
୦୩	ରାଜଭାଷା ଅଧିକାରୀ (ସ୍କେଲ୍ I)	୮୪
୦୪	ଲ' ଅଫିସର୍ (ସ୍କେଲ୍ I)	୪୪
୦୫	ଏଚ୍‌ଆର୍/ପର୍ସୋନେଲ୍ ଅଫିସର୍ (ସ୍କେଲ୍ I)	୬୧
୦୬	ମାର୍କେଟିଂ ଅଫିସର୍ (ସ୍କେଲ୍ I)	୫୩୫

କାର୍ଯ୍ୟକ୍ରମର ସମ୍ଭାବ୍ୟ ସମୟସୂଚୀ ନିମ୍ନ ଅନୁଯାୟୀ ହେବ:

କାର୍ଯ୍ୟକ୍ରମ	ସମ୍ଭାବ୍ୟ ତାରିଖ
ଅନ୍‌ଲାଇନ୍ ପଞ୍ଜୀକରଣ ସମେତ ପ୍ରାର୍ଥୀମାନଙ୍କ ଦ୍ୱାରା ଦରଖାସ୍ତର ସମ୍ପାଦନ/ସଂଶୋଧନ	୦୩।୧୧।୨୦୨୧ – ୨୩।୧୧।୨୦୨୧
ଦରଖାସ୍ତ ଦେୟ/ଇଣ୍ଟିମେଶନ୍ ଶୁଳ୍କ ପେଠ (ଅନ୍‌ଲାଇନ୍)	୦୩।୧୧।୨୦୨୧ – ୨୩।୧୧।୨୦୨୧
ଅନ୍‌ଲାଇନ୍ ପରୀକ୍ଷା – ପ୍ରିଲିମିନାରି ନିମନ୍ତେ କଲ୍ ଲେଟର୍ ଡାଉନ୍‌ଲୋଡ୍	ଡିସେମ୍ବର ୨୦୨୧
ଅନ୍‌ଲାଇନ୍ ପରୀକ୍ଷା - ପ୍ରିଲିମିନାରି	**୨୬।୧୨।୨୦୨୧**
ଅନ୍‌ଲାଇନ୍ ପରୀକ୍ଷା – ପ୍ରିଲିମିନାରିର ପରୀକ୍ଷାଫଳ	ଜାନୁୟାରୀ ୨୦୨୨
ଅନ୍‌ଲାଇନ୍ ପରୀକ୍ଷା–ମେନ୍ ନିମନ୍ତେ କଲ୍ ଲେ

ମାନବୀୟ ପ୍ରଗତିର ପୂର୍ଣ୍ଣାଙ୍ଗ ପରିଣତି ପାଇଁ ମନୁଷ୍ୟ ପକ୍ଷରେ ୟୁରୋପୀୟ ସଭ୍ୟତାର ମାନସିକ, ପ୍ରାଣିକ ଓ ଶାରୀରିକ ଉତ୍କର୍ଷର ଗୁରୁତ୍ୱ ଏବଂ ଭାରତୀୟ ସଭ୍ୟତାର ଆଧ୍ୟାତ୍ମିକ ଓ ଟୈତ୍ତିକ ବିକାଶର ପ୍ରେରଣା– ଉଭୟବିଧ ପ୍ରବୃତ୍ତିର ସମ୍ୟକ ଆବଶ୍ୟକତା ରହିଅଛି। – ଶ୍ରୀଅରବିନ୍ଦ

ପଦବୀ ବିବାଦ

ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ମିଜୋରାମରେ ଏବେ ଏକାବେଳକେ ଦୁଇଜଣ ମୁଖ୍ୟ ସଚିବ ନିଯୁକ୍ତି ପାଇଛନ୍ତି ଓ ଏଥିପାଇଁ ସେଠାରେ ଏକ କୌତୂହଳପୂର୍ଣ୍ଣ ସ୍ଥିତି ଉପୁଜିଛି। କେନ୍ଦ୍ର ବରିଷ୍ଠ ଆଇଏଏସ୍ ଅଧିକାରୀ ରେଣୁ ଶର୍ମାଙ୍କୁ ମିଜୋରାମର ମୁଖ୍ୟ ସଚିବ ଭାବେ ନିଯୁକ୍ତ କରିଥିବାବେଳେ ଅନୁରୂପ ଭାବେ ରାଜ୍ୟ ସରକାର ଅତିରିକ୍ତ ମୁଖ୍ୟ ସଚିବ ଜେ.ସି. ରାମଥଙ୍ଗାଙ୍କୁ ସମାନ ପଦବୀରେ ନିଯୁକ୍ତି ଦେଇଛନ୍ତି। ଉଭୟଙ୍କ ନିଯୁକ୍ତି ନଭେମ୍ବର ୧ରୁ କାର୍ଯ୍ୟକାରୀ ହୋଇଛି। ଯୋଗ୍ୟ ବା ଅଧିକାରପ୍ରାପ୍ତ ଅଥରିଟିର ସୁପାରିସ କ୍ରମେ ଶର୍ମାଙ୍କ ନିଯୁକ୍ତି ସ୍ୱଚ୍ଛ କରାଯାଇଛି ବୋଲି କେନ୍ଦ୍ର ଦାବି କରୁଥିବାବେଳେ ଏହା ଆଦୌ କରାଯାଇ ନାହିଁ। ସେହି ଗୋଟିଏ ପଦବୀରେ ରେଣୁ ଶର୍ମା ନା ରାମଥଙ୍ଗା ରହିବେ, ତାକୁ ନେଇ ଏବେ ପ୍ରଶ୍ନ ଉଠୁଛି। ତେବେ ଏହି ଅଜବ ଘଟଣାରୁ ସ୍ପଷ୍ଟ ଜଣାପଡୁଛି ଯେ, କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ସମନ୍ୱୟର ଅଭାବ ରହିଛି ଯେଉଁଥିପାଇଁ ଏଭଳି ଏକ ଅଡୁଆ ପରିସ୍ଥିତି ସୃଷ୍ଟି ହୋଇଛି। ବର୍ତ୍ତମାନ କେଉଁ ଆଧାରରେଏଭଳି ଘଟିବାକୁ ଦିଆଗଲା ତାହା ଏକ ବଡ଼ ପ୍ରଶ୍ନ। ଆଉ ମଧ୍ୟ ପ୍ରଶ୍ନ ଉଠୁଛି ଯେ, ଏହି ଘଟଣାର ସମାଧାନ ପାଇଁ ସିଭିଲ ସର୍ଭିସ ନିୟମରେ କିଛି ବାଟ ରହିଛି ନା ନ୍ୟାୟାଳୟରେ ଏହି ପଦବୀ ବିବାଦର ପୂର୍ଣ୍ଣଚ୍ଛେଦ ପଡ଼ିବ। ନିଯୁକ୍ତିପ୍ରାପ୍ତ ଦୁଇ ଅଧିକାରୀ ଏଥିରୁ ଓହରିଯିବା ଲାଗି ଏକମତ ହେବେ କି ? ନା,ଏସବୁ ଘଟିବା ଏତେ ସହଜ ନୁହେଁ।

ଖେମ୍‌କା ଭୟ

ହରିୟାଣାର ବରିଷ୍ଠ ଆଇଏଏସ୍ ଅଧିକାରୀ ତଥା ଜଣାଶୁଣା ହ୍ୱିସିଲ୍‌ବ୍ଲୋୟର ଅଶୋକ ଖେମ୍‌କାଙ୍କୁ ତାଙ୍କ ୨୯ ବର୍ଷ ଚାକିରିକାଳ ମଧ୍ୟରେ ୫୪ ଥର ବଦଳି କରାଯାଇଛି। ବାରମ୍ବାର ବଦଳି କରାଯାଉଥିବାରୁ ଏଭଳି ଘଟଣା ପ୍ରାୟତଃ ଚର୍ଚ୍ଚାକୁ ଆସୁନାହିଁ। ତେବେ ସିଭିଲ ସର୍ଭିସରେ ଖେମ୍‌କାଙ୍କ ବଦଳି ସମ୍ଭବତଃ ଏକ ପ୍ରକାର ରେକର୍ଡ। ଏହି ବରିଷ୍ଠ ବାବୁଙ୍କର ତାଙ୍କ ପଲିଟିକାଲ ମାଷ୍ଟରଙ୍କ ସହ ସବୁବେଳେ ବିବାଦ ଲାଗି ରହିଛି। ଏହା ହରିୟାଣା ରାଜନେତାଙ୍କୁ ବିଚଳିତ କରିଦେଇଛି ଓ ସମସ୍ତଙ୍କୁ 'ଖେମ୍‌କା ଭୟ' ଗ୍ରାସିଛି। ଏବେ ଆର୍କାଇଭସ୍, ଆର୍କିଓଲୋଜି ଏବଂ ମ୍ୟୁଜିୟମ୍‌ର ପ୍ରମୁଖ ସଚିବ ଭାବେ କାର୍ଯ୍ୟ କରୁଥିବା ୧୯୯୧ ବ୍ୟାଚ୍ ଆଇଏଏସ୍ ଅଧିକାରୀ ଖେମ୍‌କାଙ୍କୁ ମାତ୍ର ୧୧ ମାସ ପରେ ବିଜ୍ଞାନ ଏବଂ ପ୍ରଯୁକ୍ତି ଓ ମତ୍ସ୍ୟପାଳନ ବିଭାଗକୁ ବଦଳି କରାଯାଇଛି। ଏହି ବଦଳି ପାଇଁ କୌଣସି କାରଣ ଦର୍ଶାଯାଇନାହିଁ। ତେବେ ସବୁ ବଦଳି ଭଳି ଏଥର ବି ଖେମ୍‌କାଙ୍କୁ ଏହା ସେମିତି କିଛି ଅସାଧାରଣ ମନେହୋଇନାହିଁ। କିନ୍ତୁ ପର୍ଯ୍ୟବେକ୍ଷକଙ୍କ ସୂତ୍ରରୁ ପ୍ରକାଶ ଯେ,ହରିୟାଣା ମୁଖ୍ୟମନ୍ତ୍ରୀ ମନୋହରଲାଲ ଖଟ୍ଟାର ଏବଂ ଗୃହମନ୍ତ୍ରୀ ଅନୀଲ ଭିଜ୍‌ଙ୍କ ରାଜନୈତିକ ବିବାଦ ମଧ୍ୟରେ ଖେମ୍‌କା ଫସିଯାଇଛନ୍ତି। ଖେମ୍‌କା ଭିଜ୍‌ଙ୍କ ଖୁବ୍ ନିକଟତର ବୋଲି କୁହାଯାଉଛି। ଏହା ମଧ୍ୟ ସତ ଯେ, ବିଶେଷକରି ହରିୟାଣାର ଆରାବଳି ପାର୍ବତ୍ୟାଞ୍ଚଳକୁ ବେଆଇନ ମାଇନିଂ ଏବଂ କନଷ୍ଟ୍ରକ୍‌ଶନରୁ ରକ୍ଷା କରିବା ପାଇଁ ଖେମ୍‌କାଙ୍କର ପ୍ରବଳ ଆଗ୍ରହ ରହିଛି ଓ ଏହା ଉପରେ ସେ ଉତ୍‌ଥାପନ କରୁଥିବା ଅଡୁଆ ପ୍ରଶ୍ନ ସବୁବେଳେ ସରକାରଙ୍କୁ ସମସ୍ୟାରେ ପକାଉଛି। ଏଥିପାଇଁ ସରକାର ଚିଡ଼ିଯାଇଛନ୍ତି। ଖେମ୍‌କା ଏହି ସ୍ଥିତିରୁ ବାହାରି ଆସିବା ଲାଗି ଚେଷ୍ଟା କରି ମଧ୍ୟ ସଫଳ ହୋଇନାହାନ୍ତି। କେନ୍ଦ୍ର ନିଯୁକ୍ତି ତାଲିକାରେ ସାମିଲ କରିବା ପାଇଁ ସେ ଆବେଦନ କରିଥିଲେ। ହେଲେ କେନ୍ଦ୍ର ସରକାରରେ ତାଙ୍କର ଅଭିଜ୍ଞତା ଅଭାବ ଥିବା ଦର୍ଶାଇ ଗତମାସ ପ୍ରାରମ୍ଭରେ କାର୍ମିକ ଓ ପ୍ରଶିକ୍ଷଣ ବିଭାଗ(ଡିଓପିଟି) ଉକ୍ତ ଆବେଦନଦନକୁ ଖାରଜ କରିଦେଇଥିଲା। ଏଥିରୁ ସ୍ପଷ୍ଟ ଯେ, କେନ୍ଦ୍ର ହ୍ୱିସିଲ୍‌ବ୍ଲୋୟର ଖେମ୍‌କାଙ୍କୁ ଗ୍ରହଣ କରିବାକୁ ନାରାଜ। ତେବେ ହରିୟାଣା ସରକାର ତାଙ୍କୁ ଭଲ ପାଆନ୍ତୁ କି ନାହିଁ ତାଙ୍କ ଚାପ ସହି କାର୍ଯ୍ୟ କରିବେ।

ସମନ୍ୱୟ ଲୋଡ଼ା

ଏୟାର ଇଣ୍ଡିଆର ବିନିବେଶ ପ୍ରକ୍ରିୟା ଶେଷ ହୋଇଛି। ଟାଟା ଏହାକୁ ନେବା ପରେ ଏହାର ସବୁ ବକେୟା ଦେୟ ତୁରନ୍ତ ଦେଇଦେବା ପାଇଁ ସରକାର ସମସ୍ତ କେନ୍ଦ୍ର ମନ୍ତ୍ରଣାଳୟକୁ ନିର୍ଦ୍ଦେଶ ଦେଇଛନ୍ତି। ଫଳରେ ଅର୍ଥ ମନ୍ତ୍ରଣାଳୟ ଏବଂ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ଟାଟାକୁ ଏକ ବକେୟା ମୁକ୍ତ ଏୟାରଲାଇନ ହସ୍ତାନ୍ତର କରିପାରିବେ। ବିଭିନ୍ନ ମନ୍ତ୍ରଣାଳୟ, ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଏବଂ ଅନ୍ୟ ବିଭାଗଗୁଡ଼ିକୁ ଭିଭିଆଇପି, ମନ୍ତ୍ରୀ ଏବଂ ବିଦେଶୀ ପଦାଧିକାରୀମାନଙ୍କ ଯାତାୟାତ ଖର୍ଚ୍ଚକୁ ଛାଡ଼ି ଏୟାରଲାଇନ୍‌କୁ ୬୦୦ କୋଟି ଟଙ୍କାରୁ ଅଧିକ ଦେବାକୁ ଅଛି। ଏ ସଂକ୍ରାନ୍ତରେ ବର୍ତ୍ତମାନ ଅର୍ଥ ମନ୍ତ୍ରଣାଳୟର ବ୍ୟୟ ବିଭାଗ ପକ୍ଷରୁ ଏକ ନିର୍ଦ୍ଦେଶ ଜାରି କରାଯାଇଛି। ବିଭାଗୀୟ ନିର୍ଦ୍ଦେଶକ ନିର୍ମଳା ଦେବ କହିଛନ୍ତି , ଅଂଶଧନ ବିକ୍ରି ପରେ ଟିକେଟ କିଣିବା ପାଇଁ ଏୟାର ଇଣ୍ଡିଆ ଦେଉଥିବା କ୍ରେଡିଟ୍ ସୁବିଧା ବନ୍ଦ କରିଦେବାରୁ ଏସବୁ ନଗଦ ଆକାରରେ ଦେବାକୁ ପଡ଼ିବ। ଏହାସହ ସବୁ ବକେୟା ଟଙ୍କା ଏକକାଳୀନ ପଇଠ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି । ବକେୟା ଅର୍ଥ ଫେରିପାଇପାରିଲେ ବୃତ୍ତାନ୍ତ ହସ୍ତାନ୍ତର ପୂର୍ବରୁ ଆର୍ଥିକ ସମସ୍ୟା ଦେଇ ଗତି କରୁଥିବା ଏୟାରଲାଇନର ପ୍ରଥମଥର ଲାଗି ଏକ ସ୍ୱଚ୍ଛ ବାଲାନ୍ସ ଶିଟ୍ ପ୍ରସ୍ତୁତ କରିବାକୁ ପଦକ୍ଷେପ ନିଆଯାଇପାରିବ। ତେବେ ଏହା ପାଇଁ ଅର୍ଥ ଏବଂ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ଓ ବିନିବେଶ ସଚିବ ତୁହିନ କାନ୍ତ ପାଣ୍ଡେଙ୍କ ମଧ୍ୟରେ ସୁଚିନ୍ତିତ ସମନ୍ୱୟ ଆବଶ୍ୟକ। ଡିସେମ୍ବର ଶେଷସୁଦ୍ଧା ଏୟାରଇଣ୍ଡିଆ ହସ୍ତାନ୍ତର ପାଇଁ ସରକାର ଯେଉଁ ସମୟ ସୀମା ନିର୍ଦ୍ଧାରଣ କରିଛନ୍ତି ତାହାକୁ ପୂରଣ କରିବେ ବୋଲି ସୁନିଶ୍ଚିତ କରିବାକୁ ହେବ। କେବଳ ବକେୟା ଦେୟଗୁଡ଼ିକ ଦେଇଦେଲେ ହେବ ନାହିଁ, ବରଂ କମ୍ପିଟିଶନ କମିଶନ ଅଫ୍ ଇଣ୍ଡିଆ (ସିସିଆଇ) ସମେତ ବିଭିନ୍ନ ବୈଧାନିକ ମଞ୍ଜୁରୀ ମଧ୍ୟ ନିଶ୍ଚିତ କରିବାକୁ ହେବ।

Email: dilipcherian@gmail.com

su | do | ku — ସୁ-ଡୋ-କୁ

Puzzles by Srikant Ghosh

	4				2			
		3	5					
		1				6		2
4		6	8		7	9		
			9					5
9				6		7		
		2				1		
				2	3			7
	3		6					

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

6	4	5	1	7	2	8	9	3
1	3	7	4	9	8	6	5	2
8	2	9	6	3	5	1	4	7
5	1	3	8	6	7	4	2	9
4	7	2	9	1	3	5	6	8
9	8	6	2	5	4	3	7	1
7	5	8	3	4	9	2	1	6
2	6	4	7	8	1	9	3	5
3	9	1	5	2	6	7	8	4

ପୂର୍ବ ସଂସ୍କରଣର ଉତ୍ତର

ଆଉଟସୋର୍ସିଂର ଭାରତୀୟକରଣ

ଅରୁଣ କୁମାର ତ୍ରିପାଠୀ

ଦୀପାବଳି ଅବସରରେ ଓଡ଼ିଶା ସରକାର ସମସ୍ତ ଆଉଟସୋର୍ସିଂ କର୍ମଚାରୀଙ୍କ ୨୫% ଦରମା ବୃଦ୍ଧି ଘୋଷଣା କରିଛନ୍ତି। ଏଥିନିମନ୍ତେ ରାଜ୍ୟ ସରକାର ବାର୍ଷିକ ଅତିରିକ୍ତ ୧୦୦ କୋଟି ଟଙ୍କା ଖର୍ଚ୍ଚ କରିବେ ବୋଲି ଏକ ସରକାରୀ ବିବୃତିରେ କୁହାଯାଇଛି। ଏହାଦ୍ୱାରା ଓଡ଼ିଶା ସରକାରଙ୍କ ବିଭିନ୍ନ ବିଭାଗରେ ନିୟୋଜିତ ପ୍ରାୟ ୩୩,୦୦୦ କର୍ମଚାରୀ ଉପକୃତ ହେବେ। ତେବେ ଉକ୍ତ ଆଲେଖ୍ୟରେ ଶୁଣିବାକୁ ଭଲ ଲାଗୁଥିବା ଏହି ପ୍ରସ୍ତାବ ସମ୍ପର୍କିତ ବିଭିନ୍ନ ବିଭବ ଆଲୋଚନା କରାଯାଇଛି।

ଶିଳ୍ପ ବିପ୍ଳବ ସମୟରେ ଶିଳ୍ପ ସମୂହ ସେମାନଙ୍କ ଅନୁଷ୍ଠାନକୁ ବିଶ୍ୱର ବିଭିନ୍ନ କୋଣ ଅନୁକୋଣରେ ସ୍ଥାପନ କରିବାକୁ ଲାଗିଲେ। ଶିଳ୍ପ ବିପ୍ଳବ ପରଠାରୁ, ଶିଳ୍ପମାନ ସେମାନଙ୍କର ବଜାର ଏବଂ ଲାଭ ବୃଦ୍ଧି ପାଇଁ ପ୍ରତିଯୋଗିତାମୂଳକ ପରିସ୍ଥିତି କିଭଳି ସାମ୍ନା କରିବେ ସେନେଇ ବିଚାର ବିମର୍ଷ ପରେ 'ଆଉଟସୋର୍ସିଂ' ଶବ୍ଦଟିର ଉନ୍ମେଷ ହେଇଥିଲା ; ଯାହାର ବୈଶିଷ୍ଟ୍ୟ ଥିଲା, ସ୍ୱତନ୍ତ୍ର ଭାବେ ପ୍ରଶିକ୍ଷିତ ଅଥବା ସ୍ୱତନ୍ତ୍ର ଗୁଣସମ୍ପନ୍ନ ବ୍ୟକ୍ତିତ୍ୱ ସ୍ୱଳ୍ପ ସମୟରେ ନିଜସ୍ୱ ସେବା ଯୋଗାଇ ଉପଯୁକ୍ତ ପାରିଶ୍ରମିକ ଲାଭ କରିବେ ଏବଂ ସେବା ଗ୍ରହଣ କରୁଥିବା ସଂସ୍ଥାର ଉପାଦିକତା ବୃଦ୍ଧି। କିନ୍ତୁ ପରବର୍ତ୍ତୀ ପର୍ଯ୍ୟାୟରେ ଏହି ଧାରାଟି ଅନ୍ୟଭାବେ ବ୍ୟବହୃତ ହୋଇଗଲା। କେବଳ ସ୍ୱତନ୍ତ୍ର କର୍ମ ସମ୍ପାଦନ ନିମିତ୍ତ ସୃଜିତ ହୋଇଥିବା ପରମ୍ପରା କାଳକ୍ରମେ ନିତ୍ୟ ନିୟମିତ କାର୍ଯ୍ୟ ଆଡ଼କୁ ଅଗ୍ରସର ହୋଇଅଛି। ଅନ୍ୟସ୍ଥାନରେ ନୂତନ ଉପାଂଶ ସୃଷ୍ଟି ଏବଂ ତାହାର ପରିଚାଳନା ନିମନ୍ତେ ପରବର୍ତ୍ତୀ ପର୍ଯ୍ୟାୟରେ ଆଉଟସୋର୍ସିଂର ବହୁଳ ବ୍ୟବହାର କରାଗଲା। ଏକବିଂଶ ଶତାବ୍ଦୀର ଅୟମାରମ୍ଭ ସହ ଆଉଟସୋର୍ସିଂ ଶବ୍ଦର ମାନ ଏବଂ ଗୁଣରେ ଅନେକାଂଶରେ ପରିବର୍ତ୍ତନ ହୋଇଅଛି। କଳକାରଖାନାଗୁଡ଼ିକରେ ଜନ୍ମଲାଭ କରିଥିବା ଏହି ଶବ୍ଦ କାଳକ୍ରମେ ସରକାରୀ ସଂସ୍ଥାରେ ପ୍ରବେଶ ହୋଇଥିଲା।

ବିକାଶଶୀଳ ଅର୍ଥବ୍ୟବସ୍ଥାରେ ନିୟମିତ ପଦବୀରେ ନିୟୋଜନ କରାଗଲେ ଅର୍ଥବିଭାଗରେ ଯେଉଁ ବୋଝ ପଡ଼ନ୍ତା ତାହାର ପ୍ରାୟତଃ ୩୦% ଖର୍ଚ୍ଚରେ ଆଉଟସୋର୍ସିଂରେ ସେହି କାର୍ଯ୍ୟ ସମ୍ପାଦିତ ହୋଇପାରେ। ଉଦାହରଣ ସ୍ୱରୂପ ପ୍ରଥମତଃ ନିୟୋଜନର ବିଜ୍ଞାପନ ବାବଦର ଖର୍ଚ୍ଚକାଟ୍। ଯଦି ବିଜ୍ଞାପନରେ କୌଣସି ତ୍ରୁଟିବିଚ୍ୟୁତି ରହିଗଲା ଏବଂ ପରବର୍ତ୍ତୀ ପର୍ଯ୍ୟାୟରେ କୌଣସି ପ୍ରତ୍ୟାଶୀ ନ୍ୟାୟାଳୟର ଆଶ୍ରୟ ନେଇଗଲେ, ସେବେ ସଂପୃକ୍ତ ବିଜ୍ଞାପନ ବିନା ଅଗ୍ରଗତିରେ ରହିଯାଉଥିଲା, ତଥା କାର୍ଯ୍ୟାଳୟର ମାନ ପ୍ରଭାବିତ ହେଉଥିଲା ; ଯେଉଁଥିପାଇଁ ସାଧାରଣ ଜନତା ସୁବିଧା ସୁଯୋଗରୁ ବଞ୍ଚିତ ହେଉଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ସେମାନଙ୍କ ତାଲିମ ନିମନ୍ତେ ଯାହା ଖର୍ଚ୍ଚ ସେୟା ମଧ୍ୟ ସଞ୍ଚୟ ହେଉଅଛି। କର୍ମଚାରୀଗଣ ପରବର୍ତ୍ତୀ ସମୟରେ ଦରମା ବୃଦ୍ଧି ଆଉ ଅନ୍ୟାନ୍ୟ ସୁବିଧା ସୁଯୋଗରେ ବୃଦ୍ଧି ନିମନ୍ତେ 'ତାଲାବନ୍ଦ' ଆନ୍ଦୋଳନ କରିବା ଦ୍ୱାରା ସେବା ପ୍ରଦାନ ବନ୍ଦ ରହୁଥିଲା, ସେହି ସମସ୍ୟାର ମଧ୍ୟ ସମାଧାନ କରେଇଲା ଆଉଟସୋର୍ସିଂ, କାରଣ ଏଥିରେ ନିୟୋଜିତ କର୍ମଚାରୀ ସେହିସବୁ କର୍ମ କରିବେନି ବୋଲି ବାଇଦା କରନ୍ତି। ଦରମାରେ ନିୟମିତ ବୃଦ୍ଧି ତଥା ଅବସର ସୁବିଧା ସୁଯୋଗ ଆଉଟସୋର୍ସିଂ କର୍ମଚାରୀଙ୍କୁ ମିଳେନି, ଫଳତଃ କମ୍ ଖର୍ଚ୍ଚରେ ସମସ୍ତ ସମସ୍ୟାରୁ ମୁକ୍ତି ନିମିତ୍ତ ଆଜି ଆଉଟସୋର୍ସିଂ ସାଜିଛି ସଞ୍ଜୀବନୀ।

ଉକ୍ତ ଆଲେଖ୍ୟ ନିମିତ୍ତ ବିଭିନ୍ନ ଅନୁଷ୍ଠାନରେ ନିୟୋଜିତ ଆଉଟସୋର୍ସିଂ କର୍ମଚାରୀଙ୍କ ସାକ୍ଷାତ୍‌କାର କରାଯାଇ ସେମାନଙ୍କ ସମସ୍ୟା ତଥା ତାହାର ସମାଧାନ ନିମିତ୍ତ କିଛି ପ୍ରୟାସ କରାଯାଇ ଅଛି । ବର୍ତ୍ତମାନ ସମୟରେ ନିୟୋଜନର ଘୋର ଅଭାବ। ଆଉ ଏହି ଘଡ଼ିସନ୍ଧି ସମୟରେ ଯୁବପିଢ଼ି ଯେକୌଣସି ଉପାୟରେ ହେଉ କର୍ମସଂସ୍ଥାନ ନିମିତ୍ତ ଆପ୍ରାଣ ଉଦ୍ୟମ କରୁଛନ୍ତି। ପ୍ରଥମରେ ସେମାନଙ୍କୁ କୌଣସି ସେବାପ୍ରଦାନକାରୀ ସଂସ୍ଥାରେ ପଞ୍ଜୀକରଣ ନିମନ୍ତେ କିଛି ପାରିଶ୍ରମିକ ଦେବାକୁ ପଡ଼େ, ଯାହା କିଛି ଆନୁଷ୍ଠାନିକ ଏବଂ ବହୁଳ ମାତ୍ରାରେ ଅଣଆନୁଷ୍ଠାନିକ। ଯେଉଁ ସମୟରେ ସେମାନେ ନିୟୋଜିତ ହୁଅନ୍ତି କିଛି କ୍ଷଣ ହସଖୁସିରେ କଟେ। କିନ୍ତୁ ପରବର୍ତ୍ତୀ ସମୟରେ ସେମାନଙ୍କ ଦାୟିତ୍ୱ ଏବଂ କର୍ତ୍ତବ୍ୟରେ ବହୁଳ ମାତ୍ରାରେ ପରିବର୍ତ୍ତନ ହୁଏ। ବୟସ ବଢ଼ିବା ସହ ସେମାନଙ୍କ ଅଭିଜ୍ଞତାରେ ବୃଦ୍ଧିହୁଏ, କିନ୍ତୁ ପାରିଶ୍ରମିକ ବୃଦ୍ଧି ହୁଏନି। ଛଟେଇ ଡରର ଛାଟ ସେମାନଙ୍କ ଉପରେ ପ୍ରତିମୁହୂର୍ତ୍ତରେ ପ୍ରହାର ହୁଏ। ସମାନ କର୍ମ ନିମିତ୍ତ ସମାନ ଦରମା ନୀତି ସେମାନଙ୍କ କ୍ଷେତ୍ରରେ ଲାଗୁ ହୁଏନି।

କେନ୍ଦ୍ର ସରକାରଙ୍କ କାର୍ମିକ ଏବଂ ପ୍ରଶିକ୍ଷଣ ବିଭାଗ ନିର୍ଦ୍ଦେଶନାମାନୁସାରେ ସାଧାରଣ ଶ୍ରମ ଏବଂ ଆକସ୍ମିକ ଶ୍ରମ ନିମନ୍ତେ ବିଭାଗୀକରଣ କରାଯାଇଛି। କିନ୍ତୁ ଆଉଟସୋର୍ସିଂ କର୍ମଚାରୀଙ୍କ ଯୋଗ୍ୟତାର ମୂଲ୍ୟାଙ୍କନ ନିମିତ୍ତ କିଛି ମାପଦଣ୍ଡର ଅଭାବ ରହିଛି। ଫଳତଃ ଶ୍ରମିକଙ୍କ ନିକିତିରେ ସେମାନଙ୍କ ଶ୍ରମ ତଉଲି ପାରିଶ୍ରମିକ ନିର୍ଦ୍ଧାରଣ କରାଯାଏ। ବିଭିନ୍ନ ସାମାଜିକ ସୁରକ୍ଷାରେ ପ୍ରଦାନ କରାଯାଉଥିବା ସୁବିଧା ସୁଯୋଗ ମଧ୍ୟ ସଂପୃକ୍ତ ସେବାପ୍ରଦାନକାରୀ ସଂସ୍ଥା ନିୟମିତ ପ୍ରଦାନ କରିପାରେନି। ସେମାନଙ୍କ ମୂଳପ୍ରାପ୍ୟ ମଧ୍ୟ ଅନେକଦିନ ପରେ ମିଳେ। କର୍ମ ଯଦିଓ କିଛିମାତ୍ରାରେ ଅଧିକ ସମ୍ପାଦିତ କରନ୍ତି କିନ୍ତୁ ବାଛବିଚାରର ସାମ୍ନା କରିବାକୁ ପଡ଼େ। ମାନସିକ ଚାପରେ ରହି ମଧ୍ୟ ଅନୁଷ୍ଠାନର ସେବାରେ ସେମାନେ ପ୍ରତିନିମିଷକୁ ଉତ୍ସର୍ଗୀକୃତ କରନ୍ତି କେବଳ ସେହି ଆଶାରେ ଯେ, କେବେ ତ ସରକାରଙ୍କ କୃପାଦୃଷ୍ଟି ସେମାନଙ୍କ ଉପରେ ପଡ଼ିବ ଏବଂ ସେମାନେ ନିଜର ସ୍ୱପ୍ନର ସୌଧ ଗଢ଼ିବେ। ସେମାନଙ୍କୁ ନିଜର ଅଭିଜ୍ଞତା ନିମିତ୍ତ ଅନୁଷ୍ଠାନରୁ ପ୍ରମାଣପତ୍ର ବି ମିଳେନା, ଫଳତଃ ସେମାନଙ୍କ ଅଭିଜ୍ଞତା ଅନ୍ୟସ୍ଥାନରେ ପ୍ରତିଫଳନ କରେଇପାରନ୍ତିନି। ଏତଦ୍‌ବ୍ୟତୀତ ଏକଚାଟିଆ ଶାସନ କିଛିମାତ୍ରାରେ ଦେଖିବାକୁ ମିଳେ। ସେମାନଙ୍କ ସମୟ ଏହିଭଳି ଭାବେ ଶୋଷିତ ହୁଏ, ସେମାନେ ପରିବାର ତଥା ନିଜସ୍ୱ ବିକାଶରେ ସ୍ୱଳ୍ପ ସମୟ ହିଁ ପାଆନ୍ତି। ଆଉ ସାମାଜିକ ସ୍ଥିତି କହିଲେ, ସେମାନେ ସର୍ବଦା ନିଜର ପଦବୀ ଲୁଚେଇ ପରିଚୟ ଦିଅନ୍ତି।

ଓଡ଼ିଶା ସରକାରଙ୍କ ଏହି ଯୁଗାନ୍ତକାରୀ ପଦକ୍ଷେପ ଆଉଟସୋର୍ସିଂ କର୍ମଚାରୀ ମୁହଁରେ ହସ ଖେଳେଇଦେଇଛି। ଏହିଭଳି ଘୋଷଣାନାମା ନିୟମିତ ବ୍ୟବଧାନରେ କରାଯିବା କଥା। ଏଥିସହ ସରକାର ଆଉ କିଛି ପଦକ୍ଷେପ ନେଲେ ଅନେକ ପରିବାର ଯେଉଁମାନେ ଆଉଟସୋର୍ସିଂ ଉପରେ ନିର୍ଭରଶୀଳ ଅଛନ୍ତି ସେମାନେ ଉପକୃତ ହୁଅନ୍ତେ। ୧. ସମାନ କାମକୁ ସମାନ ଦରମା ନୀତି ସେମାନଙ୍କ କ୍ଷେତ୍ରରେ ପ୍ରଦାନ କରାଯାଇପାରେ। ଅଧିକ ସୁବିଧା ସୁଯୋଗ ବ୍ୟତୀତ କେବଳ ସ୍ଥିରୀକୃତ ଦରମା ଦିଆଯାଇପାରେ। ୨.ବିଭିନ୍ନ ସାମାଜିକ ସୁରକ୍ଷା ବ୍ୟବସ୍ଥା ନିୟମିତ ସେମାନଙ୍କୁ ପ୍ରଦାନ କରିବା ସେବାପ୍ରଦାନ କାରୀ ସଂସ୍ଥା ତଥା ସେବା ଗ୍ରହଣକାରୀ ସଂସ୍ଥା ନିଶ୍ଚିତ କରିବା ପାଇଁ ନିର୍ଦ୍ଦେଶନାମା ଦୃଢୀଭୂତ କରାଯାଇପାରେ। ୩. ଜୀବନ ବୀମା ତଥା ମାତୃତ୍ୱ ଅବକାଶ ସେମାନଙ୍କୁ ପ୍ରଦାନ କରାଯାଇପାରେ। ୪. ଲକ୍ଷ ଏବଂ ଉପଲବ୍ଧି ହାସଲ କ୍ଷେତ୍ରରେ ସେମାନଙ୍କୁ ସ୍ୱତନ୍ତ୍ର ଉପହାରର ବ୍ୟବସ୍ଥା କରାଯାଇପାରେ। ୫. ମାସିକ ତଥା ବାର୍ଷିକ ଅବକାଶ(ଦେୟଯୁକ୍ତ) ନିମନ୍ତେ ମଧ୍ୟ ସ୍ୱତନ୍ତ୍ର ନିୟମ ଆବଶ୍ୟକ। ୬. ସେମାନଙ୍କ ମଧ୍ୟରେ ଉତ୍ସାହ ବୃଦ୍ଧି ନିମିତ୍ତ ବିଭିନ୍ନ ପ୍ରତିଯୋଗିତା ତଥା ପୁରସ୍କାରର ବ୍ୟବସ୍ଥା ବିଧେୟ। ୭. ଯଦିଓ ନିୟମିତ ବ୍ୟବସ୍ଥା କରାଯିବା ବ୍ୟୟସାପେକ୍ଷ, କିନ୍ତୁ ସ୍ଥିରନିଶ୍ଚିତ ନିଯୁକ୍ତିର ସର୍ତ୍ତରେ ସେମାନଙ୍କ ଗୁଣବତ୍ତାର ବିକାଶ ହୋଇପାରିବ। ସର୍ବୋପରି ସମସ୍ତଙ୍କ ସହଯୋଗରେ ଦେଶର ବିକାଶ ସମୟର ଆବଶ୍ୟକତା। ସମସ୍ତ ନାଗରିକ ନିଜକୁ ଦେଶ ସେବାରେ ନିୟୋଜିତ କରେଇପାରିଲେ ଭାରତ ବିଶ୍ୱର ନେତୃତ୍ୱ ଯେ ଦିନେ ନେବ– ଏଥିରେ ସନ୍ଦେହର ଅବକାଶ ନାହିଁ।

ଶୈକ୍ଷିକ ପରାମର୍ଶଦାତା, କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, ଓଡ଼ିଶା
aktripathy@cuo.ac.in

ଜଣେ ଅନ୍ତରଙ୍ଗ ବନ୍ଧୁର ଅପମୃତ୍ୟୁ

ଡ. ନିଖିଳାନନ୍ଦ ପାଣିଗ୍ରାହୀ

ମଧୁସୂଦନ ରାଓଙ୍କ ଷଡ଼ଋତୁ ବର

ସଂକ୍ଷେପରେ

ଦୀପାବଳିରେ ୧.୨୫ ଲକ୍ଷ କୋଟିର କାରବାର

ନୂଆଦିଲ୍ଲୀ, ୫।୧୧: ଚଳିତ ବର୍ଷ ଦୀପାବଳିରେ କାରବାର ରେକର୍ଡ ସ୍ତର ଛୁଇଁଛି। ଲୋକମାନଙ୍କର କ୍ରୟ ଉନ୍ନତ ସ୍ଥିତିରେ ରହିବା ଯୋଗୁ ଦେଶ ମଧ୍ୟରେ କାରବାର ୧.୨୫ ଲକ୍ଷ କୋଟି ଟଙ୍କା ରହିଥିବା ସର୍ବଭାରତୀୟ ବ୍ୟବସାୟୀ ମହାସଂଘ(ସିଏଆଇଟି) ପକ୍ଷରୁ ଶୁକ୍ରବାର ସୂଚନା ରହିଛି। କାରବାର ଗତ ୧୦ ବର୍ଷ ମଧ୍ୟରେ ରେକର୍ଡ ବୋଲି ଜଣାପଡିଛି। ଗତ ୨ ବର୍ଷ ହେବ କରୋନା ମହାମାରୀ ଯୋଗୁ ବଜାରରେ ମାନ୍ଦାବସ୍ଥା ଲାଗି ରହିଥିଲା। ମାତ୍ର ଚଳିତ ବର୍ଷ ଲୋକମାନେ କିଣାକିଣି କରିଛନ୍ତି। ଏହି ଧାରାକୁ ଦେଖିଲେ ବଜାର ବର୍ତ୍ତମାନ ସୁଧାର ସ୍ଥିତିକୁ ଫେରିଥିବା ସଂଘ ପକ୍ଷରୁ କୁହାଯାଇଛି। ଏଭଳି ଧାରା ଲାଗି ରହିଲେ ଦେଶର ବାଣିଜ୍ୟିକ ଗୋଷ୍ଠୀ ପାଇଁ ଶୁଭମୟ ବୋଲି ସଂଘ ପକ୍ଷରୁ ମତ ପ୍ରକାଶ ପାଇଛି। ଦୀପାବଳି କାରବାରରୁ ଉତ୍ସାହିତ ହୋଇ ବ୍ୟବସାୟୀମାନେ ବର୍ତ୍ତମାନ ପାର୍ବଣ ସମୟ କାରବାର ଲାଗି ସଜବାଜ ହେଉଛନ୍ତି ବୋଲି ସିଏଆଇଟିର ଜାତୀୟ ସଭାପତି ବି.ସି.ଭାରତୀୟା କହିଛନ୍ତି। ନୂଆଦିଲ୍ଲୀରେ କେବଳ ୨୫ ହଜାର କୋଟି ଟଙ୍କାର କାରବାର ହୋଇଥିବା ଜଣାପଡିଛି। ଚାଇନା ସାମଗ୍ରୀ ବର୍ଜନ କରିବାକୁ ବ୍ୟବସାୟୀ ମାନେ ଡାକରା ଦେଇଥିଲେ। ଫଳରେ ଚାଇନାରୁ ଆସିବାକୁ ଥିବା ପ୍ରାୟ ୫୦ ହଜାର କୋଟି ଟଙ୍କାର ସାମଗ୍ରୀ ଭାରତରେ ପ୍ରବେଶ କରିପାରିନାହିଁ। ଏହାଦ୍ୱାରା ଚାଇନାକୁ ଝଟକା ଲାଗିଛି ବୋଲି କୁହାଯାଉଛି।

୯୧.୩୦ ଲକ୍ଷ ଟିକସ ଦାତାଙ୍କୁ ମିଳିଲା ରିଫଣ୍ଡ

ନୂଆଦିଲ୍ଲୀ, ୫।୧୧: ଟିକସଦାତାଙ୍କୁ ରିଫଣ୍ଡ ପ୍ରକ୍ରିୟାକୁ ଆୟକର ବିଭାଗ ତ୍ୱରାନ୍ୱିତ କରିଛି। ଚଳିତ ବର୍ଷ ଏପ୍ରିଲ ପହିଲାରୁ ନଭେମ୍ବର ପହିଲା ଯାଏ ପ୍ରାୟ ୯୧.୩୦ ଲକ୍ଷ ଟିକସଦାତାଙ୍କୁ ୧.୧୨ ଲକ୍ଷ କୋଟି ଟଙ୍କା ରିଫଣ୍ଡ ପ୍ରଦାନ କରାଯାଇଛି। ଏହାମଧ୍ୟରେ ୮୯.୫୪ ଲକ୍ଷ ଲୋକଙ୍କୁ ୩୩,୫୪୮ କୋଟି ଟଙ୍କାର ବ୍ୟକ୍ତିଗତ ଆୟକର ରିଫଣ୍ଡ ଏବଂ ୧.୭୬ ଲକ୍ଷ ଟିକସଦାତାଙ୍କୁ ୭୮,୯୪୨ କୋଟି ଟଙ୍କାର ରିଫଣ୍ଡ ସାମିଲ ରହିଛି।

୬ ବର୍ଷରେ ୨୫୦% ବଢ଼ିଛି ଉତ୍ପାଦ ଟିକସ

ନୂଆଦିଲ୍ଲୀ,୫।୧୧

ତେଲ ଦର ଉଚ୍ଚ ଲାଗି ବିଶେଷଭାବେ କେନ୍ଦ୍ର ଏବଂ ରାଜ୍ୟ ସ୍ତରର ବର୍ଦ୍ଧିତ ଟିକସକୁ ଦାୟୀ କରାଯାଇଥାଏ। ଦେଶ ମଧ୍ୟରେ ଉଚ୍ଚ ଟିକସ ଲାଗୁ ହେବା ଯୋଗୁ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତେଲ ଦର ବଢ଼ିଲେ ଏହାର ପ୍ରଭାବ ତ୍ୱରିତ ଭାବେ ଭାରତ ବଜାର ଉପରେ ପଡୁଛି। ଲୋକଙ୍କୁ ଆଶ୍ୱସ୍ତି ପ୍ରଦାନ କରିବା ଲାଗି ବୁଧବାର କେନ୍ଦ୍ର ସରକାର ପେଟ୍ରୋଲ ଉପରେ ଲିଟର ପିଛା ୫ ଟଙ୍କା ଏବଂ ଡିଜେଲ ଉପରେ ୧୦ ଟଙ୍କା ଟିକସ ହ୍ରାସ କରିଛନ୍ତି। ସେହିଭଳି ଓଡ଼ିଶା ସରକାର ୩ ଟଙ୍କା ଲେଖାଏ ଭାଟ୍ ହ୍ରାସ କରିଛନ୍ତି। ରାଜ୍ୟ ସ୍ତରରେ ଭାଟ୍ ଭିନ୍ନ ରହିବା ଯୋଗୁ ସାରା ଦେଶରେ ତେଲ ଦରରେ ଭିନ୍ନତା ରହୁଛି। ତେବେ ଏକ ରିପୋର୍ଟ ମୁତାବକ ଗତ ୬ ବର୍ଷରେ କେନ୍ଦ୍ର ସରକାର ୨୫୦% ଉତ୍ପାଦ ଟିକସ ବଢ଼ାଇଥିବା ଜଣାପଡ଼ିଛି। ୨୦୧୪ରେ ପେଟ୍ରୋଲ ଉପରେ ଲିଟର ପିଛା ୯.୪୮ ଟଙ୍କାର ଉତ୍ପାଦ ଟିକସ ଲାଗୁ ହେଉଥିଲା। ଏହା ବର୍ତ୍ତମାନ ୨୭.୯୦ ଟଙ୍କା ରହିଛି। ସେହିଭଳି ଡିଜେଲ ଉପରେ ଉତ୍ପାଦ ଟିକସ ୩.୫୬ ଟଙ୍କାରୁ ୨୧.୮୦ ଟଙ୍କାକୁ ବୃଦ୍ଧି ଘଟିଛି।

ଲୋକମାନେ କରୋନା କାଳରେ ବିଭିନ୍ନ ସମସ୍ୟା ଦେଇ ଗତି କରୁଥିବା ବେଳେ ସରକାର ଟିକସ ବଢ଼ାଇ ବୃହତ୍ ପରିମାଣର ଅର୍ଥ ଯୋଗାଡ଼ କରିଥିଲେ। ବର୍ତ୍ତମାନର ଟିକସ ହ୍ରାସକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଉତ୍ତର ପ୍ରଦେଶ, ଝାଡ଼ଖଣ୍ଡ, ପଞ୍ଜାବ, ମଣିପୁର ଏବଂ ଗୋଆ ଭଳି ରାଜ୍ୟରେ ହେବାକୁ ଥିବା ନିର୍ବାଚନ ଚାପରେ ହୁଏତ ସରକାର ତେଲ ଟିକସ କମାଇଛନ୍ତି ବୋଲି ବିଶେଷଜ୍ଞ କହିଛନ୍ତି। ସେହିଭଳି ଗୁଜରାଟ ଏବଂ ହିମାଚଳ ପ୍ରଦେଶରେ ବର୍ଷ ଶେଷ ସୁଦ୍ଧା ନିର୍ବାଚନ ହେବ। ବିଧାନସଭା ନିର୍ବାଚନ ଶେଷ ହେବା ପରେ ସରକାର ତେଲ ଦର ପୁଣି ବଢ଼ାଇବେ ବୋଲି ରାଷ୍ଟ୍ରୀୟ ଜନତା ଦଳ ସୁପ୍ରିମୋ ଲାଲୁପ୍ରସାଦ ଯାଦବ କହିଛନ୍ତି। ଟିକସ କମିଥିବାରୁ ସାମଗ୍ରୀର ଦରଦାମ କମିବାରେ ଏହା ଯୋଗଦାନ ରଖିବ। ତେବେ ନିର୍ବାଚନ ସରିବା ପରେ ତେଲ ଦର ପୁଣି ବଢ଼ିପାରେ ବୋଲି ଖାଉଟି ଆଶଙ୍କାରେ ରହିଛନ୍ତି। ବର୍ତ୍ତମାନ ଦରଦାମ ଉଚ୍ଚରେ ରହିଥିବାରୁ ତେଲ ଦର କମ୍ କରି ସରକାର ଖାଉଟିଙ୍କୁ ଆଶ୍ୱସ୍ତି ଦେବା ଭଳି ପଦକ୍ଷେପ ଗ୍ରହଣ କରିଛନ୍ତି।

ନିର୍ବାଚନ ସରିଲେ ପୁଣି ବଢ଼ିବ ତେଲ ଦର: ଲାଲୁ ଯାଦବ

ଏନର୍ଜି ଏକ୍ସପର୍ଟ ନରେନ୍ଦ୍ର ତନେଜା କହିଛନ୍ତି, ୨୦୨୦ରେ ମହାମାରୀ ଯୋଗୁ ଦେଶ ମଧ୍ୟରେ ଆର୍ଥିକ କାର୍ଯ୍ୟକଳାପ ଠପ୍ ହୋଇଯାଇଥିଲା। ପେଟ୍ରୋଲ ଏବଂ ଡିଜେଲ ଚାହିଦା ୩୫%ରୁ ନିମ୍ନକୁ ଖସିଥିଲା। ସରକାରଙ୍କ ରାଜସ୍ୱ ଉପରେ ଏହାର ପ୍ରଭାବ ପଡ଼ିଲା। ଲକ୍‌ଡାଉନ ଯୋଗୁ ଅଶୋଧିତ ତେଲ ଦର ମଧ୍ୟ ରେକର୍ଡ ନିମ୍ନ ସ୍ତରକୁ ଆସିଥିଲା। ଏହି ସମୟରେ ସରକାର ତେଲ ଦର କମ୍ କରିବା ପରିବର୍ତ୍ତେ ଉତ୍ପାଦ ଟିକସ ବଢ଼ାଇ ରାଜସ୍ୱ ଆଦାୟ କରିବାରେ ଲାଗିଲେ।

ଆର୍ଥିକ କାର୍ଯ୍ୟକଳାପ ସୁଧାରରୁ ଟିକସ ହ୍ରାସ

ଲକ୍‌ଡାଉନ କଟକଣା କୋହଳ ହେବା ଯୋଗୁ ବର୍ତ୍ତମାନ ଆର୍ଥିକ କାର୍ଯ୍ୟକଳାପ ବୃଦ୍ଧି ପାଇଛି। ସରକାର ନିଜର ଯୋଜନାଗୁଡ଼ିକୁ ଚଳାଇବା ଲାଗି ବର୍ତ୍ତମାନ ଭଲ ସ୍ଥିତିରେ ରହିଛନ୍ତି। ତେଲ ଉପରେ ଟିକସ କମାଇବା ଲାଗି ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ବିଭିନ୍ନ ଦିଗ ଉପରେ ବିଚାରବିମର୍ଶ କରାଯାଉଥିଲା। ଜିଏସ୍‌ଟି ଆଦାୟରେ ଲଗାତର ବୃଦ୍ଧି ଏବଂ ଆର୍ଥିକ କାର୍ଯ୍ୟକଳାପରେ ଉନ୍ନତି ଆସିବାକୁ ବୁଧବାର ତେଲ ଉପରେ ଟିକସ ହ୍ରାସ ଘୋଷଣା କରାଯାଇଛି। ତେଲ ଦର ବୃଦ୍ଧିରୁ ମୁଦ୍ରାସ୍ଫୀତି ଏବଂ ପରିବହନ ଖର୍ଚ୍ଚ ବଢ଼ିଛି। ଏହାର ପ୍ରଭାବ ଦରଦାମ ଉପରେ ମଧ୍ୟ ଦେଖାଯାଉଛି। ଏଭଳି ସ୍ଥିତିରେ ଖାଉଟିଙ୍କୁ କିଛି ଆଶ୍ୱସ୍ତି ଦେବାକୁ ସରକାର ବିଚାର କରିଥିଲେ।

ରାଜକୋଷ ଉପରେ କ'ଣ ପ୍ରଭାବ

ତେଲ ଟିକସ ହ୍ରାସ ଦ୍ୱାରା ରାଜକୋଷ ଉପରେ କେତେ ପ୍ରଭାବ ପଡିବ ବୋଲି ମନକୁ ପ୍ରଶ୍ନ ଆସେ। ଉତ୍ପାଦ ଟିକସ ହ୍ରାସ ଦ୍ୱାରା କେନ୍ଦ୍ର ସରକାରଙ୍କ ରାଜକୋଷକୁ ଚଳିତ ଆର୍ଥିକ ବର୍ଷ ୫ ମାସରେ ପ୍ରାୟ ୫୫ ହଜାର କୋଟି ଟଙ୍କାର ରାଜସ୍ୱ କ୍ଷତି ହେବ। ପେଟ୍ରୋଲ ଏବଂ ଡିଜେଲ ଉପରେ ଯଥାକ୍ରମେ ୫ଟଙ୍କା ଏବଂ ୧୦ଟଙ୍କା ଟିକସ ହ୍ରାସ ହେବା ଦ୍ୱାରା ପେଟ୍ରୋଲ ୮ରୁ ୯ ଏବଂ ଡିଜେଲ ପ୍ରାୟ ୧୭ ଟଙ୍କା ହ୍ରାସ ହେବ ବୋଲି ଆକଳନ କରାଯାଇଛି।

୫ ବର୍ଷରେ ପେଟ୍ରୋଲ ୫୮% ମହଙ୍ଗା

ଗତ ୫ ବର୍ଷରେ ପେଟ୍ରୋଲ ୫୮% ମହଙ୍ଗା ହୋଇଛି। ୨୦୧୭ ନଭେମ୍ବରରେ ପେଟ୍ରୋଲ ଲିଟର ପିଛା ୬୯.୧୪ ଟଙ୍କା ଏବଂ ଡିଜେଲ ୭୩.୭୩ ଟଙ୍କା ଥିଲା। ୨୦୧୮ ନଭେମ୍ବରରେ ଏହି ଦର ଯଥାକ୍ରମେ ୭୯.୩୭ ଟଙ୍କା ଏବଂ ୭୩.୭୮ ଟଙ୍କା ରହିଥିଲା। ୨୦୧୯ ନଭେମ୍ବରରେ ଦର ୭୨.୮୬ ଟଙ୍କା ଏବଂ ୬୫.୮୦ ଟଙ୍କା, ୨୦୨୦ ନଭେମ୍ବରରେ ୮୧.୦୬ ଟଙ୍କା ଏବଂ ୭୦.୪୬ ଟଙ୍କା ଏହା ଛୁଇଁଥିଲା। ୨୦୨୧ ନଭେମ୍ବରରେ ଦର ୧୦୯.୬୯ ଟଙ୍କା ଏବଂ ୯୮.୪୨ ଟଙ୍କା ରହିଥିଲା।

୨୩ ରାଜ୍ୟ ଭାଟ୍ କମାଇଲେ

କେନ୍ଦ୍ର ସରକାରଙ୍କ ଆହ୍ୱାନ ପରେ ୨୩ ରାଜ୍ୟ ଅଦ୍ୟାବଧି ଭାଟ୍ କମାଇଛନ୍ତି। ତେବେ ଆଗାମୀ ଦିନରେ ମଧ୍ୟ ତେଲ ଦର ବଢ଼ିବ ବୋଲି ନରେନ୍ଦ୍ର ତନେଜା କହିଛନ୍ତି। ଭାରତ ବର୍ତ୍ତମାନ ଏହାର ମୋଟ ତେଲ ଚାହିଦାର ୮୬% ବିଦେଶରୁ ଆମଦାନୀ କରୁଛି। ୨୦୨୩ରେ ଅଶୋଧିତ ତେଲ ଦର ବ୍ୟାରେଲ ପିଛା ୧୦୦ ଡଲାର ଛୁଇଁବ ବୋଲି ଆକଳନ କରାଯାଇଛି। ଏପରି ସ୍ଥଳରେ ଅଶୋଧିତ ତେଲ ଦର ବଢ଼ିଲେ ଏହାର ପ୍ରଭାବ ଖାଉଟିଙ୍କ ଉପରେ ପଡ଼ିବ ବୋଲି ଆଶଙ୍କା କରାଯାଉଛି।

ଏବେ ବି ପସନ୍ଦ ନଗଦ ନେଣଦେଣ

ବଜାରରେ ରହିଛି ୨୮.୩୦ ଲକ୍ଷ କୋଟି

ନୂଆଦିଲ୍ଲୀ, ୫।୧୧

ଡିଜିଟାଲ ନେଣଦେଣ ଦେଶ ମଧ୍ୟରେ ତ୍ୱରାନ୍ୱିତ ହୋଇଛି। ମାତ୍ର କ୍ୟାଶ୍ ବା ନଗଦ ଅର୍ଥ ନେଣଦେଣକୁ ଲୋକମାନେ ଏବେ ମଧ୍ୟ ପସନ୍ଦ କରୁଛନ୍ତି। ନଗଦ କାରବାର ରେକର୍ଡ ଉଚ୍ଚ ସ୍ତରରେ ରହିଛି। ୮ ଅକ୍ଟୋବର ସୁଦ୍ଧା ଲୋକଙ୍କ ନିକଟରେ ନଗଦ ଅର୍ଥ ବୃଦ୍ଧି ପାଇ ୨୮.୩୦ ଲକ୍ଷ କୋଟି ଟଙ୍କା ରହିଥିଲା। ବିମୁଦ୍ରୀକରଣ ପୂର୍ବରୁ ୪ ନଭେମ୍ବର ୨୦୧୬ ବେଳକୁ ବଜାରରେ ୧୭.୯୭ ଲକ୍ଷ କୋଟି ଟଙ୍କାର ନଗଦ ରହିଥିଲା। ଲୋକଙ୍କ ପାଖରେ ପ୍ରାୟ ୫ ବର୍ଷରେ କ୍ୟାଶ୍ ପରିମାଣ ୫୭.୪୮% ବୃଦ୍ଧି ପାଇଛି। ୮ ନଭେମ୍ବର ୨୦୧୬ରେ କେନ୍ଦ୍ର ସରକାର ବିମୁଦ୍ରୀକରଣ ଘୋଷଣା କରିବା ଦ୍ୱାରା ୫୦୦ ଏବଂ ୧୦୦୦ ଟଙ୍କାର ନୋଟ୍‌ଗୁଡିକୁ ଅଚଳ କରି ଦେଇଥିଲେ। ଏହା ପରେ ନୂଆ ୫୦୦ ଏବଂ ୨୦୦୦ ଟଙ୍କିଆ ନୋଟ୍ ଜାରି କରାଗଲା।ବିମୁଦ୍ରୀକରଣ ପରେ ସିଷ୍ଟମରୁ ନଗଦ ହ୍ରାସ ଏବଂ ଡିଜିଟାଲ କାରବାରକୁ ଉତ୍ସାହିତ କରିବା ଦିଗରେ ପଦକ୍ଷେପ ଗ୍ରହଣ କରୁଛନ୍ତି। ୟୁନିଫାଏଡ୍ ପେମେଣ୍ଟ ଇଣ୍ଟରଫେସ୍(ୟୁପିଆଇ) ଭଳି ସିଷ୍ଟମକୁ ସରକାର ଉତ୍ସାହିତ କରୁଛନ୍ତି। ଏହା ସତ୍ତ୍ୱେ ମଧ୍ୟ ଲୋକମାନେ କ୍ୟାଶ୍ ବା ନଗଦ କାରବାର କମାଇବାକୁ ସକ୍ଷମ ହୋଇନାହାନ୍ତି।

ଜିନ୍ଦେଗି ଫାଉଣ୍ଡେଶନକୁ ପୁଣି ସଫଳତା

ଭୁବନେଶ୍ୱର,୫।୧୧

ଚଳିତ ବର୍ଷର ମେଡିକାଲ ପ୍ରବେଶିକା ପରୀକ୍ଷା ନିଟ୍ ଫଳ ନିକଟରେ ପ୍ରକାଶ ପାଇଛି। ଏହି ସର୍ବଭାରତୀୟ ପରୀକ୍ଷାରେ ଜିନ୍ଦେଗି ଫାଉଣ୍ଡେଶନର ୧୮ରୁ ୧୮ ଜଣ ଛାତ୍ର ସଫଳତାର ସହ କୃତିତ୍ୱ ହାସଲ କରିଛନ୍ତି। ପିଲାଙ୍କ ଏହି ସଫଳତା ସମ୍ପର୍କରେ ଫାଉଣ୍ଡେଶନର ପ୍ରତିଷ୍ଠାତା ବିଶିଷ୍ଟ ଶିକ୍ଷାବିତ ଡ. ଅଜୟ ବାହାଦୁର ସିଂ କହିଛନ୍ତି, ସମାଜର ବିଭିନ୍ନ ବର୍ଗ ଓ ଅନେକ ସମସ୍ୟାର ସାମ୍ନା କରୁଥିବା ଗରିବ ମେଧାବୀ ପିଲାମାନେ ସେମାନଙ୍କ ପରିଶ୍ରମର ଫଳ ଆଜ ପାଇଛନ୍ତି। ଏହା ଫଳରେ ସମସ୍ତଙ୍କୁ ସ୍ୱୀକୃତି ମିଳିଛି। ଗରିବ ଓ ଅସହାୟ ମେଧାବୀ ଛାତ୍ରର ଡାକ୍ତରୀ ହେବାର ସ୍ୱପ୍ନକୁ ମୁଁ ଜିନ୍ଦେଗି ଫାଉଣ୍ଡେଶନ ଜରଆରେ ପୂରଣ କରିବାକୁ ଶତଚେଷ୍ଟା କରୁଛି ବୋଲି ସିଂ ମତବ୍ୟକ୍ତ କରିଛନ୍ତି। ୨୦୧୭ ଠାରୁ ଫାଉଣ୍ଡେଶନର ଛାତ୍ର ପ୍ରତିବର୍ଷ ଭଳି ଏ ବର୍ଷ ମଧ୍ୟ ସଫଳତା ହାସଲ କରିଛନ୍ତି। ହେଲେ ଚଳିତ ବର୍ଷ ଏକ ଭିନ୍ନ ବାତାବରଣ ସାଙ୍ଗକୁ ଅନ୍‌ଲାଇନ ପାଠପଢ଼ା ଓ ପିଲାଙ୍କ କଠିନ ପରିଶ୍ରମ ଯୋଗୁ ଫାଉଣ୍ଡେଶନ ପୂର୍ବ ବର୍ଷ ପରି ଏ ବର୍ଷ ମଧ୍ୟ ମେଡିକାଲ ପ୍ରବେଶିକା ପରୀକ୍ଷାରେ ସଫଳତା ଅର୍ଜନ କରିଛି। କୋଭିଡ୍ ଯୋଗୁ ସବୁ କିଛି ବନ୍ଦ ରହିଥିଲା, ହେଲେ ଫାଉଣ୍ଡେଶନର ପିଲା ଦିନରାତି ଏକ କରି ଡାକ୍ତର ହେବାର ସ୍ୱପ୍ନକୁ ସାକାର କରିଛନ୍ତି। ୨୦୧୭ରେ ୧୮ ଜଣ, ୨୦୧୮ରେ ୧୪ ଜଣ, ୨୦୧୯ରେ ୧୯ ଜଣ ଏବଂ ୨୦୨୦ରେ ୧୮ ଜଣ ଛାତ୍ର ଜିନ୍ଦେଗୀ ଫାଉଣ୍ଡେଶନ ସହଯୋଗରେ ଡାକ୍ତର ହୋଇପାରିଛନ୍ତି।

ମାଗଣା ରାଶନ ସ୍କିମ୍ ଅବଧି ବଢ଼ିବନି

ନୂଆଦିଲ୍ଲୀ, ୫।୧୧

ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନା(ପିଏମ୍‌ଜିକେଏୱାଇ)ର କେନ୍ଦ୍ର ସରକାର ପ୍ରଦାନ କରୁଥିବା ମାଗଣା ରାଶନ ଅବଧି ନଭେମ୍ବର ୩୦ରୁ ବଢ଼ିବନି। ବର୍ତ୍ତମାନ ଅର୍ଥ ବ୍ୟବସ୍ଥା ସୁଧାର ପଥକୁ ଫେରୁଥିବା ବେଳେ ଓଏମ୍‌ଏସ୍‌ଏସ୍ ପଲସ ଦ୍ୱାରା ଖୋଲା ବଜାରରେ ଉପଲବ୍ଧ ଥିବା ଖାଦ୍ୟ ସାମଗ୍ରୀ ପରିମାଣ ଉନ୍ନତ ଯୋଗୁ ଉକ୍ତ ଯୋଜନାକୁ ବଢ଼ାଇବା ପ୍ରସ୍ତାବ କେନ୍ଦ୍ର ସରକାର ରଖି ନାହାନ୍ତି। ଏ ସମ୍ପର୍କରେ କେନ୍ଦ୍ର ଖାଦ୍ୟ ସଚିବ ସୁଧାଂଶୁ ପାଣ୍ଡେ ସ୍ପଷ୍ଟ କରିଛନ୍ତି। ୨୦୨୦ ମାର୍ଚ୍ଚରେ ପିଏମ୍‌ଜିକେଏୱାର ଘୋଷଣା କରାଯାଇଥିଲା। କୋଭିଡ୍ ଯୋଗୁ ଲୋକମାନେ ବିଭିନ୍ନ ସମସ୍ୟା ସାମ୍ନା କରୁଥିବାରୁ ଲୋକଙ୍କୁ ସାମାନ୍ୟ ଆଶ୍ୱସ୍ତି ଦେବା ଲାଗି ସରକାର ଏପ୍ରିଲ-ଜୁନ ଅବଧି ଲାଗି ଏହି ଯୋଜନାକୁ ଘୋଷଣା କରିଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ଏହାକୁ ନଭେମ୍ବର ୩୦ ଯାଏ ବଢ଼ାଯାଇଛି। ଉକ୍ତ ଯୋଜନାରେ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଅଧୀନରେ ଥିବା ୮୦ କୋଟି ରାଶନକାର୍ଡଧାରୀଙ୍କୁ ସରକାର ଅତିରିକ୍ତ ଖାଦ୍ୟ ସାମଗ୍ରୀ ଯୋଗାଇ ଦେଉଥିଲେ।

ଫୁରସତ୍

ମୋଗଲ ସମୟରେ ଦୀପାବଳି ପାଳନ

ନୂଆଦିଲ୍ଲୀ: ମୋଗଲ ଶାସନ କାଳରେ ଦିୱାଲି ବା ଦୀପାବଳି ପର୍ବ ଜଶ୍ନ-ଇ-ଚିରାଗନ ଭାବରେ ପରିଚିତ ଥିଲା ଓ ଏହା ଖୁବ୍ ଉତ୍ସାହ ଉଦ୍ଦୀପନାର ସହ ପାଳନ କରାଯାଉଥିଲା। ଦୀପାବଳିରେ ଲାଲ୍‌କିଲ୍ଲାର ରଙ୍ଗ ମହଲ ଦୀପମାଳାରେ ସଜ୍ଜିତ ହେଉଥିଲା। ସମ୍ରାଟ ମହମ୍ମଦ ଶାହା ରାଜପ୍ରାସାଦ ବାହାରେ ମହିଳାମାନଙ୍କ ସହ ଦିୱାଲି ପାଳନ କରୁଥିବା ଏକ ପେଣ୍ଟିଂରୁ ଦେଖିବାକୁ ମିଳିଛି। ଦିୱାଲିରେ ମୋଗଲ ସମ୍ରାଟଙ୍କୁ ସୁନା ଓ ରୁପାରେ ଓଜନ କରାଯାଉଥିଲା। ଉକ୍ତ ସୁନା ରୁପାକୁ ଗରିବଙ୍କ ମଧ୍ୟରେ ବାଣ୍ଟିଦିଆଯାଉଥିଲା। କେତେଜଣ ମୋଗଲ ମହିଳା କୁତବ୍‌ମିନାର ଉପରେ ଚଢ଼ି ଆଲୋକ ସଜ୍ଜା ଓ ବାଣ ରୋଶଣି ଦେଖୁଥିଲେ। ଏଥିସହିତ ସ୍ୱତନ୍ତ୍ର



ଆକାଶ ଦୀପ ୪୦ ଗଜ ଉଚ୍ଚତା ବିଶିଷ୍ଟ ଏକ ସ୍ତମ୍ଭ ଉପରେ ଜଳାଯାଉଥିଲା। ଉକ୍ତ ସ୍ତମ୍ଭକୁ ୧୬ଟି ଦଉଡ଼ିରେ ଚାରିପଟୁ ବାନ୍ଧି ରଖାଯାଉଥିବାବେଳେ ବହୁ ପରିମାଣର କପାମଞ୍ଜି ତେଲରେ ଏହା ଜଳୁଥିଲା ଓ ଦରବାରକୁ ଆଲୋକିତ କରୁଥିଲା।

ଉର୍ଦ୍ଦୁ ଏକାଡେମୀ ଦ୍ୱାରା ୧୯୮୭ରେ ପ୍ରକାଶିତ ମହେଶ୍ୱର ଦୟାଲଙ୍କ ପୁସ୍ତକ 'ଆଲମ ମେ ଇନ୍ତେଖାବ୍: ଦିଲ୍ଲି'ରେ ମୋଗଲ ସମୟରେ ଦିଲ୍ଲୀର ଇତିହାସ, ପରମ୍ପରା ଓ ସଂସ୍କୃତି ସମ୍ପର୍କରେ ବର୍ଣ୍ଣନା କରାଯାଇଛି। ଏଥିରେ ଦଶହରା, ରାମଲୀଳା, ଦୀପାବଳି ସମ୍ପର୍କରେ ଉଲ୍ଲେଖ ରହିଛି। ସମ୍ରାଟ ଶାହାଜାହାନ ରାଜଧାନୀକୁ ଆଗ୍ରାରୁ ଦିଲ୍ଲୀ ସ୍ଥାନାନ୍ତର କରିବା ପରେ ସେଠାରେ ପ୍ରାଚୀର ଘେରା ସହର ଶାହାଜାହାନବାଦ ପ୍ରତିଷ୍ଠା କରିଥିଲେ। ତାଙ୍କ ସୈନ୍ୟ ଓ ଜନସାଧାରଣ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ହିନ୍ଦୁ ପର୍ବ ପାଳନ କରିବା ଲାଗି ଶାହାଜାହାନ ପୃଷ୍ଠପୋଷକତା ଯୋଗାଇଦେଉଥିଲେ। ଲାଲ୍‌କିଲ୍ଲା ପଛପାର୍ଶ୍ୱ ଯମୁନା ନଦୀ କୂଳରେ ହିନ୍ଦୁ ସୈନ୍ୟମାନେ ଦଶହରା ପାଳନ କରୁଥିଲେ। ରମଲୀଳା ଦଶହରାର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଥିଲା। ଦିଲ୍ଲୀରେ ପ୍ରଥମ ରାମଲୀଳା କମିଟି ସମ୍ରାଟ ବାହାଦୁର ଶାହା ଜାଫରଙ୍କ ଦ୍ୱାରା ପ୍ରତିଷ୍ଠା ହୋଇଥିଲା, ଯାହା ଆଜିପର୍ଯ୍ୟନ୍ତ ରହିଛି। ଅଷ୍ଟାଦଶ ଶତାବ୍ଦୀରେ ହିନ୍ଦୁ ମୁସଲମାନମାନେ ଏକାଠି ଦଶହରା ଓ ରାମଲୀଳା ଖୁବ୍ ଉତ୍ସାହ ଉଦ୍ଦୀପନାର ସହ ପାଳନ କରୁଥିଲେ ବୋଲି ମିର୍ଜା କାତିଲଙ୍କ ପାର୍ସି ପୁସ୍ତକ 'ହାଫ୍‌ତ ତମାଶା'ରେ ଉଲ୍ଲେଖ ରହିଛି। ଦିଲ୍ଲୀର ବଜାର ଓ ଛକ ସ୍ଥାନରେ କାର୍ଡବୋର୍ଡ ଏବଂ କାଗଜରେ ରାବଣର ବିରାଟ ମୂର୍ତ୍ତି ନିର୍ମାଣ ହେଉଥିଲା ଓ ଏହାର ପେଟରେ ସରବତର ଏକ ମାଟିପାତ୍ର ରଖାଯାଉଥିଲା। ଭଗବାନ ରାମ ବେଶଧାରୀ ପିଲାମାନେ ଉକ୍ତ ମାଟିପାତ୍ରକୁ ତୀର ମାରି ଭାଙ୍ଗୁଥିଲେ। ଉକ୍ତ ମାଟିପାତ୍ରର ସରବତକୁ ସେଠାରେ ଉପସ୍ଥିତ ଲୋକଙ୍କ ମଧ୍ୟରେ ବଣ୍ଟାଯାଉଥିଲା।

କାର୍ ବଦଳରେ ଟାଟୁ

ତଲାହସି: ଦୁନିଆରେ ବିଭିନ୍ନ ପ୍ରକାରର ଲୋକ ଅଛନ୍ତି। ସମସ୍ତଙ୍କ ରୁଚି ବି ଅଲଗା। କିଛି ଲୋକ ଗାଡ଼ି କିଣି ଚଢ଼ିବା ପାଇଁ ବହୁତ ପସନ୍ଦ କରିଥାନ୍ତି। କିନ୍ତୁ ପାଖରେ ଟଙ୍କାର ଅଭାବ ହେତୁ ତାଙ୍କ ଇଚ୍ଛା ପୂରଣ ହୋଇପାରେ ନାହିଁ।

ଫ୍ଲୋରିଡାରେ ରହୁଥିବା ଖେଣ୍ଟ ଆମେଣ୍ଟ୍ୟୁ ନାମକ ଯୁବକ ରୋଲ୍ସ ରଏସ କାର୍‌କୁ ବହୁତ ପସନ୍ଦ କରନ୍ତି। ଏତେ ଦାମୀ କାର୍ କିଣିବା ପାଇଁ ତାଙ୍କ ପାଖରେ ଅର୍ଥ ନ ଥିଲା। ତେଣୁ ସେ ମୁହଁରେ କାର୍‌ର ଲୋଗୋ ଟାଟୁ କରିଛନ୍ତି।

ଜନ୍ମବାର୍ଷିକ ଶୁଭେଚ୍ଛା

(ରୁଦ୍ର)

ସ୍ୱସ୍ତିକ ମହାପାତ୍ର
ଦର୍ଜିସାହି, ପିପିଲି, ପୁରୀ
ଆଜି ତୋର ଜନ୍ମଦିନରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ କୃପାରୁ ତୋର ଚଲାପଥ କୁସୁମିତ ହେଉ।
ଶୁଭେଚ୍ଛା ସହ: ସୁଜିତ୍, ତୃପ୍ତି, କ୍ଷେତ୍ରମୋହନ, ଲକ୍ଷ୍ମୀପ୍ରିୟା,

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୮ Press Regd. No.ORIORI/2005/14845 Postal Regd. No. BN/42/21-23. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ଶନିବାର, ନଭେମ୍ବର ୬/୨୦୨୧ Sambalpur, Saturday, November 6/ 2021

ସଂକ୍ଷେପରେ

ତୃତୀୟ ଟେଷ୍ଟ ମ୍ୟାଚ କେପ୍‌ଟାଉନକୁ ସ୍ଥାନାନ୍ତରିତ

ଜୋହାନ୍ସବର୍ଗ, ୫।୧୧(ପି.ଟି.): ଆଗକୁ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଖେଳାଯିବାକୁ ଥିବା କ୍ରିକେଟ ଟେଷ୍ଟ ସିରିଜ ଅନ୍ତର୍ଗତ ତୃତୀୟ ମ୍ୟାଚ ଜୋହାନ୍ସବର୍ଗ ପରିବର୍ତ୍ତେ କେପ୍‌ଟାଉନ୍‌ରେ ଖେଳାଯିବ। ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁସାରେ ଜୋହାନ୍ସବର୍ଗରେ ସିରିଜ ଓପନର (ଡିସେମ୍ବର ୧୭ରୁ ଆରମ୍ଭ) ଓ ତୃତୀୟ ଟେଷ୍ଟ (ଜାନୁୟାରୀ ୩ରୁ ୭) ଖେଳାଯାଇଥାନ୍ତା। ସେଞ୍ଚୁରିଅନ୍‌ଠାରେ ଡିସେମ୍ବର ୨୬ରୁ ବକ୍ସିଂ ଡେ' ଟେଷ୍ଟ ହୋଇଥାନ୍ତା। ତେବେ କ୍ରିକେଟ ଦକ୍ଷିଣ ଆଫ୍ରିକା (ସିଏସ୍‌ଏ) ତୃତୀୟ ଟେଷ୍ଟର ଭେନ୍ୟୁ ପରିବର୍ତ୍ତନ କରିବା ଲାଗି ନିଷ୍ପତ୍ତି ନେଇଛି। ସିଏସ୍‌ଏ ପକ୍ଷରୁ କିନ୍ତୁ କୌଣସି କାରଣ ଦର୍ଶାଯାଇନାହିଁ। ଦକ୍ଷିଣ ଆଫ୍ରିକା ଟୁର୍ ବେଳେ ଭାରତ ଟେଷ୍ଟ ସିରିଜ ପରେ ୩ ଅନ୍ତର୍ଜାତୀୟ ଦିନିକିଆ ଓ ୪ ଟି୨୦ ମ୍ୟାଚ ଖେଳିବ। ଏହା ଜାନୁୟାରୀ ୧୧ରୁ ଆରମ୍ଭ ହେବ। ଜାନୁୟାରୀ ୨୬ରେ ଚତୁର୍ଥ ଟି୨୦ ସହ ଟୁର୍ ଶେଷ ହେବ।

ୱେଷ୍ଟଇଣ୍ଡିଜ ଖେଳାଳିଙ୍କୁ ଜରିମାନା

ଆବୁଧାବି, ୫।୧୧(ପି.ଟି.): ଶ୍ରୀଲଙ୍କା ବିପକ୍ଷ ଆଇସିସି ଟି୨୦ ବିଶ୍ୱକପ୍ ସୁପର ୧୨ ଗ୍ରୁପ୍-୧ ମ୍ୟାଚରେ ସ୍ଲୋ-ଓଭର ରେଟ୍ ବୋଲିଂ ପାଇଁ ୱେଷ୍ଟଇଣ୍ଡିଜ ଖେଳାଳିଙ୍କୁ ସେମାନଙ୍କ ମ୍ୟାଚ ଫି'ର ୨୦ ପ୍ରତିଶତ ଜରିମାନା କରାଯାଇଛି। ଗୁରୁବାର ଖେଳାଯାଇଥିବା ଏହି ମ୍ୟାଚରେ କିରଣ ପୋଲାର୍ଡଙ୍କ ଦଳ ବୋଲିଂ ବେଳେ ଧାର୍ଯ୍ୟ ସମୟ ମଧ୍ୟରେ ଟାର୍ଗେଟଠାରୁ ଗୋଟିଏ ଓଭର ପଛୁଆ ରହିଯାଇଥିଲା। ଏହା ଦ୍ୱାରା ଆଇସିସି ଆଚରଣ ବିଧିର ଧାରା ୨.୨୨ ଉଲ୍ଲଂଘନ କରିଥିବାରୁ ଏମିରେଟ୍ସ ଆଇସିସି ଏଲିଟ୍ ପ୍ୟାନେଲ ଅଫ୍ ମ୍ୟାଚ ରେଫରି ଡେଭିଡ୍ ବୁନ୍ ୱେଷ୍ଟଇଣ୍ଡିଜ ଦଳକୁ ଜରିମାନା କରିଥିଲେ। ଗତଥର ଚାମ୍ପିୟନ ୱେଷ୍ଟଇଣ୍ଡିଜ ୨୦ ରନରେ ଶ୍ରୀଲଙ୍କାଠାରୁ ପରାଜିତ ହେବାପରେ ସେମିଫାଇନାଲ ଦୌଡ଼ରୁ ବାଦ୍ ପଡ଼ିଛି।

ଅବସର ନେବେ ବ୍ରାଭୋ

ଆବୁଧାବି, ୫।୧୧ (ପି.ଟି.): ଚଳିତ ଟି୨୦ ବିଶ୍ୱକପ୍ ପରେ ୱେଷ୍ଟଇଣ୍ଡିଜର ଷ୍ଟାର ଅଲ୍‌ରାଉଣ୍ଡର ଡ୍ୱେନ ବ୍ରାଭୋ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ନେବେ। ୩୮ ବର୍ଷୀୟ ବ୍ରାଭୋ ୨୦୧୯ରେ ଅବସରରୁ ଖେଳକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ଚଳିତ ଟି୨୦ ବିଶ୍ୱକପ୍‌ରେ ସେ ଜଣେ ପ୍ରମୁଖ ସଦସ୍ୟ। ଗୁରୁବାର ସୁପର ୧୨ରେ ଶ୍ରୀଲଙ୍କାଠାରୁ ପରାଜିତ ହେବା ପରେ ୱେଷ୍ଟଇଣ୍ଡିଜ ୩ ପରାଜୟ ସହ ସେମିଫାଇନାଲ ଦୌଡ଼ରୁ ବାଦ୍ ପଡ଼ିଛି। ଦଳ ଶନିବାର ଏକ ଗୁରୁତ୍ୱହୀନ ମ୍ୟାଚରେ ଅଷ୍ଟ୍ରେଲିଆକୁ ଭେଟିବ। ବ୍ରାଭୋଙ୍କ ୧୭ବର୍ଷରୁ ଊର୍ଦ୍ଧ୍ୱ କ୍ୟାରିୟରର ଏହା ଅନ୍ତିମ ଅନ୍ତର୍ଜାତୀୟ ମ୍ୟାଚ ହେବ। ବ୍ରାଭୋ ୪ଥର ଆଇପିଏଲ୍ ଚାମ୍ପିୟନ ଚେନ୍ନାଇ ସୁପର କିଙ୍ଗ୍ସ ଦଳର ଜଣେ ପ୍ରମୁଖ ସଦସ୍ୟ ଥିଲେ। ସେ ତାଙ୍କ କ୍ୟାରିୟରରେ ସାତ ଟି୨୦ ବିଶ୍ୱକପ୍ ଖେଳିଛନ୍ତି। ତାଙ୍କ ସମୟରେ ୱେଷ୍ଟଇଣ୍ଡିଜ ୨୦୧୨ ଓ ୨୦୧୬ରେ ଟ୍ରଫି ଜିତିପାରିଛି। ବ୍ରାଭୋ ନିଜ ଦେଶ ତରଫରୁ ୯୦ ଅନ୍ତର୍ଜାତୀୟ ଟି୨୦ ଖେଳି ୧୨୪୫ ରନ ସଂଗ୍ରହ କରିବା ସହ ୭୮ ଉଇକେଟ ଅକ୍ତିଆର କରିଛନ୍ତି। ସେ ଟି ୨୦ ଫର୍ମାଟରେ ଓଭର ଅଲ୍ ୫୦୦ରୁ ଊର୍ଦ୍ଧ୍ୱ ମ୍ୟାଚ ଖେଳିଛନ୍ତି। ସେ ୨୦୦୪ରେ ପଦାର୍ପଣରେ ୪୦ ଟେଷ୍ଟ ଖେଳି ୩୧.୪୨ ଆଭରେଜରେ ୨୨୦୦ ରନ ସ୍କୋର କରିଛନ୍ତି ଓ ୮୬ ଉଇକେଟ ଅକ୍ତିଆର କରିଛନ୍ତି। ସେ ୧୬୪ ଅନ୍ତର୍ଜାତୀୟ ଦିନିକିଆ ଖେଳି ୨୯୬୮ ରନ ସଂଗ୍ରହ କରିବା ସହ ୧୯୯ ଉଇକେଟ ଅକ୍ତିଆର କରିଛନ୍ତି।

ନ୍ୟୁଜିଲାଣ୍ଡର ତୃତୀୟ ବିଜୟ

ଶାରଜା,୫।୧୧

ଟି୨୦ ବିଶ୍ୱକପ୍ ସୁପର ୧୨ ପର୍ଯ୍ୟାୟରେ ଶୁକ୍ରବାର ଅନୁଷ୍ଠିତ ପ୍ରଥମ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ ୫୨ ରନରେ ନାମିଆକୁ ପରାସ୍ତ କରିଛି। ଶାରଜା ଷ୍ଟାଡିୟମରେ ଗ୍ରୁପ୍-୨ରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ନାମିଆ ଟସ୍ ଜିତି ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରି ନ୍ୟୁଜିଲାଣ୍ଡ ୨୦ ଓଭରରେ ୪ ଉଇକେଟ ହରାଇ ୧୬୩ ରନ ସଂଗ୍ରହ କରିଥିଲା। ଜବାବରେ ନାମିଆ ୭ ଉଇକେଟ ହରାଇ ୧୧୧ ରନରେ ସୀମିତ ରହି ପରାସ୍ତ ହୋଇଥିଲା। ଗୋଟିଏ ଉଇକେଟ ନେବା ସହ ୨୩ ବଲରୁ ୧ ଚୌକା ଓ ୨ ଛକା ସହ ଦ୍ରୁତ ଅପରାଜିତ ୩୫ ରନ ସଂଗ୍ରହ କରିଥିବା ଜେମ୍ସ ନିଶାମ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି। ଏଥି ସହ ୪ଟି ମ୍ୟାଚ୍ ଖେଳି ୩ ବିଜୟ ଓ ୧ ପରାଜୟ ସହ ୬ ପଏଣ୍ଟ ହାସଲ କରି ନ୍ୟୁଜିଲାଣ୍ଡ ଗ୍ରୁପ୍-୨ ପଏଣ୍ଟ ତାଲିକାର ଦ୍ୱିତୀୟ ସ୍ଥାନରେ ରହି ତା'ର ସେମିଫାଇନାଲ ଆଶାକୁ ଆହୁରି ଦୃଢ କରିଛି। ଅନ୍ୟପଟେ ନାମିଆ ୪ ମ୍ୟାଚ୍ ଖେଳି ୧ ବିଜୟ ଓ ୩ ପରାଜୟ ସହ ୨ ପଏଣ୍ଟ ହାସଲ କରି ପଞ୍ଚମ ସ୍ଥାନରେ ରହି ସେମି ଦୌଡରୁ ବାଦ୍ ପଡିସାରିଛି।

ଟି୨୦ ବିଶ୍ୱକପ
(ଆଜିର ମ୍ୟାଚ)
ଅଷ୍ଟ୍ରେଲିଆ ବନାମ ୱେଷ୍ଟଇଣ୍ଡିଜ
ସ୍ଥାନ: ଆବୁଧାବି, ସମୟ: ଅପରାହ୍ନ ୩ଟା ୩୦
ଇଂଲଣ୍ଡ ବନାମ ଦକ୍ଷିଣ ଆଫ୍ରିକା
ସ୍ଥାନ: ଶାରଜା, ସମୟ: ରାତି ୭ଟା ୩୦
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ ନେଟ୍‌ୱର୍କ

ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଜେମ୍ସ ନିଶାମ।

ଏ ୧୬୪ ରନ ଟାର୍ଗେଟର ପିଛା କରି ନାମିଆ ନ୍ୟୁଜିଲାଣ୍ଡ ବୋଲରଙ୍କ ସମ୍ମୁଖୀନ ହୋଇ ନ ପାରି ନିୟମିତ ଅନ୍ତରରେ ଉଇକେଟମାନ ହରାଇବା ସହ ଆବଶ୍ୟକ ହାରରେ ରନ ସଂଗ୍ରହ କରିପାରି ନ ଥିଲା। ଦଳ ତରଫରୁ ମାଇକେଲ ଭାନ ଲିନ୍‌ଗେନ ସର୍ବାଧିକ ୨୫, ଉଇକେଟକିପର ବ୍ୟାଟର ଜେନ୍ ଗ୍ରୀନ ୨୩, ଓପନର ଷ୍ଟିଫେନ ବାର୍ଡ ୨୧, ଡେଭିଡ୍ ୱାଇଜ ୧୬ ରନ ସଂଗ୍ରହ କରି ଆଉଟ ହୋଇଥିବା ବେଳେ ଅନ୍ୟମାନେ ବିଫଳ ହୋଇଥିଲେ। ନ୍ୟୁଜିଲାଣ୍ଡ ତରଫରୁ ଟିମ୍ ସୌଦି ଓ ଟ୍ରେଣ୍ଟ ବୋଲ୍ଟ ୨ଟି ଲେଖାଏ, ମିଚେଲ ସାଣ୍ଟନର, ଜେମ୍ସ ନିଶାମ ଓ ଇଶ୍ ସୋଧି ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ନ୍ୟୁଜିଲାଣ୍ଡ ଗ୍ଲେନ ଫିଲିପ୍ସ ୩୯ (୨୧ ବଲ, ୧ ଚୌକା, ୩ ଛକା) ଓ ଜେମ୍ସ ନିଶାମ ୩୫ ରନକରି ଅପରାଜିତ ରହିବା ସହ ଦଳକୁ ବୃହତ ସ୍କୋର ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଭିଜ୍ଞ ଓପନର ମାର୍ଟିନ ଗୁପ୍ଟିଲ ୧୮, ଡାରିଲ ମିଚେଲ ୧୯, ଅଧିନାୟକ କେନ୍ ୱିଲିୟମସନ ୨୮, ଡେଭନ କନୱେ ୧୭ ରନ ସଂଗ୍ରହ କରି ଆଉଟ ହୋଇଥିଲେ। ବୋଲିଂରେ ନାମିଆ ତରଫରୁ ବର୍ନାଡ ସ୍କୋଲଜ, ଡେଭିଡ୍ ୱାଇଜ ଓ ଗେରହାର୍ଡ ଏରାସମସ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

ସଂକ୍ଷିପ୍ତ ସ୍କୋର

ନ୍ୟୁଜିଲାଣ୍ଡ ୨୦ ଓଭରରେ ୧୬୩/୪ (ଗ୍ଲେନ ଫିଲିପ୍ସ- ୩୯*, ଜେମ୍ସ ନିଶାମ- ୩୫*, କେନ ୱିଲିୟମସନ- ୨୮, ମାର୍ଟିନ ଗୁପ୍ଟିଲ- ୧୮, ଡାରିଲ ମିଚେଲ- ୧୯, ଡେଭନ କନୱେ- ୧୭, ବର୍ନାଡ ସ୍କୋଲଜ- ୧/୧୫, ଡେଭିଡ- ୧/ ୪୦, ଗେରହାର୍ଡ ଏରାସମସ- ୧/୨୨)। ନାମିଆ ୨୦ ଓଭରରେ ୧୧୧/୭ (ମାଇକେଲ ଭାନ ଲିନ୍‌ଗେନ- ୨୫, ଜେନ ଗ୍ରୀନ- ୨୩, ଷ୍ଟିଫେନ ବାର୍ଡ- ୨୧, ଡେଭିଡ ୱାଇଜ- ୧୬, ଟିମ ସୌଦି- ୨/୧୫, ଟ୍ରେଣ୍ଟ ବୋଲ୍ଟ- ୨/୨୦)।

ମହିଳା ଖେଳାଳିଙ୍କୁ ଶର୍ଟ୍ସ ପରିଧାନ ପାଇଁ ଅନୁମତି

ନରୱେ ବିଚ୍ ହ୍ୟାଣ୍ଡବଲ ମହିଳା ଦଳ।

ବାସେଲ, ୫।୧୧

ଅନ୍ତର୍ଜାତୀୟ ହ୍ୟାଣ୍ଡବଲ ଫେଡେରେଶନ (ଆଇଏଚ୍‌ଏଫ୍) ମହିଳା ଖେଳାଳିମାନଙ୍କ ୟୁନିଫର୍ମକୁ ନେଇ ରହିଥିବା ଏହାର ନିୟମରେ ଏକ ପରିବର୍ତ୍ତନ କରିଛି। ନୂଆ ନିୟମ ଅନୁସାରେ ମହିଳା ବିଚ୍ ହ୍ୟାଣ୍ଡବଲ୍ ଖେଳାଳିମାନେ ଏଣିକି ବିକିନି ବଟମ୍ସ ପରିବର୍ତ୍ତେ ଶର୍ଟ୍ସ ପିନ୍ଧିପାରିବେ। ବିକିନି ବଟମ୍ସ ପିନ୍ଧିବା ଅଶ୍ଳୀଳତାକୁ ସୂଚାଉଥିବା ଅଭିଯୋଗ ପରେ ଆଇଏଚ୍‌ଏଫ୍ ଏହି ନିଷ୍ପତ୍ତି ନେଇଛି।

ଗତ ଜୁଲାଇରେ ଅନୁଷ୍ଠିତ ୟୁରୋପିଆନ ଚାମ୍ପିୟନଶିପ୍‌ରେ ନରୱେ ଖେଳାଳିମାନେ ଉପଯୁକ୍ତ ୟୁନିଫର୍ମ ପିନ୍ଧି ନ ଥିଲେ। ସେମାନେ ବିକିନି ବଟମ୍ସ ବଦଳରେ ଶର୍ଟ୍ସ ବ୍ୟବହାର କରିଥିଲେ। ଏଥିପାଇଁ ଖେଳାଳିମାନଙ୍କୁ ୧,୭୩୫ ଆମେରିକୀୟ ଡଲାର ଜରିମାନା କରାଯାଇଥିଲା। ନରୱେ କ୍ରୀଡ଼ାମନ୍ତ୍ରୀ ଅବିଦ ରାଜା ଏହି ଘଟଣାକୁ ହାସ୍ୟାସ୍ପଦ ବୋଲି କହି ସମାଲୋଚନା କରିଥିଲେ। ଏ ସଂକ୍ରାନ୍ତରେ ନିୟମ ପରିବର୍ତ୍ତନ

ବିଚ୍ ହ୍ୟାଣ୍ଡବଲ

କରାଯିବା ଉଚିତ ବୋଲି ସେ ମତ ଦେଇଥିଲେ। ଆମେରିକାର ଜଣାଶୁଣା ଗାୟିକା ତଥା ଗୀତିକାର ପିଙ୍କ୍ ନରୱେ ମହିଳା ଦଳକୁ ସମର୍ଥନ କରିଥିଲେ ଓ ଦଳ ପାଇଁ ଗର୍ବିତ ବୋଲି କହିଥିଲେ। ସେ ମଧ୍ୟ ଧାର୍ଯ୍ୟ ହୋଇଥିବା ଜରିମାନା ଦେବାକୁ ପ୍ରସ୍ତାବ ଦେଇଥିଲେ। ଡେନ୍‌ମାର୍କ, ଫିନ୍‌ଲାଣ୍ଡ, ଆଇସ୍‌ଲାଣ୍ଡ, ନରୱେ ଓ ସ୍ୱିଡେନର ମନ୍ତ୍ରୀମାନେ ୟୁନିଫର୍ମକୁ ନେଇ ରହିଥିବା ନିୟମ ନେଇ ପୁନର୍ବିଚାର କରିବାକୁ ଆଇଏଚ୍‌ଏଫ୍‌କୁ ଅନୁରୋଧ କରିଥିଲେ। ଲିଙ୍ଗଗତ ସମାନତାକୁ ଭିତ୍ତିକରି ନିୟମରେ ପରିବର୍ତ୍ତନ ଲୋଡା ବୋଲି ସେମାନେ ମତ ରଖିଥିଲେ। ମହିଳା ଖେଳାଳିମାନେ ଏଣିକି ଫିଟ୍ ହେଉଥିବା ଶର୍ଟ ଟାଇଟ୍ ପ୍ୟାଣ୍ଟ ଓ ବଡି ଫିଟ୍ ଟ୍ୟାଙ୍କ ଟପ୍ସ ପିନ୍ଧିପାରିବେ। ପୁରୁଷ ଖେଳାଳିମାନଙ୍କୁ ଅବଶ୍ୟ ଶର୍ଟ୍ସ ପିନ୍ଧିବା ପାଇଁ ଅନୁମତି ଦିଆଯାଇଛି। ତେବେ ଏହା ଆଣ୍ଠୁ ଉପରକୁ ୧୦ ସେ.ମି. ଉପରେ ରହିଥିବ ଓ ଅତ୍ୟଧିକ ଢିଲା ହୋଇ ନ ଥିବ।

ମାଧୁରୀଙ୍କ ଶତକ: ଓଡ଼ିଶା ବିଜୟୀ

ଭୁବନେଶ୍ୱର, ୫।୧୧(କ୍ରୀଡ଼ା ପ୍ରତିନିଧି)

ମାଧୁରୀ ମେହେଟାଙ୍କ ଶତକ ସହାୟତାରେ ଓଡ଼ିଶା ପୁଣେର ପିଓ୍ୱାଇସି ଜିମ୍‌ଖାନା ଗ୍ରାଉଣ୍ଡରେ ଅନୁଷ୍ଠିତ ମହିଳା ସିନିୟର ଦିନିକିଆ କ୍ରିକେଟର ଏଲିଟ-ବି ମ୍ୟାଚରେ ଉତ୍ତରାଖଣ୍ଡକୁ ୭ ଉଇକେଟରେ ପରାସ୍ତ କରିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଉତ୍ତରାଖଣ୍ଡ ୫୦ ଓଭରରେ ୫ ଉଇକେଟ ହରାଇ ୨୨୭ ରନ କରିଥିଲା। ଏ.ଏନ.ତୋମାର ସର୍ବାଧିକ ୪୭ ଓ ସାରିକା କୋଲି ୩୭ ରନ କରିଥିଲେ। ଓଡ଼ିଶା ବୋଲରଙ୍କ ମଧ୍ୟରେ

ମାଧୁରୀ ମେହେଟା

ଅଧିନାୟିକା ମଧୁସ୍ମିତା ବେହେରା ୨ଟି ଏବଂ ପ୍ରିୟଙ୍କା ପ୍ରିୟଦର୍ଶିନୀ ଓ ସୁଶ୍ରୀ ଦିବ୍ୟଦର୍ଶିନୀ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ । ୨୨୮ ରନ ବିଜୟ ଲକ୍ଷ୍ୟକୁ ଓଡ଼ିଶା ୪୬.୨ ଓଭରରେ ମାତ୍ର ୩ ଉଇକେଟ ହରାଇ ହାସଲ କରି

ମହିଳା ସିନିୟର ଦିନିକିଆ କ୍ରିକେଟ

ନେଇଥିଲା। ମାଧୁରୀ ୧୦୮ ଓ ପ୍ରଜ୍ଞା ମହାନ୍ତି ୩୧ ରନ କରି ଅପରାଜିତ ରହିଥିବାବେଳେ କାଜଲ ଜେନା ୪୧ ରନ କରିଥିଲେ। ଓଡ଼ିଶା ଏହାର ୫ମ ତଥା ଅନ୍ତିମ ମ୍ୟାଚ ଶନିବାର ରେଲୱେ ବିପକ୍ଷରେ ଖେଳିବ।

ଅଷ୍ଟ୍ରେଲିଆର ସେମି ଆଶା ଉଜ୍ଜୀବିତ

ଦୁବାଇ,୫।୧୧: ଟି୨୦ ବିଶ୍ୱକପ୍‌ରେ ଅଷ୍ଟ୍ରେଲିଆ ଏବେ ସେମି ଫାଇନାଲ ଦୌଡ଼ରେ ସାମିଲ ହୋଇଛି। ସୁପର ୧୨ ପର୍ଯ୍ୟାୟର ଗ୍ରୁପ୍ ୨ରେ ଗୁରୁବାର ଖେଳାଯାଇଥିବା ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ୮ ଉଇକେଟରେ ବାଂଲାଦେଶକୁ ପରାସ୍ତ କରିଛି। ୮୨ଟି ବଲ ବାକିଥାଇ ଅଷ୍ଟ୍ରେଲିଆ ବୃହତ୍ ବିଜୟ ହାସଲ କରି ସେମି ଆଶା ଉଜ୍ଜୀବିତ ରଖିଛି। ୪ଟି ମ୍ୟାଚ୍ ଖେଳି ୩ଟି ବିଜୟ ସହ ଅଷ୍ଟ୍ରେଲିଆ ୬ ପଏଣ୍ଟ ହାସଲ କରି ଗ୍ରୁପ-୧ ପଏଣ୍ଟ ତାଲିକାର ଦ୍ୱିତୀୟ ସ୍ଥାନରେ ରହିଛି।

ଭାରତ-ସ୍କଟ୍‌ଲାଣ୍ଡ ସ୍କୋର ବୋର୍ଡ

ସ୍କଟଲାଣ୍ଡ ଇନିଂସ
ଜର୍ଜ ମୁନ୍‌ସେ-କ-ହାର୍ଦ୍ଦିକ-ବୋ-ଶାମି-୨୪
କାଇଲ କୋଜର-ବୋ-ବୁମ୍‌ରା-୧
ମାଥ୍ୟୁ କ୍ରସ୍-ଏଲବିଡବ୍ଲ୍ୟୁ-ଜାଡେଜା-୨
ରିଚି ବରିଙ୍ଗଟନ-ବୋ-ଜାଡେଜା-୦
କାଲମ ମ୍ୟାକ୍‌ଲିଓଡ୍-ବୋ-ଶାମି-୧୬
ମାଇକେଲ ଲିସ୍କ-ଏଲବିଡବ୍ଲ୍ୟୁ-ଜାଡେଜା-୨୧
କ୍ରିସ୍ ଗ୍ରିଭ୍ସ-କ-ହାର୍ଦ୍ଦିକ-ବୋ-ଅଶ୍ୱିନ-୧
ମାର୍କ ୱାଟ୍-ବୋ-ବୁମ୍‌ରା-୧୪
ସାଫୟାନ ଶରିଫ୍- ରନ ଆଉଟ୍-୦
ଅଲାସଡେୟାର ଇଭାନ୍ସ-ବୋ-ଶାମି-୦
ବ୍ରାଡ୍‌ଲେ ହ୍ୱିଲ୍-ନଟ ଆଉଟ-୨
ଅତିରିକ୍ତ-୪
ମୋଟ: (୧୭.୪ ଓଭର/ଅଲଆଉଟ) ୮୫।
ଉଇକେଟ ପତନ: ୧/୧୩, ୨/୨୭, ୩/୨୮, ୪/୨୯, ୫/୫୮, ୬/୬୩, ୭/୮୧, ୮/୮୧, ୯/୮୧,୮୫/୧୦।

ବୋଲିଂ(ଭାରତ)
ଯଶପ୍ରୀତ୍ ବୁମ୍‌ରା ୩.୪-୧-୧୦-୨
ବରୁଣ ଚକ୍ରବର୍ତ୍ତୀ ୩-୦-୧୫-୦
ରବିଚନ୍ଦ୍ରନ ଅଶ୍ୱିନ ୪-୦-୨୯-୧
ମହମ୍ମଦ ଶାମି ୩-୧-୧୫-୩
ରବୀନ୍ଦ୍ର ଜାଡେଜା ୪-୦-୧୫-୩।

ଭାରତ ଇନିଂସ
ରାହୁଲ-କ-ମ୍ୟାକ୍‌ଲିଓଡ୍-ବୋ-ୱାର୍-୫୦
ରୋହିତ-ଏଲ୍‌ବିଡବ୍ଲ୍ୟୁ-ହ୍ୱିଲ୍-୩୦
କୋହଲି-ନଟ ଆଉଟ-୨
ସୂର୍ଯ୍ୟକୁମାର- ନଟ ଆଉଟ-୬
ଅତିରିକ୍ତ-୧
ମୋଟ: (୬.୩ ଓଭର/୨ଉଇକେଟ) ୮୯।
ଉଇକେଟ ପତନ: ୧/୭୦, ୨/୮୨।

ବୋଲିଂ (ସ୍କଟଲାଣ୍ଡ)
ମାର୍କ ୱାଟ୍ ୨-୦-୨୦-୧
ବ୍ରାଡ୍‌ଲେ ହ୍ୱିଲ୍ ୨-୦-୩୨-୧
ଆଲାସଡେର ଇଭାନ୍ସ ୧-୦-୧୬-୦
ସାଫୟାନ ଶରିଫ ୧-୦-୧୪-୦
କ୍ରିସ୍ ଗ୍ରିଭ୍ସ ୦.୩-୦-୭-୦।

କୁଚ୍ ବିହାର ଟ୍ରଫି ପାଇଁ ଓଡ଼ିଶା ଦଳ ଘୋଷିତ

ଭୁବନେଶ୍ୱର, ୫।୧୧ (ସ୍ପୋର୍ଟ୍ସ ବ୍ୟୁରୋ): ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଆନୁକୂଲ୍ୟରେ ଆସନ୍ତା ୨୯ରୁ ଡିସେମ୍ବର ୩୦ ତାରିଖ ପର୍ଯ୍ୟନ୍ତ ଆୟୋଜନ ହେବାକୁ ଥିବା ୧୯ ବର୍ଷରୁ କମ୍ ପୁରୁଷ କୁଚ ବିହାର ଟ୍ରଫି ପାଇଁ ଶୁକ୍ରବାର ଓଡ଼ିଶା ଦଳ ଘୋଷଣା କରାଯାଇଛି। ଶ୍ରେଷ୍ଠ ସିଂ ଏହି ୨୨ ଜଣିଆ ଦଳର ଅଧିନାୟକ ନିଯୁକ୍ତ ହୋଇଛନ୍ତି। ଓଡ଼ିଶା ଦଳ: ଶ୍ରେଷ୍ଠ ସିଂ (ଅଧିନାୟକ), ସାରାଂଶ କୁମାର (ଉଇକେଟକିପର), ଆଶୀର୍ବାଦ ସ୍ୱାଇଁ (ଉଇକେଟକିପର), ଦୀନେଶ କୁମାର ମାଝି (ଉଇକେଟକିପର), ମହମ୍ମଦ ସୋହେଲ ଖାଁ, ସାଇଦୀପ ମହାପାତ୍ର, ସୂର୍ଯ୍ୟ ମହାପାତ୍ର, ବିଶ୍ୱ ବି. ମୁଦୁଲି, ଆଶୁତୋଷ ଛୁରିଆ, ଆଦିତ୍ୟ ଜୟସିଂ, ଶୁଭମ ସିଂ, ସୁଶୀଲ କୁମାର ବାରିକ, ଅଂଶୁମାନ ବେଜ, ଅଂଶୁମାନ ସାହୁ, ସାଇ ଶୁଭମ, ସମିତ ବରାଲ, ସୁଦର୍ଶନ ସ୍ୱାଇଁ, ନିରଞ୍ଜନ ଗୌଡ଼, ରାକେଶ ସାହୁ, ଗୌତମ ସୁନା, ରିତେଶ ପ୍ରିୟରଞ୍ଜନ ଓ ସାହିଲ ପ୍ରସାଦ।

ରସୁଲଗଡ଼ ଦିୱାଲି କପ୍ ଆଜିଠାରୁ

ଭୁବନେଶ୍ୱର, ୫।୧୧(କ୍ରୀଡ଼ା ପ୍ରତିନିଧି)

ଆଲିଆନ୍ସ କ୍ରିକେଟ କ୍ଲବ ଆନୁକୂଲ୍ୟରେ ରସୁଲଗଡ଼ ଦିୱାଲି କପ୍ କ୍ରିକେଟ ଟୁର୍ନାମେଣ୍ଟର ଦ୍ୱିତୀୟ ସଂସ୍କରଣ ଶନିବାରଠାରୁ ଜିଜିପି କଲୋନୀ ପଡ଼ିଆରେ ଆରମ୍ଭ ହେବ। ଏଥିରେ ମୋଟ ୪ଟି ଦଳ ଡାଇମଣ୍ଡ ଏକାଦଶ, ଡାଇନାମିକ୍ ଏକାଦଶ, ସୁପର କିଙ୍ଗ୍ସ ଓ ପିଭିଜି ଏକାଦଶ ଅଂଶଗ୍ରହଣ କରିବେ। ୪ ଦଳର ଅଧିନାୟକ ସମିତ ପାଇକରାୟ, ପ୍ରଦୀପ୍ତ ପଣ୍ଡା, ସୋମନାଥ ମହାନ୍ତି ଓ ମିଲନ ଜ୍ୟୋତି ବେହେରାଙ୍କ ଉପସ୍ଥିତିରେ ଶୁକ୍ରବାର ପ୍ରତିଯୋଗିତାର ଟ୍ରଫି ଉନ୍ମୋଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।

ଶୁକ୍ରବାର ଟ୍ରଫି ଉନ୍ମୋଚନ ଅବସରରେ ୪ ଦଳର ଅଧିନାୟକ।

ପ୍ରଦୀପ ମେମୋରିଆଲ ଚେସ୍

ଅନାଡକଟ୍ ଚାମ୍ପିୟନ ଓଡ଼ିଶା ୧ ରନରେ ହାରିଲା

ଭୁବନେଶ୍ୱର, ୫।୧୧(କ୍ରୀଡ଼ା ପ୍ରତିନିଧି)

ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ପ୍ରଦୀପ କୁମାର ରଥ ମେମୋରିଆଲ ଅନ୍‌ଲାଇନ୍ ଓପନ ଚେସ୍ ଟୁର୍ନାମେଣ୍ଟରେ ଗୁଜରାଟର ଅନାଡକଟ୍ କର୍ତ୍ତବ୍ୟ ଚାମ୍ପିୟନ ହୋଇଛନ୍ତି। ୯ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ଅନାଡକଟ୍ ୭.୫ ପଏଣ୍ଟ ପାଇଥିଲେ। ହର୍ଷିତ ରଞ୍ଜନ ସାହୁ ଓ ଫିଡେ ମାଷ୍ଟର ସୌମ୍ୟ ରଞ୍ଜନ ମିଶ୍ର ୭ ପଏଣ୍ଟ ଲେଖାଏ ପାଇ ପରବର୍ତ୍ତୀ ୨ ସ

ପୃଷ୍ଠା-୮+୮

ଧରିତ୍ରୀ
DHARITRI

ସମ୍ବଲପୁର, ଶନିବାର, ନଭେମ୍ବର ୬/୨୦୨୧ (୮+୮ପୃଷ୍ଠା) Sambalpur, Saturday, November 6/2021 | ପୃଷ୍ଠା-୧

ଜଳଭଣ୍ଡାର ୧୪% ଶୁଖିଛି



ଜଳବାୟୁ ପରିବର୍ତ୍ତନ ବିଦ୍ୟୁତ୍ ଉତ୍ପାଦନ ଏବଂ ଜଳସେଚନ ଉପରେ ପ୍ରତିକୂଳ ପ୍ରଭାବ ପକାଇଲାଣି। ଗତ କିଛିବର୍ଷ ହେଲା ଓଡ଼ିଶାରେ ଏହା ଅନୁଭୂତ ହେଲାଣି। ଅନିୟମିତ ବର୍ଷା ଯୋଗୁ ଦେଶର ପ୍ରମୁଖ ଜଳ ଭଣ୍ଡାରଗୁଡ଼ିକ ଶୁଷ୍କ ହେଉଥିବାରୁ ଏଭଳି ସ୍ଥିତି ଉପୁଜିଛି। ବିଶେଷକରି ଗତ ଦଶନ୍ଧି ମଧ୍ୟରେ ଜଳଭଣ୍ଡାରଗୁଡ଼ିକର ଜଳଧାରଣ କ୍ଷମତା (ଲାଇଭ ଷ୍ଟୋରେଜ) ପ୍ରାୟ ୩୩% ହ୍ରାସ ପାଇଛି। ସେହିପରି ଓଡ଼ିଶାର ଜଳଭଣ୍ଡାର ୧୪% ଶୁଖିଯାଇଛି।

ଭୁବନେଶ୍ୱର,୫।୧୧(ବ୍ୟୁରୋ)

ଗତ ସପ୍ତାହରେ କେନ୍ଦ୍ରୀୟ ଜଳ ଆୟୋଗ (ସିଡବ୍ଲ୍ୟୁସି) ଦ୍ୱାରା କରାଯାଇଥିବା ସର୍ଭେ ଅନୁଯାୟୀ ଦେଶର ୧୩୦ ଜଳଭଣ୍ଡାରରେ ଜଳ ଧାରଣ କ୍ଷମତା ୨୫୭.୮୧୨ ବିଲିୟନ କ୍ୟୁବିକ୍ ମିଟର (ବିସିଏମ୍) ଥିବା ବେଳେ ଗତ ୧୦ ବର୍ଷ ମଧ୍ୟରେ ଏହା ୩୩.୩% ହ୍ରାସ ପାଇ ୧୭୧.୯୫୮ ବିଲିୟନ କ୍ୟୁବିକ୍ ମିଟରକୁ ଖସିଆସିଛି। ବିଶେଷକରି ଓଡ଼ିଶା ସମେତ ପଞ୍ଜାବ, ହିମାଚଳ ପ୍ରଦେଶ, ନାଗାଲାଣ୍ଡ ଏବଂ ମଧ୍ୟପ୍ରଦେଶର ଜଳଭଣ୍ଡାରଗୁଡ଼ିକ ସ୍ୱଳ୍ପ ବୃଷ୍ଟି ଯୋଗୁ ଜଳଧାରଣ କ୍ଷମତାଠାରୁ କମ୍ ରହୁଛି। ଅକ୍ଟୋବର ୨୧ ସୁଦ୍ଧା ଓଡ଼ିଶାର ଜଳଭଣ୍ଡାରଗୁଡ଼ିକରେ ୧୪% କମ୍ ଜଳ ରହିଥିବା ବେଳେ ପଞ୍ଜାବରେ ୩୧%, ହିମାଚଳ ପ୍ରଦେଶରେ ୨୭%, ନାଗାଲାଣ୍ଡରେ ୬% ଏବଂ ମଧ୍ୟପ୍ରଦେଶରେ ୨% କମ୍ ଜଳ ରହିଛି। ୨୦୨୦ ସେପ୍ଟେମ୍ବରରେ ୧୩୦ ଜଳଭଣ୍ଡାରଗୁଡ଼ିକରେ ୧୫୦.୭୮୯ ବିସିଏମ୍ ଜଳ ରହିଥିବାବେଳେ ଚଳିତବର୍ଷ ସେପ୍ଟେମ୍ବରରେ ସେଗୁଡ଼ିକରେ ୧୪୧.୯୨୭ ବିସିଏମ୍ ଜଳ ରହିଥିଲା। ସେପ୍ଟେମ୍ବରରେ ଅଧିକ ବର୍ଷା ଯୋଗୁ ଅକ୍ଟୋବରରେ ଜଳଭଣ୍ଡାରଗୁଡ଼ିକର ସ୍ଥିତିରେ ସାମାନ୍ୟ ସୁଧାର ଆସିଥିଲା।

ସ୍ୱଳ୍ପ ବୃଷ୍ଟି ଯୋଗୁ ଓଡ଼ିଶାର ବିଭିନ୍ନ ଜଳଭଣ୍ଡାରରେ ଏହାର ପ୍ରତିକୂଳ ପ୍ରଭାବ ଦେଖିବାକୁ ମିଳିଛି। ଜୁନ୍ ପହିଲାରୁ ଅଗଷ୍ଟ ୩୧ ମଧ୍ୟରେ ଓଡ଼ିଶାର ୨୭ ଜିଲାରେ ହାରାହାରି ୪୦ରୁ ୪୫% କମ୍ ବର୍ଷା ହୋଇଛି। ସେପ୍ଟେମ୍ବରର ଅଧିକ ବର୍ଷା ସ୍ଥିତିରେ କିଛିଟା ଉନ୍ନତି ଆଣିଥିଲା। ମିଳିଥିବା ସୂଚନା ଅନୁଯାୟୀ ହୀରାକୁଦ ଜଳଭଣ୍ଡାର ଜଳଧାରଣ କ୍ଷମତା ଗତବର୍ଷ ୬୨୯.୮୭ ଫୁଟ ଥିବାବେଳେ ଚଳିତବର୍ଷ ଅକ୍ଟୋବର ଶେଷ ସୁଦ୍ଧା ଏହା ୬୨୯.୭୦ ଫୁଟରେ ରହିଥିଲା। ସେହିପରି ବାଲିମେଳା ଜଳଭଣ୍ଡାରରେ ଗତବର୍ଷ ୧୫୦୩.୮୦ ଫୁଟ ଥିବାବେଳେ ଚଳିତବର୍ଷ ଏହା ୧୪୮୩.୪୦ ଫୁଟକୁ ଖସି ଆସିଛି। ☞ପୃଷ୍ଠା-୫

ଖସୁଛି ଭୂତଳ ଜଳସ୍ତର
ଜଟିଳ ଆଡ଼କୁ ୬ ବ୍ଲକ

ଯାଜପୁର ଅଫିସ,୫।୧୧

ଦିନକୁ ଦିନ ଭୂତଳ ଜଳସ୍ତର ହ୍ରାସ ପାଇବାରେ ଲାଗିଛି । ଗ୍ରୀଷ୍ମ ପ୍ରବାହ ସମୟରେ ପାଣି ପାଇଁ ହାହାକାର ପଡୁଛି। ଏପରି ସ୍ଥିତିରେ ଜଳାଶୟ କିସମ ଜମି ମଧ୍ୟ କମିବାରେ ଲାଗିଛି।। ପୋଖରୀ ପୁନରୁଦ୍ଧାର ଅବା ଖୋଳାଯିବା ପରିବର୍ତ୍ତେ ପୁରାତନ ପୋଖରୀକୁ ପୋତା ଚାଲିଛି। ସେହିପରି ଗଢି ଉଠୁଥିବା ଶିଳ୍ପ କାରଖାନାଗୁଡିକୁ ଜଳ ସମ୍ପଦ ବିଭାଗ ପକ୍ଷରୁ ଆଖିବୁଜା ଭୂତଳ ଜଳ ବ୍ୟବହାର ପାଇଁ ଅନୁମତି ଦିଆଯାଉଛି। ଫଳରେ ଭୂତଳ ଜଳ ହ୍ରାସ ଅଣାୟତ୍ତ ହେବାରେ ଲାଗିଛି। ଏନେଇ ଗ୍ରାଉଣ୍ଡ ୱାଟର ରିସୋର୍ସ ଆସେସ୍‌ମେଣ୍ଟ (ଜିଡବ୍ଲ୍ୟୁଆର୍‌ଏ)-୨୦୨୦ ରିପୋର୍ଟରେ ସତର୍କ କରାଇ ଦିଆଯାଇଛି। ଓଡ଼ିଶା ସରକାରଙ୍କ ଷ୍ଟେଟ୍ ଲେଭଲ କମିଟି (ଏସ୍‌ଏଲ୍‌ସି) ଏବଂ କେନ୍ଦ୍ରର ସରକାରଙ୍କ ସେଣ୍ଟ୍ରାଲ ଲେଭଲ ଏକ୍ସପର୍ଟ ଗ୍ରୁପ୍‌ର ତତ୍ତ୍ୱାବଧାନରେ ପ୍ରସ୍ତୁତ ହୋଇଥିବା ଜିଡବ୍ଲ୍ୟୁଆର୍‌ଏ ରିପୋର୍ଟରେ ଯାଜପୁର ଜିଲାର କୋରେଇ ବ୍ଲକ, ବାଲେଶ୍ୱର ଜିଲାର ବାଲିଆପାଳ, କେନ୍ଦ୍ରାପଡ଼ା ଜିଲାର ଗରଦପୁର, ଖୋର୍ଦ୍ଧା ଜିଲାର ଭୁବନେଶ୍ୱର, ବୋଲଗଡ଼ ଏବଂ ନୂଆପଡ଼ା ଜିଲାର ନୂଆପଡ଼ା ବ୍ଲକ ପ୍ରାୟ ଜଟିଳ(ସେମି କ୍ରିଟିକାଲ) ସ୍ଥିତିରେ ରହିଛି। ଏହି ରିପୋର୍ଟକୁ ଆଧାର କରି ଜଳ ଶକ୍ତି ମନ୍ତ୍ରଣାଳୟର ସଚିବ ପଙ୍କଜ କୁମାର ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଓଡ଼ିଶାର ମୁଖ୍ୟ ଶାସନ ☞ପୃଷ୍ଠା-୫

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ବାରିହାପୁରରେ ଶୁକ୍ରବାର ଦନ୍ତାହାତୀ ଆତଙ୍କରେ ଲୋକେ ଜୀବନ ବିକଳରେ ଧାଉଁଛନ୍ତି। (ରିପୋର୍ଟ: ପୃଷ୍ଠା-୫)

୭ ମାସ ପରେ ୧୭୦କୁ ଖସିଲା ସଂକ୍ରମଣ

ଭୁବନେଶ୍ୱର, ୫।୧୧(ବ୍ୟୁରୋ)



ଦୀର୍ଘଦିନ ପରେ ରାଜ୍ୟରେ କରୋନା ସଂକ୍ରମଣ ୨ଶହ ତଳକୁ ଖସିଆସିବା ସହ ୭ମାସ ତଳର ସ୍ଥିତିକୁ ଚାଲିଆସିଛି। ମାର୍ଚ୍ଚ ୨୩ରେ ରାଜ୍ୟରେ ୧୭୦ଜଣ ଆକ୍ରାନ୍ତ ହୋଇଥିଲେ। ତେବେ ଗତ ୨୪ ଘଣ୍ଟାରେ ୫୫,୭୪୩ ନମୁନାରୁ ମଧ୍ୟ ୧୭୦ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏଥିମଧ୍ୟରେ ୦ ରୁ ୧୮ ବର୍ଷରୁ କମ୍ ବୟସ୍କ ଆକ୍ରାନ୍ତ ୨୪ଜଣ ରହିଛନ୍ତି। ସେହିଭଳି ଖୋର୍ଦ୍ଧା ଜିଲାରେ ବି ଦୈନିକ ସଂକ୍ରମଣ ଶହେ ତଳକୁ ଖସିଛି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ଏହି ଜିଲାରୁ ୬୧ଜଣ ରହିଛନ୍ତି। ବାକିସବୁ ଜିଲାରେ ସଂକ୍ରମିତଙ୍କ ସଂଖ୍ୟା ୨୦ତଳେ ରହିଛି। ସେପଟେ ରାଜ୍ୟରେ ଦୈନିକ ସଂକ୍ରମଣ ହାର ବି ହ୍ରାସ ପାଇଥିବା ଦେଖାଯାଇଛି। ଏବେ ରାଜ୍ୟରେ ଦୈନିକ ସଂକ୍ରମଣ ହାର ୦.୩୧% ଥିବାବେଳେ ସବୁ ଜିଲାରେ ଏହି ହାର ୧% ପ୍ରତିଶତ ତଳେ ରହିଛି। ନୂଆ ଆକ୍ରାନ୍ତଙ୍କୁ ମିଶାଇ ଏବେ ରାଜ୍ୟରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୦,୪୨,୯୪୩ରେ ପହଞ୍ଚିଛି।

ଅପରପକ୍ଷେ ରାଜ୍ୟରେ ଆଉ ୩ଜଣଙ୍କର କରୋନାରେ ମୃତ୍ୟୁ ଘଟିଥିବା ସ୍ୱାସ୍ଥ୍ୟ ବିଭାଗ ସୂଚନା ଦେଇଛି। ମୃତକଙ୍କ ମଧ୍ୟରେ ଭୁବନେଶ୍ୱର, ମୟୂରଭଞ୍ଜ ଓ ନୟାଗଡ଼ରୁ ଜଣେ ଲେଖାଏ ରହିଛନ୍ତି। ମୟୂରଭଞ୍ଜ ମୃତକ ଜଣକ ୩୧ ବର୍ଷୀୟ ଯୁବକ ବୋଲି ଜଣାପଡିଛି। ସେ ଅନ୍ୟ କୌଣସି ରୋଗରେ ପୀଡିତ ନ ଥିବା ବିଭାଗ ପକ୍ଷରୁ କୁହାଯାଇଛି। ଫଳରେ କରୋନା ଜନିତ ମୃତ୍ୟୁ ୮,୩୫୦କୁ ବୃଦ୍ଧି ପାଇଛି।

୯ରେ ଲଘୁଚାପ, କମିବ ଶୀତ

ଭୁବନେଶ୍ୱର, ୫।୧୧(ବ୍ୟୁରୋ): ଆସନ୍ତା ୯ ତାରିଖରେ ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗର ସମେତ ଏହାର ଆଖପାଖ ଅଞ୍ଚଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବା ଏହାର ପ୍ରଭାବରେ ଆସନ୍ତା ୧୧ ତାରିଖରୁ ଦକ୍ଷିଣ ଓଡ଼ିଶାର ବିଭିନ୍ନ ଜିଲାରେ ସାମାନ୍ୟରୁ ମଧ୍ୟମ ଧରଣର ବର୍ଷା ହେବା ଗଞ୍ଜାମ, ଗଜପତି, ରାୟଗଡ଼ା, ମାଲକାନଗିରି, କୋରାପୁଟ, ନବରଙ୍ଗପୁର ଓ କନ୍ଧମାଳ ଜିଲାର କେତେକ ସ୍ଥାନରେ ବର୍ଷା ହେବ ବୋଲି ଭୁବନେଶ୍ୱର ପାଣିପାଗ କେନ୍ଦ୍ର ପକ୍ଷରୁ ଅନୁମାନ କରାଯାଇଛି। ବର୍ଷା ଯୋଗୁ ରାଜ୍ୟରେ ପାଗ ମେଘୁଆ ରହିବା ବାୟୁମଣ୍ଡଳରେ ଜଳୀୟବାଷ୍ପ ରହିବା କାରଣରୁ ଉପକୂଳ ସମେତ ଆଭ୍ୟନ୍ତରୀଣ ଓଡ଼ିଶାରେ ଉଭୟ ଦିନ ଓ ରାତିର ତାପମାତ୍ରା ବଢ଼ିବା। ତେବେ ପାହାଡ଼ିଆ ଅଞ୍ଚଳରେ ସାମାନ୍ୟ ଅଧିକ ଶୀତ ଅନୁଭୂତ ହେବା ରାଜ୍ୟରେ ଦିନର ତାପମାତ୍ରା ୩୦ ଡିଗ୍ରୀ ସେଲ୍‌ସିୟସ ରହୁଥିବା ବେଳେ ରାତିର ତାପମାତ୍ରା ୧୫ରୁ ୨୨ ଡିଗ୍ରୀ ମଧ୍ୟରେ ରହୁଛି।

୬.୩ ଓଭରରେ ଜିତିଲା ଭାରତ

ଦୁବାଇ, ୫।୧୧

ଉଇକେଟ୍ ନେବା ପରେ ରବୀନ୍ଦ୍ର ଜାଡେଜାଙ୍କୁ ବଧେଇ ଜଣାଉଛନ୍ତି ଅଧିନାୟକ ବିରାଟ କୋହଲି।

ଟି୨୦ ବିଶ୍ୱକପ
ଜନ୍ମଦିନରେ ବିରାଟଙ୍କ ବିଜୟ ଭେଟି

ନିଜ ଜନ୍ମ ଦିନରେ ଭାରତକୁ ବିଜୟ ଭେଟି ଦେଇଛନ୍ତି ଟିମ୍ ଇଣ୍ଡିଆ ଅଧିନାୟକ ବିରାଟ କୋହଲି। ବୋଲରଙ୍କ ପ୍ରଭାବୀ ପ୍ରଦର୍ଶନ ଏବଂ ଲୋକେଶ ରାହୁଲ ଓ ରୋହିତ ଶର୍ମାଙ୍କ ବିସ୍ଫୋରକ ବ୍ୟାଟିଂ ସହାୟତାରେ ଭାରତ ଚଳିତ ଟି୨୦ ବିଶ୍ୱକପ୍‌ର ଶୁକ୍ରବାର ଅନୁଷ୍ଠିତ ମ୍ୟାଚରେ ୮ ଉଇକେଟରେ ସ୍କଟଲାଣ୍ଡକୁ ପରାସ୍ତ କରିଛି। ସ୍କଟ୍‌ଲାଣ୍ଡ ୧୭.୪ ଓଭରରେ ୮୫ ରନକରି ଅଲ୍‌ଆଉଟ ହୋଇଥିଲା। ଭାରତ ୬.୩ ଓଭରରେ ୨ ଉଇକେଟ ହରାଇ ୮୯ ରନ ସଂଗ୍ରହ କରି ନେଇଥିଲା। ରାହୁଲ ଓ ରୋହିତ ଓପନିଂ ଯୋଡ଼ିରେ ୨୩ ବଲ୍‌ରୁ ୫୦ ରନ ପୂରଣ କରିଥିଲେ। କୌଣସି ଟି୨୦ରେ ଭାରତର ଏହାଥିଲା ଦ୍ରୁତତମ ଅର୍ଦ୍ଧଶତକ। ୩୦ ବଲ୍‌ରୁ ୭୦ ରନ ସଂଗ୍ରହ ପରେ ରୋହିତ ବ୍ୟକ୍ତିଗତ ୩୦(୧୬ ବଲ, ୫ ଚୌକା, ୧ ଛକା) ରନ କରି ବ୍ରାଡ୍ ହୁଇଲଙ୍କ ବଲ୍‌ରେ ଏଲବିଡବ୍ଲ୍ୟୁ ଆଉଟ ହୋଇଥିଲେ। ୧୯ ବଲ୍‌ରୁ ୬ ଚୌକା ଓ ୩ ଛକା ସହାୟତାରେ ୫୦ ରନ କରିବାପରେ ରାହୁଲ ପ୍ୟାଭିଲିୟନ ଫେରିଥିଲେ। ମାର୍କ ୱାଟ୍‌ଙ୍କ ଲେଗ୍ ଷ୍ଟମ୍ପ ଉପରର ବଲ୍‌କୁ ମାରିବାକୁ ଯାଇ ସେ କାଲୁମ ମ୍ୟାକଲିଓଡଙ୍କୁ କ୍ୟାଚ ଦେଇଥିଲେ। ୭ମ ଓଭରର ତୃତୀୟ ବଲ୍‌ରେ କ୍ରିସ୍ ଗେଭ୍ସଙ୍କୁ ଛକା ମାରି ସୂର୍ଯ୍ୟକୁମାର ଯାଦବ ମ୍ୟାଚର ପରିସମାପ୍ତି ଘଟାଇଥିଲେ। ରବୀନ୍ଦ୍ର ଜାଡେଜା ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପାଇଥିଲେ। ୮୧ଟି ବଲ୍ ବାକିଥାଇ ମ୍ୟାଚ ଜିତିଥିବାରୁ ଭାରତର ରନ୍‌ହାର ୦.୦୭୩ରୁ ୧.୬୧୯ରେ ପହଞ୍ଚିଛି। ବଲ୍ ବ୍ୟବଧାନ ଦୃଷ୍ଟିରୁ ଭାରତର ଏହା ସର୍ବଶ୍ରେଷ୍ଠ ବିଜୟ। ପୂର୍ବରୁ ୨୦୧୬ରେ ମୀରପୁରରେ ୟୁଏଇ ବିପକ୍ଷରେ ଭାରତ ସର୍ବାଧିକ ୫୯ଟି ବଲ୍ ବାକିଥାଇ ବିଜୟୀ ହୋଇଥିଲା। ୪ ମ୍ୟାଚରୁ ଦ୍ୱିତୀୟ ବିଜୟ ସହ ଭାରତ ପଏଣ୍ଟ ଟେବୁଲର ତୃତୀୟ ସ୍ଥାନରେ ପହଞ୍ଚିଛି। ତେଣୁ ରନ୍‌ହାରକୁ ନେଇ ଯେଉଁ ବାଧା ଥିଲା ତାହା ଦୂର ହୋଇଛି। ଏବେ କେବଳ ନ୍ୟୁଜିଲାଣ୍ଡ-ଆଫଗାନିସ୍ତାନ ମ୍ୟାଚ ଉପରେ ଦୃଷ୍ଟି ☞ପୃଷ୍ଠା-୫

'ତୃତୀୟ ଲହର ଆଶଙ୍କା ଟଳିନି, ସତର୍କ ରୁହ'

ଭୁବନେଶ୍ୱର, ୫।୧୧(ବ୍ୟୁରୋ)

ରାଜ୍ୟରେ ସଂକ୍ରମଣ କମିଛି। ହେଲେ ତୃତୀୟ ଲହର ଭୟ ପୁଣି ଘାଟିଛି। ଅନ୍ୟ ଦେଶରେ କରୋନାର ନୂଆ ଡେଲ୍‌ଟା ଭାରିଆଣ୍ଟ ବ୍ୟାପୁଥିବାରୁ ଭାରତରେ ମଧ୍ୟ ଛନକା ପଶିଛି। ତୃତୀୟ ଲହର ଆସିବା ନେଇ ମଧ୍ୟ ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ଆଶଙ୍କା ପ୍ରକାଶ କରିବା ସହ ରାଜ୍ୟବାସୀଙ୍କୁ ସତର୍କ କରାଇଛନ୍ତି।

ଡିଏମ୍‌ଇଟି ରମା ରମଣ ମହାନ୍ତି କହିଛନ୍ତି, ରାଜ୍ୟରେ ସଂକ୍ରମଣ କମିଥିଲେ ବି ସତର୍କ ରହିବାକୁ ପଡ଼ିବ। ବର୍ତ୍ତମାନର ସଂକ୍ରମଣ ସ୍ଥିତି ଆଶ୍ୱସ୍ତିକର ରହିଛି, କିନ୍ତୁ ସାବଧାନ ରହିବା ବି ଉଚିତ। ପୂର୍ବରୁ ମଧ୍ୟ ଡେଲ୍‌ଟା ଭାରିଆଣ୍ଟ ମୁକାବିଲା କରିବାର ଅଭିଜ୍ଞତା ରହିଛି। ଏଥିସହ ଆମର ଶଯ୍ୟା, ଚିକିତ୍ସା ସୁବିଧା ଓ ଅକ୍ସିଜେନ ମହଜୁଦ ରହିଛି। ତେଣୁ ଆତଙ୍କିତ ନ ହୋଇ ସତର୍କ ରହିବା ଜରୁରୀ ବୋଲି ସେ କହିଛନ୍ତି। ସେହିଭଳି ଏବେ ବି ତୃତୀୟ ଲହର ଆଶଙ୍କା ଟଳିନାହିଁ ବୋଲି ପରିବାର କଲ୍ୟାଣ ନିର୍ଦ୍ଦେଶକ ଡା. ବିଜୟ ପାଣିଗ୍ରାହୀ କହିଛନ୍ତି। ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନିରଞ୍ଜନ ମିଶ୍ର କହିଛନ୍ତି, ଚାଇନା ଓ ୟୁରୋପୀୟ ଦେଶରେ ଡେଲ୍‌ଟା ଭାରିଆଣ୍ଟ ବ୍ୟାପୁଛି। ଏଥିରେ ଆମେ ଭୟଭୀତ ହେବାର କାରଣ ନାହିଁ। ଦ୍ୱିତୀୟ ଲହରରେ ଡେଲ୍‌ଟା ଭାରିଆଣ୍ଟକୁ ଆମେ ସାମ୍ନା କରି ସାରିଛୁ। ଆମର ଇମ୍ୟୁନିଟି ମଧ୍ୟ ଅଧିକ ରହିଛି। ଏବେ ବି ଟିକାକରଣ ଚାଲିଥିବାରୁ ଇମିନ୍ୟୁଟି ବଢୁଛି। ତେବେ ତୃତୀୟ ଲହର ଆଶଙ୍କା ଏବେ ବି କମିନି। ଆମକୁ ଏବେ ବି ସତର୍କତା ଅବଲମ୍ବନ କରିବାକୁ ହେବ ବୋଲି ସେ ପରାମର୍ଶ ଦେଇଛନ୍ତି। ସେପଟେ ରାଜ୍ୟରେ ଟିକାକରଣ ନେଇ ପରିବାର କଲ୍ୟାଣ ନିର୍ଦ୍ଦେଶକ ଡା. ପାଣିଗ୍ରାହୀ କହିଛନ୍ତି, ଅନ୍ୟ ଦେଶରେ ସଂକ୍ରମଣ ବଢୁଥିବାରୁ ରାଜ୍ୟରେ ଦ୍ୱିତୀୟ ଡୋଜ୍ ଟିକାକରଣ ଉପରେ ଗୁରୁତ୍ୱ ଦିଆଯାଉଛି। ଇତିମଧ୍ୟରେ ରାଜ୍ୟ ସରକାର ଟିକାକରଣକୁ ତ୍ୱରାନ୍ୱିତ କରିଥିବା ସେ କହିଛନ୍ତି।

ପ୍ରଥମରୁ ପଞ୍ଚମ ସ୍କୁଲ ଖୋଲିବା ପ୍ରସଙ୍ଗ
ସରକାରଙ୍କୁ ସୁପାରିସ କରିବେ ଓଏସ୍‌ସିପିସିଆର୍

ଭୁବନେଶ୍ୱର,୫।୧୧(ବ୍ୟୁରୋ): ପ୍ରଥମରୁ ପଞ୍ଚମ ଶ୍ରେଣୀ ଖୋଲିବା ପାଇଁ ରାଜ୍ୟ ସରକାରଙ୍କୁ ସୁପାରିସ କରିବେ ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ(ଓଏସ୍‌ସିପିସିଆର୍)। ଏ ନେଇ ଶୁକ୍ରବାର ଆୟୋଗ ଅଧକ୍ଷା ସନ୍ଧ୍ୟାବତୀ ପ୍ରଧାନ ସୂଚନା ଦେଇ କହିଛନ୍ତି, ପ୍ରାଥମିକ ଶିକ୍ଷା ହେଉଛି ମୂଳଦୁଆ। ମୂଳଦୁଆ ବିଗିଡ଼ିଗଲେ ଉଚ୍ଚ ଶ୍ରେଣୀରେ ବହୁତ ଅସୁବିଧା ହେବ। ଛୋଟ ପିଲାମାନଙ୍କର ରୋଗ ପ୍ରତିରୋଧକ ଶକ୍ତି ଅଧିକ ରହିଥାଏ, ତେଣୁ ପ୍ରଥମଠାରୁ ପଞ୍ଚମ ଶ୍ରେଣୀ ଖୋଲିଲେ କୌଣସି ଅସୁବିଧା ହେବ ନାହିଁ। ତା'ଛଡ଼ା ଶିଶୁଙ୍କ ପାଇଁ ଟିକା ମଧ୍ୟ ଖୁବ୍‌ଶୀଘ୍ର ଆସିବ। ସ୍କୁଲ୍ ଖୋଲିବା ପରେ ସଚେତନତା ଓ ସୁରକ୍ଷା ନେଇ ଅଭିଯାନ ହେବା କୋଭିଡ୍ ସଚେତନତା ରଥ ☞ପୃଷ୍ଠା-୫

ଲଣ୍ଡନରେ ରହିବେ ଅମ୍ବାନୀ

ମୁମ୍ବାଇ,୫।୧୧

ଖଣ୍ଡନ କଲା ରିଲାଏନ୍ସ

ଏସିଆର ସବୁଠୁ ଧନୀ ମୁକେଶ ଅମ୍ବାନୀ ନିଜ ତଥା ପରିବାର ପାଇଁ ଦ୍ୱିତୀୟ ବସା ତିଆରି କରୁଛନ୍ତି। କିନ୍ତୁ ଏଥର ତାଙ୍କ ବସତି ପାଶ୍ଚାତ୍ୟରେ ହେବାକୁ ଯାଉଛି। ଏକାଧିକ ଜାତୀୟ ଗଣମାଧ୍ୟମରେ ରିପୋର୍ଟ ଅନୁସାରେ ଅମ୍ବାନୀ ଓ ତାଙ୍କ ପରିବାର ଲଣ୍ଡନରେ ରହିବାକୁ ଯୋଜନା କରୁଛନ୍ତି। ବକିଂହାମ୍ ଶେୟାରସ୍ଥିତ ୩୦୦ ଏକର ପରିମିତ ଷ୍ଟୋକ୍ ପାର୍କରେ ସେମାନେ ରହିବେ।

ମହାମାରୀ କରୋନାଜନିତ ଲକ୍‌ଡାଉନ୍ ବେଳେ ଅମ୍ବାନୀ ପରିବାର ମୁମ୍ବାଇର ଆଣ୍ଟିଲିଆ ରୋଡ୍‌ସ୍ଥିତ ନଭଶୁମ୍ଭି ବିଳାସପୂର୍ଣ୍ଣ ଆଣ୍ଟିଲିଆରେ ରହୁଥିଲେ। ମୁମ୍ବାଇର ଅନ୍ୟତମ ବ୍ୟୟବହୁଳ ଅଟ୍ଟାଳିକା ଭାବେ ପରିଚିତ ଏହି ବାସଭବନରେ ଅବସ୍ଥାନ ବେଳେ ସେମାନେ ନିଜ ପାଇଁ ଦ୍ୱିତୀୟ ବାସଭବନର ଆବଶ୍ୟକତା ଅନୁଭବ କରିଥିଲେ। ଏଥିପାଇଁ ଅମ୍ବାନୀ ପରିବାର ଚଳିତ ବର୍ଷ ଲଣ୍ଡନରେ ପ୍ରାୟ ୫୯୨ କୋଟି ଟଙ୍କାରେ କିଣିଥିବା ସମ୍ପତ୍ତିକୁ ଦ୍ୱିତୀୟ ଘର କରିବାକୁ ମନସ୍ଥ କରିଛନ୍ତି। ☞ପୃଷ୍ଠା-୫



ମୁକେଶ ଅମ୍ବାନୀଙ୍କ ସହ ସ୍ତ୍ରୀ ନୀତା ଅମ୍ବାନୀ



ଲଣ୍ଡନର ବକିଂହାମ୍ ଶେୟାରସ୍ଥିତ ଷ୍ଟୋକ୍ ପାର୍କ।

ସଂକ୍ଷେପରେ

ଆଜି ଶଙ୍ଖ ଧରିବେ ପ୍ରଦୀପ

ନବରଙ୍ଗପୁର,୫।୧୧(ବି.ପ୍ର.): ପୂର୍ବତନ ନବରଙ୍ଗପୁର ଏମ୍‌ପି ପ୍ରଦୀପ ମାଝି ଶନିବାର ବିଜେଡିରେ ବିଧିବଦ୍ଧଭାବେ ଯୋଗଦେବେ।

ସ୍ଥାନୀୟ ସର୍କିଟ ହାଉସ ନିକଟସ୍ଥ ପଡ଼ିଆ ଠାରେ ପୂର୍ବାହ୍ନ ୧୧ଟାରେ ଆୟୋଜିତ ସମାବେଶରେ ପ୍ରଦୀପ ଶଙ୍ଖ ଧରିବେ। ଉକ୍ତ ସମାବେଶରେ ଏକ ବଡ଼ଧରଣର ମିଶ୍ରଣ କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହେବ। ଏଥିରେ ପ୍ରଦୀପଙ୍କ ସମେତ ତାଙ୍କର ଯୁବ ସମର୍ଥକ ତଥା ସଙ୍ଗଠକମାନେ ବିଜେଡିରେ ଯୋଗ ଦେବା କାର୍ଯ୍ୟକ୍ରମ ରହିଛି। ଏହା ସମେତ ମାଲକାନଗିରି ନିର୍ବାଚନ ମଣ୍ଡଳୀ ଓ କୋଟପାଡ଼ ନିର୍ବାଚନ ମଣ୍ଡଳୀର କଂଗ୍ରେସର କେତେଜଣ ବରିଷ୍ଠ ଓ ଯୁବନେତା ବିଜେଡିରେ ଯୋଗ ଦେବ ବୋଲି ଜଣାପଡ଼ିଛି। ସମାବେଶରେ ଅତିଥିଭାବେ ରାଜ୍ୟ ବିଜେଡି ସାଙ୍ଗଠାନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାଶ, କ୍ରୀଡ଼ା ମନ୍ତ୍ରୀ ତୁଷାରକାନ୍ତି ବେହେରା, କଟକ ସଦର ବିଧାୟକ ଚନ୍ଦ୍ର ସାରଥି ବେହେରା, ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝି, ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ଝରିଗାଁ ବିଧାୟକ ପ୍ରକାଶ ଚନ୍ଦ୍ର ମାଝି, ରାଜ୍ୟ ବିହନ ନିଗମ ଅଧ୍ୟକ୍ଷ ଈଶ୍ୱର ପାଣିଗ୍ରାହୀ, ନିକଟରେ ବିଜେଡିରେ ଯୋଗ ଦେଇଥିବା ଚନ୍ଦ୍ରଶେଖର ମାଝି ପ୍ରମୁଖ ଉପସ୍ଥିତ ରହିବେ। ସେହିପରି ସ୍ଥାନୀୟ ଚାମୁରିଆଗୁଡ଼ାଠାରୁ ବିଶାଳ ଶୋଭାଯାତ୍ରା ବାହାରି ସର୍କିଟ ହାଉସ୍ ପଡ଼ିଆ ନିକଟରେ ପହଞ୍ଚିବ। କାର୍ଯ୍ୟକ୍ରମ ପାଇଁ ସମସ୍ତ ପ୍ରକାର ପ୍ରସ୍ତୁତି ଆରମ୍ଭ ହୋଇ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ତେବେ ୧୦ ହଜାରରୁ ଊର୍ଦ୍ଧ୍ୱ ଲୋକ ଯୋଗ ଦେବେ ବୋଲି ଦଳ ପକ୍ଷରୁ ସୂଚନା ମିଳିଛି।

ଭାଜପା ଛାଡ଼ିଲେ ପୂର୍ବତନ ବିଧାୟକ ଧନୁର୍ଜୟ

କେନ୍ଦୁଝର,୫।୧୧(ସ୍ୱ.ପ୍ର.): କେନ୍ଦୁଝର ଜିଲା ଚମ୍ପୁଆ ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ଧନୁର୍ଜୟ ସିଙ୍ଘୁ ଶୁକ୍ରବାର ଭାଜପା ଛାଡ଼ିଛନ୍ତି। ହରିଚନ୍ଦନପୁର ବ୍ଲକ ତେନ୍ତଳପଶିଠାରେ ଆୟୋଜିତ ଏକ କର୍ମୀ ସଭାରେ ସେ ଏହା ଘୋଷଣା କରିଛନ୍ତି। ସମର୍ଥକଙ୍କ ସହ ଆଲୋଚନା କରି ସେ ଏହି ନିଷ୍ପତ୍ତି ନେଇଥିବା ଓ ସ୍ୱାଧୀନ ଭାବରେ ଲୋକଙ୍କ ସେବା ଜାରି ରଖିବେ ବୋଲି କହିଛନ୍ତି। ଆବଶ୍ୟକ ହେଲେ ରାଜନୀତି ଛାଡ଼ିବେ କିମ୍ବା ସମର୍ଥକଙ୍କ ପରାମର୍ଶ କ୍ରମେ ଅନ୍ୟ କେଉଁ ଦଳରେ ମିଶିବା ନେଇ ନିଷ୍ପତ୍ତି ନେବେ ବୋଲି କହିଛନ୍ତି। ଧନୁର୍ଜୟ କେନ୍ଦୁଝର ଜିଲାର ଜଣେ ଟାଣୁଆ ନେତା ଭାବେ ବେଶ ଜଣାଶୁଣା। ୨୦୦୪ରେ କଂଗ୍ରେସ ଟିକେଟରେ ସେ ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ପରେ କଂଗ୍ରେସ ଛାଡ଼ି ଭାଜପାରେ ସାମିଲ ହୋଇଥିଲେ। ୨୦୧୯ ସାଧାରଣ ନିର୍ବାଚନରେ ତେଲକୋଇରୁ ଭାଜପା ଟିକେଟରେ ଲଢ଼ି ପରାସ୍ତ ହୋଇଥିଲେ। ଭାଜପାରେ କୋଣଠେସା କରାଯାଉଥିବା ଏବଂ ତାଙ୍କୁ ହରାଇବା ପାଇଁ ଯେଉଁମାନେ ଉଦ୍ୟମ କରିଥିଲେ ସେମାନଙ୍କୁ ଦଳ ଗୁରୁତ୍ୱ ଦେଉଥିବାରୁ ସେ ଦଳ ଛାଡ଼ିଥିବା କହିଛନ୍ତି। ଜିଲା ଭାଜପା ସଭାପତି ଅଂଶୁମାନ ସବୁଜ ମହାନ୍ତ ବର୍ମା କୁହନ୍ତି ଦଳ ତାଙ୍କୁ ସବୁ କିଛି ଦେଇଥିଲା। ହେଲେ ସେ ଦଳ ଛାଡ଼ିଲେ କିଛି କ୍ଷତି ହେବ ନାହିଁ ବୋଲି କହିଛନ୍ତି।

'ପଞ୍ଚାୟତିରାଜ୍ ନୁହେଁ, ଅଫିସର ରାଜ୍'

ଭୁବନେଶ୍ୱର,୫।୧୧(ବ୍ୟୁରୋ)

ଖବରଦାତା ସମ୍ମିଳନୀରେ ସୁଦର୍ଶନ ଦାସ।

- ■ ସରପଞ୍ଚଙ୍କୁ ଜିଲାପାଳ କ୍ଷମତା ଦେବା ଏକ ପ୍ରହସନ
- ■ଗ୍ରାମସଭା ଗୁରୁତ୍ୱକୁ ଅବମାନନା, ସିଟ୍ ସଂରକ୍ଷଣ ପ୍ରଭାବିତ
- ■ସର୍ବଦଳୀୟ ବୈଠକରେ ଅଭିଯୋଗ କରିବ କଂଗ୍ରେସ

ରାଜ୍ୟରେ ପଞ୍ଚାୟତିରାଜ ବ୍ୟବସ୍ଥାକୁ ବିଜେଡି ଶାସିତ ସରକାର ଏକ ପ୍ରକାର କ୍ଷମତାହୀନ ଓ ସ୍ଥାଣୁ କରିଦେଇଛି। ୧୯୯୨ ମସିହାରେ ୭୩ତମ ଓ ୭୪ତମ ସମ୍ବିଧାନ ସଂଶୋଧନ ମାଧ୍ୟମରେ ଯେଉଁ ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାକୁ ସାମ୍ବିଧାନିକ ସ୍ୱୀକୃତି ଦିଆଯାଇଥିଲା, ବର୍ତ୍ତମାନ ଏହା ଅଫିସର ରାଜ୍‌ରେ ପରିଣତ ହୋଇଛି ବୋଲି କଂଗ୍ରେସ ଗୁରୁତର ଅଭିଯୋଗ ଆଣିଛି।

ରାଜ୍ୟ କଂଗ୍ରେସ ଭବନରେ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ କଂଗ୍ରେସ ମୁଖପାତ୍ର ତଥା ରାଜୀବ ଗାନ୍ଧୀ ପଞ୍ଚାୟତିରାଜ ସଂଗଠନ ଅଧ୍ୟକ୍ଷ ସୁଦର୍ଶନ ଦାସ କହିଛନ୍ତି, ରାଜ୍ୟରେ ବିଜେଡି ସରକାର ପ୍ରରୋଚନା କରି ଗ୍ରାମ ସଭାକୁ ବନ୍ଦ କରି ଦେଇଛି। ସମ୍ବିଧାନ ମୁତାବକ ଗ୍ରାମସଭା ମାଧ୍ୟମରେ ଗାଁ ବା ପଞ୍ଚାୟତର ବିକାଶ ମୂଳକ ପ୍ରକଳ୍ପଗୁଡିକ ଅନୁମୋଦିତ ହେବା କଥା। ମାତ୍ର 'ଆମ ଗାଁ , ଆମ ବିକାଶ' ଯୋଜନାରେ ପ୍ରକଳ୍ପଗୁଡିକ ଗ୍ରାମ ସଭାର ବିନା ଅନୁମୋଦନରେ କାର୍ଯ୍ୟକାରୀ ହେଉଛି। ନିର୍ବାଚିତ ପଞ୍ଚାୟତ ପ୍ରତିନିଧିମାନେ ସରକାରୀ ଅଫିସର ଓ ବାବୁଙ୍କ ହାତରେ କ୍ରିତନକ ସାଜିଛନ୍ତି। ମୁଖ୍ୟମନ୍ତ୍ରୀ ସରପଞ୍ଚଙ୍କୁ ଜିଲାପାଳ କ୍ଷମତା ଦେବା ଏକ ପ୍ରହସନ ବ୍ୟତୀତ ଆଉ କିଛି ନୁହେଁ। କାରଣ ସେହିସମୟରେ ପଞ୍ଚାୟତିରାଜ ବିଭାଗର ସଚିବ ସର୍କୁଲାର ଜାରି କରିଥିଲେ ଯେ, ବିଡିଓଙ୍କ ବିନା ଦସ୍ତଖତରେ ସରପଞ୍ଚମାନେ ଟଙ୍କାଟିଏ ମଧ୍ୟ ଖର୍ଚ୍ଚ କରି ପାରିବେ ନାହିଁ। ପିସି କାରବାର ବନ୍ଦ କରିବାକୁ ମୁଖ୍ୟମନ୍ତ୍ରୀ ଦେଇଥିବା ଆହ୍ୱାନ ଏକ ଧୂଆଁବାଣ। ନିକଟରେ ବାଲେଶ୍ୱର ଜିଲା ଜଳେଶ୍ୱରର କଳମା ସମେତ ଅନେକ ପଞ୍ଚାୟତରେ ଆର୍‌ଟିଆଇ ମାଧ୍ୟମରେ ପିସି କାରବାର ଘଟଣାର ରହସ୍ୟ ଉନ୍ମୋଚନ କଲାପରେ ଭିଜିଲାନ୍ସ ତଦନ୍ତ କରାଯାଉଛି ବୋଲି ସେ କହିଛନ୍ତି। ସେହିପରି ଆଗାମୀ ପଞ୍ଚାୟତ ନିର୍ବାଚନ ପୂର୍ବରୁ ଦଳୀୟ ନେତାଙ୍କ ପ୍ରରୋଚନା ଓ ସରକାରୀ କର୍ମଚାରୀଙ୍କ ସହଯୋଗରେ ସଂରକ୍ଷଣ ବ୍ୟବସ୍ଥାକୁ ଶାସନରେ ଥିବା ବିଜେଡି ସରକାର ପ୍ରଭାବିତ କରିଛି। ଗୋଟିଏ ବର୍ଗର ଜନସଂଖ୍ୟା ନଗଣ୍ୟ ବା ଆଦୌ ନ ଥିବା ବେଳେ ସେଠାରେ ପଞ୍ଚାୟତ ପ୍ରତିନିଧିଙ୍କୁ ସେହି ବର୍ଗ ପାଇଁ ସଂରକ୍ଷଣ କରାଯିବାର ଅନେକ ଦୃଷ୍ଟାନ୍ତ ଆମ ନଜରକୁ ଆସିଛି। ଶାସକ ଦଳକୁ ସୁହାଇଲା ଭଳି ଅନେକ ସ୍ଥାନରେ ସଂରକ୍ଷଣ ବ୍ୟବସ୍ଥା କରାଯାଇଥିବା କଂଗ୍ରେସ ଅଭିଯୋଗ କରିଛି। ରାଜ୍ୟ ନିର୍ବାଚନ ଆୟୋଗଙ୍କ ପକ୍ଷରୁ ଶନିବାର ହେବାକୁଥିବା ସର୍ବଦଳୀୟ ବୈଠକରେ କଂଗ୍ରେସ ଏହାକୁ ଉତ୍ଥାପନ କରିବ ବୋଲି ଦାସ ସୂଚନା ଦେଇଛନ୍ତି।

୧୦ ଦିନ ପାଇଁ ବିଜେଡି ଆନ୍ଦୋଳନ ସ୍ଥଗିତ

ଭୁବନେଶ୍ୱର, ୫।୧୧(ବ୍ୟୁରୋ)

ପେଟ୍ରୋଲ, ଡିଜେଲ ଓ ରନ୍ଧନ ଗ୍ୟାସ୍‌ର ଅହେତୁକ ଦରବୃଦ୍ଧି ବିରୋଧରେ ବିଜେଡି ଆରମ୍ଭ କରିଥିବା ଆନ୍ଦୋଳନକୁ ୧୦ଦିନ ପାଇଁ ସ୍ଥଗିତ ରଖିଛି। ତୈଳ ଦରରେ ସାମାନ୍ୟ ହ୍ରାସ ପରେ ଦଳ ପକ୍ଷରୁ ଏହି ନିଷ୍ପତ୍ତି ନିଆଯାଇଛି। ଏହି ସମୟ ମଧ୍ୟରେ କେନ୍ଦ୍ର ସରକାର ରନ୍ଧନ ଗ୍ୟାସ୍ ଦର ହ୍ରାସ ନ କଲେ ପୁଣି ଆନ୍ଦୋଳନ ଆରମ୍ଭ ହେବ ବୋଲି ଯୁବ ବିଜେଡି ସଭାପତି ତଥା ବିଧାୟକ ବ୍ୟୋମକେଶ ରାୟ କହିଛନ୍ତି । ଦଳର ଯୁବ ଓ ଛାତ୍ର ଶାଖା ପକ୍ଷରୁ ଆସନ୍ତା ୩ଦିନ ଯାଏ ଜୋରଦାର ଆନ୍ଦୋଳନ କରାଯିବାକୁ ନିଷ୍ପତ୍ତି ହୋଇଥିଲା। ଇତିମଧ୍ୟରେ କେନ୍ଦ୍ର ସରକାର ପେଟ୍ରୋଲ ଓ ଡିଜେଲ ଉପରୁ ଯଥାକ୍ରମେ ୫ ଓ ୧୦ ଟଙ୍କା ଏକ୍ସାଇଜ ଟିକସ ହ୍ରାସ କରିଛନ୍ତି। ଓଡ଼ିଶା ସରକାର ମଧ୍ୟ ଉଭୟ ତୈଳ ଉପରୁ ୩ ଟଙ୍କା ଲେଖାଏ ଭାଟ୍ କମାଇଛନ୍ତି। ତେବେ ରନ୍ଧନ ଗ୍ୟାସ୍ ଦର ୧୦୦୦ ଟଙ୍କା ଛୁଇଁଛି। କେନ୍ଦ୍ର ସରକାର ୧୦ ଦିନ ମଧ୍ୟରେ ଏ ଦିଗରେ ପଦକ୍ଷେପ ନ ହେଲେ ବିଜେଡି ପୁଣି ଆନ୍ଦୋଳନକୁ ଜୋରଦାର କରିବ। ସୂଚନାଯୋଗ୍ୟ, ତୈଳ, ରନ୍ଧନ ଗ୍ୟାସ୍ ଓ ଅତ୍ୟାବଶ୍ୟକ ଖାଦ୍ୟ ସାମଗ୍ରୀର ଦରବୃଦ୍ଧି ପ୍ରତିବାଦରେ ବିଜେଡିର ବିଭିନ୍ନ ଶାଖା ପକ୍ଷରୁ ଆନ୍ଦୋଳନକୁ ଜୋରଦାର କରାଯାଇଥିଲା। ଏହି ଅବସରରେ ବିଜୁ ଛାତ୍ର ଜନତା ଦଳର ସଭାପତି ତଥା ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ ଉପସ୍ଥିତ ଥିଲେ।

ଗୋବର୍ଦ୍ଧନ ପୂଜାରେ ଚାବୁକ ମାଡ଼ ଖାଇଲେ ଭୂପେଶ ବଘେଲ

ରାୟପୁର, ୫।୧୧

ଗୋବର୍ଦ୍ଧନ ପୂଜା ଅବସରରେ ଶୁକ୍ରବାର ଛତିଶଗଡ଼ ମୁଖ୍ୟମନ୍ତ୍ରୀ ଭୂପେଶ ବଘେଲଙ୍କୁ ଚାବୁକ୍ ମାଡ଼ ହୋଇଛି। ପରମ୍ପରା ଅନୁଯାୟୀ ଏହି ପୂଜା ବେଳେ ରିଷ୍ଟ ଖଣ୍ଡନ ଲାଗି ଭକ୍ତମାନଙ୍କୁ କୁଶରେ ତିଆରି ଚାବୁକ (ସୋଣ୍ଟା)ରେ ପିଟାଯାଇଥାଏ। ବଘେଲ ରାଜ୍ୟର ସମୃଦ୍ଧି ପାଇଁ କାମନା କରିବା ସହ ସୋଣ୍ଟାରେ ମାଡ଼ ଖାଇଥିଲେ। ଉକ୍ତ ଭିଡିଓକୁ ନିଜେ ବଘେଲ ଟୁଇଟରରେ ଶେୟାର କରିଛନ୍ତି। ଡ୍ରମ୍ ବାଦ୍ୟ ବାଜୁଥିବାବେଳେ ଜଣେ ମଧ୍ୟବୟସ୍କ ବ୍ୟକ୍ତି ବଘେଲଙ୍କୁ ଖୁବ୍‌ଜୋର୍‌ରେ ପିଟୁଥିବା ଉକ୍ତ ଭିଡିଓରେ ଦେଖିବାକୁ ମିଳିଛି।

ଇସ୍ତଫା ଫେରାଇନେଲେ ସିଦ୍ଧୁ

ନୂଆଦିଲ୍ଲୀ,୫।୧୧

କଂଗ୍ରେସକୁ ଦେଲେ ନୂଆ ମହଲତ

ନବଜୋତ୍ ସିଂ ସିଦ୍ଧୁ

ପଞ୍ଜାବ ପ୍ରଦେଶ କଂଗ୍ରେସ କମିଟି (ପିପିସିସି) ସଭାପତି ନବଜୋତ୍ ସିଂ ସିଦ୍ଧୁ ନିଜ ଇସ୍ତଫାପତ୍ର ପ୍ରତ୍ୟାହାର କରିନେଇଛନ୍ତି। କିନ୍ତୁ କଂଗ୍ରେସ ହାଇକମାଣ୍ଡଙ୍କୁ ନୂଆ ମହଲତ ଦେବାକୁ ବିଳମ୍ବ କରିନାହାନ୍ତି। ଅ।ଡ୍‌ଭୋକେଟ ଜେନେରାଲ ଏପିଏସ୍ ଦେଓଲଙ୍କୁ ହଟାଇ ତାଙ୍କ ସ୍ଥାନରେ ନୂଆ ନିଯୁକ୍ତି ଦିଆଗଲେ ସେ ପାର୍ଟି ଅଫିସକୁ ଫେରି ଦାୟିତ୍ୱ ସମ୍ଭାଳିବେ ବୋଲି ସିଦ୍ଧୁ ସର୍ତ୍ତ ବାଢ଼ିଛନ୍ତି। ସିଦ୍ଧୁ ଏପରି ଅଡ଼ିବସିଥିବାରୁ ପଞ୍ଜାବ ମୁଖ୍ୟମନ୍ତ୍ରୀ ଚରଣଜିତ ସିଂ ଚନ୍ନି ଅସନ୍ତୁଷ୍ଟ ଥିବା କୁହାଯାଉଛି। ୨୦୧୫ର ଏକ ପୋଲିସ ଫାୟାରିଂ ମାମଲାକୁ ନେଇ ସିଦ୍ଧୁ ଲଗାତର ଭାବେ ଟାର୍ଗେଟ କରିବା ପରେ ଦେଓଲ ସୋମବାର ଚନ୍ନିଙ୍କୁ ଇସ୍ତଫାପତ୍ର ଦେଇଥିଲେ। ତେବେ ତାହା ଗ୍ରହଣ ହୋଇଛି କି ନାହିଁ ସେନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ସ୍ପଷ୍ଟ କରାଯାଇନାହିଁ। ସୂତ୍ରରୁ ମିଳିଥିବା ସୂଚନାନୁସାରେ ଚନ୍ନି ଦେଓଲଙ୍କ ଇସ୍ତଫା ଗ୍ରହଣ କରିନାହାନ୍ତି, ଯେଉଁଥିପାଇଁ ସିଦ୍ଧୁ ଆହୁରି ରାଗିଯାଇଛନ୍ତି। ନୂଆ ଆଡ୍‌ଭୋକେଟ ଜେନେରାଲ ନିଯୁକ୍ତି ସହ ପଞ୍ଜାବ ପୋଲିସ ମୁଖ୍ୟ ପଦରୁ ଆଇପିଏସ୍ ଅଫିସର ସହୋଟାଙ୍କୁ ମଧ୍ୟ ହଟାଯାଉ ବୋଲି ସେ ଦାବି କରିଛନ୍ତି। ୨୦୧୫ ମାମଲାର ତଦନ୍ତ ପାଇଁ ତତ୍କାଳୀନ ଅକାଳୀ ଦଳ ସରକାର ଏକ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍‌ଆଇଟି) ଗଠନ କରିଥିଲେ, ଯାହାର ନେତୃତ୍ୱ ସହୋଟା ନେଉଥିଲେ।

ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ବେଳେ ଜନତା କର୍ଫ୍ୟୁ

ଭବାନୀପାଟଣା,୫।୧୧(ସ୍ୱ.ପ୍ର.)

କଳାହାଣ୍ଡି ଗସ୍ତକୁ କଂଗ୍ରେସର ବିରୋଧ

ଭକ୍ତ ଦାସ

କଳାହାଣ୍ଡି ଜିଲା କେଗାଁ ଥାନା ମହାଲିଙ୍ଗସ୍ଥିତ ଘରୋଇ ସ୍କୁଲ ଅଧ୍ୟକ୍ଷା ମମିତା ମେହେର ହତ୍ୟା ଘଟଣା ରାଜ୍ୟରେ ଏବେ ହଇଚଇ ସୃଷ୍ଟି କରିଛି। ଏପରିସ୍ଥଳେ ମମିତାଙ୍କୁ ନ୍ୟାୟ ଦେବା ପାଇଁ ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଭକ୍ତ ଦାସ ଲଢେଇ ଜୋର୍‌ଦାର କରିଛନ୍ତି। ଆସନ୍ତା ୮ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ କଳାହାଣ୍ଡି ଗସ୍ତ ବେଳେ ଜନତା କର୍ଫ୍ୟୁ କରିବା ପାଇଁ ଜିଲାବାସୀଙ୍କୁ ସେ ଆହ୍ୱାନ ଦେଇଛନ୍ତି, ଯାହାର ଏକ ଭିଡିଓ ପ୍ରସ୍ତୁତ କରି ସୋସିଆଲ ମିଡିଆରେ ପୋଷ୍ଟ କରାଯାଇଛି।

ସୂଚନାଯୋଗ୍ୟ ଯେ, ଆସନ୍ତା ୮ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କଳାହାଣ୍ଡି ଜିଲା ଗସ୍ତ କାର୍ଯ୍ୟକ୍ରମ ରହିଛି। ଏହାକୁ ବିରୋଧ କରି ଭକ୍ତ ଦାସ କଳାହାଣ୍ଡି ବାସିନ୍ଦାଙ୍କୁ ଏହି ଦିନ ଜନତା କର୍ଫ୍ୟୁ ପାଳନ କରିବା ପାଇଁ ନିବେଦନ କରିଛନ୍ତି। ସେହିପରି ୭ ତାରିଖରେ ମମିତାଙ୍କ ଆତ୍ମାର ସଦ୍‌ଗତି, ପାପୀ ଓ ପାପର ଅନ୍ତ ପାଇଁ ପୂର୍ବାହ୍ନ ୧୧ଟାରେ ୨ ମିନିଟ ନିରବ ପ୍ରାର୍ଥନା କରିବାକୁ ମଧ୍ୟ ନିବେଦନ କରିଛନ୍ତି। ମମିତାଙ୍କୁ ନ୍ୟାୟ ଦେବା ପାଇଁ ପ୍ରତି ଗାଁ ଓ ସହରରେ ନୀରବ ପ୍ରାର୍ଥନା କରିବାକୁ ସମସ୍ତ ଜନସାଧାରଣଙ୍କୁ ନିବେଦନ କରିଛନ୍ତି। ସେ କହିଛନ୍ତି, ମମିତା ହତ୍ୟାକାଣ୍ଡ ମାମଲାରେ ମନ୍ତ୍ରୀଙ୍କୁ ତାଙ୍କ ପଦରୁ ହଟାଇ ଘଟଣାର ସତ୍ୟାସତ୍ୟ ଉନ୍ମୋଚନ କରାଯାଉ ବୋଲି ଓଡ଼ିଶାବାସୀ ଓ ବିରୋଧୀ ଦଳ ଦାବି କରୁଛନ୍ତି। ହେଲେ ସରକାର ତାଙ୍କୁ ଘଣ୍ଟ ଘୋଡ଼ାଇବାକୁ ଚେଷ୍ଟା କରୁଛନ୍ତି। ମୁଖ୍ୟମନ୍ତ୍ରୀ ୮ ତାରିଖରେ କଳାହାଣ୍ଡି ଜିଲା ଗସ୍ତରେ ଆସି ମନ୍ତ୍ରୀଙ୍କୁ ବାହାଦୁରି ଦେବାକୁ ଚେଷ୍ଟା କରୁଛନ୍ତି। ମୁଖ୍ୟମନ୍ତ୍ରୀ କଳାହାଣ୍ଡି ଗସ୍ତରେ ନ ଆସି ଭୁବନେଶ୍ୱରରେ ରହି ଭିଡିଓ କନ୍‌ଫରେନ୍ସ ଜରିଆରେ ବିଭିନ୍ନ କାର୍ଯ୍ୟକ୍ରମର ଉଦ୍‌ଘାଟନ କରନ୍ତୁ। ମମିତାଙ୍କୁ ନ୍ୟାୟ ମିଳୁ। କଳାହାଣ୍ଡି ଜିଲା କଳଙ୍କିତ ନ ହେଉ ବୋଲି ଭକ୍ତ କହିଛନ୍ତି।

ବିଜେଡିରେ ମିଶିଲେ ଶତାଧିକ ଛାତ୍ରନେତା

ବାଲେଶ୍ୱର ଅଫିସ,୫।୧୧

ବାଲେଶ୍ୱର ନିର୍ବାଚନମଣ୍ଡଳୀ ବିଜେଡି ତରଫରୁ ଶୁକ୍ରବାର ଆୟୋଜିତ ଏକ ମିଶ୍ରଣ ପର୍ବରେ ଶତାଧିକ ଛାତ୍ର ନେତା ଯୋଗଦେଇଛନ୍ତି। ବିଧାୟକ ସ୍ୱରୂପ କୁମାର ଦାସଙ୍କ ନେତୃତ୍ୱରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନୀତି, ଆଦର୍ଶରେ ଅନୁପ୍ରାଣିତ ହୋଇ ୩ଶହରୁ ଊର୍ଦ୍ଧ୍ୱ ଛାତ୍ର ନେତା ବିଜେଡିରେ ଯୋଗଦେଇଛନ୍ତି। ଗତ ବାଲେଶ୍ୱର ଉପ-ନିର୍ବାଚନରେ ଲଢ଼ିଥିବା ସ୍ୱାଧୀନ ପ୍ରାର୍ଥୀ ଭାଗ୍ୟଉଦିତ ଦାସ ପଟ୍ଟନାୟକ, ଛାତ୍ର ନେତା ବିଭୁ ଦତ୍ତ ପରିଡ଼ା, ସଞ୍ଜୀବ ହେଁଟ, ସମର୍ଜିତ ପାତ୍ର, ପ୍ରଦୋଷ ମହାନ୍ତି, ବିକାଶ ବେହେରା, ବିଶ୍ୱଜିତ ବେହେରା, ସୁଜନ କୁମାର ଜେନା, ଯୋଗେଶ ଦାସ, ଦିବ୍ୟଜ୍ୟୋତି ମହାନ୍ତି, ଅଜୟ ନାୟକ, ସତ୍ୟ ପ୍ରକାଶ ନାୟକ ଏବଂ ଗତିରାଜ ଜେନା ଓ ଅନ୍ୟମାନଙ୍କୁ ବିଧାୟକ ଦାସ ଉତ୍ତରୀୟ ପ୍ରଦାନ କରି ସ୍ୱାଗତ କରିଥିଲେ।

୮ ଘଣ୍ଟା ଅଟକ ପରେ ଚାଷୀଙ୍କୁ କ୍ଷମା ମାଗିଲେ ପୂର୍ବତନ ମନ୍ତ୍ରୀ

ଗୁରୁଗ୍ରାମ, ୫।୧୧

ଭାଜପା ଏମ୍‌ପିଙ୍କ କାର୍ ଉପରେ ଆକ୍ରମଣ

କେଦାରନାଥ ମନ୍ଦିରରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କାର୍ଯ୍ୟକ୍ରମର ସିଧା ପ୍ରସାରଣ ଦେଖିବା ପାଇଁ ହରିୟାଣାର ଏକ ମନ୍ଦିରକୁ ଯାଇଥିବା କେତେଜଣ ଭାଜପା ନେତା ଓ ପୂର୍ବତନ ମନ୍ତ୍ରୀ ମନୀଷ ଗ୍ରୋଭର ଅଡୁଆରେ ପଡ଼ିଯାଇଥିଲେ। ୩ ବିବାଦୀୟ କୃଷି ଆଇନ ପ୍ରତ୍ୟାହାର ଦାବିରେ ବର୍ଷେ ହେଲା ଆନ୍ଦୋଳନ ଚଳାଇଥିବା ଚାଷୀମାନେ ଉକ୍ତ ମନ୍ଦିରକୁ ଚାରିପଟୁ ଘେରିଯାଇ ମନୀଷ ଓ ଭାଜପା ନେତାମାନଙ୍କୁ ୮ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଅଟକାଇ ରଖିଥିଲେ। ଶେଷରେ ମନୀଷ କ୍ୟାମେରା ସମ୍ମୁଖରେ ଚାଷୀମାନଙ୍କୁ କ୍ଷମା ମାଗିଛନ୍ତି। ପୂର୍ବରୁ ମନୀଷ କୃଷକମାନଙ୍କ ସମ୍ପର୍କରେ ଦେଇଥିବା ଆପତ୍ତିଜନକ ମନ୍ତବ୍ୟ ପାଇଁ କ୍ଷମା ମାଗନ୍ତୁ ବୋଲି ଚାଷୀ ଦାବି କରିଥିଲେ। ଚାଷୀଙ୍କ ଦ୍ୱାରା ଅଟକ ରହିଥିବା ଭାଜପା ନେତାମାନେ ହେଲେ ଦଳର ସଂଗଠନ ମନ୍ତ୍ରୀ ରବୀନ୍ଦ୍ର ରାଙ୍ଗୁ, ମେୟର ମନମୋହନ ଗୋୟଲ, ଭାଜପା ଜିଲା ସଭାପତି ଅଜୟ ବଂଶଲ ଏବଂ ଦଳୀୟ ନେତା ସତୀଶ ନନ୍ଦାଲ। ରୋହଜକ ଜିଲା କିଲୋଇ ଗ୍ରାମରେ ଥିବା ଉକ୍ତ ମନ୍ଦିରରେ ଉତ୍ତେଜନାପୂର୍ଣ୍ଣ ସ୍ଥିତିକୁ ନିୟନ୍ତ୍ରଣ କରିବା ଲାଗି ଅନ୍ୟ ଜିଲାରୁ ପୋଲିସ ଫୋର୍ସ ମଗାଯାଇଥିଲା। ଦୁଇଜଣ ବିକ୍ଷୋଭକାରୀଙ୍କୁ ଗିରଫ କରାଯାଇଛି। ଏହାର ପ୍ରତିବାଦରେ ଉତ୍ତ୍ୟକ୍ତ ଚାଷୀ ଦିଲ୍ଲୀ-ହିସାର ଜାତୀୟ ରାଜପଥକୁ ଅବରୋଧ କରି ରଖିଥିଲେ। ଅନ୍ୟ ଏକ ଘଟଣାରେ ହରିୟାଣାର ହିସାର ଜିଲାକୁ ଭାଜପା ଏମ୍‌ପି ରାମଚନ୍ଦ୍ର ଜାଙ୍ଗ୍ରା ଗସ୍ତରେ ଯାଇଥିବାବେଳେ କେତେଜଣ ଦୁର୍ବୃତ୍ତ ତାଙ୍କ କାର ଉପରକୁ ଲାଠି ଫିଙ୍ଗିବାରୁ କାର୍ କାଚ ଭାଙ୍ଗିଯାଇଛି। ଏହି ଘଟଣାରେ ୨ ଜଣଙ୍କୁ ଗିରଫ କରାଯାଇଛି।



ପୂର୍ବତନ ମନ୍ତ୍ରୀ ମନୀଷ ଗ୍ରୋଭର

ଭାଜପାରେ ମିଶିଲେ ଦିଲୀପ, ଉତ୍ତମ

ରାଜ୍ୟ ଭାଜପା କାର୍ଯ୍ୟାଳୟଠାରେ ଶୁକ୍ରବାର ଅନୁଷ୍ଠିତ ମିଶ୍ରଣ ପର୍ବରେ କେନ୍ଦ୍ରମନ୍ତ୍ର

ଚୋରି ସାମଗ୍ରୀ ଭଦ୍ଧାର, ୨ ଗିରଫ

ବ୍ରଜରାଜନଗର,(ଡି.ଏନ.ଏ.): ବ୍ରଜରାଜନଗର ଥାନା ଅନ୍ତର୍ଗତ ଜଣେ ଷ୍ଟାଫ୍‌ନର୍ସ ଏମ୍. ରଥଙ୍କ କ୍ୱାର୍ଟର୍ସରୁ ଗତମାସ ୩ତାରିଖ ରାତ୍ରିରେ ଏକ ମୋବାଇଲ ଓ ଲାପ୍‌ଟପ୍ ଚୋରି ହୋଇଥିଲା। ଏ ନେଇ ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ଏହାର ତଦନ୍ତ କରି ଶାସ୍ତ୍ରୀ ନଗର ଝୁପୁଡି ପଡାର ଚୁନୁ ଏକ୍କା (୨୦) ଓ ରାମ ଦୟାଲ ନାମଦେ (୩୫)ଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ଚୋରି ମୋବାଇଲ ଓ ଲାପ୍‌ଟପ୍ ଜବତ ହୋଇଛି। ଚୁନୁ ଏହି ସାମଗ୍ରୀ ଚୋରି କରିବା ପରେ ବିକ୍ରି ପାଇଁ ରାମ ଦୟାଲଙ୍କୁ ଦେଇଥିଲେ। ରାମ ଦୟାଲଙ୍କଠାରୁ ପୋଲିସ ଲାପ୍‌ଟପ୍ ଜବତ କରିଥିବା ଗାନ୍ଧୀ ଛକ ଫାଣ୍ଡି ଅଧିକାରୀ ଶଶୀ ଭୂଷଣ ପୋଢ଼ ସୂଚନା ଦେଇଛନ୍ତି।

ବାଇକ୍‌କୁ ଧକ୍କାଦେଲା ଟ୍ରକ୍, ଦମ୍ପତି ମୃତ

ଝାରସୁଗୁଡ଼ା ଅଫିସ,୫।୧୧

ଝାରସୁଗୁଡ଼ା ଜିଲା ରେଙ୍ଗାଲି ଥାନା ଅନ୍ତର୍ଗତ ୪୯ନଂ ଜାତୀୟ ରାଜପଥ ସାହସବଗା ଛକରେ ଗୁରୁବାର ଏକ ମାଲ୍ ବୋଝେଇ ଟ୍ରକ୍ ବାଇକ୍‌କୁ ଧକ୍କା ଦେଇଥିଲା। ଫଳରେ ବାଇକ୍‌ରେ ଥିବା ଦମ୍ପତିଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ମୃତ ଦମ୍ପତି ହେଲେ ବନହରପାଲି ସାପାଲି ଗ୍ରାମର ରାମକୃଷ୍ଣ ସା(୪୭) ଓ ତାଙ୍କ ସ୍ତ୍ରୀ ସବିତା ସା(୪୨)। ସ୍ଥାନୀୟ ଲୋକେ ପରିବାରକୁ କ୍ଷତିପୂରଣ ଦାବିରେ ମୃତଦେହ ରଖି ରାସ୍ତା ଅବରୋଧ କରିଥିଲେ। ପୋଲିସ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା। ପରେ ମାଜିଷ୍ଟ୍ରେଟ୍ ଲଖନପୁର ତହସିଲଦାର ବିଶ୍ୱକେଶନ ପାଣ୍ଡେ, ଏସ୍‌ଡିପିଓ ଦିଲୀପ ଦାସ ଓ ଆଇଆଇସି ସାଙ୍ଗଧର ପାଣିଗ୍ରାହୀ ପ୍ରମୁଖ ପହଞ୍ଚି ସେମାନଙ୍କ ସହ ଆଲୋଚନା କରିଥିଲେ। ଦୁର୍ଘଟଣା ଘଟାଇଥିବା ଟ୍ରକ୍ ମାଲିକ କ୍ଷତିପୂରଣ ବାବଦକୁ ୧ଲକ୍ଷ ୬୦ହଜାର ନଗଦ ଟଙ୍କା ପ୍ରଦାନ କରିଥିଲେ। ଜିଲା ପ୍ରଶାସନ ତରଫରୁ ରେଡ୍‌କ୍ରସ୍ ପାଣ୍ଠିରୁ ସରକାରୀ ସହାୟତା ଯୋଗାଇଦେବା ପାଇଁ ପ୍ରତିଶ୍ରୁତି ଦିଆଯାଇଥିଲା। ପରେ ରାତି ସାଢେ ୧୧ଟାରେ ରାସ୍ତା ଅବରୋଧ ପ୍ରତ୍ୟାହୃତ ହୋଇଥିଲା। ପୋଲିସ ଦମ୍ପତିଙ୍କ ମୃତଦେହ ଜବତକରି ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରିଛି। ଏ ନେଇ ମୃତକଙ୍କ ଭାଇ ଦୀନନାଥ ସାଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ରେଙ୍ଗାଲି ଥାନା କେସ୍ ନଂ.୧୫୨/୨୧ରେ ମାମଲା ରୁଜୁକରି ତଦନ୍ତ ଚଳାଇଛି। ଦୁର୍ଘଟଣା ଘଟାଇଥିବା ସିଜି୧୩ଏସି-୫୦୯୯ ଟ୍ରକ୍ ଓ ଦୁର୍ଘଟଣାଗ୍ରସ୍ତ ଓଡି୨୩ଏଲ୍-୪୭୨୩ନଂ ବାଇକ୍‌କୁ ପୋଲିସ ଜବତ କରିଛି। ଟ୍ରକ୍ ଚାଳକ ବାଲକୃଷ୍ଣ ଯାଦବଙ୍କୁ ଗିରଫ ପରେ ଶୁକ୍ରବାର କୋର୍ଟ ଚାଲାଣ କରାଯାଇଛି। ସୂଚନାଯୋଗ୍ୟ ମୃତ ଦମ୍ପତିଙ୍କ ଝିଅ ହଷ୍ଟେଲରେ ରହି କତରବଗା ସ୍କୁଲରେ ପଢୁଥିବାବେଳେ ମା'ବାପା ଦୀପାବଳିରେ ତାଙ୍କୁ ଦେଖାକରି ଫେରୁଥିବାବେଳେ ଏହି ଦୁର୍ଘଟଣା ଘଟିଥିଲା।

କ୍ଷତିପୂରଣ ଦାବିରେ ଉତ୍ତ୍ୟକ୍ତ ଲୋକଙ୍କ ରାସ୍ତା ଅବରୋଧ ।

କ୍ଷତିପୂରଣ ଦାବିରେ ଏନ୍‌ଏଚ୍ ଅବରୋଧ

ଭାଜପାର ରବଗା ପଞ୍ଚାୟତ ଅଫିସ ଘେରାଉ

ଘେରାଉରେ ସାମିଲ ହୋଇଥିବା ନେତା ଓ କର୍ମୀ।

କୁଚିଣ୍ଡା, ୫।୧୧(ଡି.ଏନ.ଏ.)

ଯୋଗ୍ୟ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଘର, ଜଙ୍ଗଲ ଜମି ପଟ୍ଟା ପ୍ରଦାନ, ଭୂମିହୀନକୁ ୪ ଡେସିମିଲ ଘରଡିହ ଯୋଗାଇଦେବା ଆଦି ୮ଦଫା ଦାବି ନେଇ ଶୁକ୍ରବାର ଭାଜପା ପକ୍ଷରୁ କୁଚିଣ୍ଡା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବାମରା ବ୍ଲକର ରବଗା ପଞ୍ଚାୟତ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ପରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏଥିରେ ପୂର୍ବତନ ବିଧାୟକ ତଥା ଭାଜପା ଓଡ଼ିଶା ରାଜ୍ୟ ସାଧାରଣ ସମ୍ପାଦକ ରବି ନାରାୟଣ ନାଏକ, ଜିଲା ପରିଷଦ ଉପାଧ୍ୟକ୍ଷା ପୁଷ୍ପାଞ୍ଜଳି ଧୁରୁଆ, କେଶାଇବାହାଲ ମଣ୍ଡଳ ସଭାପତି ସୁନୀଲ ଦାଶ, ମହେଶ ରାୟ, କୁଶଳେଶ୍ୱର ପ୍ରଧାନ, ଗନ୍ଦେ ମାଝି, ପ୍ରକାଶ ପଟେଲ, ଜଗବନ୍ଧୁ କାଲୋ ପ୍ରମୁଖ ସାମିଲ ଥିଲେ।

ସଂକ୍ଷେପରେ

ବୋର୍ଡ ନିର୍ଦ୍ଦେଶକ ହେଲେ ଟଙ୍କଧର ତ୍ରିପାଠୀ

ସମ୍ବଲପୁର,୫।୧୧(ବ୍ୟୁରୋ): ଦକ୍ଷିଣ ପୂର୍ବ କୋଲ ଫିଲ୍ଡ ଲିମିଟେଡର ବୋର୍ଡ ନିର୍ଦ୍ଦେଶକ ଭାବେ ଟଙ୍କଧର ତ୍ରିପାଠୀ ନିଯୁକ୍ତି ପାଇଛନ୍ତି । ଭାରତ ସରକାରଙ୍କ କୋଇଲା ମନ୍ତ୍ରଣାଳୟ ସଚିବ ସଞ୍ଜୀବ ଭଟ୍ଟାଚାର୍ଯ୍ୟ ସାଉଥ ଇଷ୍ଟର୍ଣ୍ଣ କୋଲ ଫିଲ୍ଡ ଲିମିଟେଡର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଏ.ପି. ପଣ୍ଡାଙ୍କୁ ଚିଠି ଲେଖି ଏହି ସୂଚନା ଦେଇଛନ୍ତି। ନିଯୁକ୍ତି ଦିନଠାରୁ ପାର୍ଟ ଟାଇମ ଭାବେ ୩ବର୍ଷ ପର୍ଯ୍ୟନ୍ତ ସମୟ ଅବଧି ରହିଛି। ଟଙ୍କଧର ସମ୍ବଲପୁର ଜିଲା ଭାଜପା ପ୍ରଭାରୀ ଥିବାରୁ ଦଳରେ ଖୁସିର ଲହରି ଖେଳିଯାଇଛି। ଜିଲା ଭାଜପା ପକ୍ଷରୁ ତାଙ୍କୁ ଶୁଭେଚ୍ଛା ଜଣାଯାଇଛି। ଏ ନେଇ କ୍ଷେତ୍ରୀୟ ଗଣ ମାଧ୍ୟମ ସଂଯୋଜକ ମାସନ ରଞ୍ଜନ ବକ୍ସି ସୂଚନା ଦେଇଛନ୍ତ।

ନିଯୁକ୍ତି ସମ୍ପର୍କିତ କର୍ମଶାଳା

ବ୍ରଜରାଜନଗର,୫।୧୧(ଡି.ଏନ.ଏ.): ବ୍ରଜରାଜନଗର ମହାବିଦ୍ୟାଳୟରେ ଶୁକ୍ରବାର ଜିଲା କର୍ମ ନିୟୋଜନ କାର୍ଯ୍ୟାଳୟ ପକ୍ଷରୁ ନିଯୁକ୍ତି ସମ୍ପର୍କିତ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ଼ ବିଶ୍ୱଜିତ ଖମାରୀ ସଭାପତିତ୍ୱ କରିଥିଲେ। ନିୟୋଜନ କାର୍ଯ୍ୟାଳୟ ଅଧିକାରୀ ସଞ୍ଜୁ କୁମାରୀ ସାହୁ ଯୋଗଦେଇ ଶିକ୍ଷିତ ଯୁବତୀଯୁବକ କିପରି ସ୍ୱାବଲମ୍ବୀ ହୋଇପାରିବେ ସେ ବିଷୟରେ ବିଭିନ୍ନ ସରକାରୀ ଯୋଜନା ବିଷୟରେ ଅବଗତ କରାଇଥିଲେ। ବାଣିଜ୍ୟ ବିଭାଗ ମୁଖ୍ୟ ସମୀର ରଞ୍ଜନ ନାୟକ, ଅଧ୍ୟାପକ ବିକାଶ ନାୟକ, ଇଂରାଜୀ ଅଧ୍ୟାପକ ଅଜୟ ଦିପ ମଞ୍ଚାସୀନ ଥିଲେ।

ଚୋରାରେ ବାଣ କାରବାର, ୨ ଅଟକ

ରାଉରକେଲା ଅଫିସ,୫।୧୧: ରାଉରକେଲଶର ବିଭିନ୍ନ ସ୍ଥାନରେ ଚୋରାରେ ବାଣ ବିକ୍ରି କରୁଥିବା ବେଳେ ପୋଲିସ ଗୁରୁବାର ଚଢ଼ାଉ କରି ବିପୁଳ ପରିମାଣର ବାଣ ଜବତ କରିଛି। ଏହି ଘଟଣାରେ ଦୁଇଜଣଙ୍କୁ ଅଟକ ରଖି ପୋଲିସ ପଚରାଉଚୁରା କରୁଛି। ଗୁରୁବାର ରାତି ସାଢ଼େ ୮ଟାରେ ପ୍ଲାଣ୍ଟସାଇଟ ଥାନା ପୋଲିସ ଡେଲିମାର୍କେଟ ଅଞ୍ଚଳର ଜଣଙ୍କ ଘରେ ଚଢ଼ାଉ କରି ବାଣକୁ ଜବତ କରିଥିଲା। ବିନା ଲାଇସେନ୍ସରେ ବାଣ କାରବାର କରୁଥିବାରୁ ପୋଲିସ ଘର ମାଲିକଙ୍କୁ ଥାନାରେ ଅଟକ ରଖିଛି। ସେହିପରି ବାସନ୍ତୀ କଲୋନୀ ସ୍ଥିତ ଡିଏଭି ବସ୍ତିରେ ଉଦିତନଗର ପୋଲିସ ଚଢ଼ାଉ କରି ୩୦ ହଜାର ଟଙ୍କାର ବାଣ ଜବତ କରିଥିଲା। ଏହି ବସ୍ତିର ଜଣଙ୍କୁ ପୋଲିସ ଅଟକ ରଖିଥିବା ଜଣାପଡ଼ିଛି।

ବୋଇତ ବନ୍ଦାଣ ପ୍ରସ୍ତୁତି

ରାଉରକେଲା ଅଫିସ, ୫।୧୧: ରାଉରକେଲା ସେକ୍ଟର-୨ ସ୍ଥିତ କମ୍ୟୁନିଟି ସେଣ୍ଟର ପରିସରରେ ଉତ୍କଳ ସାଂସ୍କୃତିକ ପରିଷଦ ପକ୍ଷରୁ ୩୧ତମ ବୋଇତ ବନ୍ଦାଣ ଉତ୍ସବ ପାଇଁ ଶୁକ୍ରବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ପରିଷଦର ସଭାପତି ଅଭୟ କୁମାର ମହାପାତ୍ର ଓ ସାଧାରଣ ସମ୍ପାଦକ ଶଙ୍କର ଜେନାଙ୍କ ଆବାହକତ୍ୱରେ ଅନୁଷ୍ଠିତ ବୈଠକରେ ଚଳିତବର୍ଷ ବୋଇତ ବନ୍ଦାଣ ଉତ୍ସବକୁ ସାମାଜିକ ଦୂରତା ରଖି ପାଳନ କରିବାକୁ ସ୍ଥିର କରାଯାଇଛି। ଆସନ୍ତା ୧୮ ତାରିଖ ସନ୍ଧ୍ୟାରେ ସେକ୍ଟର-୨ ସ୍ଥିତ ଦୁର୍ଗାପୂଜା ପଡ଼ିଆରେ ଏହି ଉତ୍ସବ ପାଳନ କରାଯିବ । ଏହି କାର୍ଯ୍ୟକ୍ରମରେ ପାରମ୍ପରିକ ଭାବେ ବୋଇତ ବନ୍ଦାପନା, ପୂଜା, କୁନିକୁନି ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ କୋଏଲ ନଦୀ ଘାଟରେ କାର୍ତ୍ତିକ ପୂର୍ଣ୍ଣିମା ଦିନ ଭୋର୍ ୫ଟାରେ ବୋଇତ ଭସାଣ କରାଯିବ ବୋଲି ସ୍ଥିର କରାଗଲା। ଏହି ବୈଠକରେ ଉପଦେଷ୍ଟା ଦେବେନ୍ଦ୍ରନାଥ ସାମନ୍ତରାୟ, ରଶ୍ମିତ ସାହାଣୀ, ଚନ୍ଦ୍ର ଶେଖର ଶତପଥୀ, ସୁନୀଲ କାୟଲ, ପୂର୍ଣ୍ଣଚନ୍ଦ୍ର ସାହୁ, ପ୍ରଶାନ୍ତ କୁମାର ବିହାରୀ, ପ୍ରଦୀପ ମହାପାତ୍ର, ଲିଙ୍ଗରାଜ କୁମାର, ପୂର୍ଣ୍ଣଚନ୍ଦ୍ର ସାହୁ, ଡି. ନାରାୟଣ ପ୍ରମୁଖ ଉପସ୍ଥିତ ଥିଲେ।

ଗଳ୍ପ ଲିଖନ, ଚିତ୍ରାଙ୍କନ କର୍ମଶାଳା

ରାଉରକେଲା ଅଫିସ,୫।୧୧: ରାଉରକେଲା ସେକ୍ଟର-୭ ସ୍ଥିତ ପୂଜା ପେଣ୍ଡାଲ ପରିସରରେ ଶିଶୁ ଦକ୍ଷତା ବିକାଶ ଅନୁଷ୍ଠାନ 'ଦୀକ୍ଷା ଦିପନ' ପକ୍ଷରୁ ଗଳ୍ପ ଲିଖନ ଓ ଚିତ୍ରାଙ୍କନ କର୍ମଶାଳା ଅନୁଷ୍ଠିତ ହୋଇଛି। ଅନୁଷ୍ଠାନର ଅଧ୍ୟକ୍ଷା ଡଲିରାଣୀ ବ୍ରହ୍ମାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କର୍ମଶାଳାରେ ଶିଶୁ ସାହିତ୍ୟିକ ଚିତ୍ତ ରଞ୍ଜନ ବ୍ରହ୍ମା ଗଛ ଆମର ବନ୍ଧୁ ଶୀର୍ଷକ ଉପରେ ଆଲୋଚନା କରିଥିଲେ। ପରିବେଶକୁ କିପରି ପ୍ରଦୂଷଣରୁ ରକ୍ଷା କରାଯାଇ ପାରିବ ସେ ନେଇ ବିଦ୍ୟାର୍ଥୀମାନଙ୍କୁ ପରାମର୍ଶ ଦିଆଯାଇଥିଲା।

କଳାବ୍ୟାଜ୍ ପିନ୍ଧିଲେ ୱେସ୍କୋ ଯନ୍ତ୍ରୀ

ୱେସ୍କୋ ଇଞ୍ଜିନିୟରମାନେ କଳାବ୍ୟାଜ୍ ପିନ୍ଧିଛନ୍ତି।

ସମ୍ବଲପୁର,୫।୧୧(ବ୍ୟୁରୋ)

ରାଜ୍ୟରେ ବିଦ୍ୟୁତ୍ ପରିଚାଳନା ଟାଟା ପାୱାର ହାତକୁ ଯିବା ପରେ ୱେସ୍କୋର କର୍ମଚାରୀ ଓ ଅଧିକାରୀମାନେ ବିଭିନ୍ନ ସମସ୍ୟା ନେଇ ବିରୋଧ କରୁଛନ୍ତି। ଗୁରୁବାର ଇଞ୍ଜିନିୟର ଆସୋସିଏଶନ ଏହାର ପ୍ରତିବାଦରେ କଳାବ୍ୟାଜ୍ ପିନ୍ଧି କାର୍ଯ୍ୟ କରିଥିଲେ। ସେମାନେ ଅଭିଯୋଗ କରିଥିଲେ, ଟାଟା ପାୱାର ହାତକୁ ଗଲାପରେ ୱେସ୍କୋ ଅଧିକାରୀ ଓ କର୍ମଚାରୀଙ୍କୁ କମ୍ପାନୀ ପକ୍ଷରୁ ଅବହେଳା କରାଯାଉଛି। ବିଭିନ୍ନ ସମସ୍ୟା ନେଇ ଦାବିପତ୍ର ଦିଆଯାଉଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନାହିଁ। ପଦୋନ୍ନତି, ଚିକିତ୍ସା ଭତ୍ତା, କ୍ୟାଡର ପୁନର୍ଗଠନ, ସେକ୍ସସରେ କାର୍ଯ୍ୟରତ ଯନ୍ତ୍ରୀମାନଙ୍କୁ ଉଚ୍ଚ ପଦବୀରେ ଅବସ୍ଥାପିତ କରିବା ଭଳି ଦାବିଗୁଡିକ ରହିଛି। ଆଗାମୀ ଦିନରେ ଏହା ପୂରଣ ନ ହେଲେ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି। ସାଧାରଣ ସମ୍ପାଦକ ଜଗନ୍ନାଥ ବାରିକ ଓ ସଭାପତି ପ୍ରଭାତ କୁମାର ହୋତା ପ୍ରେସ ବିବୃତିରେ ମଧ୍ୟ ଜଣାଇଛନ୍ତି।

ପ୍ରମୋଦ ଭଗତଙ୍କୁ ଏଲ୍‌ଆଇସିର ସହାୟତା

ସମ୍ବଲପୁର,୫।୧୧(ବ୍ୟୁରୋ)

ଭାରତୀୟ ଜୀବନ ବୀମା ନିଗମ (ଏଲ୍‌ଆଇସି) ସମ୍ବଲପୁର ମଣ୍ଡଳ ପକ୍ଷରୁ ପାରା ଅଲିମ୍ପିକ ବ୍ୟାଡ୍‌ମିଣ୍ଟନ ସ୍ୱର୍ଣ୍ଣ ପଦକ ବିଜେତା ପ୍ରମୋଦ ଭଗତଙ୍କୁ ଗୁରୁବାର ସମ୍ମାନିତ କରାଯାଇଛି। ଏହି ଅବସରରେ ତାଙ୍କୁ ୧ କୋଟି ୧୦ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ରାଶି ଚେକ୍ ଆକାରରେ ପ୍ରଦାନ କରାଯାଇଛି। ଗୁରୁବାର ସମ୍ବଲପୁର ମଣ୍ଡଳ କାର୍ଯ୍ୟାଳୟରେ ଆୟୋଜିତ ସମ୍ବର୍ଦ୍ଧନା ସଭା ହୋଇଥିଲା। ଏଲ୍‌ଆଇସି ସମ୍ବଲପୁର ମଣ୍ଡଳ ବରିଷ୍ଠ ପ୍ରବନ୍ଧକ ବି.ଏଲ୍. ଦାସ କହିଥିଲେ, ଏଲ୍‌ଆଇସି ବିଗତ ୬୫ବର୍ଷ ହେଲା କ୍ରୀଡାବିତ୍‌ଙ୍କୁ ପ୍ରୋତ୍ସାହନ ଦେଇଆସୁଛି। କ୍ରୀଡା ସହିତ ଶିକ୍ଷା, ନିଯୁକ୍ତି କ୍ଷେତ୍ରରେ ମଧ୍ୟ ସହଯୋଗର ହାତ ବଢାଇଥାଏ। ଅଲିମ୍ପିକ୍ସ ହକିରେ ବ୍ରୋଞ୍ଜ ପଦକ ବିଜେତା ସୁନ୍ଦରଗଡ଼ ଜିଲାର ଖେଳାଳିମାନଙ୍କୁ ୨୫ ଲକ୍ଷ ଓ ହକି ମହିଳା ଦଳରେ ସାମିଲ ଥିବା ଖେଳାଳିମାନଙ୍କୁ ୧୦ ଲକ୍ଷ ଟଙ୍କା ଲେଖାଏ ଆର୍ଥିକ ସହାୟତା ଦିଆଯାଇଛି। ପ୍ରମୋଦ କହିଥିଲେ, ରାଜ୍ୟ ତଥା ପଶ୍ଚିମ ଓଡ଼ିଶାର ଜନସାଧାରଣ, ସରକାରୀ ତଥା ଅନୁଷ୍ଠାନ ପକ୍ଷରୁ ସମ୍ମାନ ଦିଆଯାଉଛି। ଜଣେ କ୍ରୀଡାବିତ୍‌ଙ୍କ ପାଇଁ ଏହା ଏକ ଗୌରବ। ଏଲ୍‌ଆଇସି ପକ୍ଷରୁ ଦିଆଯାଇଥିବା ଆର୍ଥିକ ରାଶି ମୋତେ ଖେଳ ପାଇଁ ଆଗକୁ ସହାୟକ ହେବ। ଅନ୍ୟମାନଙ୍କ ମଧ୍ୟରେ ମାର୍କେଟିଂ ମ୍ୟାନେଜର ଅଜୟ କୁମାର, ପିଆଣ୍ଡ ଜିଏସ୍ ମ୍ୟାନେଜର ସୁବୋଧ ଆଚାର୍ଯ୍ୟ ଉପସ୍ଥିତ ଥିଲେ। ସେଲ୍ସ ମ୍ୟାନେଜର ଶରତ କୁମାର ପଣ୍ଡା ପରିଚାଳନା କରିଥିଲେ।

ଏଲ୍‌ଆଇସି କାର୍ଯ୍ୟାଳୟରେ ପ୍ରମୋଦଙ୍କୁ ସମ୍ମାନିତ କରାଯାଉଛି।

୫ ଫେରାର ଅଭିଯୁକ୍ତ ଗିରଫ

ନାକଟିଦେଉଳ,୫।୧୧(ଡ଼ି.ଏନ.ଏ.)

ନାକଟିଦେଉଳ ପୋଲିସ ଫେରାର ଥିବା ୫ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ନାକଟିଦେଉଳ ଥାନା ଗଦାଧରପୁର ଗ୍ରାମର ଦିବାକର ଦୀପ (କେସ୍ ନଂ.୧୫୦/୦୧), ନାକଟିଦେଉଳ ପଚାଂୟତ ପେଣ୍ଡୁବାହାଳ ଗ୍ରାମର ଆଦିତ୍ୟ ପେଣ୍ଡେଇ (କେସ୍ ନଂ.୨୮/୦୫), ବାଟଗାଁ ପଞ୍ଚାୟତ କୁଞ୍ଜାମୁରା ଗ୍ରାମର ଶୁକ୍ରୁ ମାହାର (କେସ୍ ନଂ.୧୭୮/୦୧), ନାକଟିଦେଉଳ ପଞ୍ଚାୟତ ଜଗନ୍ନାଥପ୍ରସାଦ ଗ୍ରାମର ଅଗସ୍ତୀ ପ୍ରଧାନ (କେସ୍ ନଂ.୧୮୯/୧୪), ଓ ବାଟଗାଁ ପଞ୍ଚାୟତ କେଲୋବେର୍ଣ୍ଣୀ ଗ୍ରାମର ଲବ କିସାନ (କେସ୍ ନଂ.୧୨୭/୯୮)। ଶୁକ୍ରବାର ସକାଳୁ ନାକଟିଦେଉଳ ଥାନା ଆଇଆଇସି ବିଧୁଭୂଷଣ ମିଶ୍ର ସଦଳବଳ ଚଢାଉ କରି ଅଭିଯୁକ୍ତମାନଙ୍କୁ ଗିରଫ କରି ରେଢାଖୋଲ କୋର୍ଟ ଚାଲାଣ କରିଛନ୍ତି। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି।

ଭିଜିଲାନ୍ସରେ ଏତଲା ଦେଲା କଂଗ୍ରେସ

ରାଉରକେଲା, ୫।୧୧

ରାଉରକେଲା ସ୍ୱରେଜ ପ୍ଲାଣ୍ଟ ପ୍ରକଳ୍ପ ନିର୍ମାଣ କାର୍ଯ୍ୟରେ ହୋଇଥିବା ବ୍ୟାପକ ଦୁର୍ନୀତିର ଭିଜିଲାନ୍ସ ତଦନ୍ତ ପାଇଁ ରାଉରକେଲା ଜିଲା କଂଗ୍ରେସ ତରଫରୁ ଦାବି କରାଯାଇଛି। ଏହି କ୍ରମରେ ଶୁକ୍ରବାର ଜିଲା କଂଗ୍ରେସ ସଭାପତି ଜର୍ଜ ତିର୍କୀଙ୍କ ନେତୃତ୍ୱରେ କଂଗ୍ରେସର ଏକ ପ୍ରତିନିଧି ଦଳ ରାଉରକେଲା ଭିଜିଲାନ୍ସ ଡିଭିଜନ କାର୍ଯ୍ୟାଳୟକୁ ଯାଇ ଏତଲା ଦାୟର କରିଥିଲେ। ଉକ୍ତ ପ୍ରକଳ୍ପରେ ବ୍ୟାପକ ଦୁର୍ନୀତି ଓ ଅନିୟମିତତା ସହିତ ନିମ୍ନମାନର କାମ ଯୋଗୁ ଏହି ପ୍ରକଳ୍ପ ଆଜି ବିଫଳ ହେବାକୁ ଯାଉଛି ବୋଲି ଅଭିଯୋଗ କରି ତୁରନ୍ତ ଏହାର ତଦନ୍ତ କରିବାକୁ କଂଗ୍ରେସ ତରଫରୁ ଦାବି କରାଯାଇଥିଲା। ଏତଲା ଦେବା ବେଳେ ପୂର୍ବତନ କଂଗ୍ରେସ ସଭାପତି ବିରେନ ସେନାପତି, ପିସିସି ସଭ୍ୟ ରାମାନନ୍ଦ ଶ୍ରୀଚନ୍ଦନ, ପୂର୍ବତନ କାର୍ଯ୍ୟକାରୀ ସଭାପତି ସବୀର ହୁସେନ, କଂଗ୍ରେସ ମୁଖପାତ୍ର ଇଂ. ଆର୍. ପି. ସିଂହ, କୋଷାଧ୍ୟକ୍ଷ ଚିତ୍ତରଞ୍ଜନ ମହାନ୍ତି, ରୋହିତ ଯୋଶେଫ ତିର୍କୀ, ଜିଲା ମହିଳା କଂଗ୍ରେସ କାର୍ଯ୍ୟକାରୀ ସଭାନେତ୍ରୀ ନିରୂପମା ବଲିୟାର ସିଂ, ଜିଲା କଂଗ୍ରେସ ସାଧାରଣ ସମ୍ପାଦିକା ତୁଳସୀ ନାଗ, ଏସ୍‌ସି ସେଲ୍ ଅଧ୍ୟକ୍ଷ ବିନୋଦ ତନ୍ତୀ ପ୍ରମୁଖ ଉପସ୍ଥିତ ଥିଲେ।

ଭିଜିଲାନ୍ସରେ ଏତଲା ଦେଇଥିବା କଂଗ୍ରେସ ନେତୃବୃନ୍ଦ ।

ଆମ୍ବୁଲାନ୍ସ ନ ମିଳିବା ନେଇ ଚାଳକ ସଂଘର ଆନ୍ଦୋଳନ

ଡ୍ରାଇଭର ସଂଘ ସଦସ୍ୟମାନେ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଆନ୍ଦୋଳନ କରୁଛନ୍ତି।

ଝାରସୁଗୁଡ଼ା ଅଫିସ,୫।୧୧

ଝାରସୁଗୁଡ଼ା ଜିଲା ବଡମାଲ ଥାନା କୁମ୍ଭାରୀ ଗ୍ରାମରେ ଗୁରୁବାର ରାତିରେ ମଦ୍ୟପାନ କରି ଆକ୍ରମଣ କରିବାରୁ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ସେ ହେଲେ କୁମ୍ଭାରୀ ଗ୍ରାମ କ୍ୟାମ୍ପପଡ଼ାର ଗାଡ଼ି ଚାଳକ ଜ୍ୟୋତିଷ ସାହୁ(୨୭)। ମୃତକଙ୍କ ସ୍ତ୍ରୀ ପିଙ୍କି ସାହୁଙ୍କ ଅଭିଯୋଗ ପରେ ପୋଲିସ ଏକ ମାମଲା (ନଂ୨୦୪/୨୧) ରୁଜୁକରି ତଦନ୍ତ ଚଳାଇଛି। ଘଟଣାରେ ୫ଜଣ ସମ୍ପୃକ୍ତ ଥିବାବେଳେ ପୋଲିସ ୩ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି। ଆକ୍ରମଣ ସମ୍ପର୍କରେ ଖବରପାଇ ଡ୍ରାଇଭର ସଂଘର ସଦସ୍ୟମାନେ ଗାଁରେ ପହଞ୍ଚି ଜ୍ୟୋତିଷଙ୍କୁ ଡାକ୍ତରଖାନା ପଠାଇବାପାଇଁ ଆମ୍ବୁଲାନ୍ସକୁ ଫୋନ୍ କରିଥିଲେ। ହେଲେ ଆମ୍ବୁଲାନ୍ସ ସେବା ସମ୍ଭବ ହୋଇ ନ ଥିଲା। ପରେ ସେମାନେ ତାଙ୍କୁ ପୋଲିସ ଗାଡିରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ବୁର୍ଲା ସ୍ଥାନାନ୍ତର କରିବା ପାଇଁ କୁହାଯାଇଥିଲା। ହେଲେ ସେଠାରେ ଆମ୍ବୁଲାନ୍ସ ମିଳି ନ ଥିଲା। ଆମ୍ବୁଲାନ୍ସ ସେବା ନ ମିଳିବାରୁ ଜ୍ୟୋତିଷଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ କରି ଡ୍ରାଇଭର ସଂଘର ଶତାଧିକ ସଦସ୍ୟ ଶୁକ୍ରବାର ସକାଳେ ମୁଖ୍ୟ ଚିକିତ୍ସାଳୟ ଆଗରେ ଆନ୍ଦୋଳନ କରିଥିଲେ।

ଆକ୍ରମଣରେ ଯୁବକଙ୍କ ମ

ଯୁବକଙ୍କୁ ଛୁରାମାଡ଼ ଘଟଣା: ଅଭିଯୁକ୍ତ ଗିରଫ

ରାଉରକେଲା ଅଫିସ: ମଝି ରାସ୍ତାରେ ଯୁବକଙ୍କୁ ଛରାମାଡ଼ ଘଟଣାରେ ଟାଙ୍ଗରପାଲି ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ବିକାଶ ସାହୁ(୨୮)। ତାଙ୍କୁ କୋର୍ଟଚାଲାଣ କରାଯାଇଛି। ଫର୍ଟିଲାଇଜର ସ୍ଥିତ ଉତ୍କଳ ନଗରର ଲକ୍ଷ୍ମୀଧର ସାହୁ ଗତ ୨ ତାରିଖ ସନ୍ଧ୍ୟାରେ ରାଉରକେଲାରୁ ଘରକୁ ଫେରୁଥିବା ବେଳେ କିଛି ଦୁର୍ବୃତ୍ତ ଏକ ବାଇକରେ ଆସି ତାଙ୍କୁ ପଛପଟୁ ଛୁରାମାଡ କରି ଫେରାର ହୋଇଯାଇଥିଲେ। ଏ ନେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଗୁରୁବାର କନଷ୍ଟ୍ରକଶନ କଲୋନୀରୁ ବିକାଶଙ୍କୁ ଗିରଫ କରିଥିଲା । ଏ ନେଇ ଏକ ମାମଲା (ନଂ.୧୦୮/୨୧) ରୁଜୁ ହୋଇଛି। ଏହି ଘଟଣାରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତଙ୍କୁ ଧରିବା ପାଇଁ ପୋଲିସ ତନାଘନା ଚଳାଇଛି।

ସଫେଇ କର୍ମଚାରୀଙ୍କୁ ଆକ୍ରମଣ, ୩ ଗିରଫ

ରାଉରକେଲା ଅଫିସ, ୫।୧୧

ରାଉରକେଲା ଉଦିତନଗର ଥାନା ଅନ୍ତର୍ଗତ ମାଲଗୋଦାମ ଅଞ୍ଚଳରେ ସଫେଇ କର୍ମଚାରୀଙ୍କୁ ଆକ୍ରମଣ ଅଭିଯୋଗରେ ପୋଲିସ ୩ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ମାଲଗୋଦାମ ସର୍ଦ୍ଦାରବସ୍ତିର ଅର୍ଜୁନ ବାରିକ(୨୨), ଶଙ୍କର ମିଞ୍ଜ(୨୧) ଓ ଅର୍ଜୁନ ବଢ଼ାଇକ(୨୦)। ସମସ୍ତ ଅଭିଯୁକ୍ତଙ୍କୁ ଶୁକ୍ରବାର କୋର୍ଟଚାଲାଣ କରାଯାଇଛି। ପୋଲିସ ସୂଚନା ଅନୁସାରେ, ରାଉରକେଲା ମହାନଗର ନିଗମ (ଆରଏମ୍‌ସି)ରେ ଅରୂପ ନାଗ ଓ ମାଇକେଲ ବିଲୁଙ୍ଗ ଠିକା ସଫେଇ କର୍ମଚାରୀ ଭାବେ କାମ କରନ୍ତି। ଗୁରୁବାର ଅରୂପ ଓ ମାଇକେଲ ମାଲଗୋଦାମ ସ୍ଥିତ ସୁଇପର ବସ୍ତିରେ ଝାଡୁ ମାରୁଥିଲେ। ଏହି ସମୟରେ କିଛି ଯୁବକ ସେଠାକୁ ଯାଇ କ'ଣ ପାଇଁ ସର୍ଦ୍ଦାରବସ୍ତିରେ ସଫେଇ କରୁନାହିଁ ବୋଲି ପଚାରିଥିଲେ। ଏଥିପାଇଁ ଆରଏମ୍‌ସି ପକ୍ଷରୁ ଅନୁମତି ମିଳି ନ ଥିବା ଅରୂପ କହିବାରୁ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା ଏଥିରେ ୩ ଜଣ ଯୁବକ ଉତ୍ତ୍ୟକ୍ତ ହୋଇ ଅରୂପ ଓ ମାଇକେଲଙ୍କୁ ଆକ୍ରମଣ କରିଥିଲେ। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆହତ ସଫେଇ କର୍ମଚାରୀଙ୍କୁ ଉଦ୍ଧାର କରି ଆରଜିଏଚ୍‌ରେ ଭର୍ତ୍ତି କରିଥିଲା। ଏ ନେଇ ପୋଲିସ ଏକ ମାମଲା (ନଂ.୨୪୬/୨୧) ରୁଜୁ କରି ତନାଘନା ଚଳାଇଥିଲା।

ପ୍ରାଣୀ ରୋଗ ଗବେଷଣା ପ୍ରତିଷ୍ଠାନ, ଫୁଲନଖରା, କଟକ

No. M-42: ପ୍ରାଣୀ ରୋଗ ଗବେଷଣା ପ୍ରତିଷ୍ଠାନ, ଫୁଲନଖରା, କଟକ ଭୂତାଣୁତତ୍ତ୍ୱ ବିଭାଗ, ଗବେଷଣାଗାର ନିମନ୍ତେ ଯୁବ ବୈଷୟିକ ବିଶେଷଜ୍ଞ ନିଯୁକ୍ତି ନିମନ୍ତେ ଦରଖାସ୍ତ ଆହ୍ୱାନ କରୁଛନ୍ତି। ଏ ନିଯୁକ୍ତି ଏକ ବର୍ଷ ସମୟ ନିମନ୍ତେ ଅସ୍ଥାୟୀ ରୁକ୍ତିଭିତ୍ତିକ ଅଟେ। ନିଯୁକ୍ତି ସମୟ ମଧ୍ୟରେ ସର୍ବାଧିକ ମୋଟ ମାସିକ ବେତନ ୩୫,୦୦୦ ଟଙ୍କା ପ୍ରଦାନ କରାଯିବ। ଏଥି ନିମନ୍ତେ କୃଷି ବିଜ୍ଞାନ ସମ୍ପର୍କିତ ପାଠ୍ୟକ୍ରମ, ପ୍ରାଣୀଚିକିତ୍ସା ବିଜ୍ଞାନ, ଅଣୁବିଜ୍ଞାନ ଆଦି ପାଠ୍ୟ କ୍ରମରେ ସ୍ନାତକ ଓ ସ୍ନାତକୋତ୍ତର ଡିଗ୍ରୀ ଧାରୀ ଇଚ୍ଛୁକ ପ୍ରାର୍ଥୀ/ପ୍ରାର୍ଥିନୀମାନେ ଆବେଦନ କରିପାରିବେ। ଆବେଦନ କରିବା ନିମନ୍ତେ ଦରଖାସ୍ତ ଫର୍ମ, ଶେଷ ତାରିଖ, ଦରଖାସ୍ତ ପୈଠ କରିବା ମାଧ୍ୟମ ସମ୍ପର୍କରେ ଜାଣିବା ନିମନ୍ତେ ବିଭାଗୀୟ ୱେବସାଇଟ୍ Website: **www.odishaahvs.nic.in** ଦେଖିବାକୁ ଅନୁରୋଧ।

OIPR-06078/11/0001/2122 ଯୁଗ୍ମ ନିର୍ଦ୍ଦେଶକ

OFFICE OF THE SUPERINTENDENT S.C.B. MEDICAL COLLEGE & HOSPITAL, CUTTACK

No. E-588: Applications are urgently invited in view of the COVID-19 pandemic from eligible candidates for contractual appointment of Perfusionists and ECG Technicians for Extra Corporeal Membrane Oxygenation (ECMO) in the Department of CTVS, SCB MCH, Cuttack. The last date of receipt of application by official mail i.e. **scbsuperintendent@gmail.com** is 15.11.2021. Detail can be obtained from SCB Medical College & Hospital, Cuttack website: **www.scbmch.in**.

Sd./- Medical Superintendent
SCB Medical College & Hospital, Cuttack
OIPR-10051/11/0014/2122

DISTRICT RURAL DEVELOPMENT AGENCY, BARGARH

Notice No. 3502 **Date: 02.11.2021**

No. CAD-1691: DRDA, Bargarh invites "Tender for selection of Manpower Service Providing Agencies to provide manpower under **Rural Housing Scheme"**. The bid documents containing last date for submission/ opening of tender/eligibility criteria and detail terms and conditions of the tender can be viewed and downloaded from the district website: **https://bargarh.nic.in**.

Sd./- Project Director, DRDA, Bargarh
OIPR-19133/11/0004/2122

OFFICE OF THE EXECUTIVE OFFICER, VYASANAGAR MUNICIPALITY, VYASANAGAR, JAJPUR, ODISHA - 755019

Email ID: vyasanagarmunicipality@gmail.com
Letter No. 2955 **Dt.02.11.2021**

REQUEST FOR PROPOSAL (RFP)
For

No. C-1199: Providing Consultancy Services for preparation of DPR including Topographical Survey, Design and Engineering & Project Management Consultancy Services for Improvement of Drainage System of Vyasanagar Municipalities in the District of Jajpur, Odisha. Bid Processing Fee (Non-refundable): Rs.10,000/- (Rupees Ten Thousand Only).

Sd./- Executive Officer
Vyasanagar Municipality
OIPR-13092/11/0011/2122

DISTRICT URBAN DEVELOPMENT AGENCY HOUSING & URBAN DEVELOPMENT DEPARTMENT GOVT. OF ODISHA

No. CAD-1683: Sealed proposals are invited from Reputed Agency for Empanelment of Professional Architecture/Design/ Consultancy firms for development of Project in Puri.
The last date of submission of the Proposal: by Dt.22.11.2021, time: 5.00 P.M. through Speed/Registered Post/Courier only.
The details request for proposal can be viewed in the district website **www.puri.nic.in** from 03.11.2021.

Sd./- Project Director
DUDA, Puri
OIPR-13190/11/0002/2122

OFFICE OF THE NOTIFIED AREA COUNCIL, KAMAKHYANAGAR

"e" Procurement Notice
Notice No. 2032 N.A.C. (K), Dt. 30.10.21
Tender Reference No. KNR-NAC-04/2021-22

No. C-1189:- The Notified Area Council, Kamakhyanagar invites online Bid in single cover system through "e" Procurement.

Total Nos. of works	:	22 (Twenty two)
Value of works	:	1 Lakh to 9Lakh
Date of availability of tender for online Bidding	:	From Dt.03.11.2021 at 5.00 P.M. upto 11.11.2021 at 5.00 P.M.
Date of opeing of Bid	:	Dt.12.11.2021 at 10.00 A.M.
Further details can be seen from the website	:	**www.tendersorissa.gov.in**

Sd./- Executive Officer, N.A.C., Kamakhyanagar
OIPR-13128/11/0005/2122

BERHAMPUR MUNICIPAL CORPORATION, GANJAM

INVITATIONS FOR BIDS (IFB)
Letter No. 13186/ **Date: 27.10.21**

Invitation for Bids

COMPETITIVE BIDDING THROUGH E-PROCUREMENT

Bid Identification No. BMC (BAM):- /2020-21
No. C-1194:-

1	**The Municipal Commissioner, Berhampur, invites percentage rate bids in ONLINE MODE only, as per annexure "A"**	
2	**Nature of work**	Civil Works
3	**No. of work**	**63 Nos.**
4	**Bid Cost.**	The bidders shall remit online the cost of bid document for amount through the process as mentioned in the DTCN as per Annexure "A"
5	**E.M.D.**	The bidder shall remit online the Earnest Money Deposit/Bid Security at the rate of 0% of the estimated cost put to tender as mentioned under DTCN. Bidders desirous to hire machineries or equipments from outside the State or owned but deployed outside the State are required to remit online 2% of the amount put to tender as Bid Security. Exemption from EMD is permissible as per codal provisions of Govt. of Odisha as per Annexure "A"
6	**Class of Contractor**	As per the Annexure "A"
7	**Availability of Bid Documents in the website**	From 15.05 hrs. of **Dt.03.11.21** to 17.00 hrs. of **17.11.21**
8	**Date & Time of Opening of the Bids**	11.30 hrs. onwards on **Dt. 18.11.21**
9	**Mode of submission of tender**	Tender should be submitted Online in **www.tendersorissa.gov.in**
10	**The bidders have to participate in ONLINE bidding only. Further details can be seen from the website : https://tendersodisha.gov.in. Any addendum / corrigendum / cancellation of tender can also be seen in the said website only.**	

Sd./- Commissioner,
Berhampur Municipal Corporation
Berhampur, Odisha
OIPR-13002/11/0069/2122

DEPARTMENT OF WATER RESOURCES ODISHA COMMUNITY TANK DEVELOPMENT MANAGEMENT SOCIETY

(FUNDED ACTIVITY: GCF-FP045)
7th Floor, Rajiv Bhawan, Bhubaneswar - 751001
Ph. 0674-2512421, E-Mail: spuoiipcra.od@gov.in

INVITATION FOR REQUEST FOR PROPOSAL (RFP) FOR ENGAGEMENT OF CONSULTANCY SERVICES

Date: 02.11.2021 GCF-EoI-04/2021

No. A-569: Project Director, Odisha Community Tank Development and Management Society (OCTDMS), DoWR invites **Request for Proposal** from eligible Consultancy firms for the following consultancy services for Ground Water Recharge and Solar micro irrigation to ensure food Security and enhance Resilience in Vulnerable Tribal areas of Odisha (Funded Activity: GCF-FP045) Project.

1. **Base Line and Social Survey of Tanks & Tank Commands (Zone-I) in Koraput, Malkangiri, Nabarangpur, Rayagada & Gajapati Districts under GCF Project.**

Eligible consultancy firms with desired qualification and experience as per details of "Request for Proposal (RFP)" available in Govt. website **www.odisha.gov.in** & **www.dowrodisha.gov.in** under link advertisement may apply. "RFP" document must be delivered in the address given below by Speed Post / Registered Post addressed to Project Director, OCTDMS, 7th Floor, Rajiv Bhawan, Bhubaneswar-751001, Odisha. Submission of "RFP" in any other mode is not acceptable. The last date for receipt of is **1st December-2021 upto 15.00 hours**. It will be opened on the same day at **15.30 hours**. The Selection Procedure will be governed by World Bank Procurement guidelines of QCBS method.
The authority reserves the right to cancel the process of selection of consultants without assigning any reason thereof. The authority in no way will be responsible for any postal delay.

Project Director, OCTD
OIPR-32188/11/0004/2122

GOVERNMENT OF ODISHA No. A-574 DEPARTMENT OF WATER RESOURCES OFFICE OF THE SUPERINTENDING ENGINEER RENGALI LIFT BANK CANAL DIVISION

At/P.O.- Kamakhyanagar, Dist.- Dhenkanal, Odisha, PIN - 759018
Ph.: 06769-270771, Email ID: eerlbcdivision@gmail.com

e-PROCUREMENT NOTICE No. RLBCD-P_1-01/2021-22

1	Category of Work	"Civil Construction Works"
2	Total No. of Works	15 (Fifteen) Nos.
3	Estiamted Cost	Varies from Rs.27.39 lakhs to Rs.4.93 lakhs
4	Period of Completion	60 Days to 30 Days
5	Class of Contractor	"D" & "C" or equivalent grade/class
6	Cost of Bid Document/Mode of Payment	Varies Rs.6,000/- to Rs.2,000/- (Non-refundable)/Online through Electronic Payment Mode (Interent Banking/NEFT/ RTGS of Designated Banks and their Aggregator Banks)
7	EMD/Bid Security Amount/Mode of Payment	No Bid Security/Earnest Money Deposit (EMD) has to be deposited and all participating bidder shall submit **"Bid Security Declaration"**.
8	Other details:	
	(i) Procurement Officer	Superintending Engineer, Rengali Left Bank Canal Division, Kamakhyanagar
	(ii) Availability of Bid Documents for Online Bidding	05.11.2021 from 10.00 hours to 20.11.2021 upto 17.00 hours.
	(iii) Date, time & venue of Bid Opening (Online)	On 22.11.2021 at 11.00 hours in the O/o. the Superintending Engineer, Rengali Left Bank Canal Division, Kamakhyanagar.
	(iv) Date, time & venue of transparent lottery for finalization of bids, if required	On 30.11.2021 at 11.00 hours in the O/o. the Superintending Engineer, Rengali Left Bank Canal Division, Kamakhyanagar.

*Further details can be seen from the Government of Odisha website **https://tendersodisha.gov.in**.

Sd./- Superintending Engineer
R.L.B. Canal Division, Kamakhyanagar
OIPR-32298/11/0001/2122

OFFICE OF THE CHIEF ENGINEER & BAISN MANAGER, RUSHIKULYA, BAHUDA, VANSADHARA & NAGABALI BASIN, BERHAMPUR - 760004

Phone No. 0680-2281144, Fax: 0680-2281933
e-mail ID: ce_rvn@yahoo.co.in

Government of Odisha

"e" Procurement Notice No. CE & BM, RBVN - 05/2021-22

Bid Identification No. CE & BM, RBVN (BEID-EPC) - 01/2021-22

No. A-566: Online tenders are invited for EPC contract for **"Construction of Kansariganda In-stream storage structures across River Rushikulya near village Barada in Ganjam Block of District - Ganjam, Odisha"**, from perspective bidders.

1.	Name of Work	Construction of Kansariganda In-stream storage structures across River Rushikulya near village Barada in Ganjam Block of District - Ganjam, Odisha.
2.	Period of Completion	36 (Thirty Six) Calendar months including rainy season.
3.	Date & time of availability of bid document in the portal	Dt.05.11.2021 from 10.00 A.M. to Dt.20.12.2021 upto 5.00 P.M.
4.	Last date/time for receipt of bids in the portal	Dt.20.12.2021 upto 5 P.M.
5.	Name & address of the Officer Inviting Bid	Chief Engineer & Basin Manager, RBVN Basin, Berhampur, At: Courtpeta, Berhampur - 760004, Ganjam, Odisha

Further details can be seen from the e-procurement portal **"https://tendersodisha.gov.in"**.

Sd./- Chief Engineer & Basin Manager,
RBVN Basin, Berhampur
OIPR-32072/11/0014/2122

ଓଡ଼ିଶା ସରକାର
ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ

ଘୋଷଣା

No. RDM-LAA-MBJ-0020-2021-27745, R&DM, Dated: 14 SEP 2021

No. XXI-84:- ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ, ମୌଜା- **ଡେଙ୍ଗାନାଳିଆ,** ଥାନା- ମୋରଡ଼ା ନଂ. ୨୧୭, ତହସିଲ- ରାସଗୋବିନ୍ଦପୁର, ଜିଲ୍ଲା- ମୟୂରଭଞ୍ଜରେ ନିମ୍ନସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ବସ୍ତା ଏବଂ ଅମର୍ଦା ଡିଷ୍ଟ୍ରିବ୍ୟୁଟାରୀ ଓ ସିଷ୍ଟମ ନିର୍ମାଣ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି ।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୧୦୬୫୦ ତା.୨୬.୦୩.୨୦୨୧ରିଖରେ ପ୍ରକାଶିତ ହୋଇଅଛି ।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା- **ଡେଙ୍ଗାନାଳିଆ,** ଥାନା- ମୋରଡ଼ା ନଂ. ୨୧୭, ଜିଲ୍ଲା- ମୟୂରଭଞ୍ଜରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ । ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ । ଏହା ମଧ୍ୟ ଜିଲ୍ଲା ୱେବ୍‌ସାଇଟ୍ www.mayurbhanj.nic.inରେ ଏବଂ ରାଜ୍ୟ ସରକାରଙ୍କ ୱେବ୍‌ସାଇଟ୍ http://revenue.odisha.gov.inରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପ୍‌ଲୋଡ୍ କରାଯାଇଛି । ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ଭୂ-ଅର୍ଜନ ମହାମଣ୍ଡଳ ଅଧିକାରୀ, ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ, ଲକ୍ଷ୍ମୀପୋଷି, ବାରିପଦା ସ୍ଥିତ ମୟୂରଭଞ୍ଜଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ ।

ତଫସିଲ କ
(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

ଜିଲ୍ଲା: ମୟୂରଭଞ୍ଜ ତହସିଲ:- ରାସଗୋବିନ୍ଦପୁର

ଗ୍ରାମର ନାମ	ଗ୍ରାମାଞ୍ଚଳ/ ସହରାଞ୍ଚଳ	ଖାତା ନଂ.	ପ୍ଲଟ୍ ନଂ.	କିସମ	ପ୍ଲଟ୍‌ର ମୋଟ ରକବା	ଅଧିଗ୍ରହଣ ହେବାକୁ ଥିବା ଜମିର ରକବା	ରୟତଙ୍କ ନାମ
୧	୨	୩	୪	୫	୬	୭	୮
ଡେଙ୍ଗାନାଳିଆ	ଗ୍ରାମାଞ୍ଚଳ	ଏଥି ସହିତ ସଂଲଗ୍ନ	ଏଥି ସହିତ ସଂଲଗ୍ନ	ଏଥି ସହିତ ସଂଲଗ୍ନ	ଏକର ୪୫.୭୩	ଏକର ୧୮.୭୫	ଏଥି ସହିତ ସଂଲଗ୍ନ

ତଫସିଲ ଖ
(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)

ଜିଲ୍ଲା: ମୟୂରଭଞ୍ଜ ତହସିଲ:- ରାସଗୋବିନ୍ଦପୁର

ଗ୍ରାମର ନାମ	ଗ୍ରାମାଞ୍ଚଳ/ ସହରାଞ୍ଚଳ	ଖାତା ନଂ.	ପ୍ଲଟ୍ ନଂ.	କିସମ	ପ୍ଲଟ୍‌ର ମୋଟ ରକବା	ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା	ରୟତଙ୍କ ନାମ
୧	୨	୩	୪	୫	୬	୭	୮
ପ୍ରଯୁଜ୍ୟ ନୁହେଁ							

ଅଧିସୂଚନାର ବୈଧ ତାରିଖ: ୨୧.୦୬.୨୦୨୧

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./- (ଅଭୟ କୁମାର ନାୟକ)
ଅତିରିକ୍ତ ଶାସନ ସଚିବ

ଭୂମି ଅନୁସୂଚୀ

ଭୂଅର୍ଜନ ମାମଲା ସଂଖ୍ୟା-୩୬/୨୦୧୮, **ଏ.- ୧୮.୭୫ ଡି.**
ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ବସ୍ତା ଓ ଅମର୍ଦା ଡିଷ୍ଟ୍ରିବ୍ୟୁଟାରୀ ଓ ସିଷ୍ଟମ ନିର୍ମାଣ ନିମନ୍ତେ
ମୌଜା - ଡେଙ୍ଗାନାଳିଆ, ଥାନା- ମୋରଡା, ନଂ.-୨୧୭, ତହସିଲ- ରାସଗୋବିନ୍ଦପୁର, ଜିଲ୍ଲା- ମୟୂଭଞ୍ଜ

ଖାତା ନଂ. ଓ ସ୍ୱତ୍ୱ	ପ୍ଲଟ୍ ନଂ.	ମୋଟ ରକବା	ଆକ୍ୟୁଆର ରକବା	କିସମ	ରୟତଙ୍କ ନାମ, ପିତା, ଜାତି ଓ ବାସସ୍ଥାନ
୧	୨	୩	୪	୫	୬
୫	୨୧୫	୦.୮୬	୦.୪୨	ଡାହି ଦୁଇ	କରଣ ମାଝୀ, ପି: ବଡପିଥ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ
	୫୮୩	୦.୯୨	୦.୪୫	ଘରବାରି	
	୬୪୦/୭୧୫	୦.୨୭	୦.୨୭	ଡାହି ଏକ	
	୬୪୦/୭୧୭	୦.୧୫	୦.୦୯	ଡାହି ଏକ	
୭	୫୮୯	୧.୦୫	୦.୪୨	ଘରବାରି	ଲକ୍ଷ୍ମଣ ମାଝୀ, ପି: ଫୁଲାଇ ମାଝୀ, ସୀତା ମାଝୀ, ପି: କାହ୍ନୁ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ
୧୦	୬୩୩	୦.୯୬	୦.୮୪	ଡାହି ଏକ	ବୃଦ୍ଧାମଣି ମାଝୀ, ସ୍ୱା: ନାଲୁ ମାଝୀ, ମହନ ମାଝୀ, ଅର୍ଜୁନ ମାଝୀ, ପି: ଭୁଟା ମାଝୀ, ଫୁଲ ମାଝୀ, ସ୍ୱା: ଭୁଟା ମାଝୀ, ଜା: ସାନ୍ତାଳ, ବା: ନିଜଗାଁ
୧୨	୨୭୨	୦.୩୮	୦.୧୮	ଆଶୁ	ଛୋଟା ମାଝୀ, ସାଉ ମାଝୀ, ପି: ଗଙ୍ଗା ମାଝୀ, ଜା: ସାନ୍ତାଳ, ବା: ନିଜଗାଁ
	୫୧୬	୧.୦୦	୦.୨୮	ଡାହି ଦୁଇ	
୧୫	୨୭୪	୧.୬୭	୦.୩୪	ଆଶୁ	ଜଗନ୍ନାଥ ମାଝୀ, ପି: ସାନପିଥ ମାଝୀ, ବାନଗୀ ମାଝୀ, ସ୍ୱା: ସାନପିଥ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ
୧୭	୨୧୮	୦.୨୪	୦.୧୫	ପତିତ	ଯେଠୁ ମାଝୀ, ପି: ଲୁସୁକୁ ମାଝୀ, ଦୁଲାରି ମାଝୀ, ସ୍ୱା: ଲୁସୁକୁ ମାଝୀ, ରବିବାରି ମାଝୀ, ପି: ଆଣଦୁ ମାଝୀ, ଦଲି ମାଝୀ, ସ୍ୱା: ଆଣଦୁ ମାଝୀ, ପିରୁ ମାଝୀ ପି: ବଡଯେଠୁ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ
୨୦	୨୧୪	୦.୯୭	୦.୨୦	ଡାହି ଦୁଇ	ଦାଣ୍ଡିନି ମାଝୀ, ସୀତାରାମ ମାଝୀ, ଠୁମ୍ପୁ ମାଝୀ, ପି: ରାଗୁଆ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ
	୬୧୪	୦.୯୮	୦.୯୦	ଡାହି ଦୁଇ	
	୬୧୫	୦.୫୪	୦.୦୨	ଆଶୁ	
	୬୧୯	୦.୧୫	୦.୧୫	ଆଶୁ	
୨୩	୨୧୫/୬୭୯	୦.୭୩	୦.୪୬	ଡାହି ଦୁଇ	ନାରାୟଣ ମାଝୀ, ପି: ବଡନାଥ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ
	୫୮୨	୦.୯୩	୦.୩୪	ଘରବାରି	
	୬୪୦	୦.୨୨	୦.୨୨	ଡାହି ଏକ	
	୬୪୨	୦.୧୪	୦.୦୯	ଡାହି ଏକ	
୨୪	୬୪୪	୧.୧୨	୦.୯୨	ଡାହି ଦୁଇ	ନିତ୍ୟାନନ୍ଦ ସାହୁ, ଗୌର ଚନ୍ଦ୍ର ସାହୁ, ଶ୍ରୀକାନ୍ତ ସାହୁ, ଯତିନ୍ଦ୍ରନାଥ ସାହୁ, ପି: ହରିଶ୍ଚନ୍ଦ୍ର ସାହୁ, ଜା: କୁବେର, ବା: ନୁଣଚାଟି
୨୯	୬୦୪	୦.୨୨	୦.୦୧	ଡାହି ଦୁଇ	ପିଥ ମାଝୀ, ପି: ଆଣକୁ ମାଝୀ, ଜା:ସାନ୍ତାଳ, ବା: ନିଜଗାଁ
	୬୦୮/୭୪୪	୦.୨୪	୦.୨୪	ଡାହି ଦୁଇ	
	୨୫୪/୭୪୬	୦.୧୦	୦.୦୧	ଆଶୁ	
	୨୫୫	୦.୧୦	୦.୦୧	ଡାହି ଦୁଇ	
୩୦	୨୨୧	୦.୭୦	୦.୦୪	ଡାହି ଦୁଇ	ପିରୁ ମାଝୀ, ପି: ବଡଯେଠୁ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ
୩୪	୫୦୨	୦.୫୨	୦.୧୬	ଘରବାରି	ବାଢା ମାଝୀ, ପି: ଶିବା ମାଝୀ, ଦୁଲି ମାଝୀ, ସ୍ୱା: ବଳା ମାଝୀ, ଛୋଟା ମାଝୀ, ଶିବା ମାଝୀ, ପି: ବଳା ମାଝୀ, ଜା: ସାନ୍ତାଳ, ବା: ନିଜଗାଁ
	୫୦୩	୦.୨୯	୦.୨୫	ଡାହି ଦୁଇ	
୩୫	୪୯୩	୦.୪୨	୦.୨୬	ଡାହି ଦୁଇ	ବାସ ମାଝୀ, ସ୍ୱା: ସୁକୁଲ ମାଝୀ, ଧାନାୟ ମାଝୀ, ନଗେନ ମାଝୀ, ରୂପାୟ ମାଝୀ, ପି: ସୁକୁଲ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ
	୪୯୬	୦.୫୭	୦.୨୦	ଘରବାରି	
୩୭	୬୪୫	୧.୩୮	୦.୨୨	ଡାହି ଦୁଇ	ଭରତ ବେହେରା, ପି: କାର୍ତ୍ତିକ ବେହେରା, ଜା: କୁମ୍ଭାର, ବା: ନୁଣଚାଟି
୪୧	୪୮୯	୦.୧୧	୦.୦୨	ପତିତ	ମାତାଳ ମାଝୀ, ପି: ରାମ ମାଝୀ, ପାରାଭ ମାଝୀ, ସାଉଣା ମାଝୀ, ପି: ସାନନାଥ ମାଝୀ, ନାଥ ମାଝୀ, ପି: ଶିକର ମାଝୀ, କାନ୍ଦିରି ମାଝୀ, ସ୍ୱା: ଶିକର ମାଝୀ, ଜା: ସାନ୍ତାଳ, ବା: ନିଜଗାଁ
	୪୯୧	୨.୦୨	୦.୮୮	ଡାହି ଦୁଇ	
	୬୩୪	୧.୮୦	୦.୦୨	ଡାହି ଏକ	
୪୩	୨୧୫/୬୮୦	୦.୬୫	୦.୪୫	ଡାହି ଦୁଇ	ବାଢା ଟ

ଭିଜିଲାନ୍ସ ଜାଲରେ ମୁଖ୍ୟ କିରାଣି

ବିଲ୍ କରାଇଦେବା ପାଇଁ ୩୫୦୦ ଟଙ୍କା ଲାଞ୍ଚ ନେଉଥିବାବେଳେ ଆର୍ ଏଣ୍ଡ୍ ବି ଭୁବନେଶ୍ୱର ଡିଭିଜନ୍-୪ର ମୁଖ୍ୟ କିରାଣି ପ୍ରଣୟ କୁମାର ପଟ୍ଟନାୟକ ଭିଜିଲାନ୍ସ ହାତରେ ଧରାପଡିଛନ୍ତି। ତାଙ୍କଠାରୁ ଭିଜିଲାନ୍ସ ଲାଞ୍ଚ ଟଙ୍କା ଜବତ କରିଛି। ଭିଜିଲାନ୍ସ ଏନେଇ ଏକ ମାମଲା (ନଂ.୩୩/୨୧) ରୁଜୁ କରି ଅଭିଯୁକ୍ତ ପ୍ରଣୟଙ୍କୁ ଗିରଫ କରିବା ପରେ ଶୁକ୍ରବାର ସ୍ୱତନ୍ତ୍ର କୋର୍ଟରେ ହାଜର କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ଜେଲ୍ ହାଜତକୁ ପଠାଇ ଦିଆଯାଇଛି। ଭିଜିଲାନ୍ସର ସୂଚନା ଅନୁଯାୟୀ, ଏକ କାମର ବିଲ୍ ପାସ କରାଇଦେବା ପାଇଁ ଜଣେ କଣ୍ଟ୍ରାକ୍ଟରଙ୍କଠାରୁ ପ୍ରଣୟ ୩୫୦୦ ଟଙ୍କା ଦାବି କରିଥିଲେ। ଏନେଇ ସେ ଭୁବନେଶ୍ୱର ଭିଜିଲାନ୍ସରେ ଅଭିଯୋଗ କରିଥିଲେ। ଶୁକ୍ରବାର ପ୍ରଣୟ ନିଜ କାର୍ଯ୍ୟାଳୟରେ ଉକ୍ତ ଲାଞ୍ଚ ନେଉଥିବାବେଳେ ପୂର୍ବ ଯୋଜନା ଅନୁଯାୟୀ ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ ଗିରଫ କରିଥିଲେ।

ଗାଁରେ ପଶିଲା ଦନ୍ତା

ଢେଙ୍କାନାଳ ଅଫିସ, ୫।୧୧

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ବାରିହାପୁର ଗ୍ରାମରେ ଶୁକ୍ରବାର ଏକ ଦନ୍ତାହାତୀ ଆତଙ୍କ ସୃଷ୍ଟି କରିଛି। ପଲରୁ ଅଲଗା ହୋଇଯିବା ପରେ ହାତୀଟି ଇତଃସ୍ତତଃ ହୋଇ ଦୌଡ଼ିଥିଲା। ହାତୀ ହାବୁଡ଼ରେ ପଡ଼ି ଜଣେ ଚାଷୀ ଗୁରୁତର ହୋଇଛନ୍ତି। ତାଙ୍କୁ ପ୍ରଥମେ ପରଜଙ୍ଗ ଏବଂ ପରେ ଜିଲା ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ବନ କର୍ମଚାରୀ ଦନ୍ତାକୁ ଘଉଡ଼ାଇବାକୁ ଉଦ୍ୟମ ଜାରି ରଖିଛନ୍ତି। ଏ ସଂକ୍ରାନ୍ତରେ ଜିଲା ବନଖଣ୍ଡ ଅଧିକାରୀ (ଡିଏଫ୍ଏ) ଡ. ପ୍ରକାଶଚାନ୍ଦ ଗୋଗିନେନି କୁହନ୍ତି, ଅନ୍ୟ ଏକ ଦଳର ଦନ୍ତା ସହ ହାତୀଟିର ସଂଘର୍ଷ ହୋଇଛି। ଫଳରେ ହାତୀଟି ଅଧିକ ହିଂସ୍ର ହୋଇଯାଇଛି। ଶୁକ୍ରବାର ଉକ୍ତ ହାତୀ ଗୋଠଛଡ଼ା ହୋଇ ବାରିହାପୁର ଗ୍ରାମରେ ପଶିଯାଇଥିଲା। ବନ ବିଭାଗ ଏହା ଉପରେ କଡ଼ା ନଜର ରଖିଛି। ସନ୍ଧ୍ୟାରେ ହାତୀ ବସୋଇ ଅଞ୍ଚଳକୁ ପଳାଇଯାଇଥିବା ଡିଏଫ୍ଓ ସୂଚନା ଦେଇଛନ୍ତି।

ଜଳଭଣ୍ଡାର ୧୪%...

ପ୍ରଥମ ପୃଷ୍ଠାରୁ...

ସେହିପରି ରେଙ୍ଗାଲିରେ ଗତବର୍ଷ ୧୨୨.୬୯ ଫୁଟ ଥିବା ବେଳେ ଚଳିତବର୍ଷ ୧୨୨.୭୫, ଅପରକୋଲାବରେ ଗତବର୍ଷ ୮୫୨.୬୮ ଫୁଟ ଥିବା ବେଳେ ଚଳିତବର୍ଷ ୮୫୧.୬୬ ଫୁଟ, ଅପର ଇନ୍ଦ୍ର ଜଳଭଣ୍ଡାରରେ ଗତବର୍ଷ ୬୩୮.୩୮ ଫୁଟ ଥିବାବେଳେ ଚଳିତବର୍ଷ ୬୩୨.୦୯ ଫୁଟ ଏବଂ ମାଛକୁଣ୍ଡ ଜଳଭଣ୍ଡାରରେ ଗତବର୍ଷ ୨୭୪୯.୬୦ ଫୁଟ ଥିବାବେଳେ ଚଳିତବର୍ଷ ଏହା ୨୭୪୯.୫୦ ଫୁଟକୁ କମି ଆସିଛି। ଏହି ଜଳଭଣ୍ଡାରଗୁଡ଼ିକରୁ ରାଜ୍ୟ ପାଇଁ ୪୮୦ ମେଗାୱାଟ ବିଦ୍ୟୁତ୍ ଉତ୍ପାଦନ କରାଯାଉଛି। ପିକ୍ ଆୱାରରେ ଜଳ ଭଣ୍ଡାରଗୁଡ଼ିକ ରାଜ୍ୟର ବିଦ୍ୟୁତ୍ ଚାହିଦା ମେଣ୍ଟାଇ ଥାଆନ୍ତି। ଅକ୍ଟୋବରରୁ ଯଦି ଜଳଭଣ୍ଡାରଗୁଡ଼ିକରେ ଶୁଖିବା ଆରମ୍ଭ କଲାଣି ତେବେ ମାର୍ଚ୍ଚରୁ ଏପ୍ରିଲ ମଧ୍ୟରେ ପରିସ୍ଥିତି ଆହୁରି ଉଦ୍‌ବେଗଜନକ ହେବ। ଏହାର ପ୍ରଭାବ ସିଧା ବିଦ୍ୟୁତ୍ ଉତ୍ପାଦନ, ଜଳସେଚନ ଏବଂ ଶିଳ୍ପ ଉପରେ ପଡ଼ିବା ନେଇ ପରିବେଶବିତ୍ ଆଶଙ୍କା କଲେଣି। ଷ୍ଟେଟ୍ ଲୋଡ ଡେସ୍‌ପାଚ ସେଣ୍ଟରର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ ଜଳଭଣ୍ଡାରଗୁଡ଼ିକରେ ଆବଶ୍ୟକ ଜଳ ନ ଥିବାରୁ ବ୍ୟବହୃତ ଜଳକୁ ପୁନଃ ବ୍ୟବହାର ପାଇଁ ବ୍ୟବସ୍ଥା କରିବାକୁ ହେବ। ନଚେତ୍ ଜଳ ବିଦ୍ୟୁତ୍ ଉତ୍ପାଦନ ପ୍ରଭାବିତ ହେବ।

ଜଟିଳ ଆଡ଼ଙ୍କୁ...

ସଚିବଙ୍କୁ ନିର୍ଦ୍ଦେଶ ଜାରି କରିଛନ୍ତି। ଜିଡବ୍ଲ୍ୟୁଆର୍ଏ ରିପୋର୍ଟ ଅନୁଯାୟୀ, ରାଜ୍ୟରେ ବାର୍ଷିକ ୧୮,୭୯,୧୫୦.୫୩ ଏର୍‌ଏମ୍ (ହେକ୍ଟର ମିଟର) ଜଳ ରିଚାର୍ଜ ହୋଇଥାଏ। ସେଥିରୁ ପ୍ରାକୃତିକ ଭାବେ ବାର୍ଷିକ ୧,୫୩,୧୭୩.୧୬ ଏର୍‌ଏମ୍ ଭୂତଳ ଜଳ ଖଲାସ ହୋଇଥାଏ। ଅନ୍ୟପକ୍ଷରେ ୭,୦୧,୮୬୬.୦୧ ଏର୍‌ଏମ୍ (୪୦.୬୬%) ଭୂତଳ ଜଳ ବାର୍ଷିକ ବ୍ୟବହାର ହେଉଛି। ସେଥିମଧ୍ୟରୁ ଜଳସେଚନ କ୍ଷେତ୍ରରେ ୫,୫୭,୩୩୦.୫୫ ଏର୍‌ଏମ୍, ଶିଳ୍ପ କାରଖାନା ପାଇଁ ୧୫,୬୮୪.୪୪ ଏର୍‌ଏମ୍, ଘରୋଇ କ୍ଷେତ୍ରରେ ୧,୨୮,୮୫୧.୦୨ ଏର୍‌ଏମ୍ ଭୂତଳ ଜଳ ବ୍ୟବହାର ହେଉଛି। ଏହିପ୍ରକ୍ରିୟାରେ ରାଜ୍ୟର ୩୦୨ଟି ବ୍ଲକ ନିରାପଦ ରହିଥିବାବେଳେ ୬ଟି ସେମି କ୍ରିଟିକାଲ ବ୍ଲକ ଓ ୬ଟି ଲବଣାକ୍ତ (ସାଲାଇନ) ବ୍ଲକ ଅଞ୍ଚଳ ରହିଛି। ଯାଜପୁର ଜିଲାର କଳିଙ୍ଗନଗର ଶିଳ୍ପାଞ୍ଚଳକୁ ଲାଗି ରହିଥିବା କୋରେଇ ବ୍ଲକରେ ବାର୍ଷିକ ଭୂତଳ ଜଳ ସ୍ଥିତି ୮,୭୩୦.୬୭ ଏର୍‌ଏମ୍ ରହିଥିଲାବେଳେ ୭୫୪୯.୮୬ ଏର୍‌ଏମ୍(୮୬.୪୮%)ବିଭିନ୍ନ କ୍ଷେତ୍ରରେ ବ୍ୟବହାର ହେଉଛି। ଏଥିମଧ୍ୟରୁ ଜଳସେଚନ କ୍ଷେତ୍ରରେ ସର୍ବାଧିକ ୬୮୬୮.୭୧ ଏର୍‌ଏମ୍ ଭୂତଳ ଜଳ ବ୍ୟବହାର ହେଉଥିବା ରିପୋର୍ଟରେ ଦର୍ଶାଯାଇଛି। ବାସ୍ତବରେ କୋରେଇ ବ୍ଲକ ଅଞ୍ଚଳରେ ଏଯାଏ ସେତେଟା ଜଳସେଚନ ବ୍ୟବସ୍ଥା ହୋଇ ପାରିନାହିଁ। କୋରେଇ ବ୍ଲକକୁ ଲାଗି ଦାନଗଦି ବ୍ଲକ ଅଞ୍ଚଳରେ ରହିଥିବା ଶିଳ୍ପ ଏବଂ ବ୍ୟାସନଗର ସହରରେ ଘରୋଇ କ୍ଷେତ୍ରରେ ଅଧିକ ଭୂତଳ ଜଳ ବ୍ୟବହାର ହେଉଛି। ତେଣୁ ଶିଳ୍ପାଞ୍ଚଳରେ ଭୂତଳ ଜଳ ବ୍ୟବହାରକୁ ଲୁଚାଇବାକୁ ଯାଇ ଏଭଳି ରିପୋର୍ଟର ସତ୍ୟତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ଅନ୍ୟପକ୍ଷେ ଭୂତଳ ଜଳ ସମ୍ବଳଠାରୁ ବାଲିଆପାଳ ବ୍ଲକ ଅଞ୍ଚଳରେ ୮୬.୩୦%, ଗରଦପୁରରେ ୭୪.୬୭%, ଭୁବନେଶ୍ୱରରେ ୮୦.୩୪%, ବୋଲଗଡ଼ରେ ୮୦.୩୭% ଓ ନୂଆପଡ଼ାରେ ୭୫.୩୫% ଭୂତଳ ଜଳ ବ୍ୟବହାର ହେଉଛି। ଏହି ରିପୋର୍ଟରେ ନୂତନ ଭାବେ ନୂଆପଡ଼ା ଏବଂ ଭୁବନେଶ୍ୱର ସେମି କ୍ରିଟିକାଲ ଅଞ୍ଚଳ ଭାବେ ଚିହ୍ନଟ ହୋଇଛି। ନୂଆପଡ଼ାରେ ଜଳସେଚନ ପାଇଁ ଅଧିକ କୂଅ ଖୋଳିବା ଏବଂ ଭୁବନେଶ୍ୱରରେ ଜନସଂଖ୍ୟା ବୃଦ୍ଧି ସହ ଶିଳ୍ପକ୍ଷେତ୍ରରେ ଅଧିକ ଭୂତଳ ଜଳ ବ୍ୟବହାରରୁ ଏଭଳି ସ୍ଥିତି ଉପୁଜିଛି ବୋଲି ଗତ ମାର୍ଚ୍ଚ ୨୫ରେ ଅନୁଷ୍ଠିତ ଏସ୍‌ଏଲ୍‌ସି ବୈଠକରେ ମତପ୍ରକାଶ ପାଇଥିଲା। ଅନ୍ୟପକ୍ଷେ ବାଲେଶ୍ୱର ଜିଲା ବାହାନଗା ବ୍ଲକ ପୂର୍ବରୁ ସେମି କ୍ରିଟିକାଲ ସ୍ଥିତିରେ ରହିଥିଲାବେଳେ ଏବେ ନିରାପଦ ଅବସ୍ଥାରେ ରହିଛି। ବିପୁଳ ସଂଖ୍ୟାରେ ଭୂତଳ ଜଳ ପୁନଃ ଭରଣ ପ୍ରକଳ୍ପ ଯଥା ପୋଖରୀ, ଟ୍ୟାଙ୍କ ଆଦି ନିର୍ମାଣ ହୋଇଥିବାରୁ ଭୂତଳ ଜଳସ୍ତର ବୃଦ୍ଧି ହୋଇଛି ବୋଲି ଏସ୍‌ଏଲ୍‌ସି ପକ୍ଷରୁ କୁହାଯାଇଛି। ତେଣୁ ପ୍ରତ୍ୟେକ ସେମି କ୍ରିଟିକାଲ ବ୍ଲକ ଅଞ୍ଚଳରେ ଏଭଳି ପୁନଃ ଭରଣ ପ୍ରକଳ୍ପଗୁଡ଼ିକ କାର୍ଯ୍ୟକାରୀ କରିବାକୁ ଏସ୍‌ଏଲ୍‌ସିର ଅଧ୍ୟକ୍ଷ ପରାମର୍ଶ ଦେଇଥିଲେ।

ଜଳ ଶକ୍ତି ମନ୍ତ୍ରଣାଳୟ ସଚିବଙ୍କ ପତ୍ର ଅନୁଯାୟୀ ଭୂତଳ ଜଳ ହେଉଛି ବର୍ଷସାରା ଚାଷ ଏବଂ ପାନୀୟ ଜଳ ପାଇଁ ମେରୁଦଣ୍ଡ ସଦୃଶ। ତେଣୁ ଏହା ଉପରେ ଗୁରୁତର ଭାବେ ପଦକ୍ଷେପ ଗ୍ରହଣ କରିବାର ଆବଶ୍ୟକତା ରହିଛି। ତଦନୁସାରେ ଜଙ୍ଗଲ ଓ ପରିବେଶ, ପଞ୍ଚାୟତିରାଜ ଓ ପାନୀୟ ଜଳ, ଗୃହ ଓ ନଗର ଉନ୍ନୟନ, ଶିଳ୍ପ, କୃଷି, ଶକ୍ତି ବିଭାଗୀୟ ଅଧିକାରୀଙ୍କୁ ଭୂତଳ ଜଳ ସଂରକ୍ଷଣ ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ରାଜ୍ୟ ଜଳ ସମ୍ପଦ ବିଭାଗ ଅତିରିକ୍ତ ସଚିବ ଅନିଲ କୁମାର ପଟ୍ଟନାୟକ ପରାମର୍ଶ ଦେଇଛନ୍ତି।

୬.୩ ଓଭରରେ...

ନିବଦ୍ଧ ହୋଇଛି। ଏହି ମ୍ୟାଚରେ ଯଦି ଆଫଗାନିସ୍ତାନ ବିଜୟୀ ହୁଏ ତେବେ ଭାରତର ସେମିଫାଇନାଲ ପ୍ରବେଶ ଆଶା ଉଜ୍ଜ୍ୱଳ ହେବ। ଟସ୍ ଜିତ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ ବିରାଟ। ତାଙ୍କର ଏହି ନିଷ୍ପତ୍ତି ଭାରତ ପାଇଁ ଲକି ସାବ୍ୟସ୍ତ ହୋଇଥିଲା। ଭାରତୀୟ ବୋଲରମାନେ ୨୯ ରନ ମଧ୍ୟରେ ଟପ୍ ଅର୍ଡରର ୪ଟି ଉଇକେଟ ଅକ୍ତିଆର କରି ସ୍କଟ୍‌ଲାଣ୍ଡକୁ ବ୍ୟାକ୍‌ଫୁଟକୁ ଠେଲି ଦେଇଥିଲେ। ଅଧିନାୟକ କାଏଲ କୋଏଜର (୧ ରନ)ଙ୍କୁ ଯଶପ୍ରୀତ୍ ବୁମ୍‌ରା କ୍ଲିନବୋଲ୍ଡ କରିଥିବାବେଳେ ଦ୍ରୁତ ହାରରେ ରନ୍ ସଂଗ୍ରହ କରି ବିପଜ୍ଜନକ ସାବ୍ୟସ୍ତ ହୋଇ ଆସୁଥିବା ଜର୍ଜ ମୁନ୍‌ସେ (୨୪ ରନ, ୧୯ ବଲ, ୪ ଚୌକା, ୧ ଛକା)ଙ୍କୁ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ହାତରେ କ୍ୟାଚ କରାଇ ପ୍ୟାଭିଲିୟନ ଫେରାଇଥିଲେ ମହମ୍ମଦ ଶାମି। ଏହାପରେ ସ୍କଟ୍‌ଲାଣ୍ଡକୁ ଡବଲ ଝଟକା ଦେଇଥିଲେ ତାରକା ସ୍ପିନର ରବୀନ୍ଦ୍ର ଜାଡେଜା। ସେ ରିଚି ବାରିଙ୍ଗଟନ(୦)ଙ୍କୁ ବୋଲ୍ଡ କରି ଦେଇଥିବାବେଳେ ମାଥ୍ୟୁ କ୍ରସ୍(୨)ଙ୍କୁ ଏଲ୍‌ବିଡବ୍ଲ୍ୟୁ ଆଉଟ କରିଥିଲେ। ପରେ ୧୨ ବଲ୍‌ରୁ ୨୧(୨ ଚୌକ, ୧ ଛକା) ରନ କରିଥିବା ମାଇକେଲ ଲିଆସ୍କଙ୍କୁ ମଧ୍ୟ ଏଲ୍‌ବିଡବ୍ଲ୍ୟୁ କରି ପ୍ୟାଭିଲିୟନ ପଥ ଦେଖାଇଥିଲେ ଜାଡେଜା। ନିଜ ପ୍ରଥମ ଓଭରରେ ୧୨ ରନ ଦେଇ ମହଙ୍ଗା ସାବ୍ୟସ୍ତ ହୋଇଥିବା ଭେଟେରାନ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ କିନ୍ତୁ ସଫଳ ପ୍ରତ୍ୟାବର୍ତ୍ତନ କରିଥିଲେ। ନିଜ ତୃତୀୟ ଓଭରରେ ସେ କ୍ରିସ୍ ଗ୍ରେଭ୍ସ(୧)ଙ୍କୁ ଆଉଟ କରି ପ୍ରଥମ ସଫଳତା ପାଇଥିଲେ। ୧୭ତମ ଓଭରର ପ୍ରଥମ ତିନି ବଲ୍‌ରେ ସ୍କଟଲାଣ୍ଡ ୩ଟି ଉଇକେଟ ହରାଇଥିଲା। ଏଥିରୁ ଶାମି ୨ଟି ଉଇକେଟ ନେଇଥିବାବେଳେ ଶାଫ୍ୟାନ ସରିଫ ରନ୍‌ଆଉଟ ହୋଇଥିଲେ। ୧୮ତମ ଓଭରର ୪ର୍ଥ ବଲ୍‌ରେ ମାର୍କ ୱାଟଙ୍କୁ ଆଉଟ କରି ସ୍କଟ୍‌ଲାଣ୍ଡ ଇନିଂସର ପରିସମାପ୍ତି ଘଟାଇଥିଲେ ବୁମ୍‌ରା। ଏଥିସହ ଟି୨୦ରେ ବୁମ୍‌ରା ଭାରତର ସର୍ବାଧିକ ଉଇକେଟ ହାସଲକାରୀ ହୋଇଥିଲେ। ତାଙ୍କ ଉଇକେଟ ସଂଖ୍ୟା ୬୪ରେ ପହଞ୍ଚିଥିଲା। ଭାରତ ପକ୍ଷରୁ ଶାମି ଓ ଜାଡେଜା ୩ଟି ଲେଖାଏ, ବୁମ୍‌ରା ୨ଟି ଓ ଅଶ୍ୱିନ ଗୋଟିଏ ଉଇକେଟ ନେଇଥିଲେ।

ଲଣ୍ଡନରେ ରହିବେ...

କେବଳ ଏତିକି ନୁହେଁ, ସେମାନେ ଏହାକୁ ନିଜ ଆବଶ୍ୟକତା ଅନୁସାରେ ବାସୋପଯୋଗୀ କରିବା ଲାଗି ଗତ ଅଗଷ୍ଟରୁ ଉଦ୍ୟମ ମଧ୍ୟ ଆରମ୍ଭ କରିଦେଇଛନ୍ତି। ଷ୍ଟୋକ୍ ପାର୍କରେ ୪୯ ବେଡ୍‌ରୁମ୍ ସହ ଏକ ଛୋଟ ହସ୍ପିଟାଲ ମଧ୍ୟ ରହିଛି। ଅମ୍ବାନୀ ପରିବାର ପ୍ରାୟତଃ ଆଣ୍ଟିଲିଆରେ ଦୀପାବଳି ପାଳନ କରିଥାଆନ୍ତି। କିନ୍ତୁ ଏଥର ସେମାନେ ଦୀପାବଳି ପାଳନ କରିବା ପାଇଁ ବ୍ରିଟେନ ଯାଇଛନ୍ତି। ସେମାନେ ଭାରତ ଫେରିବା ପରେ ନୂଆବର୍ଷରେ ପୁଣି ଲଣ୍ଡନ ଯିବେ। ସେମାନେ ଷ୍ଟୋକ୍ ପାର୍କରେ ଆସନ୍ତା ଏପ୍ରିଲରୁ ରହିବେ ବୋଲି ଜଣାପଡ଼ିଛି। ତେବେ ଏହି ବିତ୍ତଶାଳୀ ପରିବାର ମୁମ୍ବାଇରୁ ଲଣ୍ଡନକୁ କାହିଁକି ସ୍ଥାନାନ୍ତର ହେବାକୁ ଯୋଜନା କରୁଛନ୍ତି ବୋଲି କେତେକ ମହଲରେ ଆଲୋଚନା ହେଉଛି। ରିପୋର୍ଟ ଅନୁସାରେ ଅମ୍ବାନୀ ପରିବାର ବିସ୍ତୃତ ଅଞ୍ଚଳରେ ସମୟ ବିତାଇବାକୁ ଚାହାନ୍ତି, ଯେଉଁ ସୁବିଧା ଭୂଲମ୍ବ ଆଣ୍ଟିଲିଆରେ ନାହିଁ। ତେବେ ଅମ୍ବାନୀ ପରିବାର ଉଭୟ ଆଣ୍ଟିଲିଆ ଏବଂ ଷ୍ଟୋକ୍ ପାର୍କରେ ଭାଗବଣ୍ଟା କରି ରହିବେ ବୋଲି ଅନ୍ୟ କେତେକ ରିପୋର୍ଟ ପ୍ରକାଶ ପାଇଛି।

ପ୍ରକାଶ ଯେ, ଘରୋଇ ବାସଭବନ ଭାବେ ବ୍ୟବହୃତ ଷ୍ଟୋକ୍ ପାର୍କ ମେନ୍‌ସିଅନ୍‌କୁ ୧୯୦୮ ପରେ ଏକ କଣ୍ଟ୍ରି କ୍ଲବ୍ ରୂପେ ପରିବର୍ତ୍ତିତ କରାଯାଇଥିଲା। ଜେମ୍ସ ବଣ୍ଡ ଫିଲ୍ମରେ ମଧ୍ୟ ଏହି ଘର ଆସିସାରିଛି। ବିଳାସପୂର୍ଣ୍ଣ ଜୀବନଶୈଳୀ ବିତାଇବା ପାଇଁ ସମସ୍ତ ପ୍ରକାର ଅତ୍ୟାଧୁନିକ ବ୍ୟବସ୍ଥା ଏଠାରେ ରହିଛି। ସେଠାରେ ଏକ ମିନି ହସ୍ପିଟାଲ ରହିଛି। ଉକ୍ତ ହସ୍ପିଟାଲରେ ଜଣେ ବ୍ରିଟିଶ୍ ଡାକ୍ତର ଅଛନ୍ତି। ତେବେ ପ୍ରକାଶିତ ରିପୋର୍ଟକୁ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ଖଣ୍ଡନ କରିଛି। ମୁକେଶ ଓ ତାଙ୍କ ପରିବାର ଲଣ୍ଡନ କିମ୍ବା ବିଶ୍ୱର ଅନ୍ୟ କୌଣସି ସ୍ଥାନରେ ରହିବା ପାଇଁ ଯୋଜନା କରି ନ ଥିବା କମ୍ପାନୀ ପକ୍ଷରୁ ଜାରି ଏକ ବିବୃତିରେ କୁହାଯାଇଛି।

ସରକାରଙ୍କୁ ସୁପାରିସ...

ସବୁ ସ୍କୁଲ ବୁଲିବ। ଓଏସ୍‌ସିପିସିଆର୍‌ର ପ୍ରତିଷ୍ଠା ଦିବସ ଅବସରରେ ଗତ ୧ ତାରିଖରୁ ୪୦ ଦିନିଆ ସଚେତନତା କାର୍ଯ୍ୟକ୍ରମ ଜାରି ରହିଥିବା ବେଳେ ଆସନ୍ତା ୧୯ ତାରିଖରୁ ସ୍ୱତନ୍ତ୍ର ଭ୍ରାମ୍ୟମାଣ ଭ୍ୟାନ୍‌ର ଶୁଭାରମ୍ଭ ହେବ। ଏହା ଭୁବନେଶ୍ୱରରୁ ଆରମ୍ଭ କରି ରାଜ୍ୟର ସମସ୍ତ ଜିଲାରେ ବୁଲିବୁଲି ଶିଶୁଙ୍କ ସୁରକ୍ଷା ଓ ସଚେତନତା ଦିଗରେ ବାର୍ତ୍ତା ଦେବ। ଏହାସହ ରାଜଧାନୀରେ ଏକ ରାଜ୍ୟସ୍ତରୀୟ ଶିଶୁ ବିଧାନସଭାର ଆୟୋଜନ କରାଯିବ। ଏଥିରେ ସାରା ରାଜ୍ୟରୁ ଶିଶୁଙ୍କୁ ସାମିଲ କରାଯିବା ସହ ଆୟୋଗ ସେମାନଙ୍କ ଦକ୍ଷତା ଓ ମାନସିକତା ପରଖିବେ। ସେହିପରି ବିଧାୟକମାନଙ୍କୁ ନେଇ ମଧ୍ୟ ଏକ ପରାମର୍ଶଦାତା ବୈଠକ ଆୟୋଜନ କରାଯିବ। ଡିସେମ୍ବର ୧୦ରେ ୪୦ ଦିନିଆ ଅଭିଯାନ ଶେଷ ହେଉଥିବାବେଳେ ସମସ୍ତ କାର୍ଯ୍ୟକ୍ରମ ଏହାରି ଭିତରେ ଶେଷ କରିବାକୁ ଲକ୍ଷ୍ୟ ରହିଥିବା ଆୟୋଗ ଅଧ୍ୟକ୍ଷା ସନ୍ଧ୍ୟାବତୀ ସୂଚନା ଦେଇଛନ୍ତି।

ନିଜ ମାଟିରୁ ପୁରସ୍କାର ପାଇବା ଅଲଗା ଅନୁଭୂତି

ବିଶିଷ୍ଟ ନିର୍ଦ୍ଦେଶକ ତଥା ପ୍ରଯୋଜକ ଘନଶ୍ୟାମ ମହାପାତ୍ର ୧୯୩୩ ଜାନୁୟାରୀ ୧ରେ ଢେଙ୍କାନାଳରେ ଜନ୍ମଗ୍ରହଣ କରିଥିଲେ। ପିଲାଟିବେଳୁ ତାଙ୍କର କଳାପ୍ରତି ଭିନ୍ନ ରୁଚି ରହିଥିଲା। ରେଭେନ୍‌ଶା କଲେଜରେ ପାଠ ପଢିବାବେଳେ ସେ ନାଟକ ପ୍ରତି ଆକର୍ଷିତ ହୋଇଥିଲେ। ପରବର୍ତ୍ତୀ ସମୟରେ ସେ ନିଜେ ଡକ୍ୟୁମେଣ୍ଟାରୀ ଫିଲ୍ମ ନିର୍ମାଣ କରିବା ସହ ନିର୍ଦ୍ଦେଶନା ଦେବା ଆରମ୍ଭ କରିଥିଲେ। ୧୯୬୦ରୁ ଏଯାଏ ଅର୍ଥାତ୍ ୬୦ ବର୍ଷରୁ ଊର୍ଦ୍ଧ୍ୱ ହେବ ଚଳଚ୍ଚିତ୍ର ଜଗତ ସହିତ ରହି ଆସିଛନ୍ତି। ତାଙ୍କ ନିର୍ଦ୍ଦେଶିତ ପ୍ରଥମ ଓଡ଼ିଆ ଡକ୍ୟୁମେଣ୍ଟାରୀ ଚଳଚ୍ଚିତ୍ର ହେଉଛି 'ମା' ଓ ଶିଶୁ'। ସେହିଭଳି ତାଙ୍କ ନିର୍ମିତ ପ୍ରଥମ ଡକ୍ୟୁମେଣ୍ଟାରୀ ଫିଲ୍ମ ଓଡ଼ିଶା ସରକାରଙ୍କ ଦ୍ୱାରା ଶ୍ରେଷ୍ଠ ଡକ୍ୟୁମେଣ୍ଟାରୀ ପୁରସ୍କାର ଲାଭ କରିଥିଲା। ଏହା ଭିତରେ ସେ ବହୁ ଉଚ୍ଚମାନର ଡକ୍ୟୁମେଣ୍ଟାରୀ ଫିଲ୍ମ ନିର୍ମାଣ କରି ଅନେକ ପୁରସ୍କାର ଓ ସମ୍ମାନ ପାଇଛନ୍ତି। ତେବେ ୨୦୧୯ ମସିହା ପାଇଁ ଓଡ଼ିଆ ଚଳଚ୍ଚିତ୍ର କ୍ଷେତ୍ରରେ ସର୍ବୋଚ୍ଚ ପୁରସ୍କାର 'ଶ୍ରୀ ଜୟଦେବ ସମ୍ମାନ' ପାଇବାକୁ ମନୋନୀତ ହୋଇଥିବାରୁ ତାଙ୍କ ସହ 'ଧରିତ୍ରୀ'ର ବନ୍ଦନା ସେଠୀଙ୍କ ଆଳାପ।



ଘନଶ୍ୟାମ ମହାପାତ୍ର

ଧରିତ୍ରୀ ଆଳାପ

ପ୍ରଶ୍ନ– 'ଶ୍ରୀ ଜୟଦେବ ସମ୍ମାନ' ପାଇବେ, କିପରି ଲାଗୁଛି?

ଉତ୍ତର– ନିଶ୍ଚିତ ଖୁସିର ଖବର। ରାଜ୍ୟ ସରକାର ମୋତେ ପୁରସ୍କାର ଦେବାକୁ ମନୋନୀତ କରିଥିବାରୁ ଭଲ ଲାଗୁଛି। କିନ୍ତୁ ଏହା ଆଗରୁ ମୋତେ ବହୁ ଜାତୀୟ, ଅନ୍ତର୍ଜାତୀୟ ପୁରସ୍କାର ମିଳିଛି। ତେଣୁ ତା' ତୁଳନାରେ ଓଡ଼ିଶା ସରକାରଙ୍କ ଏହି ପୁରସ୍କାର କ'ଣ। ତେବେ ବେଟର ଲେଟ୍ ଦ୍ୟାନ୍ ନେଭର୍।

ପ୍ରଶ୍ନ– ରାଜ୍ୟ ସରକାର ଆପଣଙ୍କ ପ୍ରତି ଅବହେଳା କରିଛନ୍ତି ବୋଲି ଭାବୁଛନ୍ତି କି?

ଉତ୍ତର– ନା ସେପରି ନୁହେଁ। ନିଜ ରାଜ୍ୟ ପୁରସ୍କାର କ'ଣ ଆଉ ଖରାପ ଜିନିଷ କି। ମୁଁ ୬୦ ବର୍ଷ ହେବ ଚଳଚ୍ଚିତ୍ର ଜଗତ ସହିତ ଜଡିତ ଅଛି। ବାହାରେ ବହୁତ କାମ କରିଛି। ତେବେ ଓଡ଼ିଶାରେ କାମ କରିବାର ଅନୁଭୂତି ଅଲଗା। ଓଡ଼ିଆ ଲୋକ ଭାବେ ନିଜ ମାଟିକୁ ଭଲ ପାଉଛୁ। ସେହିଭଳି ଯେତେ ପୁରସ୍କାର ପାଇଲେ ବି ଓଡ଼ିଶା ସରକାରଙ୍କଠାରୁ ପୁରସ୍କାର ପାଇବା ନିଶ୍ଚିତ ଅଲଗା ଅନୁଭୂତି।

ପ୍ରଶ୍ନ– ଚଳଚ୍ଚିତ୍ରକୁ ନେଇ ଆଗକୁ କିଛି ଯୋଜନା ରହିଛି କି?

ଉତ୍ତର– ମୁଁ ଜଣେ ଅବସରପ୍ରାପ୍ତ ବ୍ୟକ୍ତି। ବୃଦ୍ଧ ହୋଇ ସାରିଲିଣି। ତେଣୁ ଆଉ ଚଳଚ୍ଚିତ୍ର କରିବାର ଯୋଜନା ନାହିଁ। ମୁଁ ଜାଣିବାରେ ସମଗ୍ର ଭାରତରେ ବି ଏତେବର୍ଷ କେହି ଏହି ଲାଇନ୍‌ରେ କାମ କରି ନାହାନ୍ତି। ମୁଁ ଏକ ମାଇଲ୍‌ଷ୍ଟୋନ୍ ତିଆରି କରିଛି।

ପ୍ରଶ୍ନ– ଆପଣଙ୍କ ସମୟ ଓ ଏବେକାର ଚଳଚ୍ଚିତ୍ର ଭିତରେ କ'ଣ ପ୍ରଭେଦ ରହିଛି?

ଉତ୍ତର– ଆମର ମାଟି, କଳା, ସଂସ୍କୃତି, ପରମ୍ପରାକୁ ନେଇ ଯେପରି ଚଳଚ୍ଚିତ୍ର କରିବା କଥା ତାହା ଆଉ ହେଉନାହିଁ। ଓଡ଼ିଶାର ସବୁଥିରେ ଭିନ୍ନ। ଏହାର ନିଜର ସମୃଦ୍ଧ କଳା ରହିଛି। ଏଠାରେ ଯେଉଁସବୁ ଚଳଚ୍ଚିତ୍ର ନିର୍ମାଣ ହେଉଛି ତାହା ଆମ ଲୋକଙ୍କ ପାଇଁ। ତେଣୁ ଏଥିରେ ଆମ ମାଟିର

ସଂକ୍ଷେପରେ

ତହସିଲଦାରଙ୍କୁ ଜେଏସ୍‌ଡବ୍ଲୁ ବିରୋଧରେ ସ୍ମାରକପତ୍ର

କୁତ୍ରା, ୫।୧୧(ଡି.ଏନ.ଏ):ସୁନ୍ଦରଗଡ ଜିଲା କୁତ୍ରା ବ୍ଲକ ଅନ୍ତର୍ଗତ କଣ୍ଡେଇମୁଣ୍ଡା ଗ୍ରାମପଞ୍ଚାୟତର ତେଲିଘନାଠାରେ ଥିବା ଜେଏସଡବ୍ଲୁ ଅଧିକୃତ ଶିବା ସିମେଣ୍ଟ କାରଖାନା ବିରୋଧରେ ତହସିଲଦାରଙ୍କୁ ଗ୍ରାମବାସୀଙ୍କ ପକ୍ଷରୁ ସ୍ମାରକପତ୍ର ଦିଆଯାଇଛି। ପ୍ରକାଶଯେ କୁତ୍ରା ବ୍ଲକ ଅନ୍ତର୍ଗତ ଖତକୁରବାହାଲ ଗ୍ରାମରେ ଜେଏସଡବ୍ଲୁ କାରଖାନାର ଏକ ଚୂନ ପଥର ଖଣି ରହିଛି। ଗ୍ରାମବାସୀଙ୍କ କହିବା ଅନୁସାରେ ଯେବେଠାରୁ ଜେଏସଡବ୍ଲୁ ଏହି ଖଣିକୁ ନିଜ ଅଧୀନରେ ନେଇଛି ସେହିଦିନ ଠାରୁ ଏହି ଅଞ୍ଚଳରେ ତାର ମନମୁଖୀ କାର୍ଯ୍ୟ କରୁଥିବା କହି ଅଭିଯୋଗ ଆଣିଛନ୍ତି। ପ୍ରକାଶଯେ ଖତକୁରବାହାଲ ଗ୍ରାମରେ ଆଗରୁ ଥିବା ପ୍ରାଇମେରୀ ସ୍କୁଲ, ଉଚ୍ଚ ବିଦ୍ୟାଳୟ ଏବଂ ପଞ୍ଚାୟତ ଗୃହକୁ ଗ୍ରାମ ସଭାରେ ପାସ ନ କରି ତା ନିଜ ଇଚ୍ଛାରେ ଏହି ଗୃହଗୁଡିକୁ ଉପରବାହାଲ ଗ୍ରାମରେ ଥିବା ଗୋଚର ଜମିରେ ନିର୍ମାଣ କରୁଥିବାର ଅଭିଯୋଗ କରି ନିର୍ମାଣ କାର୍ଯ୍ୟକୁ ଗ୍ରାମ ବାସୀଙ୍କ ପକ୍ଷରୁ ବିରୋଧ କରି ବନ୍ଦ କରାଯାଇଛି। ଶୁକ୍ରବାର ଗ୍ରାମବାସୀଙ୍କ ପକ୍ଷରୁ ମାଗଦାଲି ସୋଏ,ଜଲେନ ସୋଏ,ସୁଶାନ୍ତି ସୋଏ,ସନ୍ଧ୍ୟା ସୋଏ,ସୁଖମନୀ ସୋଏ,କୁସଲ ସୋଏ ଆସି କୁତ୍ରା ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।

ଟ୍ରକ୍ ଓ ଅଟୋ ମୁହାଁମୁହିଁ ଧକ୍କା :ଜଣେ ମୃତ

ଲହୁଣୀପଡ଼ା,୫।୧୧(ଡି.ଏନ.ଏ.) ସୁନ୍ଦରଗଡ ଜିଲା ଲହୁଣୀପଡ଼ା ଥାନା ଅନ୍ତର୍ଗତ କଲେଇପୋଷ ବାହାଡ଼ାପୋଷ ରାଜ୍ୟ ରାଜପଥ ୧୦ (କ)ରାସ୍ତାର ବଣେଇ ବ୍ଲକ ସିହିଡିଆ ଗ୍ରାମଠାରେ ଟ୍ରକ ଓ ଅଟୋ ମୁହାଁମୁହିଁ ହୋଇଛି। ଫଳରେ ଜଣେ ମୃତ୍ୟୁ ବରଣ କରିଥିବା ବେଳେ ଅନ୍ୟ ଜଣେ ଗୁରୁତର ହୋଇଥିବା ଜଣାପଡିଛି। ପ୍ରାପ୍ତ ସୂଚନା ରୁ ପ୍ରକାଶ ଯେ ଏକ ୧୬ ଚକିଆ ଟ୍ରକ ଓଡି- ୧୪ ଟି- ୬୮୮୮କଲେଇପୋଷରୁ ବାରକୋଟ ପଟେ ଯାଉଥିବା ବେଳେ ଏକ ଅଟୋ ଓଆର -୧୪ ଏମ -୬୭୧୨ ଶିଆଲିକୁଦର ଗ୍ରାମରୁ ସିହିଡିଆ ଗ୍ରାମକୁ ଆସୁଥିଲା। ସିହିଡିଆ ରାସ୍ତାରେ ମୁହାଁମୁହିଁ ଧକ୍କା ହେବା ଫଳରେ ଅଟୋ ଚାଳକ ଅନିଲ ନାଏକ (୨୪)ଫିଙ୍ଗିହୋଇ ପଡିଯିବାରୁ ଘଟଣା ସ୍ଥଳରେ ମୃତ୍ୟୁ ହୋଇଥିଲା। ଅଟୋ ରେ ବସିଥିବା ବିରେନ୍ଦ୍ର ନାଏକ ଗୁରୁତର ଆହତ ହୋଇଥିବାରୁ ସ୍ଥାନୀୟ ଲୋକଙ୍କ ସହାୟତା ରେ ତାକୁ ଚିକିତ୍ସା ପାଇଁ ବଣାଇଁ ଉପଖଣ୍ଡ ଚିକିତ୍ସାଳୟ କୁ ଚିକିତ୍ସା ପାଇଁ ଭର୍ତ୍ତି କରିଥିବା ଜଣାପଡିଛି।

ଯନ୍ତ୍ରୀଙ୍କୁ ଭେଟିଲେ ବିଜେଡିର ପ୍ରତିନିଧି ମଣ୍ଡଳୀ

ଫାଟିଥିବା ପାଣି ପାଇପକୁ ଶୀଘ୍ର ମରାମତି ଦାବି

ସୁନ୍ଦରଗଡ଼, ୫।୧୧ଡିଏନଏ):

ସ୍ଥାନୀୟ ପଞ୍ଚମୁଖୀ ହନୁମାନ ଛକ ତଥା ଟେଲିଫୋନ ଏକ୍ସଚେଞ୍ଜ ପାଖରେ ଗତ ଦୁଇ ଦିନ ହେଲା ବିଏସ ହାଇସ୍କୁଲ ଆଡ଼କୁ ଯାଇ ଥିବା ପିଇବା ପାଣି ପାଇପ ଲାଇନର ମୁଖ୍ୟ ପାଇପ ଫାଟି ଯାଇଛି। ପାଣି ସବୁ ଖୁବଯୋର ରାସ୍ତାରେ ବହି ଯାଉଥିବା ଯୋଗୁଁ ସେଇ ପାଇପ ଲାଇନରୁ ପାଣି ପାଉଥିବା ଲୋକେ ଠିକ ଭାବରେ ପାଣି ନ ପାଇ ବହୁତ ଅସୁବିଧାର ସମ୍ମୁଖୀନ ହୋଉଛନ୍ତି। ଏ ନେଇ ଶୁକ୍ରବାର ବିଜେଡିର ବରିଷ୍ଠ ନେତା ଜୟନାରାୟଣ ତ୍ରିପାଠୀଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଉକ୍ତ ସ୍ଥାନକୁ ଯାଇ ସବୁ ଦେଖିବା ପରେ ଜନସ୍ୱାସ୍ଥ୍ୟ ବିଭାଗର ଏସଡିଓ ପ୍ରତାପ କେଶରୀ ମହାନ୍ତିଙ୍କୁ ଜଣାଇଥିଲେ। କନିଷ୍ଠ ଯନ୍ତ୍ରୀ ନିକୁଞ୍ଜ ବିଳାସିନୀ ସେହି ସ୍ଥାନକୁ ପହଞ୍ଚି ଏଠାରେ ଡିଏମଏଫ ଦ୍ୱାରା ଲାଇଟ ଲଗାଯିବା ପାଇଁ ନିର୍ମାଣ କରାଯାଇଥିବା ସ୍ଟମ୍ପ ପାଇଁ ମାଟି ଖୋଲା ଯିବା ସମୟରେ ପାଇପଟି ଫାଟି ଯାଇ ଏପରି ହୋଇଥିବା ପ୍ରକାଶ କରିବା ସହିତ ଉକ୍ତ ଲାଇଟ ଲଗେଇବା ପାଇଁ ଠିକା ନେଇ ଥିବା ସମ୍ପୃକ୍ତ କମ୍ପାନୀ କିମ୍ବା ବ୍ୟକ୍ତି ଆମକୁ କିଛି ନ ଜଣେଇ କିମ୍ବା ଆମ ବିନା ଉପସ୍ଥିତିରେ ମାଟି ଖୋଲୁ ଥିବାରୁ ଏପରି ପରିସ୍ଥିତି ହେଉ ଥିବା କହିଥିଲେ। ଏହା ଶୁଣିବା ପରେ ବିଜେଡିର ପ୍ରତିନିଧି ମଣ୍ଡଳୀ କନିଷ୍ଠ ଯନ୍ତ୍ରୀ ସହ ଡିଏମଏଫ ଅଫିସକୁ ଯାଇ ସେଠାକୁ ଉକ୍ତ ଠିକାଦାରଙ୍କ ସହ ଆଲୋଚନା କରିଥିଲେ। ଉକ୍ତ ଠିକାଦାର ସମ୍ପୃକ୍ତ ମରାମତି କାର୍ଯ୍ୟ ପାଇଁ ସବୁ ପ୍ରକାର ସାହାଯ୍ୟ କରିବାକୁ ରାଜି ବୋଲି କହିବା ସହିତ ସାଙ୍ଗେ ସାଙ୍ଗେ ମରାମତି କାର୍ଯ୍ୟ ଆରମ୍ଭ କରାଯାଇ ଥିବାରୁ ବିଜେଡିର ଏହି ପ୍ରତିନିଧି ମଣ୍ଡଳୀ ମରାମତି କାର୍ଯ୍ୟକୁ ଯେତେ ଶୀଘ୍ର ହେବ ସାରି ଜନସାଧାରଣଙ୍କୁ ପିଇବା ପାଣି ଠିକ ଭାବରେ ଏବଂ ଠିକ ସମୟରେ ଯୋଗେଇବା ପାଇଁ ବିଭାଗୀୟ କନିଷ୍ଠ ଯନ୍ତ୍ରୀଙ୍କୁ ତାଗିଦ କରିବା ସହିତ ତୁରନ୍ତ ମରାମତି କାର୍ଯ୍ୟ ଆରମ୍ଭ କରି ଥିବାରୁ ଧନ୍ୟବାଦ ମଧ୍ୟ ଦେଇଥିଲେ। ଏହି ପ୍ରତିନିଧି ମଣ୍ଡଳୀରେ ବିଜେଡିର ବରିଷ୍ଠ ନେତା ଜୟ ନାରାୟଣ ତ୍ରିପାଠୀଙ୍କ ସହିତ ବିଜେଡି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ହରଜେନ୍ଦ୍ର ସିଂ, ପୂର୍ବତନ ନଗରପାଳ ବେଣୁଧର ତଣ୍ଡିଆ, ଜିଲା ବିଜେଡି ଉପସଭାପତି ଜିତେନ୍ଦ୍ର କର, ବିଜେଡି ଟାଉନ ଉପସଭାପତି ଅଶୋକ ମହାନ୍ତି, ଏବଂ ଅଶୋକ ରାଉତରାୟ ଉପସ୍ଥିତ ଥିଲେ।

ଦେବଗଡ଼ ପୌରାଞ୍ଚଳର ୱାର୍ଡ ସଂଖ୍ୟା ବୃଦ୍ଧି ପାଇଁ ଲୋକମତ ସଂସ୍ଥାର ଦାବି

ଦେବଗଡ଼,୫।୧୧(ଡି.ଏନ.ଏ.)

ଦେବଗଡ ପୌରାଞ୍ଚଳର ୱାର୍ଡ ସଂଖ୍ୟା ବୃଦ୍ଧି ନିମନ୍ତେ ସ୍ଥାନୀୟ ଲୋକମତ ସଂସ୍ଥା ପକ୍ଷରୁ ଦେବଗଡ ଜିଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଲୋକମତ ସଂସ୍ଥା ପକ୍ଷରୁ ମାର୍କଣ୍ଡେଶ୍ୱର ଶତପଥି ଓ ସୁଧୀର କୁମାର କପରଦାର ଦେବଗଡ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ପୌରାଞ୍ଚଳର ୱାର୍ଡ ସଂଖ୍ୟା ବୃଦ୍ଧି ସହ ସଠିକ ସଂରକ୍ଷଣ ବ୍ୟବସ୍ଥା କରିବା ଦାବିରେ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ଦୀର୍ଘ ୪୩ ବର୍ଷ ହେଲା ଦେବଗଡ ପୌରାଂଚଳର ୱାର୍ଡ ସଂଖ୍ୟା ୧୧ରେ ସୀମିତ ରହିଥିବାବେଳେ ଉକ୍ତ ୪୩ ବର୍ଷ ମଧ୍ୟରେ ପୌରାଞ୍ଚଳର ଜନସଂଖ୍ୟା ଦୁଇଗୁଣ ବୃଦ୍ଧିପାଇଥିବା ଏବଂ ପୌରାଂଚଳର ପରିସୀମା ଢେର ବୃଦ୍ଧିପାଇଥିବା ଦର୍ଶାଯାଇଛି। ସେହିପରି କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟା ଯୋଗୁଁ ଉନ୍ନୟନ କାର୍ଯ୍ୟରେ ସମାନତା ରକ୍ଷା କରିବା କାଉନସିଲରମାନଙ୍କ ପକ୍ଷରେ ସମ୍ଭବ ହୋଇପାରୁ ନ ଥିବା ଉକ୍ତ ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି। ଏହି ସମସ୍ୟାର ସମାଧାନ ନିମନ୍ତେ ୨୦୧୩ ମସିହାରେ ତତ୍କାଳୀନ ଜିଲାପାଳ ଦେବଗଡ ପୌରାଞ୍ଚଳର ୱାର୍ଡ ସଂଖ୍ୟା ୧୧ରୁ ୧୫କୁ ବୃଦ୍ଧି କରିବା ପାଇଁ ଚିଠି ନମ୍ବର- ୧୪୦୧/ତା-୨୦-୦୧-୨୦୧୩ ରିଖରେ ବିଜ୍ଞପ୍ତି ପ୍ରକାଶ କରିଥିବା ଦର୍ଶାଯାଇଛି। ମାତ୍ର ପରବର୍ତୀ ସମୟରେ କୌଣସି କାରଣରୁ ଉକ୍ତ ବିଜ୍ଞପ୍ତିକୁ ରଦ୍ଦ କରାଯାଇଥିବାରୁ ସହରବାସୀ ସମାନୁପାତିକ ଭାବେ ବିକଶର ଫଳ ପାଇପାରୁ ନ ଥିବା ଅଭିଯୋଗ କରାଯାଇଛି। ଏଣୁ ସହରବାସୀଙ୍କ ଦୁଃଖକୁ ହୃଦୟଙ୍ଗମ କରି ସରକାର ୱାର୍ଡ ସଂଖ୍ୟା ୧୧ରୁ ୧୫କୁ ବୃଦ୍ଧି କରିବାକୁ ଲୋକମତ ସଂସ୍ଥା ପକ୍ଷରୁ ଦାବି କରାଯାଇଛି। ସେହିପରି ୱାର୍ଡ ଗୁଡିକରେ ଓବିସି,ଏସ୍‌ଟି.ଏସ୍‌ସି ଓ ସାଧାରଣ ବର୍ଗର ସାଂନ୍ଦ୍ରତାକୁ ଅନୁଧ୍ୟାନ କରି ସଂରକ୍ଷଣ ବ୍ୟବସ୍ଥା କଲେ ଲୋକଙ୍କର ଆପତି ରହିବ ନାହିଁ ବୋଲି ଉକ୍ତ ଲୋକମତ ସଂସ୍ଥା ପକ୍ଷରୁ ସ୍ମାରକପତ୍ର ମାଧ୍ୟମରେ ପରାମର୍ଶ ଦିଆଯାଇଛି। ଉକ୍ତ ସ୍ମାରକ ପତ୍ରର ଏକ ନକଲ ଦେବଗଡ ପୌର ପରିଷଦର ନିର୍ବାହୀ ଅଧିକାରୀଙ୍କୁ ମଧ୍ୟ ପ୍ରଦାନ କରାଯାଇଛି।

ଦୁର୍ଗମ ଅଞ୍ଚଳରେ କୋଭିଡ ଟିକାକରଣ

କୁତ୍ରା ୫।୧୧(ଡି.ଏନ.ଏ)

ସୁନ୍ଦରଗଡ ଜିଲା କୁତ୍ରା ବ୍ଲକ ଅନ୍ତର୍ଗତ ଦୁର୍ଗମ ଅଞ୍ଚଳ ଗୁଡିକରେ ଜିଲା ସାସ୍ଥ୍ୟ ବିଭାଗ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସେବକର ମିଳିତ ଉଦ୍ୟମରେ ଟୀକାକରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କରୋନା ମହାମାରୀ ପାଇଁ ବହୁ ଧନ ଜୀବନ ଚାଲିଯାଇଛି। ସରକାର ଏଥିପାଇଁ ମାଗଣାରେ ଟିକା ବ୍ୟବସ୍ଥା କରିଛନ୍ତି। ସରକାରଙ୍କ ବ୍ୟାପକ ପ୍ରସ୍ତୁତି ସତ୍ତ୍ୱେ ବହୁ ଗ୍ରାମାଞ୍ଚଳରେ ଏବେ ମଧ୍ୟ ଲୋକେ ଟିକା ନେଇନାହାନ୍ତି। ସେଥି ପାଇଁ ବ୍ଲକର ଦୁର୍ଗମ ଅଞ୍ଚଳ ଯଥା ନୂଆଗାଁ ପଞ୍ଚାୟତ ଅନ୍ତର୍ଗତ ଗଏରବାହାଲ କଲ୍ୟାଣ ମଣ୍ଡପରେ ଟୀକାକରଣ ଶିବିର କରଯାଇ ୨୭ ଜଣଙ୍କୁ ଫାଷ୍ଟ ଡୋଜ ଓ ୬୩ ଜଣଙ୍କୁ ଦ୍ୱିତୀୟ ଡୋଜ ଦିଆଯାଇଥିଲା।ଏହି ଶିବିରରେ କୁତ୍ରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଏଏନଏମ ରୋଜମାଳା ସୋରେନ,ସେବକ ପକ୍ଷରୁ ପ୍ରୋଗ୍ରାମ ମେନେଜର ଚକ୍ରଧର ପୃସେଟ, ହେମନ୍ତ ପୃସେଟ ଉପସ୍ଥିତ ଥିଲେ। ପ୍ରକାଶ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ବେଆଇନ ବାଣ ବିକ୍ରି ଅଭିଯୋଗରେ ୩ ଗିରଫ

ରାଜଗାଙ୍ଗପୁର, ୫।୧୧ (ଡି.ଏନ.ଏ)

ରାଜଗାଙ୍ଗପୁର ର ବିଭିନ୍ନ ସ୍ଥାନରେ ବେଆଇନ ଭାବେ ବାଣ ବିକ୍ରି କରିବା ଅଭିଯୋଗରେ, ରାଜଗାଙ୍ଗପୁର ପୋଲିସ ୩ ଜଣଙ୍କୁ ଗିରଫ କରି ନୋଟିସ ଜାରି କରି ଛାଡିଛି। ସୂଚନା ଅନୁଯାୟୀ ରାଜଗାଙ୍ଗପୁର ର ତାଲକିପଡା, ଫକରପଡା ଓ ବାଣ୍ଟୁପଡା ଅଞ୍ଚଳରେ ବେଆଇନ ଭାବେ ବାଣ ବିକ୍ରି ଚାଲିଥିବା ସମୟରେ ରାଜଗାଙ୍ଗପୁର ପୋଲିସ ଖବର ପାଇ ଚଢାଉ କରି ୩ଟି ସ୍ଥାନରୁ ୩ଜଣଙ୍କୁ ଗିରଫ କରିବା ସହ ସେମାନଙ୍କ ଠାରୁ ପ୍ରାୟ ୭୦ ହଜାର ଟଙ୍କା ର ବିଭିନ୍ନ ବାଣ ଜବତ କରାଯାଇଛି। ରାଜଗାଙ୍ଗପୁର ପୋଲିସ ଗିରଫ କରି ବା ପରେ ସେମାନଙ୍କୁ ନୋଟିସ ଜାରି କରି ଛାଡିଛି।

NATION TAX MARKET

COMMISSIONERATE OF CT & GST
(Under Finance Department,
GOVERNMENT OF ODISHA)

No.S-29

ଧ୍ୟାନ ଦିଅନ୍ତୁ

ଓଡ଼ିଶାରେ ବ୍ୟବସାୟ କରୁଥିବା ବ୍ୟକ୍ତିବିଶେଷଙ୍କ ପାଇଁ ଦ୍ରବ୍ୟ ଓ ସେବା କର ତଥା ବୃତ୍ତିଗତ କର ଅଧୀନରେ ପଞ୍ଜୀକରଣ ପାଇଁ ଯୋଗ୍ୟ ବ୍ୟକ୍ତିମାନଙ୍କର ସର୍ଭେ

- ରାଜ୍ୟରେ ବ୍ୟବସାୟ ଚଳାଉଥିବା, କିନ୍ତୁ ଦ୍ରବ୍ୟ ଓ ସେବା କର ଆଇନ ଏବଂ / କିମ୍ବା ବୃତ୍ତିଗତ କର ଆଇନ ଅଧୀନରେ ନିୟମ ଅନୁଯାୟୀ ପଞ୍ଜୀକରଣ ହୋଇ ନ ଥିବା ବ୍ୟକ୍ତିବିଶେଷଙ୍କୁ ଚିହ୍ନଟ କରିବା ପାଇଁ ଓଡ଼ିଶାର ବାଣିଜ୍ୟକର ଏବଂ ଦ୍ରବ୍ୟ ଓ ସେବା କର ସଂସ୍ଥା ତରଫରୁ ଏକ ସର୍ଭେ କାର୍ଯ୍ୟ ଆରମ୍ଭ କରାଯାଇଛି।
- ପଞ୍ଜୀକୃତ ଟିକସଦାତାମାନେ ଅନେକ ସୁବିଧା ସୁଯୋଗ ପାଇପାରିବେ ଯଥା- ଇନ୍‌ପୁଟ୍ ଟାକ୍ସ କ୍ରେଡିଟ୍ ପାଇବା ବା ହସ୍ତାନ୍ତର କରିବା, ଇ-ୱେ ବିଲ୍ ବ୍ୟବହାର କରିବା ଇତ୍ୟାଦି ।
- ଦ୍ରବ୍ୟ ଓ ସେବା କର ଆଇନ ଏବଂ / କିମ୍ବା ବୃତ୍ତିଗତ କର ଆଇନ ଅଧୀନରେ ପଞ୍ଜୀକରଣ କରିବା ପାଇଁ ଯୋଗ୍ୟ ହୋଇସାରିଥିବା ସତ୍ତ୍ୱେ ବିନା ପଞ୍ଜୀକରଣରେ ବ୍ୟବସାୟ ଚଳାଇବା ବେଆଇନ ଅଟେ ଏବଂ ସମ୍ପୃକ୍ତ ଆଇନ ଅନୁଯାୟୀ ଜରିମାନା ଦେବାକୁ ପଡିବ।
- ଦ୍ରବ୍ୟ ଓ ସେବା କର ଆଇନ ଏବଂ / କିମ୍ବା ବୃତ୍ତିଗତ କର ଆଇନ ଅଧୀନରେ ପଞ୍ଜୀକରଣ ସମ୍ପୂର୍ଣ୍ଣ ମାଗଣା ଏବଂ ଏକ ସରଳ ଅନ୍‌ଲାଇନ ପ୍ରକ୍ରିୟା ।

Help Desk: 1800-345-6753 (Toll Free)
email: ctdho@odishatax.gov.in

Commissioner of CT & GST
Government of Odisha, Cuttack

OIPR-05029/11/0007/2122

ଓଡ଼ିଶା ସରକାର
ସ୍ୱତନ୍ତ୍ର ରିଲିଫ୍ କମିଶନର
ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ
(ବିପର୍ଯ୍ୟୟ ପରିଚାଳନା)

ସୂଚନା

No. F-208: ଏତଦ୍ୱାରା ସମସ୍ତ ଜନସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ, କୋଭିଡ୍-୧୯ ମୃତ୍ୟୁ ପାଇଁ ଅନୁକମ୍ପାମୂଳକ ସହାୟତା ରାଶି ପାଇବା ପାଇଁ ଓ ଏଥିପାଇଁ ଆବେଦନ କରିବା ପାଇଁ ଏକ ନିର୍ଦ୍ଦିଷ୍ଟ ଆବେଦନ ପତ୍ର/ଦରଖାସ୍ତ ସମ୍ପର୍କୀୟ ସମସ୍ତ ତଥ୍ୟ/ସୂଚନା ଗତ ତା୦୨।୧୧।୨୦୨୧ରିଖରେ ରାଜ୍ୟର ସର୍ବାଧିକ ପ୍ରସାରିତ ହେଉଥିବା ଚାରିଗୋଟି ଦୈନିକ ଓଡ଼ିଆ ଖବରକାଗଜ ଓ ଗୋଟିଏ ଇଂରାଜୀ ଖବରକାଗଜ ମାଧ୍ୟମରେ ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ ତରଫରୁ ଏକ ବିଜ୍ଞାପନ ପ୍ରକାଶ କରାଯାଇଅଛି।

ଏହି ଆବେଦନ ପତ୍ର/ଦରଖାସ୍ତ ଆବଶ୍ୟକୀୟ ଦସ୍ତାବିଜ ଓ କୋଭିଡ୍-୧୯ ମୃତ୍ୟୁ ପ୍ରମାଣପତ୍ର ସହିତ ଜିଲ୍ଲାପାଳଙ୍କୁ ପ୍ରତ୍ୟକ୍ଷଭାବେ (Offline) କିମ୍ବା Website: **https://caps.odisha.gov.in (Online)** ଜରିଆରେ ଦାଖଲ/ଆବେଦନ କରିପାରିବେ। ପ୍ରତ୍ୟେକ ମୃତ ବ୍ୟକ୍ତିଙ୍କ ପାଇଁ କେବଳ ଗୋଟିଏ ମାତ୍ର ଆବେଦନ ପତ୍ର/ଦରଖାସ୍ତ ଗ୍ରହଣ କରାଯିବ।

ଯଦି କୌଣସି ବ୍ୟକ୍ତି ଅନ୍‌ଲାଇନ୍ ଜରିଆରେ ଆବେଦନ ପତ୍ର ପୂରଣ ଓ ଦାଖଲ କରିବାରେ କୌଣସି ସମସ୍ୟା/ଅସୁବିଧାର ସମ୍ମୁଖୀନ ହୁଅନ୍ତି ତେବେ ସେମାନେ ଏକ (Sanjog Helpline) ନମ୍ବର 155335 (Toll Free/ଦେୟମୁକ୍ତ)କୁ ଯୋଗାଯୋଗ କରି ସହାୟତା ନେଇପାରିବେ।

ସ୍ୱା./- ସ୍ୱତନ୍ତ୍ର ରିଲିଫ୍ କମିଶନର, ଓଡ଼ିଶା

OIPR-24003/11/0007/2122

See Career Appointment on every Wednesday & Saturday

A-576

OFFICE OF THE PROJECT DIRECTOR (R&R)
LOWER SUKTEL IRRIGATION PROJECT, BALANGIR

No. 782/LSIP/ Date: 03.11.2021

1	The Project Director (R&R), Lower Suktel Irrigation Project, Balangir on behalf of Govt. of Odisha invites sealed Bids from reputed organization (Govt. or Pvt. or autonomous or institution or NGO) of State and National repute for "**ENGAGEMENT OF FACILITATING AGENCY FOR SURVEY & CENSUS, PREPARATION OF REHABILITATION & RESETTLEMENT SCHEME AND VILLAGE WISE SURVEY REPORT OF LOWER SUKTEL IRRIGATION PROJECT, BALANGIR IN VILLAGES OF BALANGIR DISTRICT**" as details in the scope of work in this Tender. The interested and eligible organizations with valid Registration Certificate as a Society / Trust / Cooperative, as detailed in Tender, may participate in this Tender process for the same in OFF-LINE mode. (For details visit website: www.balangir.nic.in.)	
2	Tender Paper Cost	Rs. 6,000/- to be submitted in shape of DD drawn in favour of Project Director (R&R), Lower Suktel Irrigation Project, Balangir.
3	EMD	Rs.1,00,000/- to be submitted in shape of DD drawn in favour of Project Director (R&R), Lower Suktel Irrigation Project, Balangir.
4	Place where works will be executed	Socio Economic Survey in of Lower Suktel Irrigation Project affected villages of Balangir District, Odisha
5	Availability of bid document in the website	**Dt.03.11.2021 (05.00 PM) to Dt.20.11.2021 (05.00 PM)** Website: www.balangir. nic.in
6	Last date of receipt of Bid	**Dt.20.11.2021 till 5.00 PM**
7	Pre-Bid Meeting	**Dt.12.11.2021 (11.00 AM)** Office Chamber of Project Director (R&R), Lower Suktel Irrigation Project, Balangir.
8	Date of opening of Technical Bid and Financial Bid	**Dt.22.11.2021 (11.00 AM)** - Opening of Technical BID & Presentation **(04.00 PM)** - Opening of Financial BID Conference Hall of Chief Construction Engineer, Lower Suktel Irrigation Project, Balangir.
9	Mode of Receipt of Bids	Through Speed Post / Registered Post (Indian Post) and no other means.

Sd./- Project Director (R&R)
Lower Suktel Irrigation Project, Balangir

OIPR-32333/11/0003/2122

CUTTACK MUNICIPAL CORPORATION
"e" PROCUREMENT NOTICE

No. C-1196 **Tender ID: 2021_ORULB_72195**
Bid Reference No. MC(CMC)CTC_Div.-I_No.9/2021-21
Tender Call Notice No. 5824 (PW) **Date: 02.11.2021**

Name of Works : Civil Works
No. of Works : 05 Nos.
Bid Value : Rs.4.65 lakh to Rs.44.04 lakh
Period of Completion : One Calendar Month to Two Calendar Months
Date and Time Schedule :

Start	End	Opening
3.00 P.M. on Dt.03.11.2021	5.00 P.M. on Dt.12.11.2021	11.00 A.M. on Dt.17.11.2021

Tender details can be seen from the procurement portal: **www.tendersorissa.gov.in**.

Superintending Engineer, City Div.-I
OIPR-13031/11/0046/2122

GOVERNMENT OF ODISHA,
DEPARTMENT OF WATER RESOURCES
Office of the Executive Engineer, Mechanical Division, Berhampur
Email Address: mechanicaldivision0417@gmail.com
No.A-575:- **e-Procurement Notice-Bid Identification No.- EE(M)MDB-03/2021-22**

1	Name of the work	:	Mechanical Gate Works
2	No. of works	:	06 (Six) Nos.
3	Category of executors	:	SSI Units registered under DIC/ NSIC/ MSME for Irrigation Shutters / Hydro Mechanical Gates.
4	Bid Identification No.	:	EE(M) MDB-03/2021-22
5	Estimated cost	:	Approximately cost Rs.7,19,355/- to Rs.8,97,085/-
6	Period of completion	:	One calendar month
7	Date & time of availability of bid documents in the portal	:	From dt.05.11.2021 (10.00 A.M.) to dt. 15.11.2021 (5.30 P.M.)
8	Last date / time for receipt of bid in the portal	:	Dt.15.11.2021 (Upto 5.30 P.M.)
9	Date and place of opening of Technical Bid	:	Dt.16.11.2021 (11.30 A.M. onwards in the O/o the undersigned)
10	Date and place of opening of Financial Bid	:	To be intimated to the qualified bidders after evaluation of Technical Bid
11	Name of the officer inviting bid	:	Executive Engineer, Mechanical Division, Berhampur

Further details can be seen from the e-procurement portal https://tendersodisha.gov.in

Sd./- Executive Engineer, Mechanical Division, Berhampur
OIPR-32401/11/0003/2122

OFFICE OF THE EXECUTIVE ENGINEER, L.I. DIVISION, CUTTACK
E-mail: eeolic_ctc@yahoo.in, Ph. No. 0671-2955600
Bid Identification No. 06/2021-22, OLIC (CTC) Dt.03.11.2021

No. CAD-1708: The Executive Engineer, L.I. Division, Cuttack, At: Pratap Nagari, P.O.- Telengapitha, Dist.- Cuttack, PIN - 754001 invites Percentage Rate bids in online mode for "Installation New & Revival Lift Irrigation Projects" along with energisation on Turnkey basis from reputed contractors/firms having valid PWD licence of required class and valid HT licence issued by E.L.B.O., Odisha. Contractors can also participate in the e-Tender with **Registered**. Joint venture the contractors/firms should have experience in similar nature of works for the work. Proof of registrations, experience from appropriate authorities are to be uploaded along with the bid/bids. The GST @ 5% on tender paper will be paid by GST No. 21AAACO5986G1ZF on reverse charge basis.

1. Number of Packages : 26 Numbers
2. Estiamted Cost : Tender Cost Rs.9.03 lakh to Rs.27.36 lakh
3. Tender Cost : As per DTCN
4. Class of Contractor : As per DTCN
5. Date & time of publication : Dt.08.11.2021 from 11.00 hrs.
6. Date & time of closing : Dt.19.11.2021 at 17.00 hrs.
7. Date & time of opening of bid : Dt.20.11.2021 at 10.00 A.M.
9. The bidders have to participate in online bidding only.

Further details can be seen from the website **www.tendersorissa.gov.in**. Addendum/Corrigendum/Cancellation of tender, if any, can be seen in the said website.

OIPR-32238/11/0008/2122 **Sd./- Executive Engineer**

OFFICE OF THE COLLECTOR & DISTRICT MAGISTRATE, NUAPADA, ODISHA
(Food Supplies & Consumer Welfare Section)
Advertisement No. 4861 **Dated: 30.10.21**
ADVERTISEMENT FOR CONTRACTUAL ENGAGEMENT

No. H-36: In pursuance of Letter No. 13704 Dt.20.09.21 of Food Supplies & Consumer Welfare Department, Government of Odisha, Bhubaneswar, application forms are invited from prospective eligible and experienced candidates for contractual engagement for the Post of "TECHNICAL SUPPORT STAFF" for District Project Management Unit (DPMU), Nuapada under Integrated Management of Public Distribution (IM-PDS) Scheme.

Information in details including job description, eligibility criteria & general instruction for submission of application(s) may be seen in district website **https://nuapada.nic.in**.

The application shall be submitted through Speed Post/ Registered Post only addressed to **"Civil Supplies Officer, District Civil Supplies Office, Nuapada, At: Nuapada (Near District Treasury Office), P.O./Dist.- Nuapada (Odisha), PIN - 766105"**.

Closing date for submission of Complete Application in all respect is 20th November, 2021

Sd./- Collector, Nuapada
OIPR-07052/11/0001/2122

କହିଲ ଦେଖି

(୧)
ନୀଳ ଆକାଶରେ ଉଡ଼ି ବୁଲୁଥାଏ
ହଳଦୀ ରଙ୍ଗର ଦେହେ,
ଶୁଭାଶିଷ ଢାଳେ ଗଛ ଉପରେ ବସି
ସଭିଙ୍କ ମନକୁ ମୋହେ ।

ଉତ୍ତର:- **ହଳଦୀବସନ୍ତ**

(୨)
ଚିଠି ଦିଆ ନିଆ ମାଧ୍ୟମଟେ ଥିଲା
ପୂରୁବ କାଳରେ ସିଏ,
ପକ୍ଷୀଗଣ ମଧ୍ୟେ ସବୁଠୁ ନିରୀହ
ଘୁଉଁ ଘୁଉଁ ରା ଦିଏ ।

ଉତ୍ତର- **ପାରା**

(୩)
ରାତିର ଅନ୍ଧାରେ ଅତି ସହଜରେ
ଏଣେ ତେଣେ ପାରେ ବୁଲି,
ମା' ଲକ୍ଷ୍ମୀଙ୍କର ବାହନ ତ ସିଏ
କିଏ ବା ପାରିବ ଭୁଲି ।

ଉତ୍ତର- **ପେଚା**

-ସୁବ୍ରତ ମଲିକ,
ମଙ୍ଗଳପୁର, ଅସୁରାଳି, ଭଦ୍ରକ

ଖିଲିଖିଲି ହସ

(ମାମୁ ଓ ଭଣଜା ମଧ୍ୟରେ କଥାବାର୍ତ୍ତା)
ଭଣଜା-ମାମୁ! ଆସିବାରେ ଏତେ ଲେଟ୍ କ'ଣ କଲ ? ଆଉ ମୋ ପାଇଁ ମିଠା ଆଣିଚ ତ ?
ମାମୁ- ହଁ, ତୋ ପାଇଁ ମିଠା ନ ଆଣିଲେ ହେବ କେମିତି ?
ଭଣଜା-ଭଲ କଥା ।
ମାମୁ-ଭଣଜା ! ଆଉ ଆଗକୁ କ'ଣ ଭାବିବୁ କରିବୁ ବୋଲି ?
ଭଣଜା- ଭାବିଚି .... ଆପଣ କେତେ ଜଲଦି ଘରୁ ଯିବେ, ଆଉ ମୁଁ ସବୁ ମିଠା ଖାଇବି ।

(ଟି.ଟି.ଆଇ. ଓ ଚିଣ୍ଟୁ)
ଟି.ଟି.ଆଇ.- ତୁମ ଟିକେଟ୍ ଦେଖାଅ ।
ଚିଣ୍ଟୁ(ଟିକେଟ୍ ଦେଖାଇ)-ଏଇ ନିଅ ।
ଟି.ଟି.ଆଇ.-ଇଏ କ'ଣ ? ପୁରୁଣା ଟିକେଟ୍ ଦେଖଉଚ । ଏଇଟା ହବନି । ନୂଆ ଟିକେଟ୍ ଦେଖାଅ ।
ଚିଣ୍ଟୁ-ହବନି କାହିଁକି । ତମେ ଏମିତି ନୂଆ ଟିକେଟ୍ ମାଗୁଚ, ଯେମିତି ଟ୍ରେନ୍‌ଟି ବି ନୂଆ ଏବେ ଶୋ'ରୁମ୍‌ରୁ ଆଣିଚ । ଟ୍ରେନ୍ ପୁରୁଣା ତ ଟିକେଟ୍ ବି ପୁରୁଣା ।

ମତାମତ

➤ଗତ ସପ୍ତାହରେ ପ୍ରକାଶିତ କବିତା ଗୁଡ଼ିକ ପଢ଼ି ଭଲ ଲାଗିଲା ।
-ଅଭୟ କୁମାର ମଲ୍ଲିକ, ଯାଜପୁର

➤ଏହି ପୃଷ୍ଠାରେ ପ୍ରକାଶ ପାଉଥିବା ପ୍ରତିଟି ସ୍ତମ୍ଭ ମୋ ମନକୁ ଛୁଇଁପାରୁଛି ।
-ସ୍ନେହାସ୍ମିତା ମହାନ୍ତି, ପୁରୀ

➤'କହିଲ ଦେଖି' ସ୍ତମ୍ଭଟି ପଢ଼ି ସେ ସମ୍ପର୍କରେ ଅନେକ କଥା ଜାଣି ହେଉଛି । ଏହାକୁ ନିୟମିତ ପ୍ରକାଶ କରିବାକୁ ଅନୁରୋଧ ।
-ଗୀତାଞ୍ଜଳି ନାୟକ, ରେଢ଼ାଖୋଲ

➤ଏଥର ସଂଖ୍ୟାରେ କିଏ କେମିତି ଦୀପାବଳି ପାଳିବେ ତାକୁ ନେଇ ଏହି ପୃଷ୍ଠାର ଉପସ୍ଥାପନା ଶୈଳୀ ବହୁତ ଭଲ ଲାଗିଲା ।
-ରାମଚନ୍ଦ୍ର ମହାନ୍ତି, ବ୍ରହ୍ମପୁର

ଆସ ଜାଣିବା

ସବୁଠାରୁ ବଡ଼ ଓ ଛୋଟ ଫୁଲ

ଆମର ଏ ପୃଥିବୀ ବୈଚିତ୍ର୍ୟତାରେ ପରିପୂର୍ଣ୍ଣ । କେତେ ପ୍ରକାରର ଗଛଲତା, ଜୀବଜନ୍ତୁ ରହିଛନ୍ତି, ତାହାର କଳନା ବାହାରେ । ଫୁଲଜଗତରେ ବି ସେମିତି ରହିଛି ଅନେକ ଆଶ୍ଚର୍ଯ୍ୟଜନକ ଫୁଲ । ସେହିପରି ପୃଥିବୀର ସବୁଠାରୁ ବଡ଼ ଫୁଲ 'ରାଫ୍ଲେସିଆ ଆର୍ନୋଲ୍ଡି' ଓ ସବୁଠାରୁ ଛୋଟ ଫୁଲ 'ୱାଟରମିଲ୍' ଅନେକ ବିସ୍ମୟକର ଫୁଲଗୁଡ଼ିକ ମଧ୍ୟରୁ ଅନ୍ୟତମ ।

'ରାଫ୍ଲେସିଆ ଆର୍ନୋଲ୍ଡି'ର ଆବିଷ୍କାର ପଛରେ ରହିଛି ଏକ କାହାଣୀ । ଏହାକୁ ପ୍ରଥମେ ଜଣେ ଫରାସୀ ଜୀବ ଓ ଉଦ୍ଭିଦ ବିଶାରଦ ଲୁଇ ଦେସ୍‌ଚାମ୍ପସ୍ ଜାଭା ଦ୍ୱୀପରେ ୧୭୯୧ରୁ ୧୭୯୪ ମସିହା ମଧ୍ୟରେ ଆବିଷ୍କାର କରିଥିଲେ ଓ ଉକ୍ତ ଫୁଲ ବିଷୟରେ ଅନେକ ତଥ୍ୟ ଲେଖିଥିଲେ । ତାଙ୍କ ଲେଖାସବୁକୁ ଇଂରେଜମାନେ

୧୮୦୩ ମସିହାରେ ଜବତ କରି ନେଇଥିଲେ ଏବଂ ୧୮୬୧ ପର୍ଯ୍ୟନ୍ତ ଏ ତଥ୍ୟ ସବୁକୁ ପାଶ୍ଚାତ୍ୟ ଦେଶଗୁଡ଼ିକଠାରୁ ଲୁଚେଇ ରଖିଥିଲେ । ୧୮୧୮ ମସିହାରେ ଜଣେ ଇଂରେଜ ଯୋଶେଫ ଆର୍ନୋଲ୍ଡ ଇଣ୍ଡୋନେସିଆର ଅରଣ୍ୟକୁ ଅନୁସନ୍ଧାନ ଅଭିଯାନରେ ଆସିଥିଲେ । ସେତେବେଳେ ତାଙ୍କ ପାଖରେ କାର୍ଯ୍ୟ କରୁଥିବା ତାଙ୍କର ମାଳବ ଚାକରଟି ଘଞ୍ଚ ଅରଣ୍ୟ ମଧ୍ୟରେ ତାଙ୍କୁ ଏ ଫୁଲଟିକୁ ଦେଖାଇଥିଲା । ଏଇ ଘଟଣା ପରେ ଯୋଶେଫ ଆର୍ନୋଲ୍ଡ ଓ ତାଙ୍କ ଗୋଷ୍ଠୀର ଅନ୍ୟମାନେ ଫୁଲଟିକୁ ପାଶ୍ଚାତ୍ୟ ସମାଜକୁ ଚିହ୍ନେଇ ଥିଲେ ।

ସେମାନେ ତାଙ୍କର ଏ ଅଭିଯାନର ମୁଖ୍ୟ ଷ୍ଟାଣ୍ଡଫୋର୍ଡ଼ ରାଫେଲ୍‌ଙ୍କ ନାମାନୁସାରେ ପୃଥିବୀର ଏ ବୃହତ୍ ଫୁଲଟିର ନାମକରଣ କରିଥିଲେ 'ରାଫ୍ଲେସିଆ ଆର୍ନୋଲ୍ଡି' ।

ଉକ୍ତ ଫୁଲଟିର ଆକାର ୩ ଫୁଟ ହେବ ଏବଂ ଓଜନ ୧୫ ପାଉଣ୍ଡ ପାଖାପାଖି । ଏହା ଏକ ପରଜୀବୀ ଉଦ୍ଭିଦ । ଏହାର କୌଣସି ସୁଦୃଶ୍ୟ ପତ୍ର, ମୂଳ ବା ଡାଙ୍ଗ ନଥାଏ । ଫୁଲଟି ଦେଖିବାକୁ ଆକର୍ଷଣୀୟ ରଙ୍ଗର ହୋଇଥିଲେ ମଧ୍ୟ ବାସ୍ନାଯୁକ୍ତ ନୁହେଁ । ଏଥିରୁ ପଚାମାଂସର ଦୁର୍ଗନ୍ଧ ପରି ଏକ ଦୁର୍ଗନ୍ଧ ବାହାରୁଥାଏ । ଏହା ଏକ ମାଂସାହାରୀ ଉଦ୍ଭିଦ ହୋଇଥିବାରୁ ଏ ଦୁର୍ଗନ୍ଧ ଦ୍ୱାରା ବିଭିନ୍ନ କୀଟ, ପତଙ୍ଗଙ୍କୁ ଆକର୍ଷିତ କରି ନିଜ ଖାଦ୍ୟ ବନେଇବାରେ ଓ ପରାଗ ସଙ୍ଗମରେ ଲଗାଇଥାଏ ।

ସମ୍ପୃକ୍ତ ଫୁଲଟିକୁ ଦେଖିବାକୁ ଦିନକୁଦିନ ଯାତ୍ରୀମାନଙ୍କର ସଂଖ୍ୟା ବଢ଼ିବାରେ ଲାଗିଛି । ଏଣୁ ସେଠିକାର ପରିବେଶର ସନ୍ତୁଳନ ବାଧାପ୍ରାପ୍ତ ହୋଇ ଏଇ ଫୁଲର ସଂଖ୍ୟା କମିବାରେ ଲାଗିଛି । ଏଥିପାଇଁ ପରିବେଶବିତ୍‌ମାନେ ଚିନ୍ତା ପ୍ରକଟ କରିଛନ୍ତି । ପୃଥିବୀର ଏଇ ସର୍ବବୃହତ୍ ଫୁଲ 'ରାଫ୍ଲେସିଆ ଆର୍ନୋଲ୍ଡି' ଇଣ୍ଡୋନେସିଆର ଜାତୀୟ ଫୁଲ ଅଟେ ।

ଏବେ ଆସନ୍ତୁ ଜାଣିବା ପୃଥିବୀର ସବୁଠୁ ଛୋଟ ଫୁଲ ବିଷୟରେ । ଏହାର ନାମ ହେଲା 'ୱାଟରମିଲ୍' । ତା'ର ଆଉ ଗୋଟିଏ ନାଁ ହେଲା ଉଲ୍‌ଫିଆ ଗ୍ଲୋବୋସା । ଏହା ଏକ ଜଳଜ ଉଦ୍ଭିଦ, ଯାହାର ଚେର ନ ଥାଏ । ତେଣୁ 'ୱାଟରମିଲ୍' ଜଳ ଉପରେ ଭାସମାନ ଅବସ୍ଥାରେ ଥାଏ । ଏହାର ଫଳ ମଧ୍ୟ ପୃଥିବୀର ସବୁଠୁ ଛୋଟ ଫଳ, ଯାହାର ନାଁ ହେଲା 'ୟୁଟ୍ରିକିଲ୍' । ପୃଥିବୀର ପ୍ରାୟ ଜାଗାରେ ୱାଟରମିଲ୍ ମିଳିଥାଏ । ସୋୟାବିନ୍ ପରି ୱାଟରମିଲ୍‌ରେ ୪୦% ପୁଷ୍ଟିସାର (ପ୍ରୋଟିନ୍) ରହିଚି । ତେଣୁ ଏହାକୁ ଅଧିକାଂଶ ସ୍ଥାନରେ ଖାଦ୍ୟ ରୂପରେ ମଧ୍ୟ ଗ୍ରହଣ କରାଯାଇଥାଏ । 'ୱାଟରମିଲ୍'ର ଆକାର ୨ମି.ମି. ଭିତରେ ସୀମିତ ଥାଏ ।

ପୃଥିବୀର ସବୁଠୁ ବଡ଼ ଫୁଲ 'ରାଫ୍ଲେସିଆ ଆର୍ନୋଲ୍ଡି' ଏବଂ ସବୁଠୁ ଛୋଟ ଫୁଲ 'ୱାଟରମିଲ୍' ସେମାନଙ୍କର ଆକାର ଓ ଉପାଦେୟତା ପାଇଁ ଉଦ୍ଭିଦ ଜଗତରେ ଏକ ବିଶେଷ ସ୍ଥାନ ଅଧିକାର କରିଛନ୍ତି ।

-ଜାହ୍ନବୀ ମିଶ୍ର
ନଭି ମୁମ୍ବାଇ, ମହାରାଷ୍ଟ୍ର
ମୋ: ୯୧୩୬୧୧୯୭୫୩



ଆସିଛି ଶୀତ

ଶୀରତ ଗଲାଣି ସରି ସରି
ବରଷା ଗଲାଣି ଫେରି ଫେରି,
ଶୀତ ଆସିଲା ଥିରି ଥିରି
ପେଡ଼ି ପୁଟୁଳିକୁ ସାଥେ ଧରି ।

କାର୍ତ୍ତିକ ଆସିଛି ଧାଇଁ ଧାଇଁ
ଧର୍ମର ମାସଟି ପରା ଏଇ,
ଦୀପାବଳି ସାଥେ ବାଣ ନେଇ
ଡଙ୍ଗା ଭସା ପୁଣି ଶେଷେ ଯାଇ ।

ଚାଷୀ ଭାଇର ସେ ଅଟେ ମିତ
ପାଚିଲା ଧାନରେ ହସେ କ୍ଷେତ,
ଖାତିରି କରେନି ଗାଏ ଗୀତ
ଏହା ଦେଖି ତାକୁ ଡରେ ଶୀତ ।

ସବୁଜ ପରିବା ଅଛି ଯେତେ
ହସୁ ଥାଏ ପୁଣି ଏଇ ଶୀତେ,
ପାଳଙ୍ଗ,କୋଶଳା, ଧନିଆରେ
ବାଡ଼ି ହସୁଥାଏ ଆନନ୍ଦରେ ।

-ଝରଣା ବାରିକ,
ସମଲ, ତାଳଚେର, ଅନୁଗୋଳ

ହସ ଖୁସି

କରୋନା ପାଇଁ ଯାଇଛି
ଜୀବନଟି କେତେ
ନାହିଁ ସୁଖ ଦୁଃଖେ ଦିନ
ସଭିଙ୍କର ବିତେ ।

ଏକାଠି ହୋଇଲେ ବଢ଼େ
କରୋନାର ଭାଉ
ମଣିଷ ଜୀବନ ନେଇ
ରୋଗ ସାଧେ ଦାଉ ।

ଚଉଦିଗେ କଟକଣା
ଲାଗେ ଭାରି ଡର
ଆସଇ ଦେହକୁ ଥଣ୍ଡା
କାଶ ଛିଙ୍କ ଜର ।

ସଭିଏଁ ଏକାଠି ବସି
ନାଚିବା ଗାଇବା
ବଣ ବୁଦା ଗଛୁ ତୋଳି
କୋଳିଜେ ଖାଇବା ।

ଫେରି ଆସୁ ହସ ଖୁସି
ହଟୁ ଦୁଃଖ ରାତି
କରୋନାକୁ ଦେଶୁ ତଡ଼ି
ଖେଳେ ଯିବା ମାତି ।

-ପ୍ରଶାନ୍ତ କୁମାର ଦାଶ
କୁଞ୍ଜର ସଙ୍ଗଳାଇ, ପିପିଲି, ପୁରୀ

ଚାଲ ଆମେ ସ୍କୁଲଯିବା

ଆସ ପିଲେ ଆମେ ଆଜି ପଢ଼ିବା ପାଠ
ବ୍ୟାଗ ଧରି ସ୍କୁଲ ଯିବା ନ କରି ମଠ ।
ସାଙ୍ଗ ହୋଇ ମିଳିମିଶି ଗଢ଼ିବା ଦେଶ
ସଫା ହୋଇ ସ୍କୁଲ ଯିବା କୁଣ୍ଡାଇ କେଶ ।
ରଙ୍ଗ ଦେବା ଚିତ୍ର ଆଙ୍କି ଭଳିକି ଭଳି
ଗୀତ ଗାଇ ସ୍କୁଲ ଯିବା ନ କରି କଳି ।
ପାଣି ନେଇ ମୂଳେ ଦେବା ଲଗାଇ ଗଛ
ହସି ଖେଳି ସ୍କୁଲ ଯିବା ନ ମଣି ତୁଚ୍ଛ ।
ପାଠେ ଦେବା ମନଧ୍ୟାନ ଛାଡ଼ି କୁପଥ
ଚାଲ ବେଗି ସ୍କୁଲ ଯିବା କରି ଶପଥ ।

-ରାମଚନ୍ଦ୍ର ପ୍ରଧାନ, ଶିକ୍ଷକ,
ସାନ୍ତରାପଲ୍ଲୀ, ଗଞ୍ଜାମ

ଆକାଶ ଦୀପ

କାର୍ତ୍ତିକ ମାସର ସଞ୍ଜ ଆକାଶରେ
ଆକାଶ ଦୀପ ଜଳେ,
ଝୋଟି ଚିତା ଦେଇ ତୁଳସୀ ପୂଜନ୍ତି
ତୁଳସୀ ଚଉରାମୂଳେ ।
ସକାଳ ସଞ୍ଜରେ ଗ୍ରାମ, ସହରରେ
ହରେକୃଷ୍ଣ ହରେରାମ,
ନାମ ସଂକୀର୍ତ୍ତନ ମୋହି ନିଏ ମନ
ଲାଗେ ବଇକୁଣ୍ଠ ଧାମ ।
କାର୍ତ୍ତିକ ପୂନେଇ ବୋଇତ ବନ୍ଦାଣ
ପିଲାଙ୍କ ମନ ଉଛନ୍ନ
ଜାତି ଜାତିକାର ଡ଼ଙ୍ଗା ଭସାଇବେ
ନଈ ପୋଖରୀରେ ଜାଣ ।
କାକର ପଡୁଛି ଶୀତ ଆସିଗଲା
ହେବା ସର୍ବେ ସଚେତନ,
ଶୀତବସ୍ତ୍ର ନିଶ୍ଚେ କର ପରିଧାନ
ଘେନି ମୋର ନିବେଦନ ।

-ସୀମାଞ୍ଚଳ ଖଟୁଆ
ମଞ୍ଚେଶ୍ୱର, ଭୁବନେଶ୍ୱର

ଧନ୍ୟ ସେହି କାରିଗର

କିଏସେ ଭରିଛି ଫୁଲରେ ମହକ
ଗଛରେ ପତର ମାଳ,
ନାନା ଜାତି ଗଛେ ଭରି ଦେଇଅଛି
ସୁଆଦିଆ କେତେ ଫଳ ।

ଆକାଶେ ରଖିଛି ସୁରୁଜ, ଚନ୍ଦ୍ରମା
ଦିନ ଓ ରାତିକୁ ଚାହିଁ
ମଧୁପେ ଦେଇଛି ମଧୁ ଶୋଷା କଳା
ଆଉ କା'ରେ ଦେଇ ନାହିଁ ।

ଟିକି ଚଢେଇର ଛୋଟିଆ ଥଣ୍ଟରେ
କ୍ଷୁଦ କେ ଦେଇଛି ଭରି,
କୁନି ଜୀବଟି ବି ବାଟ ନଭୁଲି
ତା' ବସାକୁ ଯାଉଛି ଫେରି ।

ଶୂନ୍ୟରୁ ଝରୁଛି ବରଷାର ଝର
ପବନ ଗଢ଼ିଛି କିଏ,
ମଣିଷ ମୁଣ୍ଡରେ ବୁଦ୍ଧି ଭରି ଦେଇ
ଶ୍ରେଷ୍ଠ ଜୀବ ନାମ ଦିଏ ।

ଚିର ବନ୍ଦନୀୟ ଚିର ନମସ୍ୟ ସେ
ଅଟନ୍ତି ପରମେଶ୍ୱର,
ପାଦ ତଳେ ତାଙ୍କ ମଥା ନଇଁଯାଏ
ଧନ୍ୟ ସେହି କାରିଗର ।

-ସତ୍ୟବ୍ରତ ସାହୁ
ପଲ୍ଲାସାହି, କମାଳପୁର,
ଅହିୟାସ, ଯାଜପୁର

ତୁମ ପଢ଼ିବା ପାଇଁ

ଝୁମୁକା

ଛ୍ରୀ ମାସିକ ଶିଶୁ-କିଶୋର ସାହିତ୍ୟ ପତ୍ରିକା 'ଝୁମୁକା'ର ପୂଜା ବିଶେଷାଙ୍କରେ ରହିଛି କବିତା, ଗପ, ଅନୁବାଦ ଗପ, ଅନୁଭୂତି ଏବଂ ବିଜ୍ଞାନଭିତ୍ତିକ ଲେଖା । ଏଥର ସଂଖ୍ୟାରେ ସ୍ଥାନିତ ଦଶହରା, ଏଇ ଯେ ଶରତ, ସତ୍ୟାଗ୍ରହ, ଟିକ୍ ଟିକ୍ ଟିକିଆ, ବିଧାତା ଗଢ଼ିଛି ଯାହାକୁ ଯେମିତି ଆଦି କବିତା ଏବଂ ଗପ ମଧ୍ୟରେ ଠେକୁଆ ପିଲାର ଦୁଃଖ, ଦେବଦୂତ, ଗଛମାନେ ବି କଥା କହନ୍ତି, ପ୍ରାର୍ଥନାର ଶକ୍ତି ପିଲାଙ୍କ ମନକୁ ଛୁଇଁବ ବୋଲି ଆଶା କରାଯାଏ । ମାନସ ରଞ୍ଜନ ସାମଲଙ୍କ ଦ୍ୱାରା ସମ୍ପାଦିତ ଏହି ଶାରଦୀୟ ସଂଖ୍ୟାର ମୂଲ୍ୟ ରହିଛି ୩୦ ଟଙ୍କା । **ଯୋଗାଯୋଗ** : 'ଝୁମୁକା', ସତ୍ୟଲିପି, ୧୪୪, ଗଭର୍ଣ୍ଣମେଣ୍ଟ ଇଣ୍ଡଷ୍ଟ୍ରିଆଲ ଟେନେମେଣ୍ଟ, ଚାରବାଟିଆ, ଚୌଦ୍ୱାର, କଟକ

ଗିନିଜ୍ ୱାର୍ଲ୍ଡ ରେକର୍ଡ

ଖେଳନା କାର୍ ସଂଗ୍ରହରେ ରେକର୍ଡ

ପିଲାମାନେ ଡିଜ୍‌ନି କାରରେ ଖେଳିବାକୁ ତୁମକୁ ତ ଭଲ ଲାଗୁଥିବ ନିଶ୍ଚୟ । ହେଲେ ତୁମେମାନେ ହୁଏତ ଜାଣି ନ ଥିବ କି ମେକ୍ସିକୋରେ ଜଣେ ବ୍ୟକ୍ତି ଏଇ ଡିଜ୍‌ନି କାର ରଖି ରେକର୍ଡ କରିଛନ୍ତି । ତାଙ୍କ ନାଁ ହେଉଛି ଜର୍ଜ ଏରିଆସ୍ । ସବୁଠୁ ଅଧିକ ଡିଜ୍‌ନି କାର ରଖି ସେ ଏହି ରେକର୍ଡ କରି ପାରିଛନ୍ତି । ୨୦୦୬ ମସିହାରେ ଡିଜ୍‌ନି କାର୍‌କୁ ନେଇ ହୋଇଥିବା ଆନିମେସନ୍ ଫିଲ୍ମ ଦେଖିବା ପରେ ତାଙ୍କର ଏହି କାର୍ ସଂଗ୍ରହ କରିବା ପାଇଁ ଆଗ୍ରହ ସୃଷ୍ଟି ହୋଇଥିଲା । ବିଭିନ୍ନ ପ୍ରକାରର ମୋଟ ୧୨୦୦ଟି ଡିଜ୍‌ନି କାର୍ ସେ ତାଙ୍କ ପାଖରେ ସଂଗ୍ରହ କରି ରଖିଛନ୍ତି । ସବୁ କାରକୁ ସେ କାଚର ସ୍ୱତନ୍ତ୍ର ଥାକ କରି ସଜାଇ ରଖିଛନ୍ତି; ଯାହାଫଳରେ ସେସବୁ ଖରାପ ନ ହୋଇ ଠିକ୍ ରହିପାରିଛି । ଏବେ ଜର୍ଜଙ୍କ ଦ୍ୱାରା ସଂଗୃହୀତ କାରଗୁଡ଼ିକୁ ଦେଖିବା ପାଇଁ ତାଙ୍କ ଘରକୁ ଅନେକେ ଆସୁଛନ୍ତି ।

ଚଗଲା ଭୀମୁ



ପ୍ରିୟଦର୍ଶିନୀ କେନା

କ୍ଲାସ-୯, ସରକାରୀ ଉଚ୍ଚ ବିଦ୍ୟାଳୟ, ପରିଛଳ, ଖୋର୍ଦ୍ଧା



ବିଜୟଲକ୍ଷ୍ମୀ ମିଶ୍ର
କ୍ଲାସ-୯,
ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ,
ତିଗିରିଆ, କଟକ



ଶୁଭ୍ରଦୀପ ମାଣିକ
କ୍ଲାସ-୩, ଜଳେଶ୍ୱର ପବ୍ଲିକ ସ୍କୁଲ, ଜଳେଶ୍ୱର, ବାଲେଶ୍ୱର

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୮ Press Regd. No.ORIORI/2005/14845 Postal Regd. No. BN/42/21-23. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ଶନିବାର, ନଭେମ୍ବର ୬/୨୦୨୧ Sambalpur, Saturday, November 6/ 2021

ସଂକ୍ଷେପରେ

କୋରାପୁଟ ମେଡିକାଲରେ ଡେଙ୍ଗୁରୋଗୀଙ୍କ ମୃତ୍ୟୁ

କୋରାପୁଟ,୫।୧୧(ସ୍ୱ.ପ୍ର) : କୋରାପୁଟସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସପିଟାଲରେ ଜଣେ ଡେଙ୍ଗୁରୋଗୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ କାଶିପୁର ଅଞ୍ଚଳର ଜଣେ ମହିଳା। ସେ ଗତ କିଛି ଦିନ ହେଲା ଡେଙ୍ଗୁ ରୋଗରେ ଆକ୍ରାନ୍ତ ହୋଇ ରାୟଗଡା ମେଡିକାଲରେ ଚିକିତ୍ସିତ ହେଉଥିଲେ। ତାଙ୍କ ଅବସ୍ଥା ଗୁରୁତର ହେବାରୁ କୋରାପୁଟ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ବୁଧବାର ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ବର୍ତ୍ତମାନ କୋରାପୁଟ ମେଡିକାଲରେ ଆଉ ୫ ଜଣ ଡେଙ୍ଗୁରୋଗୀ ଚିକିତ୍ସିତ ହେଉଥିବା ହସ୍‌ପିଟାଲ ଅଧୀକ୍ଷକ ପ୍ରଫେସର ସୀତାରାମ ମହାପାତ୍ର କହିଛନ୍ତି।

ପେଟ୍ରୋଲ ପମ୍ପରେ ଡକାୟତି

ବାରିପଦା ଅଫିସ/ରାଇରଙ୍ଗପୁର, ୫।୧୧(ଡି.ଏନ.ଏ.): ମୟୂରଭଞ୍ଜ ଜିଲା ବହଳଦା ଥାନା ଅଧୀନ ବାସିଙ୍ଗିଠାରେ ଥିବା ଏକ ପେଟ୍ରୋଲ ପମ୍ପରେ ଗୁରୁବାର ରାତିରେ ଡକାୟତି ହୋଇଛି। ଦୁର୍ବୃତମାନେ ପେଟ୍ରୋଲ ପମ୍ପ କର୍ମଚାରୀଙ୍କୁ ବନ୍ଧୁକ ଦେଖାଇ ୨୦ହଜାରରୁ ଊର୍ଦ୍ଧ୍ୱ ଟଙ୍କା ଲୁଟି ନେଇଛନ୍ତି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି। ଏ ସଂକ୍ରାନ୍ତରେ ଥାନାରେ ଏକ ମାମଲା (ନଂ.୧୦୭/୨୧) ରୁଜୁ ହୋଇଛି। ରାତି ୧୧ଟା ସମୟରେ ଏକ ବାଇକ୍‌ରେ ୩ ଦୁର୍ବୃତ୍ତ ପେଟ୍ରୋଲ ପମ୍ପରେ ପଶି କର୍ମଚାରୀଙ୍କୁ ଟଙ୍କା ମାଗିବା ସହିତ ଭୟଭୀତ କରିବା ପାଇଁ ଗୋଟିଏ ରାଉଣ୍ଡ ଗୁଳି ଫୁଟାଇଥିଲେ। ପରେ କ୍ୟାଶ୍ କାଉଣ୍ଟରରେ ପଶି ଟଙ୍କା ଲୁଟି ସୀମାନ୍ତ ଝାଡ଼ଖଣ୍ଡ ରାଜ୍ୟ ଆଡ଼କୁ ପଳାଇଥିଲେ। ସାଇଣ୍ଟିଫିକ ଟିମ୍ ସହ ଅତିରିକ୍ତ ଏସ୍‌ପି, ଏସ୍‌ଡିପିଓ ଏବଂ ଥାନା ପୋଲିସ ତଦନ୍ତ ଜାରି ରଖିଛି।

ପଥରରେ ଛେଚି ମାନସିକ ବିକୃତଙ୍କୁ ହତ୍ୟା

କେନ୍ଦୁଝର,୫।୧୧(ସ୍ୱ.ପ୍ର.): କେନ୍ଦୁଝର ସଦର ଥାନା ଅନ୍ତର୍ଗତ ପଦ୍ମପୁର ବଜାରରେ ଗୁରୁବାର ରାତିରେ ଜଣେ ମାନସିକ ବିକୃତ ବ୍ୟକ୍ତିଙ୍କୁ କେହି ପଥରରେ ଛେଚି ହତ୍ୟା କରିଥିବା ଚାଞ୍ଚଲ୍ୟ ସୃଷ୍ଟି କରିଛି। ମୃତକଙ୍କ ପରିଚୟ ମିଳିପାରି ନ ଥିବାବେଳେ ସେ ପଦ୍ମପୁର ଅଞ୍ଚଳରେ କିଛି ଦିନ ହେଲା ବୁଲୁଥିଲେ। ଶୁକ୍ରବାର ସକାଳେ ବଜାର ସଫେଇ କରୁଥିବା ଲୋକେ ମୃତଦେହ ପଡ଼ିଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ସଦର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦ୍‌ନ୍ତ ଜାରି ରଖିଛି।

ପୁରୀ ନାମ ଶ୍ରୀଜଗନ୍ନାଥ ଧାମ ପୁରୀ ହେଉ

ପୁରୀ ଅଫିସ, ୫।୧୧

ପୁରୀର ନାମ ବଦଳାଯାଇ ଶ୍ରୀଜଗନ୍ନାଥ ଧାମ ପୁରୀ କରାଯାଉ। ସେହିପରି ପୁରୀ ରେଳ ଷ୍ଟେଶନର ନାମ ପରିବର୍ତ୍ତନ କରାଯାଇ ଶ୍ରୀଜଗନ୍ନାଥ ଧାମ ପୁରୀ ରେଲଷ୍ଟେଶନ ରଖାଯାଉ ବୋଲି ଶ୍ରୀଜଗନ୍ନାଥ ସେନା ଦାବି କରିଛି। ଏ ନେଇ ଶୁକ୍ରବାର ଶ୍ରୀଜଗନ୍ନାଥ ସେନା ପକ୍ଷରୁ ପୁରୀ ରେଲଷ୍ଟେଶନ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ରେଳମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଷ୍ଟେଶନ ମ୍ୟାନେଜରଙ୍କୁ ଦାବିପତ୍ର ଦିଆଯାଇଛି।

ଶ୍ରୀଜଗନ୍ନାଥ ସେନାର ଆବାହକ ପ୍ରିୟଦର୍ଶନ ପଟ୍ଟନାୟକ କହିଛନ୍ତି, ପୁରୀ ରେଲଷ୍ଟେଶନକୁ ଶ୍ରୀଜଗନ୍ନାଥ ଧାମ ପୁରୀ କରିବା ପାଇଁ ସେନା ପକ୍ଷରୁ ଦୀର୍ଘଦିନ ହେଲା ଦାବି ହୋଇଆସୁଛି। ଏ ସମ୍ପର୍କରେ ରାଜ୍ୟ ଓ କେନ୍ଦ୍ରୀୟ ନେତୃବୃନ୍ଦଙ୍କ ସହ ବାରମ୍ବାର ଆଲୋଚନା କରାଯାଇଛି। ଏପରି କି କିଛିଦିନ ତଳେ ପୁରୀ ଆସିଥିବା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଭେଟି ଦାବି ସମ୍ପର୍କରେ ଅବଗତ କରାଯାଇଥିଲା।

ପୁରୀ ରେଲଷ୍ଟେଶନ ସମ୍ମୁଖରେ ଶ୍ରୀଜଗନ୍ନାଥ ସେନା ପକ୍ଷରୁ ବିକ୍ଷୋଭ କରାଯାଉଛି।

କେନ୍ଦ୍ରମନ୍ତ୍ରୀ ଏ ନେଇ ପ୍ରଧାନମନ୍ତ୍ରୀଙ୍କୁ ଜଣାଇବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ସେହିପରି ପୁରୀକୁ ଶ୍ରୀଜଗନ୍ନାଥ ଧାମ ପୁରୀ କରାଯିବା ନେଇ ଶ୍ରୀମନ୍ଦିର ପରିଚାଳନା କମିଟିରେ ଆଲୋଚନା ହୋଇଥିଲା। ଏହି ପ୍ରସ୍ତାବକୁ ଗଜପତି ଓ ସଦସ୍ୟମାନେ ସ୍ୱାଗତ କରିଥିଲେ। ପୁରୀ ସମେତ ରାଜ୍ୟର ବିଭିନ୍ନ ସଙ୍ଗଠନ ଓ ରାଜନୈତିକ ଦଳ ମଧ୍ୟ ଏହି ପ୍ରସ୍ତାବକୁ ସ୍ୱାଗତ କରିଛନ୍ତି। ପୁରୀ ବର୍ତ୍ତମାନ ବିଶ୍ୱସ୍ତରୀୟ ସହରରେ ପରିଣତ ହେବାକୁ ଯାଉଛି। ଏଥିପାଇଁ

■ ରେଳଷ୍ଟେଶନ ନାମ ବି ପରିବର୍ତ୍ତନ କରାଯାଉ

■ ରେଳମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ

ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଉଦ୍ୟମ ଜାରି ରଖିଛନ୍ତି। ଏ କ୍ଷେତ୍ରରେ ମୁଖ୍ୟମନ୍ତ୍ରୀଙ୍କର ପ୍ରମୁଖ ଭୂମିକା ରହିଛି। ସେହିପରି ଶ୍ରୀକ୍ଷେତ୍ର, ଶ୍ରୀପୁରୁଷୋତ୍ତମ, ଜଗନ୍ନାଥ ପୁରୀ, ନୀଳାଚଳ ଭଳି ପୁରୀର ୪୨ଟି ନାମ ରହିଛି। ଅନ୍ୟ କୌଣସି ଧାମର ଏତେ ନାମ ନାହିଁ। ପୁରୀ ଆମର ଅତି ପ୍ରିୟ। ତେବେ ଓଡ଼ିଶା ବାହାରେ ପୁରୀ କହିଲେ କେହି ଜାଣିପାରୁନାହାନ୍ତି। ମାତ୍ର ଜଗନ୍ନାଥ ପୁରୀ କହିଲେ ସମସ୍ତେ ଜାଣୁଛନ୍ତି। ତେଣୁ ମହାପ୍ରଭୁଙ୍କ ନାମ ସହ ପୁରୀ ନାମ ଯୋଡ଼ାଯାଇ ଶ୍ରୀଜଗନ୍ନାଥ ଧାମ ପୁରୀ କରାଯାଉ। ସେହିପରି ପୁରୀ ରେଳଷ୍ଟେଶନ ବିଶ୍ୱସ୍ତରୀୟ ହେଉଥିବାରୁ ଏହାର ନାମ ମଧ୍ୟ ଶ୍ରୀଜଗନ୍ନାଥ ଧାମ ରେଳଷ୍ଟେଶନ ରଖାଯାଉ ବୋଲି ପଟ୍ଟନାୟକ ଦାବି କରିଛନ୍ତି।

'ପୁରୀ ନାମ ପରିବର୍ତ୍ତନ ଆବଶ୍ୟକ ନାହିଁ'

ପୁରୀ ଅଫିସ, ୫।୧୧

ପୁରୀର ନାମ ବଦଳାଇ ମହାପ୍ରଭୁଙ୍କ ନାମ ଯୋଡ଼ି ଶ୍ରୀଜଗନ୍ନାଥ ଧାମ ପୁରୀ କରାଯିବା ନିମନ୍ତେ ଗତ କିଛିଦିନ ହେବ ବିଭିନ୍ନ ସଙ୍ଗଠନ ପକ୍ଷରୁ ଦାବି ହୋଇଆସୁଛି। ଏପରି କି ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକରେ ମଧ୍ୟ ଏ ନେଇ ଆଲୋଚନା ହୋଇଥିଲା। ତେବେ ପୁରୀର ନାମକରଣ ପରିବର୍ତ୍ତନ କରାଯିବା ଆବଶ୍ୟକ ନାହିଁ ବୋଲି ଶୁକ୍ରବାର ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ନିଶ୍ଚଳାନନ୍ଦ ସରସ୍ୱତୀ କହିଛନ୍ତି। ବିଶ୍ୱରେ ସମସ୍ତେ ପୁରୀକୁ ଜଗନ୍ନାଥ ଧାମ ଭାବେ ହିଁ ଜାଣିଥାନ୍ତି। ଏଣୁ ପୁରୀ ପୀଠର ନାମ ପରିବର୍ତ୍ତନ କରି ଜଗନ୍ନାଥ ପୁରୀ କରିବାର କୌଣସି ଆବଶ୍ୟକତା ଅଛି କି ବୋଲି ଶଙ୍କରାଚାର୍ଯ୍ୟ ପ୍ରଶ୍ନ କରିଛନ୍ତି। ସେ କହିଛନ୍ତି, ପୁରୀ କହିଲେ ବିଶ୍ୱବାସୀ ଜାଣନ୍ତି ଯେ, ଏହା ଜଗନ୍ନାଥଙ୍କ ଧାମ। ଅଯୋଧ୍ୟାର ନାଁ ପ୍ରକୃତରେ ଅଯୋଧ୍ୟା ପୁରୀ। ସେହିପରି ମଥୁରାର ନାଁ ମଥୁରା ପୁରୀ। କାଶୀର ନାଁ କାଶୀ ପୁରୀ। କାଞ୍ଚିର ନାଁ କାଞ୍ଚି ପୁରୀ। ଉଜ୍ଜୟିନୀର ନାଁ ଉଜ୍ଜୟିନୀ ପୁରୀ। ଦ୍ୱାରକାର ନାଁ ଦ୍ୱାରକା ପୁରୀ ଏବଂ ହରିଦ୍ୱାରର ନାଁ ହରିଦ୍ୱାର ପୁରୀ। ଅଷ୍ଟମ ପୁରୀ ହେଉଛି ଜଗନ୍ନାଥ ପୁରୀ। କିନ୍ତୁ କେବଳ ପୁରୀ କହିଲେ, ଜଗନ୍ନାଥ ଧାମକୁହିଁ ବୁଝାଏ। ଖାଲି ପୁରୀ କହିଲେ କେହି ଅଯୋଧ୍ୟା ପୁରୀ, ମଥୁରା ପୁରୀ ବା କାଶୀ ପୁରୀ ବୋଲି ବୁଝନ୍ତି ନାହିଁ। ସେଥିପାଇଁ ଅଯୋଧ୍ୟା ପୁରୀ ବା ମଥୁରା ପୁରୀ ବୋଲି କହିବାକୁ ପଡ଼ିବ। ଜଗଦ୍‌ଗୁରୁ ଆହୁରି କହିଛନ୍ତି, 'ପୁରୀ'ର ବିଶେଷତ୍ୱ ହେଉଛି, ଏହା ପୂର୍ବରୁ ଜଗନ୍ନାଥ ନ ଲଗାଇଲେ ବି ସାରା ବିଶ୍ୱରେ ସମସ୍ତେ

ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ନିଶ୍ଚଳାନନ୍ଦ ସରସ୍ୱତୀ

ଜାଣନ୍ତି ଏହା ହେଉଛି ଜଗନ୍ନାଥଙ୍କ ଧାମ। ଅଯୋଧ୍ୟାର ପ୍ରସିଦ୍ଧି 'ଅଯୋଧ୍ୟା' ନାଁରେ ହିଁ ରହିଛି। ସେହିଭଳି 'ଜଗନ୍ନାଥ ପୁରୀ'ର ପ୍ରସିଦ୍ଧି 'ପୁରୀ' ନାଁରେ ହିଁ ରହିଛି। ପୁରୀ କହିଲେ ହିଁ ସମସ୍ତେ ବୁଝନ୍ତି, ଏହା ହେଉଛି ଜଗନ୍ନାଥଙ୍କ ଧାମ। ତେଣୁ 'ପୁରୀ' ଆଗରେ 'ଜଗନ୍ନାଥ' ଯୋଡ଼ିଲେ ଏହାର ପ୍ରସିଦ୍ଧି ବଢିବ ନା କମିବ ବୋଲି ଜଗଦ୍‌ଗୁରୁ ପ୍ରଶ୍ନ କରିଛନ୍ତି। 'ପୁରୀ' ନାଁ ହିଁ ଯଥେଷ୍ଟ ବୋଲି କହିଛନ୍ତି।

ଅନ୍ୟପକ୍ଷରେ ଏ ନେଇ ମିଶ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ପୁରୀର ନାମ ପରିବର୍ତ୍ତନ କରି ଜଗନ୍ନାଥ ପୁରୀ ନାମରେ ନାମିତ କଲେ ଭଲ ହୁଅନ୍ତା ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ସେହିପରି ପୁରୀ ନାମ ଜଗନ୍ନାଥ ପୁରୀ କରିବାକୁ ଶ୍ରୀଜଗନ୍ନାଥ ସେନା ପକ୍ଷରୁ ଦାବି କରାଯାଇଛି। ଜିଲା ଯୁବ ଅଧିବକ୍ତା ସଂଘର ଆବାହକ ଆଇନଜୀବୀ ଅନିଲ କୁମାର ସାହୁ କହିଛନ୍ତି, ପୁରୀ ନାମ ପରିବର୍ତ୍ତନର କୌଣସି ଯଥାର୍ଥ କାରଣ ନାହିଁ। ପୁରୀ କହିଲେ ସମସ୍ତେ ଜଗନ୍ନାଥ ଧାମ ବୋଲି ଜାଣିଥାନ୍ତି। ଏଠାରେ ବିଶ୍ୱସ୍ତରୀୟ କାର୍ଯ୍ୟ ହେଉଛି, ତେଣୁ ପୁରୀକୁ ଲୋକେ ଅଧିକ ଜାଣିପାରିବେ ବୋଲି ସାହୁ ମତ ଦେଇଛନ୍ତି।

ଡ୍ରୋନ୍ ସାହାଯ୍ୟରେ ହେଉ ବାସସ୍ଥଳ ନିରୀକ୍ଷଣ

କେନ୍ଦ୍ରାପଡ଼ା ଅଫିସ, ୫।୧୧

ଅଲିଭ ରିଡ୍‌ଲେ ସୁରକ୍ଷା ଚିନ୍ତା

ବିରଳ ଅଲିଭ ରିଡ୍‌ଲେର ଜୀବନ ଏବେ ବି ରହସ୍ୟାବୃତ। ଜୀବନ ପ୍ରଣାଳୀକୁ ନେଇ ଗବେଷଣା ଚାଲିଛି। କୁହାଯାଏ, ହଜାର ଶାବକରୁ ମାତ୍ର ଗୋଟିଏ ଅଲିଭ ରିଡ୍‌ଲେ ପୂର୍ଣ୍ଣ ବୟସ୍କ ବଞ୍ଚିଥାନ୍ତି। ସଂଖ୍ୟା ଅତିମାତ୍ରାରେ କମ୍ ଥିବାରୁ ଇଣ୍ଟରନ୍ୟାଶନାଲ ୟୁନିୟନ ଫର କଞ୍ଜରଭେଶନ ଅଫ ନେଚର (ଆଇୟୁସିଏନ୍) ପକ୍ଷରୁ ଏହି ସାମୁଦ୍ରିକ ପ୍ରାଣୀକୁ ରେଡ୍ ଲିଷ୍ଟରେ ରଖାଯାଇଛି। ଗହୀରମଥା ଏମାନଙ୍କ ପ୍ରଜନନ ସ୍ଥଳ ହୋଇଥିବାରୁ ସୁରକ୍ଷା ପ୍ରତି ଦୃଷ୍ଟି ଦେବା ଜରୁରୀ ହୋଇପଡିଛି। ଚଳିତବର୍ଷଠାରୁ ଗୋଆ ବନ ବିଭାଗ ପକ୍ଷରୁ ସୁରକ୍ଷା ଓ ଠିକ୍ ଆକଳନ ପାଇଁ ମୋରଜି ତଟରେ ଡ୍ରୋନ୍ କ୍ୟାମେରାର ବ୍ୟବହାର କରାଯାଉଛି। ଏଠାରେ ମଧ୍ୟ ଡ୍ରୋନ ବ୍ୟବହାର କରାଯାଇ ବାସସ୍ଥଳ ସମ୍ପର୍କରେ ନିରୀକ୍ଷଣ କରାଯାଉ ବୋଲି ଦାବି ହୋଇଛି। ଏହାଦ୍ୱାରା ମୃତାହତ ସଂଖ୍ୟା, ତଟକ୍ଷୟ ଓ ସୁରକ୍ଷା ସମ୍ପର୍କରେ ଥିବା ସମସ୍ୟାର ସମାଧାନ ହୋଇପାରିବ ବୋଲି ପରିବେଶବିତ୍

ଓ ବୁଦ୍ଧିଜୀବୀମାନେ ମତ ଦେଇଛନ୍ତି।

ଏ ସମ୍ପର୍କରେ ଗହୀରମଥା ସାମୁଦ୍ରିକ କଇଁଛ ଓ ହେନ୍ତାଳବଣ ସୁରକ୍ଷା ସମିତିର ସମ୍ପାଦକ ହେମନ୍ତ କୁମାର ରାଉତ, ପରିବେଶବିତ୍ ଡ. ପ୍ରଦୀପ ତରାଇ, ଜନ ଅଧିକାର ଅଭିଯାନର ସଭାପତି ଭୁବନମୋହନ ଜେନା, ଅଧ୍ୟାପକ କ୍ଷିତିଶ କୁମାର ସିଂ, ଡା. ମିଳନ କୁମାର ପ୍ରମୁଖ କହିଛନ୍ତି, ବିଶ୍ୱରେ ୩୬୦ ପ୍ରଜାତିର କଇଁଛ ଅଛନ୍ତି। ଅଲିଭ ରିଡ୍‌ଲେ ପ୍ରଜାତିର ସଂଖ୍ୟା କମ୍ ହୋଇଥିବା ବେଳେ କେନ୍ଦ୍ରାପଡ଼ା ଜିଲା ଗହୀରମଥା ଏମାନଙ୍କ ପ୍ରଜନନସ୍ଥଳୀ ଭାବେ ବିଶ୍ୱ ବିଖ୍ୟାତ ହୋଇଛି। ଏହି ସାମୁଦ୍ରିକ ଅଞ୍ଚଳ ମଧ୍ୟରେ ମାତ୍ର ୨୭ ବର୍ଗ କି.ମି.ରେ ଥିବା ସ୍ଥଳ ଭାଗରେ ଅଣ୍ଡାଦାନ କରିଥାନ୍ତି। ପ୍ରତିବର୍ଷ ପ୍ରାୟ ୫ ଲକ୍ଷ କଇଁଛ ଏଠାକୁ ଆସୁଛନ୍ତି। ତଟକ୍ଷୟ ଯୋଗୁ ଅଣ୍ଡାଦାନ ସ୍ଥଳ କମିବାରେ ଲାଗିଛି। ସେହିପରି ପ୍ରତିବର୍ଷ ବିଭିନ୍ନ କାରଣରୁ ମୃତାହତ ହେଉଛନ୍ତି। ଏମାନଙ୍କ ଜୀବନ ପ୍ରଣାଳୀକୁ ଉନ୍ନତ ବୈଷୟିକ ଜ୍ଞାନକୌଶଳ ଦ୍ୱାରା ନିରୀକ୍ଷଣ କରାଯାଉନାହିଁ। ଫଳରେ ଏଠାକୁ ଆସିଥିବା କଇଁଛଙ୍କ ପ୍ରକୃତ ସଂଖ୍ୟା ଓ ସମସ୍ୟାର ଠିକ୍ ସମାଧାନ ହୋଇପାରୁନାହିଁ। ନିକଟରେ ଡ୍ୟୁକ ୟୁନିଭରସିଟି ଓ ୟୁନିଭରସିଟି ଅଫ ଏକ୍ସିଟର ପକ୍ଷରୁ ପ୍ରସ୍ତୁତ ଡ୍ରୋନ ଦ୍ୱାରା କଇଁଛଙ୍କ ସୁରକ୍ଷା ହୋଇପାରିବ ବୋଲି ଗୋଆ ବନ ବିଭଗ ସୂଚନା ଦେବା ସହ ଏକ କର୍ମଶାଳା ଆୟୋଜନ କରିଥିଲା। ସେଠାକାର ବନ ବିଭାଗ ଓ ୱାର୍ଲଡ ୱାଇଡ ଫଣ୍ଡ ଫର ନେଚର (ଡବ୍ଲ୍ୟୁଡବ୍ଲ୍ୟୁଏଫ) ମାଧ୍ୟମରେ କର୍ମଶାଳା ସହ ଗତ ଏପ୍ରିଲରେ ଗୋଆର ମୋରଜି ତଟଦେଶରେ ଡ୍ରୋନର ବ୍ୟବହାର ହୋଇଛି। ଏହାର ୩୬୦ ଡିଗ୍ରୀ କ୍ୟାମେରା ଲେନ୍ସରେ କଇଁଛଙ୍କ ବାସ୍ତବ ସ୍ଥିତି ସମ୍ପର୍କରେ ଅନୁଧ୍ୟାନ ଚାଲିଛି। ଏହି ଡ୍ରୋନ କ୍ୟାମେରା ଦ୍ୱାରା ମଧ୍ୟ ଗହୀରମଥା ସାମୁଦ୍ରିକ ଅଞ୍ଚଳରେ ହେଉଥିବା ତଟକ୍ଷୟ ସମ୍ପର୍କରେ ଆକଳନ କରିହେବ। ସେହିପରି ଏହି ଜୀବଙ୍କ ବିଭିନ୍ନ ସମସ୍ୟାର ସମାଧାନ ହୋଇପାରିବ ; ଯାହା ଅଲିଭ ରିଡ୍‌ଲେଙ୍କ ବିଚିତ୍ର ଜୀବନ ପ୍ରଣାଳୀକୁ ସହଜରେ ବୁଝି ହେବ ବୋଲି ସେମାନେ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଡିଏଫ୍‌ଓ ଯଜ୍ଞଦତ୍ତ ପତିଙ୍କୁ ପଚାରିବାରେ ଚଳିତବର୍ଷର କଇଁଛ ଆଗମନ ପାଇଁ ଗତ ୧ ତାରିଖରୁ ସାମୁଦ୍ରିକ ଅଞ୍ଚଳକୁ କଟକଣା ମଧ୍ୟରେ ରଖାଯାଇଛି। ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଛି। ଡ୍ରୋନ କ୍ୟାମେରା ବ୍ୟବହାର ପାଇଁ ଅଦ୍ୟାବଧି କୌଣସି ଯୋଜନା ପ୍ରସ୍ତୁତ ହୋଇନାହିଁ। ଆଗାମୀ ବର୍ଷରେ ଏ ପ୍ରକାର ଯୋଜନାକୁ କାର୍ଯ୍ୟକାରୀ ପାଇଁ ବ୍ୟବସ୍ଥା କରାଯିବ ବୋଲି ସେ କହିଛନ୍ତି।

କୁମ୍ଭୀର ଟାଣି ନେଇଥିବା ଯୁବକଙ୍କ ମୃତଦେହ ମିଳିଲା

ବରୀ,୫।୧୧(ଡି.ଏନ.ଏ.)

ଯାଜପୁର ଜିଲା ବରୀ ବ୍ଲକ ଅଧୀନ ତନ୍ତୀ ଘାଇର ଶାଖା ଚିଙ୍ଗୁଡ଼ିଆ ନାଳରେ ମାଛ ଧରୁଥିବାବେଳେ କୁମ୍ଭୀର ଟାଣି ନେଇଥିବା ଯୁବକଙ୍କ ଶୁକ୍ରବାର ମୃତଦେହ ମିଳିଛି। ମୃତ ଯୁବକ ହେଲେ ଏହି ବ୍ଲକ ଅଧୀନ ଉଦୟନାଥପୁର ପଞ୍ଚାୟତ କହରାଗଣ୍ଡ ଗ୍ରାମର ମୁରଲୀଧର ମଲ୍ଲିକଙ୍କ ପୁଅ ନିଶିକାନ୍ତ ମଲ୍ଲିକ(୨୫)। ଗତ ବୁଧବାର ନିଶିକାନ୍ତ ଓ ତାଙ୍କ ସାନ ଭାଇ ସୌଭାଗ୍ୟ ମଲ୍ଲିକ ନଦୀରେ ମାଛ ଧରୁଥିଲେ। ଏହି ସମୟରେ ନିଶିକାନ୍ତଙ୍କୁ କୁମ୍ଭୀର ଟାଣି ନେଇଥିଲା। ଏ ସମ୍ପର୍କରେ ସୌଭାଗ୍ୟଙ୍କଠାରୁ ଖବର ପାଇ ସ୍ଥାନୀୟ ଲୋକେ ଓ ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ଖୋଜାଖୋଜି କରିଥିଲେ ମଧ୍ୟ ନିଶିକାନ୍ତଙ୍କ କୌଣସି ପତ୍ତା ପାଇ ନ ଥିଲେ। ଶୁକ୍ରବାର ସକାଳେ ଚିଙ୍ଗୁଡିଆ ନାଳର ଢିଅବାରିଙ୍ଗି ନିକଟରେ ଏକ ମୃତଦେହ ଭାସୁଥିବା ସ୍ଥାନୀୟ ଗ୍ରାମବାସୀ ଦେଖି ଉଦ୍ଧାର କରିଥିଲେ। ଖବର ପାଇ ଯୁବକଙ୍କ ପରିବାର ଲୋକେ ନିଶିକାନ୍ତଙ୍କୁ ଚିହ୍ନଟ କରିଥିଲେ। ମୃତଦେହ ଉଦ୍ଧାର ସ୍ଥାନଟି ବିଷ୍ଣାରପୁର ଥାନା ଅଧୀନରେ ହୋଇଥିବାରୁ ଘଟଣାସ୍ଥଳରେ ବିଷ୍ଣାରପୁର ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

'ପୁରୀ ଧାମ, ମଠ ସଂସ୍କୃତିର ବିକାଶ କରାଯିବ'

ପୁରୀ ଅଫିସ, ୫।୧୧

ଭାଜପା ପକ୍ଷରୁ ମହୋଦଧି ପୂଜନ, ଦୀପଦାନ

କେଦାରନାଥ ପୀଠରେ ଶୁକ୍ରବାର ଆଦିଶଙ୍କରାଚାର୍ଯ୍ୟଙ୍କ ପ୍ରତିମୂର୍ତ୍ତି ଲୋକାର୍ପଣ ଅବସରରେ ପୁରୀରେ ମହୋଦଧି ପୂଜନ ଓ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଦୀପଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କେଦାରନାଥଠାରେ ଆୟୋଜିତ ଉତ୍ସବରେ ଦେଶବାସୀଙ୍କୁ ଉଦ୍‌ବୋଧନ ଦେଇଥିବାବେଳେ ପୁରୀରେ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ଏହି କାର୍ଯ୍ୟକ୍ରମ ସଂଯୋଜିତ କରାଯାଇଥିଲା। ପୁରୀସ୍ଥିତ ସଦାଶିବ ସଂସ୍କୃତ ବିଶ୍ୱବିଦ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଭାଜପା ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବୈଜୟନ୍ତ ପଣ୍ଡା, ରାଷ୍ଟ୍ରୀୟ ପ୍ରବକ୍ତା ସମ୍ବିତ ପାତ୍ର, ବ୍ରହ୍ମଗିରି ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର ଏବଂ ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀଙ୍କ ସମେତ ବହୁ ନେତୃବୃନ୍ଦ ଓ ମଠାଧୀଶ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ପୂର୍ବରୁ ନେତୃବୃନ୍ଦମାନେ

କେଦାରନାଥ ଧାମରେ ଆଦି ଶଙ୍କରାଚାର୍ଯ୍ୟଙ୍କ ପ୍ରତିମୂର୍ତ୍ତି ଲୋକାର୍ପଣ ଅବସରରେ ଶୁକ୍ରବାର ପୁରୀ ସଦାଶିବ ସଂସ୍କୃତ ବିଶ୍ୱବିଦ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମକୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ଅନ୍ୟ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି।

ପୁରୀ ବେଳାଭୂମିକୁ ଯାଇ ମହୋଦଧି ପୂଜନ କରିଥିଲେ। ପରେ ସେଠାରୁ ଶୋଭାଯାତ୍ରାରେ ରାଷ୍ଟ୍ରୀୟ ସଂସ୍କୃତ ସଂସ୍ଥାନ ପରିସରରେ ଆୟୋଜିତ ସଭାସ୍ଥଳକୁ ଆସିଥିଲେ। ସେଠାରେ ଅତିଥ

ବଜ୍ରକାପ୍ତା ଉଦ୍ଧାର, ଜଣେ ଗିରଫ

ବରଗଡ଼ ଅଫିସ୍: ବରଗଡ଼ ଜିଲା ଘେଁସ ଫରେଷ୍ଟ ରେଞ୍ଜ ଅନ୍ତର୍ଗତ ଜାମପାଲି ଗ୍ରାମରୁ ଗୁରୁବାର ବନ ବିଭାଗର କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ ଏକ ଜୀବନ୍ତ ବଜ୍ରକାପ୍ତା ଉଦ୍ଧାର କରିଛି। ଏହି ଘଟଣାରେ ମକୁନ୍ଦ ବରିହାଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି । ଉଦ୍ଧାର ବଜ୍ରକାପ୍ତାକୁ ଭଟଲି ରେଞ୍ଜ ଅନ୍ତର୍ଗତ ଦେବୁଆଁ ଜଙ୍ଗଲରେ ଛାଡ଼ି ଦିଆଯାଇଛି ବୋଲି ଘେଁସ ରେଞ୍ଜ ଅଧିକାରୀ ଗଜେନ୍ଦ୍ର ଏଣ୍ଡେଜା ସୂଚନା ଦେଇଛନ୍ତି ।

ସଂକ୍ଷେପରେ

ବିଦ୍ୟୁତ୍ ତାର ଜବତ: ଅଭିଯୁକ୍ତ ଗିରଫ

ଲୋଇସିଂହା,୫।୧୧(ଡି.ଏନ.ଏ): ବଲାଙ୍ଗୀର ଜିଲା ଲୋଇସିଂହା ରେଞ୍ଜ ଅନ୍ତର୍ଗତ କୁଶମେଲ ଗ୍ରାମର ଭାଲୁଡୁଙ୍ଗରୀରେ ବାର୍‌ହା ଶିକାର ପାଇଁ ବିଦ୍ୟୁତ୍ ତାର ବିଛାଇବା ଅଭିଯୋଗରେ ଦୃତିଆ ସାହୁ(୫୭)ଙ୍କୁ ଗିରଫ କରାଯାଇ ଶୁକ୍ରବାର କୋର୍ଟ ଚାଲାଣ କରାଯାଇଛି। ଘଟଣାସ୍ଥଳରୁ ବିଦ୍ୟୁତ୍ ତାର ଜବତ ହୋଇଛି । ଏ ନେଇ ଏକ ମାମଲା (ନଂ.୧୬୯/୨୧) ରୁଜୁ ହୋଇଥିବା ସରଗାଡ ଫରେଷ୍ଟର ଗୋବର୍ଦ୍ଧନ ପଟେଲ କହିଛନ୍ତି। ସରଗାଡା ଫରେଷ୍ଟ ସେକ୍ସନ ଅଧୀନ କୁଶମେଲ ଗ୍ରାମରେ ଗୁରୁବାର ରାତି ପ୍ରାୟ ୧୦ଟା ସମୟରେ ବାରମ୍ବାର ଲାଇନ୍ ଯାଇଥିଲା । ବାରହା ଶିକାର ଯୋଗୁ ଏପରି ହୋଇଥିବା ସନ୍ଦେହ କରି ଭାଲୁଡୁଙ୍ଗରୀକୁ ଗ୍ରାମବାସୀ ଯାଇଥିଲେ । ସେହି ଅଞ୍ଚଳରେ ଘର କରି ରହୁଥିବା ଦୃତିଆ ଜବରଦଖଲ କରି ଚାଷ କରୁଥିବା କ୍ଷେତ ଚାରିପଟେ ତାର ବାଡ ଦେଇଥିଲେ । ବାର୍‌ହା ଶିକାର ପାଇଁ ସେଥିରେ ବିଦ୍ୟୁତ୍ ସଂଯୋଗ କରିବାରୁ ସମସ୍ୟା ଉପୁଜିଥିବା ଗ୍ରାମବାସୀ ଅଭିଯୋଗ କରି ବଲାଙ୍ଗୀର ଡିଏଫଓ ଏବଂ ଚନ୍ଦନଭାଟି ଫାଣ୍ଡି ପୋଲିସକୁ ସୂଚନା ଦେବା ପରେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା ।

ଆଞ୍ଚଳିକ ଯାଦବ ଭବନ ଉଦ୍‌ଘାଟିତ

ଦେଓଗାଁ,୫।୧୧(ଡି.ଏନ.ଏ.): ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ଗୁଡଖାପଲା ସଦର ପଞ୍ଚାୟତଠାରେ ନବନିର୍ମିତ ଆଞ୍ଚଳିକ ଯାଦବ ଭବନ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ପୂର୍ବତନ ବ୍ଲକ ଅଧକ୍ଷ ଲକ୍ଷ୍ମଣ କୁମାର ମେହେରଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧକ୍ଷା ରୀନା ମେହେର, ସମ୍ମାନିତ ଅତିଥି ଭାବେ ବିଜେଡି ରାଜ୍ୟ ପରିଷଦ ସଦସ୍ୟ ଅର୍କେଶ ନାରାୟଣ ସିଂଦେଓ, ବିଜୁ ଯୁବ ଜନତାଦଳ ସଭାପତି ଶୈଳେନ୍ଦ୍ର କୁମାର ସାହୁ ଯୋଗଦେଇ ଯାଦବ ଭବନକୁ ଉଦ୍‌ଘାଟନ କରିଥିଲେ । କାର୍ଯ୍ୟକ୍ରମରେ ଯାଦବ ସମାଜର କର୍ମକର୍ତ୍ତା ବୃନ୍ଦ ଉପସ୍ଥିତ ଥିଲେ ।

ପରିଚାଳନା କମିଟି ଗଠିତ

ଅମରପାଲି,୫।୧୧(ଡି.ଏନ.ଏ.): ବୀରମହାରାଜପୁର ଉପକଣ୍ଠ ବାଗବର ସରକାରୀ ୟୁ.ପି ସ୍କୁଲର ନୂତନ ପରିଚାଳନା କମିଟି ଗଠିତ ହୋଇଛି। ଏଥିରେ ସ୍କୁଲ ପରିଚାଳନା କମିଟିର ପୂର୍ବତନ ସଭାପତି ରାମ ସାହୁ ଅଧକ୍ଷତା କରିଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷକ ଅଶ୍ୱିନୀ ପଧାନ ସଂଯୋଜନା ଏବଂ ସିଆରସିସି ପଦ୍ମନାଭ ବାରିକ ପର୍ଯ୍ୟବେକ୍ଷକ ଥିଲେ। ସିଆରସିସି ଅକ୍ଷୟ ରାଏ ଓ ଯୁଧିଷ୍ଠିରପୁର ୟୁପି ସ୍କୁଲର ପ୍ରଧାନଶିକ୍ଷକ ରୁଦ୍ରାକ୍ଷ ସାହୁ ଅତିଥି ଭାବେ ଯୋଗ ଦେଇଥିଲେ। ଅକ୍ଷୟ କୁମାର ଦାଶଙ୍କୁ ସଭାପତି, ଫୁଲତୁଲି ମହାନନ୍ଦଙ୍କୁ ଉପସଭାପତି ଓ ପ୍ରଧାନଶିକ୍ଷକ ଲକ୍ଷ୍ମୀନାରାୟଣ ସାହୁଙ୍କୁ ସମ୍ପାଦକ ଭାବେ ମନୋନୀତ କରାଯାଇଛି। ଲାଲାସିଂ ଭୋଇ ଧନ୍ୟବାଦ ଦେଇଥିଲେ ।

ଲୋକଙ୍କୁ ଲଲିପପ୍, କମିବନି ବୋଝ

ପେଟ୍ରୋଲ, ଡିଜେଲ ଦର ହ୍ରାସ

ପେଟ୍ରୋଲ ଓ ଡିଜେଲ ଉପରେ କେନ୍ଦ୍ର ସରକାର ଯଥାକ୍ରମେ ୫ଟଙ୍କା ଓ ୧୦ଟଙ୍କା ହ୍ରାସ କରିଛନ୍ତି। କେନ୍ଦ୍ରର ଏଭଳି ନିଷ୍ପତ୍ତି ପରେ ରାଜ୍ୟ ସରକାର ଏଥିରେ ୩ଟଙ୍କା ଲେଖାଏଁ ଭାଟ୍ କମାଇଛନ୍ତି। ଏହାସତ୍ତ୍ୱେ ପେଟ୍ରୋଲ ଦର ଲିଟର ପିଛା ଶହେ ଉପରେ ରହିଛି। ଶୁକ୍ରବାର ବରଗଡ଼ ସହରରେ ପେଟ୍ରୋଲ (ସାଧାରଣ) ଲିଟର ପ୍ରତି ୧୦୫ ଟଙ୍କା ୯୦ ପଇସା ଏବଂ ପାୱାର ଲିଟର ପ୍ରତି ୧୦୯.୯୮ ପଇସା ରହିଛି। ଡିଜେଲ ଲିଟର ପ୍ରତି ୯୫ଟଙ୍କା ୫୧ ପଇସା ରହିଥିଲା। ପେଟ୍ରୋଲ, ଡିଜେଲ ଉପରେ ଦର ହ୍ରାସ ଲୋକଙ୍କୁ ସାମାନ୍ୟ ଆଶ୍ୱସ୍ତି ଦେଇଥିଲେ ହେଁ ଅସନ୍ତୋଷ ଚଳି ନାହିଁ। ଏହା ଲୋକଙ୍କ ପାଇଁ ଲଲିପପ୍ ସଦୃଶ। ଆଗକୁ ଭୋଟ୍ ଥିବାରୁ ଲୋକଙ୍କୁ ଭୂଆଁ ବୁଲାଇବା ପାଇଁ ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାରଙ୍କ ଏହା ଏକ ନିର୍ବାଚନୀ ଚାଲ୍ ବୋଲି ବରଗଡ଼ ସହରର ସାଧାରଣ ଜନତା ମତବ୍ୟକ୍ତ କରିଛନ୍ତି।

କିଛି କାମକୁ ନୁହେଁ

ପେଟ୍ରୋଲ, ଡିଜେଲ ଦର ଯେଉଁ ଅନୁପାତରେ ହ୍ରାସ ହୋଇଛି, ତାହା କାମକୁ ନୁହେଁ। ଲୋକେ ସାମାନ୍ୟ ଖୁସି ଅନୁଭବ କରୁଛନ୍ତି ସତ, କିନ୍ତୁ ତେଲ ଦରବୃଦ୍ଧି ପରେ ବିଭିନ୍ନ ଅତ୍ୟାବଶ୍ୟକ ସାମଗ୍ରୀର ଦରଦାମ ଯେଭଳି ବଢ଼ି ଚାଲିଲା ଆଉ କମିବ ବୋଲି ଆଶା କରାଯାଉନାହିଁ। ତେଲ ଦର ଯେଉଁ ଅନୁପାତରେ ବଢ଼ିଛି, ସେହି ଅନୁପାତରେ ହ୍ରାସ କରାଯାଉ ଏବଂ ଏହା ବି ଜିଏସ୍‌ଟି ପରିସରଭୁକ୍ତ ହେଉ।

–ଜୟପ୍ରକାଶ କୁମ୍ଭାର

ଖୁସି ହେବାର କିଛି ନାହିଁ

ବିଭିନ୍ନ ରାଜ୍ୟର ଉପନିର୍ବାଚନରେ ଝଟ୍‌କା ଲାଗିବା ପରେ କେନ୍ଦ୍ର ସରକାର ହଠାତ୍ ଏଭଳି ନିଷ୍ପତ୍ତି ନେବାକୁ ବାଧ୍ୟ ହୋଇଛନ୍ତି। ଆଗକୁ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଥିବାରୁ ରାଜ୍ୟ ସରକାର ଲିଟର ପ୍ରତି ୩ଟଙ୍କା ଲେଖାଏଁ ଭାଟ୍ ହ୍ରାସ କରିଛନ୍ତି। ଭୋଟ୍ ପାଇଁ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ଲୋକଙ୍କୁ ଏଭଳି ଭୂଆଁ ବୁଲାଇ ଚାଲିଛନ୍ତି। ଏଥିରୁ ଆଉ ଖୁସି କଣ ହେବୁ, ଯେଭଳି ଦରଦାମ ବଢ଼ିଛି, ତାକୁ ନିୟନ୍ତ୍ରଣ କରାଯାଉ ।

– ରମେଶ ଦାଶ

ପ୍ରଭାବହୀନ ପଦକ୍ଷେପ

ପେଟ୍ରୋଲ, ଡିଜେଲ ଦରବୃଦ୍ଧି ଲାକଙ୍କ ଜୀବନ ଜୀବିକାକୁ ପ୍ରଭାବିତ କରିଛି। ଏଭଳି ଦର ହ୍ରାସ କିଛି ଅନୁକୂଳ ପ୍ରଭାବ ପକାଇବ ବୋଲି ଆଦୌ ଆଶା ନାହିଁ। ପେଟ୍ରୋଲ ଦର ୧୧୨ଟଙ୍କା ଟପିଗଲାଣି। ଏବେ କେବଳ ୫ଟଙ୍କା କମିଲା। ସେଥିରେ ସରକାର ବାହାସ୍ପୋଟ ମାରିବା ଦୁର୍ଭାଗ୍ୟଜନକ। ଗାଡ଼ିଭଡ଼ା, ଅନ୍ୟ ଅତ୍ୟାବଶ୍ୟକ ଦରଦାମ କମିଲେ ଯାଇ ସାଧାରଣ ଲୋକଙ୍କୁ କିଛି ଆଶ୍ୱସ୍ତି ମିଳିବ।

–ଅଚ୍ୟୁତାନନ୍ଦ ସର

ଯେପିତି ବଢ଼ିଥିଲା, ସେପିତି କମାଯାଉ

ପେଟ୍ରୋଲ, ଡିଜେଲ ଦର ପ୍ରତିଦିନ ବଢୁଥିଲା । ଦିନେ କମାଇ ଦେଲେ ବୋଲି ଆମେ ଖୁସି ହେବା ଠିକ୍ ନୁହେଁ। ଯେଭଳି ନିୟମିତ ଦରବୃଦ୍ଧି କରୁଥିଲେ, ସେଭଳି ଦରହ୍ରାସ କରାଯାଉ। ଆଜି ପେଟ୍ରୋଲରେ ଲିଟର ପ୍ରତି ୫ଟଙ୍କା ଏବଂ ଡିଜେଲରେ ୧୦ଟଙ୍କା କମାଇଛନ୍ତି। ହେଲେ ଆସନ୍ତାକାଲି କିମ୍ବା ଭବିଷ୍ୟତରେ ପେଟ୍ରୋଲରେ ୧୦ ଏବଂ ଡିଜେଲରେ ୨୦ଟଙ୍କା ବୃଦ୍ଧି ନ କରିବେ, ଏହାର ଗ୍ୟାରେଣ୍ଟି କିଏ ଦେବ।

–ବେଣୁଧର ମେହେର

ଭୋଟ୍‌ବ୍ୟାଙ୍କ ବଢ଼ାଇବାକୁ ଚାଲ୍

ପେଟ୍ରୋଲ, ଡିଜେଲ ଦର ଯେଭଳି ବୃଦ୍ଧି ପାଇଛି, ସେହି ଅନୁପାତରେ କମି ନାହିଁ। ଏବେ ମଧ୍ୟ ପେଟ୍ରୋଲ ଦର ୧୦୫ ଟଙ୍କା ଉପରେ ରହିଛି ଏବଂ ମଧ୍ୟବିତ୍ତ ବର୍ଗର ଲୋକଙ୍କ ପାଇଁ ଏହା ବୋଝ ପାଲଟିଛି । ଆଗକୁ ନିର୍ବାଚନ ଥିବାରୁ ସାମାନ୍ୟ ଦରହ୍ରାସ ଭୋଟ୍‌ବ୍ୟାଙ୍କ ବଢ଼ାଇବାକୁ ଏକ ଚାଲ୍ ଛଡ଼ା ଅନ୍ୟ କିଛି ନୁହେଁ । ଲୋକେ ଭଲ ଭାବେ ବୁଝି ଗଲେଣି, କିଛିମାସ ପରେ ଏମାନେ ପୁଣି ଦର ବଢ଼ାଇଦେବେ।

–ଉମ୍ବରୁଧର ଗରିଆ

(ରିପୋର୍ଟ: ପ୍ରେମାନନ୍ଦ ଖମାରୀ, ବରଗଡ଼)

ଗାଡ଼ି ଧକ୍କାରେ ବାଇକ୍ ଆରୋହୀ ମୃତ

ନୂଆପଡ଼ା ଅଫିସ,୫।୧୧

ନୂଆପଡା ଜିଲା କୋମନା ବ୍ଲକ ବାଞ୍ଜିବାହାଲ ଛକଠାରେ ଶୁକ୍ରବାର ଅଜଣା ଗାଡି ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ କୋମନା ଗାଁର ଧନଞ୍ଜୟ ବିଶି (୪୦)। ସୂଚନା ଯେ, କୋମନାରୁ ବାଇକ୍ ଯୋଗେ ଧନଞ୍ଜୟ ଓ କୃଷ୍ଣ ପୂଝାରୀ (୫୫) ଦୁହେଁ ନୂଆପଡା ଯାଉଥିଲେ। ବାଞ୍ଜିବାହାଲ ଛକଠାରେ ଅଜଣା ଗାଡି ଧକ୍କା ଦେବାରୁ ୨ଜଣ ଛିଟିକି ତଳେ ପଡିଥିଲେ। ସ୍ଥାନୀୟ ଲୋକେ ଉଭୟଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ଧନଞ୍ଜୟଙ୍କ ମୃତ୍ୟୁ ହୋଇଥିବା ବେଳେ କୃଷ୍ଣଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ବୁର୍ଲା ବଡମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଏ ନେଇ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରହିଛି। ଶନିବାର ଶବ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ତରବୋଡ ଫାଣ୍ଡି ଅଧିକାରୀ ରାମଲାଲ ଛୁରିଆ ସୂଚନା ଦେଇଛନ୍ତି।

ଗୃହ ରାଷ୍ଟ୍ରମନ୍ତ୍ରୀଙ୍କ ଇସ୍ତାଫା ଦାବିରେ ପ୍ରତିବାଦ

କୋକସରା,୫।୧୧(ଡି.ଏନ.ଏ.)

ମମିତା ମେହେର ହତ୍ୟା ଘଟଣାରେ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଙ୍କର ମିଶ୍ରଙ୍କ ଇସ୍ତାଫା, ବହିଷ୍କାର ଓ ଘଟଣାର ସିବିଆଇ ତଦନ୍ତ ଦାବିରେ ଶୁକ୍ରବାର କୋକସରା ବ୍ଲକ ଭାଜପା ପକ୍ଷରୁ ମୋଟେର ଫାଣ୍ଡି ଆଗରେ ପ୍ରତିବାଦ ଓ ବିକ୍ଷୋଭ କରାଯାଇଛି। ମୋଟେର ମଣ୍ଡଳ ପ୍ରଭାରୀ ସ୍ୱୟମ୍ବର ବାଗଙ୍କ ସଭାପତିତ୍ୱରେ ଜିଲା କାର୍ଯ୍ୟକାରିଣୀ ସଦସ୍ୟ ଜନାର୍ଦ୍ଦନ ପଣ୍ଡା, ଉପସଭାପତି ଲକ୍ଷ୍ମୀକାନ୍ତ ବାଗ, ଜିଲା ସମ୍ପାଦକ ଗୋଦାବରୀଶ ପାତ୍ର, ଜିଲା କୃଷକ ମୋର୍ଚ୍ଚା ଉପସଭାପତି ଦୁର୍ଗା ପ୍ରସାଦ ପ୍ରଧାନୀ, କୃଷକ ମୋର୍ଚ୍ଚା ଜିଲା ସମ୍ପାଦକ, ରାଜ୍ୟ କାର୍ଯ୍ୟକାରିଣୀ ମହିଳା ନେତ୍ରୀ କୁନ୍ତିପାଳ ମୋଟେର ଫାଣ୍ଡି ଅଧିକାରୀ ଅଜୟ ନାଏକଙ୍କୁ ଏକ ଦାବିପତ୍ର ଦେଇ ବିଧିବଦ୍ଧ ତଦନ୍ତ କରିବାକୁ ଦାବି କରିଛନ୍ତି ।

ନବନିର୍ବାଚିତ ଯାଦବ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧିତ

ନୂଆପଡ଼ା ଅଫିସ,୫।୧୧

ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ଗନିଆରୀ ଗ୍ରାମର ଆମ୍ବ ତୋଟାଠାରେ କୋମନା ବ୍ଲକସ୍ତରୀର ଯାଦବ ସମାଜର ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି । କୋମନା ବ୍ଲକ ସଭାପତି ତାରାଚନ ଥପାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଜିଲା ଯାଦବ ସମାଜ ସଭାପତି ହରେରାମ କଠାର, ଯାଦବ ସମାଜ ଜିଲା ଉପସଭାପତି କ୍ଷମା ସିଂ ନିଆଲ, ଜିଲା କାର୍ଯ୍ୟକାରୀ ସଭାପତି ଚଞ୍ଚଳ ଶଗରିଆ, ସାମାଜିକ କର୍ମୀ ତ୍ରିଲୋଚନ ନାଗ, ଗଦାଧର ଗହିର, ପଦ୍ମରାମ ହଂସ, କେଶବ ଗହିର, ପବିତ୍ର ପୋଡ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଘନ ଶ୍ୟାମ କରୁଆଁ ମୁଖ୍ୟବକ୍ତା ଭାବେ ଯୋଗଦେଇ ସମାଜ ଗଠନ, ସମାଜର ଉନ୍ନତି, ଶିକ୍ଷାର ବିକାଶ ଓ ନିଶା ନିବାରଣ ଉପରେ ଆଲୋକପାତ କରିଥିଲେ। ବ୍ଲକ ସମ୍ପାଦକ ଯୋଗେନ୍ଦ୍ର ବାଗ ସଭା ପରିଚାଳନା କରିଥିଲେ। ସଭାରେ କୋମନା ବ୍ଲକର ନବନିର୍ବାଚିତ କର୍ମକର୍ତ୍ତାମାନଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧନା ଦିଆଯାଇଥିଲା।

ମମିତାଙ୍କ ପାଇଁ ଦୀପଟିଏ କାର୍ଯ୍ୟକ୍ରମ

ସୁବର୍ଣ୍ଣପୁରର ସାହିତ୍ୟ, କଳା ଓ ସାଂସ୍କୃତିକ ଅନୁଷ୍ଠାନର କର୍ମକର୍ତ୍ତା ଦୀପ ଜାଳୁଛନ୍ତି।

ସୋନପୁର,୫।୧୧(ନି.ପ୍ର.)

କଳାହାଣ୍ଡି ଜିଲା ମହାଲିଙ୍ଗସ୍ଥିତ ଏକ ଘରୋଇ ସ୍କୁଲ ଅଧକ୍ଷା ମମିତା ମେହେର ଅପହରଣ ଓ ହତ୍ୟା ଘଟଣା ସାରା ଦେଶରେ ଆଲୋଡନ ସୃଷ୍ଟି କରିଛି। ଏହି ଘଟଣାରେ ନ୍ୟାୟ ଦେବା ପାଇଁ ବିରୋଧୀ ରାଜନୈତିକ ଦଳ, ମେହେର ସମାଜ ଓ ସାମାଜିକ ସଂଗଠନଗୁଡିକ ପକ୍ଷରୁ ଆନ୍ଦୋଳନ ଜାରି ରହିଛି। ତେବେ ଏହି ଦୁଃଖଦ ଓ ସମ୍ବେଦନଶୀଳ ଘଟଣାରେ ପୀଡିତାଙ୍କ ପରିବାରକୁ ନ୍ୟାୟ ଦେବା ପାଇଁ ସୁବର୍ଣ୍ଣପୁର ଜିଲାର ସଚେତନ ନାଗରିକ, ବୁଦ୍ଧିଜୀବୀ ଓ ରାଜନୈତିକ କର୍ମକର୍ତ୍ତା ଦୀପାବଳି ସନ୍ଧ୍ୟାରେ ନିଜ ଘରେ ଦୀପ ଜାଳିଥିଲେ। ମମିତାଙ୍କ ଆତ୍ମାର ସଦ୍‌ଗତି ପାଇଁ ଦୀପାବଳି ଦିନ ସନ୍ଧ୍ୟାରେ ଦେଶର ପ୍ରତ୍ୟେକ ଘର ଓ ଅନୁଷ୍ଠାନ ସମ୍ମୁଖରେ ଦୀପଟିଏ ଜାଳିବାକୁ ସୁବର୍ଣ୍ଣପୁର ଜିଲାର ୫ଟି ଅଗ୍ରଣୀ ସାହିତ୍ୟ ଓ ସାଂସ୍କୃତିକ ଅନୁଷ୍ଠାନ ମହାନଦୀ ସାହିତ୍ୟ ସଂସଦ, ସଙ୍ଗମ ଆରତୀ କମିଟି, ଜୁହାର ପରିବାର, ପଏଁରୀ ଓ ନାଟ୍ୟଚକ୍ର ଅନୁଷ୍ଠାନର କର୍ମକର୍ତ୍ତାମାନେ ପୂର୍ବରୁ ଅନୁରୋଧ କରିଥିଲେ । ଗୁରୁବାର ସନ୍ଧ୍ୟାରେ ସୋନପୁର ପଞ୍ଚରଥ ମନ୍ଦିର ପରିସରରେ ମହାନଦୀ ସାହିତ୍ୟ ସଂସଦର ସଭାପତି ନାଟ୍ୟଶ୍ରୀ ଗଦାଧର ବାରିକ୍, ସଙ୍ଗମ ଆରତୀ କମିଟିର ମୁଖ୍ୟ ଶ୍ୟାମା ଓମ୍ ପ୍ରସାଦ ମିଶ୍ର, ପଏଁରୀ ଅନୁଷ୍ଠାନର ସଭାପତି ଲଡୁକିଶୋର ମଲ୍ଲିକ, ସମ୍ପାଦକ ଚୌଧୁରୀ ବିଭାର, ବୁଢାରାଜା ଯୁବକ ସଂଘର ତାପସ କୁମାର ବେଉରିଆ, ଜିଲା ବ୍ରାହ୍ମଣ ସମାଜର ସଚ୍ଚିଦାନନ୍ଦ ଦାଶ ଓ ନାଟ୍ୟଚକ୍ର ଅନୁଷ୍ଠାନର ମନୋଜ ବାରିକ୍ ପ୍ରମୁଖ ମହିଳାଙ୍କୁ ସମ୍ମାନ ଓ ସୁରକ୍ଷା ପାଇଁ ସାମୂହିକ ଭାବେ ଦୀପ ଜାଳିଥିଲେ।

ସଂସାମୁରା ଗାଁକୁ ସରକାରୀ ଯୋଜନା ଅପହଞ୍ଚ

ବିନିକା,୫।୧୧(ଡି.ଏନ୍.ଏ.)

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ମହାଦେବପାଲି ଗ୍ରାପ ଅନ୍ତର୍ଗତ ସଂସାମୁରା ଗ୍ରାମ ୨ ୱାର୍ଡ ବିଶିଷ୍ଟ। ଗ୍ରାମର ଲୋକସଂଖ୍ୟା ୨ ହଜାରରୁ ଊର୍ଦ୍ଧ୍ୱ। ଭୋଟର ସଂଖ୍ୟା ୮୦୦ । ଦୀର୍ଘ ୫ ବର୍ଷ ହେଲା ଏହି ଗ୍ରାମରେ ବିକାଶର ଧାରା ସମ୍ପୂର୍ଣ୍ଣ ଅଟକି ଯାଇଛି। ଗ୍ରାମର ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ବାର୍ଦ୍ଧକ୍ୟ ଓ ବିଧବା ଭତ୍ତା ନ ପାଇ ଦୁର୍ଦ୍ଦିନରେ ଦିନ କାଟୁଛନ୍ତି। ଏଥିପାଇଁ ଗ୍ରାମ ପଞ୍ଚାୟତଠାରୁ ଆରମ୍ଭ କରି ୧୫ କି.ମି ଦୂର ବ୍ଲକ ଅଫିସକୁ ବାରମ୍ବାର ଦୌଡିଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ ବୋଲି ଗ୍ରାମର ଦ୍ୱାରୁ ରଣା(୬୫), କୁବେର ରଣା(୬୨),ସୁବଳ ମାଝୀ(୬୫) ଓ ଧନୁ ରଣା(୬୨) ପ୍ରମୁଖ ଦର୍ଶାଇଛନ୍ତି। ସେହିପରି ୬୦ରୁ ଅଧିକ ପରିବାର ଆବାସ ଯୋଜନାରେ ଘର ପାଇନାହାନ୍ତି। ଝଟିମାଟି ଘରେ ଦିନ କାଟୁଥିବା ବେଳେ ସରକାରୀ ଯୋଜନା ସାତସପନ ପାଲଟିଛି। ବିଭାଗୀୟ କର୍ତ୍ତୃପକ୍ଷ ଓ ଜନପ୍ରତିନିଧିମାନଙ୍କୁ ଗାଁର ରାଧାମୋହନ ପାଣ୍ଡେ,ସନ୍ତୋଷ ପାଣ୍ଡେ, ବାବୁଲାଲ ମହାପାତ୍ର, ରାଜେଶ ମହାନନ୍ଦ, ରାଜୁ ମହାନନ୍ଦ ଓ ସଦାନନ୍ଦ ପାଣ୍ଡେ ପ୍ରମୁଖ ବହୁବାର ଆବାସ ଯୋଜନାରେ ଘର ପାଇବା ପାଇଁ ଜଣାଇଥିଲେ ମଧ୍ୟ ଦୀର୍ଘବର୍ଷ ହେଲା ସେମାନଙ୍କ ସ୍ୱପ୍ନ ପୂରଣ ହୋଇନାହିଁ। ଅପରପକ୍ଷରେ ଗ୍ରାମରେ ପାନୀୟ ଜଳ ମୁଖ୍ୟ ସମସ୍ୟା ହୋଇଛି। ଗ୍ରାମର ବଡବନ୍ଧ ପୋଖରୀ ଏବଂ ବଘାର ପୋଖରୀ ୫ ବର୍ଷ ହେଲା ପରିତ୍ୟକ୍ତ ଅବସ୍ଥାରେ ରହିଛି। ଗୁଳ୍ମ ଲତା ମାଡି ଏହାର ପାଣି ପ୍ରଦୂଷିତ ହୋଇ ପଡିଥିଲେ ହେଁ ସଫା କରାଯାଉନାହିଁ । ଏହି ପାଣି ବ୍ୟବହାର କରି ଅଧିକାଂଶ ବ୍ୟକ୍ତି ଚର୍ମରୋଗରେ ଆକ୍ରାନ୍ତ ହେଉଛନ୍ତି। ପାନୀୟ ଜଳ ସମସ୍ୟା ଦୂର ପାଇଁ ୨୦୧୮–୧୯ରେ ସୌରଚାଳିତ ପାନୀୟ ଜଳ ପ୍ରକଳ୍ପ ସୋନପୁର–ବିନିକା ମୁଖ୍ୟରାସ୍ତା କଡରେ ନିର୍ମାଣ କରାଯାଇଛି। ତେବେ ଏହି ପ୍ରକଳ୍ପରୁ ଗ୍ରାମ ମଧ୍ୟକୁ ପାଇପ୍ ବିଛାଇ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ହୋଇନାହିଁ । ମହିଳାମାନେ ଦୈନିକ ଅଧ କିମି ରାସ୍ତା ଅତିକ୍ରମ କରି ଉକ୍ତ ପ୍ରକଳ୍ପରୁ ପାଣି ସଂଗ୍ରହ କରୁଛନ୍ତି। ବିଶେଷକରି କେଉଁଟପଡାର ମହିଳାମାନେ ବିନିକା–ସୋନପୁର ମୁଖ୍ୟରାସ୍ତା ଡେଇଁ ପାଣି ସଂଗ୍ରହ କରିବାକୁ ଯିବା ବେଳେ ଅନେକ ସମୟରେ ଦୁର୍ଘଟଣାର ଶିକାର ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଏଥିସହିତ ଗ୍ରାମର ମାଉଳୀ ମନ୍ଦିରକୁ ଯାଇଥିବା ରାସ୍ତା କାର୍ଯ୍ୟ ୫ଶହ ମିଟର ଯାଏ ହୋଇ ଅଧାପନ୍ତରିଆ ହୋଇ ପଡିରହିଛି । ହରିଶ୍ଚନ୍ଦ୍ର ଯୋଜନାରେ ସହାୟତା ରାଶି ଅଧିକାଂଶ ମୃତ ବ୍ୟକ୍ତିଙ୍କ ପରିବାରକୁ ମିଳିନାହିଁ ବୋଲି ଅଭିଯୋଗ ହୋଇଛି।

ପ୍ରଦୂଷିତ ହୋଇ ପଡିଥିବା ବଘାର ପୋଖରୀ ।

କ୍ରିକେଟ: ଗାଇବାହାଲକୁ ଚାମ୍ପିୟନ ଟ୍ରଫି

କ୍ରିକେଟ ଟୁର୍ନାମେଣ୍ଟ ଫାଇନାଲରେ ଚାମ୍ପିୟନ ଦଳକୁ ପୁରସ୍କୃତ କରାଯାଉଛି ।

**ଦେଓଗାଁ

୩ଦଫା ଦାବିରେ କନିଷ୍ଠ ଶିକ୍ଷକଙ୍କ ଶୋଭାଯାତ୍ରା

ବରଗଡ଼ ଅଫିସ୍: ରାଜ୍ୟର ବିଭିନ୍ନ ବିଦ୍ୟାଳୟରେ କାର୍ଯ୍ୟରତ କନିଷ୍ଠ ଶିକ୍ଷକଙ୍କ ପ୍ରତି ସରକାର ଅଣଦେଖା ମନୋଭାବ ପୋଷଣ କରୁଛନ୍ତି। ଏଭଳି ଅଭିଯୋଗ କରି ୩ ଦଫା ଦାବିରେ ଶୁକ୍ରବାର ରାଜ୍ୟ କନିଷ୍ଠ ଶିକ୍ଷକ ସଂଘ ବରଗଡ଼ ଜିଲା ଶାଖାର ସମସ୍ତ ସଭ୍ୟାସଭ୍ୟ ଏକ ଶୋଭାଯାତ୍ରାରେ ଯାଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳ ମୋନିଷା ବାନାର୍ଜୀଙ୍କୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ନବୀନ କୁମାର ପଟେଲ ସ୍ମାରକପତ୍ର ଗ୍ରହଣ କରିଥିଲେ। ସଂଘର ବରଗଡ଼ ଜିଲା ସଭାପତି ସୌମ୍ୟରଞ୍ଜନ ପଧାନ, ସମ୍ପାଦକ ଦୁର୍ଗାପ୍ରସାଦ ଷଡ଼ଙ୍ଗୀ ଏହାର ନେତୃତ୍ୱ ନେଇଥିଲେ ।

ସଂକ୍ଷେପରେ

ଡିଏଭି କଲେଜର ୪ ଜଣଙ୍କୁ କରୋନା

ଟିଟିଲାଗଡ଼,୫।୧୧(ଡି.ଏନ.ଏ): ସ୍ଥାନୀୟ ଡିଏଭି ସ୍ୱୟଂଶାସିତ କଲେଜର ତିନି ଜଣ ଅଧ୍ୟାପକ ଏବଂ ଜଣେ କର୍ମଚାରୀ କରୋନାରେ ସଂକ୍ରମିତ ହୋଇଛନ୍ତି। କଲେଜରେ ପ୍ରାୟ ୩୫୦୦ ଛାତ୍ରୀଛାତ୍ର ତଥା ୮୦ ଜଣ ଅଧ୍ୟାପିକା, ଅଧ୍ୟାପକ ତଥା କର୍ମଚାରୀ ରହିଛନ୍ତି। ଜଣେ କର୍ମଚାରୀ ଜ୍ୱରରେ ପୀଡିତ ଥିବା ବେଳେ ସେ ଆଣ୍ଟିଜେନ୍ ପରୀକ୍ଷା କରିବାରୁ କରୋନା ସଂକ୍ରମିତ ହୋଇଥିବା ସାମ୍ନାକୁ ଆସିଥିଲା। ଏହାପରେ ତିନି ଅଧ୍ୟାପକଙ୍କ ଠାରେ ଲକ୍ଷଣ ପ୍ରକାଶ ପାଇବାରୁ ସେମାନେ ପରୀକ୍ଷା କରିଥିଲେ । ପରୀକ୍ଷାରୁ କରୋନାରେ ସଂକ୍ରମିତ ଜଣାପଡିଥିଲା। ଘଟଣା ସମ୍ପର୍କରେ କଲେଜ କର୍ତ୍ତୃପକ୍ଷଙ୍କ ପକ୍ଷରୁ ରାଜ୍ୟ ଉଚ୍ଚ ଶିକ୍ଷା ବିଭାଗକୁ ଅବଗତ କରାଯାଇଥିବା ଅଧ୍ୟାପକ ପ୍ରଣବ ପ୍ରକାଶ ପୁରୋହିତ କହିଛନ୍ତି।

ଶିକ୍ଷକ ବଦଳି ପ୍ରତିବାଦରେ ଧାରଣା

ଖପ୍ରାଖୋଲ,୫।୧୧(ଡ଼ି.ଏନ.ଏ.): ଖପ୍ରାଖୋଲ ବ୍ଲକ ପଡ଼ିଆବାହାଲ ପଞ୍ଚାୟତ ସାନଉଡେନ ଗାଁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ବଦଳି ପ୍ରତିବାଦରେ ଗ୍ରାମବାସୀ ତଥା ଅଭିଭାବକଙ୍କ ପକ୍ଷରୁ ସ୍କୁଲ ସମ୍ମୁଖରେ ଶୁକ୍ରବାର ଧାରଣା ଦିଆଯାଇଥିଲା । ସ୍କୁଲର ଶିକ୍ଷକ ପ୍ରଭାସ ଭୋଇଙ୍କୁ ପଡିଆବାହାଲ ସ୍କୁଲକୁ ବଦଳି ହୋଇଥିବା ଜାଣି ଏହାର ପ୍ରତିବାଦରେ ସ୍କୁଲ ସଭାପତି ଉଦୟ ସାହୁ, ପୂର୍ବତନ ସରପଞ୍ଚ ରଘୁନାଥ ସିଂ ବାରିହା , ସୁବୋଧ ଶତପଥୀ, ମଧୁ ବାରିହାଙ୍କ ସମେତ ଅଭିଭାବକ ଏବଂ ଗ୍ରାମବାସୀ ଧାରଣାରେ ବସିଥିଲେ । ଏନେଇ ଖପ୍ରାଖୋଲ ବ୍ଲକ ସହ ଶିକ୍ଷା ଅଧିକାରୀ ବିରେନ୍ଦ୍ର ସାହୁଙ୍କୁ ପଚାରିବାରେ ଶିକ୍ଷକଙ୍କ ବଦଳି ହୋଇଥିବା ବେଳେ ଗ୍ରାମବାସୀଙ୍କ ଦାବିକୁ ବିଚାରକୁ ନିଆଯିବ ବୋଲି କହିଛନ୍ତି ।

ଅଙ୍ଗନୱାଡି କେନ୍ଦ୍ର ଲୋକାର୍ପିତ

ବରଗଡ଼ ଅଫିସ୍,୫।୧୧: ବରଗଡ଼ ବ୍ଲକ ଅନ୍ତର୍ଗତ ବେହେରା ଗ୍ରାମରେ ଅଙ୍ଗନୱାଡ଼ି କେନ୍ଦ୍ରର ନବନିର୍ମିତ ଘର ଶୁକ୍ରବାର ଲୋକାର୍ପିତ ହୋଇଛି। ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାର ଲୋକାର୍ପଣ କରିଥିଲେ। ପୂର୍ବତନ ଜିଲା ପରିଷଦ ସଭ୍ୟ ଜୟଦେବ ଗଡ଼ଟିଆ, ଉମେଶ ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ । ସ୍ଥାନୀୟ ଗ୍ରାମବାସୀ ଉପସ୍ଥିତ ଥିଲେ ।

ଦିବ୍ୟାଙ୍ଗଙ୍କୁ ସହାୟତା ଦୟା ନୁହେଁ, ତାଙ୍କର ଅଧିକାର: ନରସିଂହ

ବଲାଙ୍ଗୀର ଅଫିସ,୫।୧୧

ଭିନ୍ନକ୍ଷମମାନଙ୍କୁ ବିଧାୟକ ନରସିଂହ ମିଶ୍ର ଉପକରଣ ବଣ୍ଟନ କରୁଛନ୍ତି।

ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କୁ ଉପକରଣ ବଣ୍ଟନ

ଦିବ୍ୟାଙ୍ଗମାନଙ୍କୁ ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ସେମାନଙ୍କୁ ଯେଉଁ ଶିକ୍ଷଣୀୟ ସାମଗ୍ରୀ ତଥା ସହାୟତା ଉପକରଣ ପ୍ରଦାନ କରାଯାଉଛି ଏହା କାହାରି ଦୟାରେ ନୁହେଁ, ଏସବୁ ପାଇବା ହେଉଛି ସେମାନଙ୍କ ନ୍ୟାର୍ଯ୍ୟ ଅଧିକାର। ସମ୍ମାନର ସହ ବଞ୍ଚି ରହିବା ପାଇଁ ଯାହା କିଛି ଆବଶ୍ୟକ ଅଛି ସେସବୁ ସେମାନଙ୍କୁ ଯୋଗାଇ ଦେବା ସରକାରଙ୍କ କର୍ତ୍ତବ୍ୟ ବୋଲି ସ୍ଥାନୀୟ ପତିତପାବନ ଏକାଡେମୀଠାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଧାୟକ ନରସିଂହ ମିଶ୍ର କହିଛନ୍ତି। ସମଗ୍ର ଶିକ୍ଷା ଅଭିଯାନ ପକ୍ଷରୁ ଗୁରୁବାର ଆୟୋଜିତ ବ୍ଲକସ୍ତରୀୟ ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କୁ ଶିକ୍ଷଣ ସାମଗ୍ରୀ ଓ ସହାୟତା ପ୍ରଦାନ ଶିବିରରେ ଯୋଗଦେଇ ବିଧାୟକ ମିଶ୍ର ଆହୁରି କହିଥିଲେ ଯେ, ଭିନ୍ନକ୍ଷମଙ୍କ ମଧ୍ୟରେ ଅନେକ ଲୁକ୍କାୟିତ ପ୍ରତିଭା ରହିଥାଏ । ସେସବୁକୁ ଲୋକଲୋଚନକୁ ଆଣିବା ସମସ୍ତଙ୍କର ଦାୟିତ୍ୱ। ଭିନ୍ନକ୍ଷମ ଛାତ୍ରୀଛାତ୍ରଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ମା' ବାପାଙ୍କୁ ଅନେକ ପରିଶ୍ରମ କରିବାକୁ ପଡୁଛି । ତେବେ ପୁଅ ଝିଅଙ୍କ ଭିତରେ ଥିବା ପ୍ରତିଭାକୁ ଚିହ୍ନିଲେ ଦିନେ ନାଁ ଦିନେ ସେମାନେ ସମାଜ ପାଇଁ ଗୌରବ ଆଣିଦେବେ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ୭୩ ଜଣ ଭିନ୍ନକ୍ଷମ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ଶିକ୍ଷଣୀୟ ସାମଗ୍ରୀ ତଥା ସହାୟତା ଉପକରଣ ବିଧାୟକ ମିଶ୍ର ବଣ୍ଟନ କରିଥିଲେ । ବ୍ଲକ ଶିକ୍ଷାଧିକାରୀ ରାଘବ ପାଣିଗ୍ରାହୀଙ୍କ ସଂଯୋଜନାରେ ଅନୁଷ୍ଠିତ ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ସ୍କୁଲର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁନୀଲ କୁମାର ବେହେରା, ସହକାରୀ ବ୍ଲକ ଶିକ୍ଷାଧିକାରୀ ଉତ୍ତମ କୁମାର ନାଏକ, କୈଳାଶ କୁୟାର ଓ ସନ୍ଧ୍ୟାରାଣୀ ଧରୁଆ ଏବଂ ଜିଲା ସଂଯୋଜକ ପ୍ରଶାନ୍ତ କୁମାର ସରାଫ ଉପସ୍ଥିତ ଥିଲେ।

ବିଭିନ୍ନ ଦାବି ନେଇ କଳାବ୍ୟାଜ୍ ପିନ୍ଧିଲେ ୱେସ୍କୋ ଯନ୍ତ୍ରୀ

ଭବାନୀପାଟଣା,୫।୧୧(ସ୍ୱ.ପ୍ର.)

ଟାଟା ପାୱାର ୱେଷ୍ଟର୍ଣ୍ଣ ଓଡିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ ଅଧୀନରେ ଥିବା କଳାହାଣ୍ଡି ଜିଲାର ସମସ୍ତ ତତ୍କାଳୀନ ୱେସ୍କୋ ଯନ୍ତ୍ରୀମାନେ ବିଭିନ୍ନ ଦାବି ନେଇ ଶୁକ୍ରବାରଠାରୁ କଳାବ୍ୟାଜ୍ ପିନ୍ଧି ବିରୋଧ ପ୍ରଦର୍ଶନ କରିଛନ୍ତି। ଦାବିଗୁଡିକ ହେଲା ଯନ୍ତ୍ରୀମାନଙ୍କ ପଦୋନ୍ନତି, ଘରଭଡା, ଚକିତ୍ସା ଭତ୍ତା, ଦୀର୍ଘ ଦୀନରୁ ସେକ୍ସନରେ କାର୍ଯ୍ୟକରୁ ଥିବା ଯନ୍ତ୍ରୀମାନଙ୍କୁ ଉଚ୍ଚ ପଦରେ ଅବସ୍ଥାପିତ କରିବା ଆଦି ରହିଛି। ଉପରୋକ୍ତ ଦାବିଗୁଡିକୁ ଶୀଘ୍ର ପୂରଣ ନ ହେଲେ ଆସନ୍ତା ୧୨ ତାରିଖରୁ ସମସ୍ତ ଯନ୍ତ୍ରୀମାନେ ଆନ୍ଦୋଳନକୁ ଓହ୍ଲାଇବାକୁ ଚେତାବନୀ ଦେଇଛନ୍ତି। ସୂଚନା ଯେ, ଟାଟା ପାୱାର ୱେସ୍କୋ ଅଧିଗ୍ରହଣ କରିବା ପରଠାରୁ ତତ୍କାଳୀନ ୱେସ୍କୋର କାର୍ଯ୍ୟରତ ଯନ୍ତ୍ରୀ ଓ କର୍ମଚାରୀଙ୍କୁ ସମ୍ପୂର୍ଣ୍ଣ ଅଣଦେଖା କରିଆସୁଛି। ୱେସ୍କୋର ଇଞ୍ଜିନିୟର୍ସ ସର୍ଭିସ ଆସୋସସିଏଶନ୍ ପକ୍ଷରୁ ବାରମ୍ବାର ବିଭିନ୍ନ ଦାବିପତ୍ର ଦେବା ସତ୍ତ୍ୱେ ଟାଟା କର୍ତ୍ତୃପକ୍ଷ କୌଣସି ତତ୍ପରତା ନ ଦେଖାଇବାରୁ ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁଯାୟୀ ଶୁକ୍ରବାରଠାରୁ ସମସ୍ତ ଯନ୍ତ୍ରୀମାନେ କଳାବ୍ୟାଜ୍ ପରିଧାନ କରିଛନ୍ତି।

ବ୍ଲକ ସମ୍ମୁଖରେ ଭାଜପାର ପ୍ରତିବାଦ

ଜୁନାଗଡ,୫।୧୧(ଡି.ଏନ.ଏ.)

ମମିତା ମେହେର ହତ୍ୟା ଘଟଣା

ମମିତା ମେହେର ହତ୍ୟା ଘଟଣାରେ ଛନ୍ଦି ହୋଇପଡିଥିବା ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ବହିଷ୍କାର ସହ ଘଟଣାର ସିବିଆଇ ତଦନ୍ତ ଦାବି କରି ଶୁକ୍ରବାର କଳାହାଣ୍ଡି ଜିଲା ଜୁନାଗଡ ସହରରେ ଭାଜପା ପକ୍ଷରୁ ଶୋଭାଯାତ୍ରା ସହ ବ୍ଲକ ସମ୍ମୁଖରେ ପ୍ରତିବାଦ କରାଯାଇଛି। ଶୋଭାଯାତ୍ରା ସ୍ଥାନୀୟ ମା' ଲଙ୍କେଶ୍ୱରୀ ମନ୍ଦିରରୁ ଆରମ୍ଭ ହୋଇ ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ହୋଇଥିଲା। ସେଠାରେ ଅନୁଷ୍ଠିତ ପ୍ରତିବାଦ ସଭାରେ ଦଳୀୟ କର୍ମକର୍ତ୍ତାମାନେ ମମିତାଙ୍କ ହତ୍ୟା ଘଟଣାକୁ ନେଇ ରାଜ୍ୟ ସରକାର ଓ ଗୃହ ରାଷ୍ଟ୍ରମନ୍ତ୍ରୀ ମିଶ୍ରଙ୍କ ଉପରେ ବର୍ଷିଥିଲେ। ପରେ ଘଟଣାକୁ ନେଇ ରାଷ୍ଟ୍ରମନ୍ତ୍ରୀ ମିଶ୍ରଙ୍କ ବିରୋଧରେ ସ୍ଥାନୀୟ ଥାନାକୁ ଯାଇ ଏତଲା ଦିଆଯାଇଥିଲା। ଜୁନାଗଡ ଥାନାଧିକାରୀ ଛୁଟିରେ ଥିବାରୁ ମେହେର ପ୍ରମୁଖ ଉପସ୍ଥିତ ଥିଲେ। ଉପସ୍ଥିତ ଥିବା ଧର୍ମଗଡ ଏସଡିଓ ଧୀରଜ କୁମାର ଚୋପଦାରଙ୍କୁ ଏହା ପ୍ରଦାନ କରାଯାଇଥିଲା। ଏହି ସମୟରେ ପୂର୍ବତନ ମନ୍ତ୍ରୀ ହିମାଂଶୁ ଶେଖର ମେହେର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମନୋଜ ମେହେର, ଜିଲା ଉପସଭାପତି ଅଜୟ ପାଣିଗ୍ରାହୀ, ଜୁନାଗଡ ବ୍ଲକ ଅଧକ୍ଷା ନ୍ୟୁର୍ଯ୍ୟ ମାଝି, ଉପାଧକ୍ଷ ଟଙ୍କଧର ନାଏକ, ଜିଲା ପରିଷଦ ସଭ୍ୟା କାଞ୍ଚନ ବାଗ, ଜିଲା କୃଷକ ମୋର୍ଚ୍ଚା ଉପସଭାପତି ସତ୍ୟ ନାରାୟଣ ପଣ୍ଡା, ଜିଲା ସମ୍ପାଦକ ସତ୍ୟ ରଞ୍ଜନ ବେହେରା, ଜୁନାଗଡ ନଗର ସଭାପତି ଶିବରାମ ରାଉତ, ମଣ୍ଡଳ ପ୍ରଭାରୀ ଲକ୍ଷ୍ମୀ ନାରାୟଣ ବାଣୁଆ, ଜିଲା ସୋସିଆଲ ମିଡିଆ ସଂଯୋଜକ ରାମକୃଷ୍ଣ ମେହେର ପ୍ରମୁଖ ଉପସ୍ଥିତ ଥିଲେ।

ଜୁନାଗଡ ବ୍ଲକ ସମ୍ମୁଖରେ ଭାଜପା ପକ୍ଷରୁ ପ୍ରତିବାଦ କରି ଧାରଣା ଦିଆଯାଇଛି।

ବିଜେଡିର ସାଙ୍ଗଠନିକ ବୈଠକ

କୋକସରା,୫।୧୧(ଡି.ଏନ.ଏ.): କଳାହାଣ୍ଡି ଜିଲା କୋକସରା ବ୍ଲକ କୋକସରା ନିୟନ୍ତ୍ରିତ ବଜାର ପ୍ରାଙ୍ଗଣରେ ଶୁକ୍ରବାର ବିଜେଡିର ଏକ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଜେଡି ବ୍ଲକ ସଭାପତି ସୁଶାନ୍ତ ବେହେରାଙ୍କ ଅଧକ୍ଷତାରେ ଧର୍ମଗଡ଼ ବିଧାୟକ ମୌଷଧି ବାଗ ଯୋଗଦେଇ ଆସନ୍ତା ୮ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କଳାହାଣ୍ଡି ଗସ୍ତ ଅବସରରେ ବିଜୁ ସ୍ମାର୍ଟ ସ୍ୱାସ୍ଥ୍ୟ କାର୍ଡ ବଣ୍ଟନର ଲୋକାର୍ପଣ କରିବା ଉପରେ ଆଲୋଚନା କରାଯାଇଥିଲା। ବୈଠକରେ ପର୍ଶୁରାମ ପ୍ରଧାନୀ, ଯୁବ ସଭାପତି ହେମନ୍ତ ମାଝି, ସମ୍ପାଦକ ପଞ୍ଚ ପୋଡ଼, ବିଧାୟକ ପ୍ରତିନିଧି ମାନସ ରଞ୍ଜନ ବାଗ, ଛାତ୍ର ଜନତା ବ୍ଲକ ସଭାପତି ମାନସ ବେହେରା, ଅନୁସୂଚିତ ଜାତି ସଭାପତି ରମେଶ ଦୁର୍ଗା, ଲଡୁଗାଁ ସରପଞ୍ଚ କଂହେଇ ଦାସ, କାଉଡୋଳା ସରପଞ୍ଚ ପ୍ରତିନିଧି ପ୍ରଦୀପ ସାହୁ, ରବି ନାରାୟଣ ଦାସ, ପଙ୍କଜ ଚୌଧୁରୀଙ୍କ ସମେତ ବିଭିନ୍ନ ପଞ୍ଚାୟତ ଶତାଧିକ କର୍ମୀ ଉପସ୍ଥିତ ରହିଥିଲେ।

NATION TAX MARKET
COMMISSIONERATE OF CT & GST
(Under Finance Department, GOVERNMENT OF ODISHA)
No.S-29
ଧ୍ୟାନ ଦିଅନ୍ତୁ
ଓଡ଼ିଶାରେ ବ୍ୟବସାୟ କରୁଥିବା ବ୍ୟକ୍ତିବିଶେଷଙ୍କ ପାଇଁ ଦ୍ରବ୍ୟ ଓ ସେବା କର ତଥା ବୃତ୍ତିଗତ କର ଅଧୀନରେ ପଞ୍ଜୀକରଣ ପାଇଁ ଯୋଗ୍ୟ ବ୍ୟକ୍ତିମାନଙ୍କର ସର୍ଭେ
- ରାଜ୍ୟରେ ବ୍ୟବସାୟ ଚଳାଉଥିବା, କିନ୍ତୁ ଦ୍ରବ୍ୟ ଓ ସେବା କର ଆଇନ ଏବଂ / କିମ୍ବା ବୃତ୍ତିଗତ କର ଆଇନ ଅଧୀନରେ ନିୟମ ଅନୁଯାୟୀ ପଞ୍ଜୀକରଣ ହୋଇ ନ ଥିବା ବ୍ୟକ୍ତିବିଶେଷଙ୍କୁ ଚିହ୍ନଟ କରିବା ପାଇଁ ଓଡ଼ିଶାର ବାଣିଜ୍ୟକର ଏବଂ ଦ୍ରବ୍ୟ ଓ ସେବା କର ସଂସ୍ଥା ତରଫରୁ ଏକ ସର୍ଭେ କାର୍ଯ୍ୟ ଆରମ୍ଭ କରାଯାଇଛି ।
- ପଞ୍ଜୀକୃତ ଟିକସଦାତାମାନେ ଅନେକ ସୁବିଧା ସୁଯୋଗ ପାଇପାରିବେ ଯଥା– ଇନ୍‌ପୁଟ୍ ଟାକ୍ସ କ୍ରେଡିଟ୍ ପାଇବା ବା ହସ୍ତାନ୍ତର କରିବା, ଇ–ୱେ ବିଲ୍ ବ୍ୟବହାର କରିବା ଇତ୍ୟାଦି ।
- ଦ୍ରବ୍ୟ ଓ ସେବା କର ଆଇନ ଏବଂ / କିମ୍ବା ବୃତ୍ତିଗତ କର ଆଇନ ଅଧୀନରେ ପଞ୍ଜୀକରଣ କରିବା ପାଇଁ ଯୋଗ୍ୟ ହୋଇସାରିଥିବା ସତ୍ତ୍ୱେ ବିନା ପଞ୍ଜୀକରଣରେ ବ୍ୟବସାୟ ଚଳାଇବା ବେଆଇନ ଅଟେ ଏବଂ ସମ୍ପୃକ୍ତ ଆଇନ ଅନୁୟାୟୀ ଜରିମାନା ଦେବାକୁ ପଡିବ।
- ଦ୍ରବ୍ୟ ଓ ସେବା କର ଆଇନ ଏବଂ / କିମ୍ବା ବୃତ୍ତିଗତ କର ଆଇନ ଅଧୀନରେ ପଞ୍ଜୀକରଣ ସମ୍ପୂର୍ଣ୍ଣ ମାଗଣା ଏବଂ ଏକ ସରଳ ଅନ୍‌ଲାଇନ ପ୍ରକ୍ରିୟା ।
Help Desk: 1800-345-6753 (Toll Free)
email: ctdho@odishatax.gov.in
Commissioner of CT & GST
Government of Odisha, Cuttack
OIPR–05029/11/0007/2122

ଓଡ଼ିଶା ସରକାର
ସ୍ୱତନ୍ତ୍ର ରିଲିଫ୍ କମିଶନର
ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ
(ବିପର୍ଯ୍ୟୟ ପରିଚାଳନା)
ସୂଚନା
No. F-208: ଏତଦ୍ୱାରା ସମସ୍ତ ଜନସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ, କୋଭିଡ୍–୧୯ ମୃତ୍ୟୁ ପାଇଁ ଅନୁକମ୍ପାମୂଳକ ସହାୟତା ରାଶି ପାଇବା ପାଇଁ ଓ ଏଥିପାଇଁ ଆବେଦନ କରିବା ପାଇଁ ଏକ ନିର୍ଦ୍ଦିଷ୍ଟ ଆବେଦନ ପତ୍ର/ଦରଖାସ୍ତ ସମ୍ପର୍କୀୟ ସମସ୍ତ ତଥ୍ୟ/ସୂଚନା ଗତ ତା୦୨।୧୧।୨୦୨୧ରିଖରେ ରାଜ୍ୟର ସର୍ବାଧିକ ପ୍ରସାରିତ ହେଉଥିବା ଚାରିଗୋଟି ଦୈନିକ ଓଡ଼ିଆ ଖବରକାଗଜ ଓ ଗୋଟିଏ ଇଂରାଜୀ ଖବରକାଗଜ ମାଧ୍ୟମରେ ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ ତରଫରୁ ଏକ ବିଜ୍ଞାପନ ପ୍ରକାଶ କରାଯାଇଅଛି।
ଏହି ଆବେଦନ ପତ୍ର/ଦରଖାସ୍ତ ଆବଶ୍ୟକୀୟ ଦସ୍ତାବିଜ ଓ କୋଭିଡ୍–୧୯ ମୃତ୍ୟୁ ପ୍ରମାଣପତ୍ର ସହିତ ଜିଲ୍ଲାପାଳଙ୍କୁ ପ୍ରତ୍ୟକ୍ଷଭାବେ (Offline) କିମ୍ବା Website: https://caps.odisha.gov.in (Online) ଜରିଆରେ ଦାଖଲ/ଆବେଦନ କରିପାରିବେ। ପ୍ରତ୍ୟେକ ମୃତ ବ୍ୟକ୍ତିଙ୍କ ପାଇଁ କେବଳ ଗୋଟିଏ ମାତ୍ର ଆବେଦନ ପତ୍ର/ଦରଖାସ୍ତ ଗ୍ରହଣ କରାଯିବ।
ଯଦି କୌଣସି ବ୍ୟକ୍ତି ଅନ୍‌ଲାଇନ୍ ଜରିଆରେ ଆବେଦନ ପତ୍ର ପୂରଣ ଓ ଦାଖଲ କରିବାରେ କୌଣସି ସମସ୍ୟା/ଅସୁବିଧାର ସମ୍ମୁଖୀନ ହୁଅନ୍ତି ତେବେ ସେମାନେ ଏକ (Sanjog Helpline) ନମ୍ବର 155335 (Toll Free/ଦେୟମୁକ୍ତ)କୁ ଯୋଗାଯୋଗ କରି ସହାୟତା ନେଇପାରିବେ।
ସ୍ୱା./– ସ୍ୱତନ୍ତ୍ର ରିଲିଫ୍ କମିଶନର, ଓଡ଼ିଶା
OIPR-24003/11/0007/2122

See Career Appointment on every Wednesday & Saturday

OFFICE OF THE PROJECT DIRECTOR (R&R)
LOWER SUKTEL IRRIGATION PROJECT, BALANGIR
A-576
No. 782/LSIP/ Date: 03.11.2021

1	The Project Director (R&R), Lower Suktel Irrigation Project, Balangir on behalf of Govt. of Odisha invites sealed Bids from reputed organization (Govt. or Pvt. or autonomous or institution or NGO) of State and National repute for "**ENGAGEMENT OF FACILITATING AGENCY FOR SURVEY & CENSUS, PREPARATION OF REHABILITATION & RESETTLEMENT SCHEME AND VILLAGE WISE SURVEY REPORT OF LOWER SUKTEL IRRIGATION PROJECT, BALANGIR IN VILLAGES OF BALANGIR DISTRICT**" as details in the scope of work in this Tender. The interested and eligible organizations with valid Registration Certificate as a Society / Trust / Cooperative, as detailed in Tender, may participate in this Tender process for the same in OFF-LINE mode. (For details visit website: www.balangir.nic.in.)	
2	Tender Paper Cost	Rs. 6,000/- to be submitted in shape of DD drawn in favour of Project Director (R&R), Lower Suktel Irrigation Project, Balangir.
3	EMD	Rs.1,00,000/- to be submitted in shape of DD drawn in favour of Project Director (R&R), Lower Suktel Irrigation Project, Balangir.
4	Place where works will be executed	Socio Economic Survey in of Lower Suktel Irrigation Project affected villages of Balangir District, Odisha
5	Availability of bid document in the website	**Dt.03.11.2021 (05.00 PM) to Dt.20.11.2021 (05.00 PM)** Website: www.balangir. nic.in
6	Last date of receipt of Bid	**Dt.20.11.2021 till 5.00 PM**
7	Pre-Bid Meeting	**Dt.12.11.2021 (11.00 AM)** Office Chamber of Project Director (R&R), Lower Suktel Irrigation Project, Balangir.
8	Date of opening of Technical Bid and Financial Bid	**Dt.22.11.2021 (11.00 AM)** - Opening of Technical BID & Presentation **(04.00 PM)** - Opening of Financial BID Conference Hall of Chief Construction Engineer, Lower Suktel Irrigation Project, Balangir.
9	Mode of Receipt of Bids	Through Speed Post / Registered Post (Indian Post) and no other means.

OIPR-32333/11/0003/2122
Sd./- Project Director (R&R)
Lower Suktel Irrigation Project, Balangir

CUTTACK MUNICIPAL CORPORATION
"e" PROCUREMENT NOTICE
No. C-1196 Tender ID: 2021_ORULB_72195
Bid Reference No. MC(CMC)CTC_Div.-I_No.9/2021-21
Tender Call Notice No. 5824 (PW) Date: 02.11.2021
Name of Works : Civil Works
No. of Works : 05 Nos.
Bid Value : Rs.4.65 lakh to Rs.44.04 lakh
Period of Completion : One Calendar Month to Two Calendar Months
Date and Time Schedule :

Start	End	Opening
3.00 P.M. on Dt.03.11.2021	5.00 P.M. on Dt.12.11.2021	11.00 A.M. on Dt.17.11.2021

Tender details can be seen from the procurement portal: www.tendersorissa.gov.in.
Superintending Engineer, City Div.-I
OIPR-13031/11/0046/2122

GOVERNMENT OF ODISHA,
DEPARTMENT OF WATER RESOURCES
Office of the Executive Engineer, Mechanical Division, Berhampur
No.A-575:- Email Address: mechanicaldivision0417@gmail.com
e-Procurement Notice-Bid Identification No.- EE(M)MDB-03/2021-22

1	Name of the work	:	Mechanical Gate Works
2	No. of works	:	06 (Six) Nos.
3	Category of executors	:	SSI Units registered under DIC/ NSIC/ MSME for Irrigation Shutters / Hydro Mechanical Gates.
4	Bid Identification No.	:	EE(M) MDB-03/2021-22
5	Estimated cost	:	Approximately cost Rs.7,19,355/- to Rs.8,97,085/-
6	Period of completion	:	One calendar month
7	Date & time of availability of bid documents in the portal	:	From dt.05.11.2021 (10.00 A.M.) to dt. 15.11.2021 (5.30 P.M.)
8	Last date / time for receipt of bid in the portal	:	Dt.15.11.2021 (Upto 5.30 P.M.)
9	Date and place of opening of Technical Bid	:	Dt.16.11.2021 (11.30 A.M. onwards in the O/o the undersigned)
10	Date and place of opening of Financial Bid	:	To be intimated to the qualified bidders after evaluation of Technical Bid
11	Name of the officer inviting bid	:	Executive Engineer, Mechanical Division, Berhampur

Further details can be seen from the e-procurement portal https://tendersodisha.gov.in
Sd./- Executive Engineer, Mechanical Division, Berhampur
OIPR-32401/11/0003/2122

OFFICE OF THE EXECUTIVE ENGINEER, L.I. DIVISION, CUTTACK
E-mail: eeolic_ctc@yahoo.in, Ph. No. 0671-2955600
Bid Identification No. 06/2021-22, OLIC (CTC) Dt.03.11.2021
No. CAD-1708: The Executive Engineer, L.I. Division, Cuttack, At: Pratap Nagari, P.O.- Telengapitha, Dist.- Cuttack, PIN - 754001 invites Percentage Rate bids in online mode for "Installation New & Revival Lift Irrigation Projects" along with energisation on Turnkey basis from reputed contractors/firms having valid PWD licence of required class and valid HT licence issued by E.L.B.O., Odisha. Contractors can also participate in the e-Tender with **Registered**. Joint venture the contractors/firms should have experience in similar nature of works for the work. Proof of registrations, experience from appropriate authorities are to be uploaded along with the bid/bids. The GST @ 5% on tender paper will be paid by GST No. 21AAACO5986G1ZF on reverse charge basis.
1. Number of Packages : 26 Numbers
2. Estiamted Cost : Tender Cost Rs.9.03 lakh to Rs.27.36 lakh
3. Tender Cost : As per DTCN
4. Class of Contractor : As per DTCN
5. Date & time of publication : Dt.08.11.2021 from 11.00 hrs.
6. Date & time of closing : Dt.19.11.2021 at 17.00 hrs.
7. Date & time of opening of bid : Dt.20.11.2021 at 10.00 A.M.
9. The bidders have to participate in online bidding only.
Further details can be seen from the website **www.tendersorissa.gov.in**. Addendum/Corrigendum/Cancellation of tender, if any, can be seen in the said website.
OIPR-32238/11/0008/2122 Sd./- Executive Engineer

OFFICE OF THE COLLECTOR & DISTRICT MAGISTRATE, NUAPADA, ODISHA
(Food Supplies & Consumer Welfare Section)
Advertisement No. 4861 Dated: 30.10.21
ADVERTISEMENT FOR CONTRACTUAL